# ସଂଚାର THE SANCHAR


ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 345 | ଭାଗ ୩୨ | ସଂଖ୍ୟା ୩୪୫ | Bhubaneswar | Monday 10 March 2025 | Page 8 Rs. 4.00 | ● ଭୁବନେଶ୍ୱର ସୋମବାର ୧୦ ମାର୍ଚ୍ଚ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ୨୫ ବର୍ଷ ପରେ ବଦଲା

# ସଲାମ୍ ଶର୍ମାଜୀ, ଭାରତ ଚାମ୍ପିଅନ୍




- ● ରୋହିତଙ୍କ ନିର୍ଣ୍ଣାୟକ ୭୬
- ● ଶ୍ରେୟସ୍, ରାହୁଲ୍ ଓ ଅକ୍ଷରଙ୍କ ଉପଯୋଗୀ ଇନିଂସ
- ● ରାଚିନ୍ ରବୀନ୍ଦ୍ର ପ୍ଲେୟର୍ ଅଫ୍ ଦି ସିରିଜ୍
- ● ୧୨ ବର୍ଷ ପରେ ଫେରିଲା ଟ୍ରଫି




ଦୁବାଇ,୯।୩(ସଂଚାର ବ୍ୟୁରୋ): ପାଖାପାଖି ୩ ସପ୍ତାହ ଧରି ଦୁବାଇ ଓ ପାକିସ୍ତାନରେ ଚାଲିଥିବା କ୍ରିକେଟ୍ ରୋମାଞ୍ଚରେ ଆଜି ପୂର୍ଣ୍ଣଚ୍ଛେଦ ପଡ଼ିଛି। କିନ୍ତୁ ଏହି ପୂର୍ଣ୍ଣଚ୍ଛେଦ ଭାରତୀୟଙ୍କୁ ଶିହରିତ କରିଛି। କାରଣ ପ୍ରତିଯୋଗିତାରେ ୧୨ ବର୍ଷ ପରେ ଚାମ୍ପିଅନ୍ ହେବା ଲକ୍ଷ୍ୟ ନେଇ ଦୁବାଇରେ ପହଞ୍ଚିଥିବା ରୋହିତ ବାହିନୀ ପଞ୍ଚମ ମ୍ୟାଚ୍‌ରେ ବି ଅପରାଜେୟ ରହି ଦେଶବାସୀଙ୍କ ସ୍ୱପ୍ନ ସାକାର କରିଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ଟ୍ରଫି ଆଡ଼କୁ ଅଗ୍ରସର ହୋଇଥିବା ଭାରତ ଆଜି ଟାଇଟଲ୍ ମୁକାବିଲାରେ ଶକ୍ତିଶାଳୀ ନ୍ୟୁଜିଲାଣ୍ଡକୁ ଧୂଳି ଚଟାଇ ତୃତୀୟ ଥର ପାଇଁ ଚାମ୍ପିଅନ୍ ହୋଇଛି। ଏଥିସହ ୧୨ ବର୍ଷ ପରେ ଭାରତକୁ ଟ୍ରଫି ପ୍ରତ୍ୟାବର୍ତ୍ତନ କରିଛି। ୨୦୧୩ରେ ଭାରତ ମହେନ୍ଦ୍ର ସିଂହ ଧୋନିଙ୍କ ନେତୃତ୍ୱରେ ଇଂଲଣ୍ଡରେ ଅନୁଷ୍ଠିତ ସଂସ୍କରଣରେ ଶେଷ ଥର ପାଇଁ ଏହି ଟ୍ରଫି ହାସଲ କରିଥିଲା। ଏଥିସହ ଦଳର ଅଧିନାୟକ ରୋହିତ ଶର୍ମା ଓ ପୂର୍ବତନ ଅଧିନାୟକ ବିରାଟ କୋହଲି ସେମାନଙ୍କ ଆଇସିସି ଟୁର୍ଣ୍ଣାମେଣ୍ଟର ନବମ ସଂସ୍କରଣରେ ପୁଣିଥରେ ଟ୍ରଫି ଉଠାଇବାର ଗୌରବ ଲାଭ କରିଛନ୍ତି। ଆଜିର ଫାଇନାଲ୍‌ରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୭ ୱିକେଟ୍‌ରେ ୨୫୧ ରନ୍ କରିଥିବା ବେଳେ ଜବାବରେ ଭାରତ ୬ଟି ୱିକେଟ୍ ହରାଇ ୪୯ତମ ଓଭର୍‌ର ଅନ୍ତିମ ବଲ୍‌ରେ ଚୌକା ସହ ୨୫୪ ରନ୍ କରି ଚାମ୍ପିଅନ୍ ହୋଇଛି। ଓପନର ରୋହିତ ୭୬ ରନ୍‌ର ଚମତ୍କାର ଇନିଂସ ଖେଳି ଦଳର ବିଜୟରେ ମୁଖ୍ୟ ଭୂମିକା ନିର୍ବାହ କରିଥିବାରୁ ତାଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଏବଂ ରନର୍ସଅପ୍ ନ୍ୟୁଜିଲାଣ୍ଡ ଓପନର ରାଚିନ୍ ରବୀନ୍ଦ୍ରଙ୍କୁ ପ୍ଲେୟର୍ ଅଫ୍ ଦି ସିରିଜ୍ ପୁରସ୍କାର ମିଳିଛି। ଏଥିସହ ଭାରତ ୨୫ ବର୍ଷ ତଳେ କେନିୟାର ନାଇରୋବିଠାରେ ବରଣ କରିଥିବା ପରାଜୟର ପ୍ରତିଶୋଧ ମଧ ନେଇଛି। ଚାମ୍ପିଅନ୍ସ ଟ୍ରଫିର ୨୦୦୦ ସଂସ୍କରଣରେ ଭାରତ ନ୍ୟୁଜିଲାଣ୍ଡଠାରୁ ୪ ୱିକେଟ୍‌ରେ ପରାସ୍ତ ହୋଇଥିଲା।

ଟସ୍ ଜିତି ନ୍ୟୁଜିଲାଣ୍ଡ ବ୍ୟାଟିଂ କରିବା ପରେ ଦୁଇ ଓପନର ରାଚିନ୍ ଓ ୱିଲ୍ ୟଙ୍ଗ୍ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ। ବିଶେଷକରି ରାଚିନ୍ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। କିନ୍ତୁ ୟଙ୍ଗ୍ (୧୫)ଙ୍କୁ ଆଉଟ୍ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ ସ୍ପିନର୍ ବରୁନ୍ ଚକ୍ରବର୍ତ୍ତୀ। ପରେ ରାଚିନ୍ (୪ ଚୌକା ଓ ଗୋଟିଏ ଛକା ସହ ୩୭ ରନ୍)ଙ୍କୁ ନିଜ ସ୍ପେଲ୍‌ର ପ୍ରଥମ ବଲ୍‌ରେ ଚମତ୍କାର ଢଙ୍ଗରେ ବୋଲ୍ଡ କରି କୁଳଦୀପ ଯାଦବ ଭାରତକୁ ଦ୍ୱିତୀୟ ସଫଳତା ଦେଇଥିଲେ। ସେ ଗତ ମ୍ୟାଚ୍‌ର ଶତକଧାରୀ କେନ୍ ୱିଲିୟମ୍‌ସନ୍ (୧୧)ଙ୍କୁ ଆଉଟ୍ କରି ନ୍ୟୁଜିଲାଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ଫଳସ୍ୱରୂପ ଦଳ ମନ୍ଥର ବ୍ୟାଟିଂ କରିବାକୁ ବାଧ ହୋଇଥିଲା। ଟମ୍ ଲାଥାମ୍‌ଙ୍କୁ ରବୀନ୍ଦ୍ର ଜାଡେଜା ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିବା ଫଳରେ ସେ ୧୪ ରନ୍‌ରେ ବିଦାୟ ନେଇଥିଲେ। ଏହି ସମୟରେ ଡାରିଲ୍ ମିଚେଲ୍ ଓ ଗ୍ଲେନ୍ ଫିଲିପ୍‌ସ ସ୍ଥିତି ସମ୍ଭାଳିବାକୁ ଉଦ୍ୟମ କରିଥିଲେ। ସେମାନେ ପଞ୍ଚମ ୱିକେଟ୍‌ରେ ୫୭ ରନ୍ ଯୋଡ଼ି ଦଳୀୟ ସ୍କୋର୍‌କୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇବା ପାଇଁ ମୂଳଦୁଆ ପ୍ରସ୍ତୁତ କରିଥିଲେ। ଫିଲିପ୍‌ସ ୨ଟି ଚୌକା ଓ ଗୋଟିଏ ଛକା ସହ ୩୪ ରନ୍‌ରେ ଆଉଟ୍ ହେବା ପରେ ମିଚେଲ୍ ପରବର୍ତ୍ତୀ ୱିକେଟ୍‌ରେ ମାଇକେଲ୍ ବ୍ରେସ୍‌ୱେଲ୍‌ଙ୍କ ସାଥୀରେ ୪୬ ରନ୍‌ର ଭାଗୀଦାରୀ କରି ଦଳୀୟ ସ୍କୋର୍‌କୁ ୨୦୦ ଅତିକ୍ରମ କରାଇଥିଲେ। ସେ ୩ଟି ଚୌକା ସହ ୬୩ ରନ୍‌ରେ ଆଉଟ୍ ହୋଇଥିଲେ। କିନ୍ତୁ ତାଙ୍କ ଭଳି ବ୍ରେସ୍‌ୱେଲ୍ ଦାୟିତ୍ୱପୂର୍ଣ୍ଣ ଇନିଂସ ଖେଳି ୪୦ ବଲ୍‌ରେ ୩ଟି ଚୌକା ଓ ୨ଟି ଛକା ଜରିଆରେ ୫୩ ରନ୍ କରିବା ସହ ଦଳୀୟ ସ୍କୋର୍‌କୁ ୨୫୧/୭ରେ ପହଞ୍ଚାଇଥିଲେ। ଭାରତ ପକ୍ଷରୁ ବରୁନ୍ ଓ କୁଳଦୀପ ୨ଟି ଲେଖାଏଁ ଏବଂ ଶମି ଓ ଜାଡେଜା ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

ଓଭର୍ ପିଛା ୫ ରନ୍‌ରୁ ସାମାନ୍ୟ ଅଧିକ ହାରରେ ରନ୍ ସଂଗ୍ରହ ଲକ୍ଷ୍ୟ ପାଇଥିବା ଭାରତ ରୋହିତ ଓ ତାଙ୍କ ଯୋଡ଼ିଦାର ଶୁବମାନ ଗିଲ୍‌ଙ୍କ ମାଧମରେ ➪ପୃଷ୍ଠା-୬

## ଉତ୍କଣ୍ଠାପୂର୍ଣ୍ଣ ଫାଇନାଲ୍: ମୋଦି

ନୂଆଦିଲ୍ଲୀ: ଭାରତ ଚଳିତ ଚାମ୍ପିଅନ୍ସ ଟ୍ରଫିରେ ଲଗାତାର ଭଲ ପ୍ରଦର୍ଶନ କରି ଚାମ୍ପିଅନ୍ ଟିମ୍ ଭଳି ଖେଳିଥିଲା। ଦଳ କ୍ରମାଗତ ୪ଟି ବିଜୟ ପରେ ଫାଇନାଲ୍‌ରେ ପହଞ୍ଚିଥିବା ବେଳେ ଏହି ଟାଇଟଲ୍ ମୁକାବିଲାରେ ମଧ ଜବରଦସ୍ତ ମନୋବଳ ଦେଖାଇଥିଲା। ଏହି ରୋମାଞ୍ଚକର ଫାଇନାଲ୍‌ର ଫଳାଫଳ ମଧ ଉତ୍କଣ୍ଠାପୂର୍ଣ୍ଣ ରହିଥିଲା ବୋଲି 'ଏକ୍ସ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦର୍ଶାଇବା ସହ ଚାମ୍ପିଅନ୍ ଭାରତୀୟ ଟିମ୍‌କୁ ବଧେଇ ଜଣାଇଛନ୍ତି।

## ଅବିଶ୍ୱସନୀୟ ପ୍ରଦର୍ଶନ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ: ଦୁବାଇରେ ଭାରତ ନ୍ୟୁଜିଲାଣ୍ଡକୁ ୪ ୱିକେଟ୍‌ରେ ହରାଇ ଚାମ୍ପିଅନ୍ ହେବା ନିଶ୍ଚିତ ଭାବେ ଅବିଶ୍ୱସନୀୟ ପ୍ରଦର୍ଶନ। ଚମତ୍କାର ଖେଳ ପ୍ରଦର୍ଶନ କରି ଭାରତୀୟ ଖେଳାଳିମାନେ ଦେଶବାସୀଙ୍କୁ ଗୌରବାନ୍ୱିତ କରିବା ସହ ଖୁସି ମନାଇବାର ସୁଯୋଗ ଦେଇଛନ୍ତି। ଭାରତ ପାଇଁ ଏହା ଏକ ସୁଖଦ ମୁହୂର୍ତ୍ତ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ ସୋସିଆଲ୍ ମିଡିଆ 'ଏକ୍ସ'ରେ ତାଙ୍କ ପ୍ରତିକ୍ରିୟା ଦେବା ସହ ଟିମ୍ ଇଣ୍ଡିଆର ପ୍ରତିଟି ସଦସ୍ୟଙ୍କୁ ବଧେଇ ଜଣାଇଛନ୍ତି।

## ଅପୂର୍ବ କ୍ରୀଡ଼ା ନୈପୁଣ୍ୟତା: ମୋହନ

ଭୁବନେଶ୍ୱର: ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଫାଇନାଲ୍‌ରେ ବିଜୟୀ ହୋଇ ଟ୍ରଫି ହାସଲ କରିଥିବାରୁ ଭାରତୀୟ ଟିମ୍ ବଧେଇର ପାତ୍ର। ନ୍ୟୁଜିଲାଣ୍ଡ ବିପକ୍ଷରେ ଏକ ଦମ୍‌ଦାର ପ୍ରଦର୍ଶନ କରିବା ସହ ଭାରତୀୟ ଖେଳାଳିମାନେ ଅପୂର୍ବ କ୍ରୀଡ଼ା ନୈପୁଣ୍ୟତା ଦେଖାଇଛନ୍ତି। ଏଥିସହ ଉତ୍ତମ କ୍ରୀଡ଼ା ମନୋଭାବ ନେଇ ଖେଳିଥିବା ଟିମ୍ ଇଣ୍ଡିଆର ସଦସ୍ୟମାନେ ଦେଶକୁ ଗୌରବାନ୍ୱିତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଏକ୍ସ'ରେ ତାଙ୍କ ପ୍ରତିକ୍ରିୟା ଦେଇ କହିଛନ୍ତି।

# ପରଲୋକରେ ଅନନ୍ତ ଦାସ



- ● ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ
- ● ବିଧାନସଭାରେ ଅନ୍ତିମ ଦର୍ଶନ କଲେ ବିଧାୟକ
- ● କ୍ରମାଗତ ୪ ଥର ବିଧାୟକ ହୋଇଥିଲେ

ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ): ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବର୍ଷୀୟାନ୍ ନେତା ଅନନ୍ତ ଦାସ ଆଉ ଇହଜଗତରେ ନାହାନ୍ତି। ଭୋଗରାଇର ଏହି ପୂର୍ବତନ ବିଧାୟକ ଆଜି ଭୋର୍ ସାଢ଼େ ୩ଟା ସମୟରେ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ନେଇ ପୁଅ ବିଶ୍ୱଜିତ୍ ସୂଚନା ଦେଇଛନ୍ତି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତେବେ ଆଜି ୮୫ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି। ଶ୍ରୀ ଦାସ ବାଲେଶ୍ୱରର ଭୋଗରାଇ ନିର୍ବାଚନମଣ୍ଡଳୀରୁ ଲଗାତାର ୪ ଥର ବିଜେଡି ଟିକେଟରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ୨୦୦୪ରୁ ୨୦୧୯ ପର୍ଯ୍ୟନ୍ତ କ୍ରମାଗତ ବିଧାନସଭାରେ ପ୍ରତିନିଧିତ୍ୱ କରିଥିଲେ। ଏଥିସହ ଗତ ୨୦୧୪ରେ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ଉଚ୍ଚଶିକ୍ଷା ଓ ଶିଳ୍ପ ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ବିୟୋଗ ଖବର ରାଜନୈତିକ ମହଲରେ ଶୋକର ଛାୟା ଖେଳାଇ ଦେଇଛି। ମୁଖମନ୍ତ୍ରୀ ଓ ବିରୋଧୀଦଳ ନେତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କ ପରଲୋକରେ ଗଭୀର ଶୋକ ପ୍ରକଟ କରିଛନ୍ତି। ୧୯୪୦ ମସିହା ➪ପୃଷ୍ଠା-୬

## ଆନନ୍ଦପୁର ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ

# ଛାତ୍ର ଜୀବନ ସର୍ବଦା ସଂଘର୍ଷମୟ

- ● ଭିତ୍ତିଭୂମି ବିକାଶ ପାଇଁ ୭ କୋଟି ସହାୟତା ଘୋଷଣା
- ● ଆନନ୍ଦପୁର ଉପଖଣ୍ଡରେ ୧୬୦ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ
- ● ଷ୍ଟାଡିୟମର ପୂର୍ଣ୍ଣାଙ୍ଗ କଳେବର ପାଇଁ ୨୦ କୋଟି
- ● ଆନନ୍ଦପୁର ମହାବିଦ୍ୟାଳୟ ହେବ ସ୍ୱୟଂଶାସିତ




ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇ ଆନନ୍ଦପୁର ମହାବିଦ୍ୟାଳୟର ୬୧ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆନନ୍ଦପୁର ଉପଖଣ୍ଡ ପାଇଁ ମୋଟ ୧୬୦ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରିଛନ୍ତି। ଏଥିରେ ୪୨ କୋଟି ଟଙ୍କାର ୧୬ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ରହିଥିବା ବେଳେ ପ୍ରାୟ ୧୧୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ରହିଛି।

ଏଥିସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆନନ୍ଦପୁର ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ, ବହୁମୁଖୀ ହଲ ଓ ସେମିନାର ହଲ ନିର୍ମାଣ, ଖେଳପଡ଼ିଆର ଉନ୍ନତିକରଣ ନିମନ୍ତେ ୭ କୋଟି ଟଙ୍କାର ଆର୍ଥିକ ସହାୟତା ମଧ ଘୋଷଣା କରିଛନ୍ତି। ଏଥିସହ ଆନନ୍ଦପୁର ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ ସକାଶେ ମଧ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟର ଉନ୍ନତିକରଣ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିବା ବେଳେ ଆନନ୍ଦପୁରଠାରେ ଷ୍ଟାଡିୟମର ପୂର୍ଣ୍ଣାଙ୍ଗ କଳେବର ପାଇଁ ୨୦ କୋଟି ଟଙ୍କାର ଆର୍ଥିକ ସହାୟତା ମଧ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆନନ୍ଦପୁର ମହାବିଦ୍ୟାଳୟର ➪ପୃଷ୍ଠା-୬

# କାହା ଛତ୍ରଛାୟା ତଳେ ଚାଉଳକଳ ମାଲିକ ?

- ● ଥାନାରେ ରୁଜୁ ହେଲା ମାମଲା
- ● କଳା ତାଲିକାଭୁକ୍ତ କରିବାକୁ ଜିଲ୍ଲାପାଳଙ୍କ ସୁପାରିସ୍



ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ): ଧାନକିଣାରେ ଅନିୟମିତା କରି ବାରମ୍ବାର ଧରାପଡୁଥିବା ଚାଉଳକଳ ମାଲିକଙ୍କ ବିରୋଧରେ ଶେଷରେ ଜଗତ୍‌ସିଂହପୁର ଜିଲ୍ଲା ବାଲିକୁଦା ଥାନାରେ ମାମଲା ରୁଜୁ ହୋଇଛି। ସେଠାରେ ନୂଆ କରି ଖୋଲିଥିବା ସାଲସାର ଚାଉଳକଳକୁ କଳା ତାଲିକାଭୁକ୍ତ କରିବା ପାଇଁ ମଧ ଜଗତ୍‌ସିଂହପୁର ଜିଲ୍ଲାପାଳ ରାଜ୍ୟ ଯୋଗାଣ ନିଗମକୁ ଚିଠି ଲେଖିଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁଯାୟୀ, ଖୋର୍ଦ୍ଧା ଜିଲ୍ଲା ବାଲିପାଟଣାରେ ଥିବା ସଙ୍ଖଲିଆ ଚାଉଳକଳର ମାଲିକ ଜଗତ୍‌ସିଂହପୁର ଜିଲ୍ଲାରେ ଧାନ ସଂଗ୍ରହ ଅନୁମତି ପାଇବା ପରେ ବାଲିକୁଦାଠାରେ ସାଲସାର ନାମରେ ନୂଆ ଚାଉଳକଳ ପ୍ରତିଷ୍ଠା କରିଥିଲେ। ଜିଲ୍ଲାରୁ ୬ ପିପିସିରୁ ୫୭ ହଜାର କ୍ୱିଣ୍ଟାଲ ଧାନ ଉଠାଣ ପାଇଁ ଅନୁମତି ମିଳିଥିଲା। ହେଲେ ମିଲ୍ କର୍ତ୍ତୃପକ୍ଷ ବିଭିନ୍ନ ଅନୁମତିପ୍ରାପ୍ତ ସମିତିରୁ ଧାନ ଉଠାଇବା ପରିବର୍ତ୍ତେ ଖୋଲା ବଜାରରୁ ଧାନ କିଣିଲେ। ସେହି ଧାନରୁ ଚାଉଳ ବାହାର କରି ତାକୁ ବାଂଲାଦେଶୀ ଅଖାରେ ପୂରାଇ ଜଳପଥ ବାଟେ ସେଠାକୁ ବିକି ଧରାପଡ଼ିଲେ।

ଏ ନେଇ ଅଭିଯୋଗ ହେବା ପରେ ଜଗତ୍‌ସିଂହପୁର ଉପଜିଲ୍ଲାପାଳ ସଦଳବଳ ଚଢ଼ାଉ କରି ମିଲ୍ ପରିସରରୁ ୩ଟି ଟ୍ରାକ୍ଟର ବୋଝେଇ ଧାନ ଗାଡ଼ି ଜବତ କଲେ। ଏହି ଧାନ ଖୋଲା ବଜାରରୁ ଖରିଦ ହୋଇଥିବା ଗାଡ଼ିଚାଳକମାନେ ସ୍ୱୀକାର କରିବା ପରେ ଉପଜିଲ୍ଲାପାଳ ବାଲିକୁଦା ଥାନାରେ ସାଲସାର ମିଲ୍ ଓ ଏହାର ପରିଚାଳନା ଦାୟିତ୍ୱରେ ଥିବା ଅଙ୍କିତ ଅଗ୍ରୱାଲଙ୍କ ନାଁରେ ଥାନାରେ ମାମଲା ରୁଜୁ କରିଛନ୍ତି। ଏଥିସହିତ ଜିଲ୍ଲାପାଳ ମଧ ଏହି ନୂଆ ଚାଉଳକଳକୁ କଳା ତାଲିକାଭୁକ୍ତ କରିବା ପାଇଁ ଚିଠି ଲେଖିଛନ୍ତି।

ତେବେ ରାଜଧାନୀ ଉପକଣ୍ଠରେ ଧାନର ଏଭଳି ବେଆଇନ୍ କାରବାର କରି ଧରାପଡ଼ିଥିବା ଏହି ମାଲିକମାନଙ୍କୁ କିଭଳି ➪ପୃଷ୍ଠା-୬

# ଜୟନାରାୟଣଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଝଡ଼

- ● ମୁହାଁମୁହିଁ ହେଲେ ଶାସକ-ବିରୋଧୀ
- ● ଏହା ତାଙ୍କ ବ୍ୟକ୍ତିଗତ ମତ: ଅଶୋକ

ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ): ସମ୍ବଲପୁର ସୁଭଦ୍ରା ସଭାରେ ବିଜେପି ବିଧାୟକ ଜୟନାୟରଣଙ୍କ ବିବାଦୀୟ ମନ୍ତବ୍ୟକୁ ତେଜିଛି ରାଜନୈତିକ ଝଡ। ବିରୋଧୀ ବିଜେଡି ଓ କଂଗ୍ରେସ, ଏହା କଣ ଓଡ଼ିଆ ଅସ୍ମିତା ବୋଲି ପ୍ରଶ୍ନ କରି ସରକାରଙ୍କୁ ଘେରିଥିଲା ବେଳେ ବିଜେପି ବିଧାୟକ ଅଶୋକ ମହାନ୍ତି କହିଛନ୍ତି ଏହା ଜୟନାରାୟଣଙ୍କ ବ୍ୟକ୍ତିଗତ ମତ। ବିଜେପି ସରକାର ଆଂଚଳିକବାଦରେ ବିଶ୍ୱାସ କରେନି। ବରଂ ମୋହନ ସରକାର ପଶ୍ଚିମ ଓଡ଼ିଶାର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସୁଛନ୍ତି। ସେପଟେ ଉତ୍କଳ ସମ୍ମିଳନୀ, ଜୟନାରାୟଣଙ୍କ ମନ୍ତବ୍ୟର ତୀବ୍ର ପ୍ରତିବାଦ କରିଛି। ଓଡ଼ିଶାରେ ମିଶିବା ଆମର ଐତିହାସିକ ଭୁଲ ବୋଲି ଗତକାଲି ଏକ ସରକାରୀ କାର୍ଯ୍ୟକ୍ରମରେ, ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ଉପସ୍ଥିତିରେ ଜୟନାରାୟଣ କହିଥିଲେ। ଏହାକୁ ନେଇ ବିଜେପି ➪ପୃଷ୍ଠା-୬

# ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ ତାପମାତ୍ରା

## ୬ ଜିଲ୍ଲାପାଳଙ୍କୁ ସତର୍କ କରାଇଲେ ଏସ୍‌ଆର୍‌ସି



ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ): ରାଜ୍ୟରେ ୫ ଦିନ ପରେ ପୁଣି ତାପମାତ୍ରା ବଢ଼ିପାରେ। ସ୍ୱାଭାବିକଠାରୁ ୩ରୁ ୫ ଡିଗ୍ରୀ ତାପମାତ୍ରା ବଢ଼ିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏପରିକି ଆଗାମୀ ସପ୍ତାହରେ ପାରଦ ୪୦ ଡିଗ୍ରୀ ଛୁଇଁବାର ଆଶଙ୍କା ରହିଥିବା ମଧ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେଣୁ ପ୍ରଚଣ୍ଡ ରୌଦ୍ରତାପ ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର୍ (ଏସ୍‌ଆର୍‌ସି) ସତର୍କ କରାଇଛନ୍ତି। ପ୍ରଚଣ୍ଡ ତାତି ନେଇ ଆଭ୍ୟନ୍ତରୀଣ ଓଡ଼ିଶାର ୬ ଜିଲ୍ଲାର ଜିଲାପାଳଙ୍କ ପାଇଁ ଏସ୍‌ଆର୍‌ସି କାର୍ଯ୍ୟାଳୟ ପକ୍ଷରୁ ସତର୍କତା ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ ଓ ବଲାଙ୍ଗିର ବୋଲି ଜଣାପଡ଼ିଛି।

ସୂଚନାନୁସାରେ, ଚଳିତ ମାସ ପ୍ରାରମ୍ଭରୁ ରାଜ୍ୟରେ ପାରଦ ଉପରମୁହାଁ ହୋଇଛି। ଏପରିକି ପ୍ରଥମ ଦୁଇ ଦିନରେ ରାଜ୍ୟର କେତେକ ସ୍ଥାନରେ ୩୭-୩୮ ଡିଗ୍ରୀ ଉପରେ ତାପମାତ୍ରା ପହଞ୍ଚିଯାଇଛି। ଫଳସ୍ୱରୂପ ବସନ୍ତରେ ବି ଜନସାଧାରଣଙ୍କୁ ଟାଇଁଟାଇଁ ଖରାର ସମ୍ମୁଖୀନ ହେଉଛନ୍ତି। ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ତାତି ୩୯ ଡିଗ୍ରୀ ବି ଛୁଇଁଛି। ଝାରସୁଗୁଡ଼ାରେ ଗତ ୪ ତାରିଖରେ ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ରହିଥିଲା। ଏହାଛଡ଼ା ଅନ୍ୟାନ୍ୟ କେତେକ ସହରରେ ମଧ ତାପମାତ୍ରା କ୍ରମଶଃ ଉପରମୁହାଁ ➪ପୃଷ୍ଠା-୬



## କାନ ଡେରିଥା

ବାଲି ମାଫିଆ ସାବଧାନ ରୁହ
ପୋଲିସ ପଛରେ ପଡିଛି
ନଦୀ ବାଲି ସବୁ ଖାଲି କରୁଥିଲ
ଏବେ କେଶ ହେବ ଲାଗୁଛି
କହିଲେ କହିବ କହୁଛି...
କୋଟି କୋଟି ଟଙ୍କା ରାଜସ୍ୱ ହରାଇ
ରାଜସ୍ୱ ବିଭାଗ ଚେତିଛି ।

■ ଦେବାଶିଷ

# ବବିଙ୍କ ପାପ ଏବେ ନବୀନ-ପାଣ୍ଡିଆନଙ୍କ ମୁଣ୍ଡରେ





- ● ପ୍ରଭାରୀ ଜିଲ୍ଲାରେ ପ୍ରଭାବଶାଳୀ ଲୁଟ୍
- ● ରାଜ୍ୟସାରା ସୃଷ୍ଟି କରିଛନ୍ତି ସମାନ୍ତରାଳ ସଂଗଠନ

ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ): କ୍ଷମତାରେ ଥିବାବେଳେ ବିଜେଡି ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବି କରିଥିବା ପାପକୁ ଏବେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ରାଜନୀତିରୁ ଦୂରେଇ ଯାଇଥିବା ପାଣ୍ଡିଆନ ମୁଣ୍ଡାଇବା ଆରମ୍ଭ କରିଛନ୍ତି। ଖଣି ପରିବହନକାରୀ ରାଜା ଚକ୍ରର ଦୁର୍ନୀତି ପଦାକୁ ଆସିବା ଏବଂ ସାରା ରାଜ୍ୟରେ ବିଜେଡିରେ ଅସନ୍ତୋଷ ଫୁଟି ବାହାରିବା ପରେ ଏବେ ଏଭଳି ଆଲୋଚନା ଆରମ୍ଭ ହୋଇଛି।

ରାଜା ଚକ୍ରର ବକ୍ର କାରବାର ସାଧାରଣତଃ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ହୋଇଛି। ଏହି ଦୁଇ ଜିଲ୍ଲାରୁ ବେଆଇନ୍ ଖଣିଜ ପରିବହନର କାର୍ପେଟଦାର ସାଜିଥିବା ରାଜା ଏବେ ଧରାପଡ଼ିଛନ୍ତି। କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଶାଖା ଯେତେ ଖୋଳୁଛି ସେତେ ବାହାରୁଛି। ତେବେ ଏହି ରାଜା ଚକ୍ରକୁ ଆଣିଥିଲା କିଏ? ବିଜେଡି ସରକାର ସମୟରେ ଅତ୍ୟନ୍ତ ପ୍ରଭାବଶାଳୀ ଥିବା ବବି ହିଁ ରାଜାକୁ ଆଣି ଖଣି ବେପାରେ ସେଟିଂ କରିଥିବା ଆଲୋଚନା ହୋଇଛି। ପଛରେ ରହି ବବି ବେପାରର ଗୋଟି ଚଳାଉଥିବା ବେଳେ ଆଗରେ ରହି ରାଜା ଲୁଟିଚାଲିଥିଲେ। ପ୍ରଥମେ ଖଣି କାରବାରରେ ରାଜା ଚକ୍ରଙ୍କ ନାଁ ଆସିଥିବା ବେଳେ ଏବେ ତାଙ୍କର ଗଡଫାଦର ବୋଲି ଆଲୋଚନା ହେଉଥିବା ବବିଙ୍କ ନାଁ ଯୋଡ଼ିହେବାରେ ଲାଗିଛି। କାରଣ ରାଜା ଯେଉଁ ଦୁଇ ଜିଲ୍ଲାରୁ ଖଣି ଖୋଳି ଲୁଟିଥିଲେ, ସେହି ଦୁଇ ଜିଲ୍ଲାର ପ୍ରଭାରୀ ଦାୟିତ୍ୱରେ ଥିଲେ ବବି। ତେଣୁ ତାଙ୍କ ଅଗୋଚରରେ ରାଜା ଚକ୍ର ଏଭଳି ବକ୍ର କାରବାର କରିଥିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଖୋଦ୍ ବିଜେଡି ମହଲରେ ଆଲୋଚନା ହେଉଛି। ହେଲେ ବିଜେଡି ଦୃଶ୍ୟପଟ୍ଟରେ ବବି ଏବେ ଅସ୍ପଷ୍ଟ ହେଉଥିବା ବେଳେ ପାପର ବୋଝ ନବୀନ-ପାଣ୍ଡିଆନ ମୁଣ୍ଡରେ ଲଦିବା ପାଇଁ ଭରପୂର ଉଦ୍ୟମ ଚଳାଇଛନ୍ତି।

କେବଳ ରାଜା ଚକ୍ରଙ୍କ ଖଣି ଲୁଟ୍ ଘଟଣା ନୁହେଁ, ଗତ ନିର୍ବାଚନରେ ଟିକଟ ବଣ୍ଟନ କ୍ଷେତ୍ରରେ ମଧ ବବି ଥିଲେ ବଡ଼ ମାମଲତକାର। ଯାଜପୁରଠାରୁ ସମ୍ବଲପୁର, କେନ୍ଦୁଝରରୁ ମୟୂରଭଞ୍ଜ ସବୁଆଡ଼େ ଟିକଟ ବଣ୍ଟନରେ ପ୍ରମୁଖ ଭୂମିକା ନିଭାଇଥିଲେ। ହେଲେ ➪ପୃଷ୍ଠା-୬



## ସୃଷ୍ଟିର ଶ୍ରେଷ୍ଠ ସମ୍ଭାର ତୁମେ ହେ ନାରୀ

**ସ୍ୱାଗତିକା ସାହୁ**

କୁହ...?? ଆମେ ଭାବିଥିବା ଭଳି
ଅପୂର୍ବ ସଂହତିର ଅହୋରାଜ୍ୟ
ନାରୀ...ଶାଶ୍ୱତୀ ବିଜୟିନୀ
ସୃଷ୍ଟିର ଜୀବନ୍ୟାସ ମନ୍ତ୍ର....!
ପ୍ରେମ ପ୍ରଣୟର ମଧୁ ଝଙ୍କାର
ଜୀବନ୍ୟାସ ପାଏ ଯାହାଠୁ ମାଂସ ପିଣ୍ଡୁଳା
ସଂଜୀବନି ସୁଧା ଧାରୀ ଶ୍ରେଷ୍ଠ ଅବଦାନ
ଅନନ୍ତ ବିଶ୍ୱର ପ୍ରଣୟିନି
କଲ୍ୟାଣମୟୀ
କ'ଣ ତା ପାଇଁ....
ତା ଶରୀର ଶାପଗ୍ରସ୍ତ କୋଣାର୍କ
ତା ସୁରକ୍ଷାର ବଳୟ ଦୃଢ ପାଇଁ
ଯନ୍ତ୍ରଣାର ଘୋର ବେଦନା ଭିତରୁ
ତା ମହାନୀୟତା ମହତ୍ୱକୁ ଦରାଣ୍ଡିବା...
ତା ସମଗ୍ର ଉନ୍ନତି କଳ୍ପେ
ଉଣେଇଶିହ ପଞ୍ଚସ୍ତରୀ ମାର୍ଚ୍ଚ ଆଠରୁ
ଶୁଭାରମ୍ଭ ଏ ଆନ୍ତର୍ଜାତିୟ ମହିଳା ଦିବସ
ଶପଥ ନିଏ ନହେଉ..
ଭୋଗବିଳାସ ମାଧ୍ୟମ
ମାଟିର ମାନଚିତ୍ରରେ ହେଉ ବନ୍ଦନୀୟା
କେବେ ଜଳୁଥିଲା ଧୁ ଧୁ ଯୌତୁକ ପ୍ରଥାରେ
କେବେ ନିର୍ଯାତନାର ଦୁର୍ଗନ୍ଧରେ
ଶୁଭେ ବୁକୁଫଟା ଚିତ୍କାର
କୁନି ଶିଶୁଠୁ ବୃଦ୍ଧା ମହିଳା
ହଁ ମଣିଷ ତ ସାଜିଛି...
ଧ୍ୱଂସକାରୀ ସୌଦାଗର !
ବେଫିକରରେ ଚାଲିବା ଏଠି ମନା
ହଁ ତା ପାଇଁ ନା...
ଅନ୍ଧାରରେ ଲୁଚାଏ ତା ଦୀପ୍ତିମନ୍ତ ଚେହେରା
ବ୍ରହ୍ମାଣ୍ଡର ସକଳ ପ୍ରାଚୁର୍ଯ୍ୟ ତାଉର୍ଦ୍ଧ୍ୱରେ
ତଥାପି ସ୍ୱଚ୍ଛ କାଚ ବିନ୍ଦୁ କାକର ପରି
ସେ ଶୀତଳ,ନରମ କୋମୋଳ
କେବେ ଭରି ତା ସିନ୍ଥି ସିନ୍ଦୁର
ଅନ୍ତହୀନ ସୁଖ,ସେବାର ସ୍ରୋତସ୍ୱିନୀ ସାଜି....
ସବୁ କଷ୍ଟକୁ ଡୋକି ଦିଏ...!
ହୋଇଯାଏ ଅନ୍ୟର ମାର୍ଗିକା...
କଲ୍ୟାଣୀ ପୁଣି ହାଲ୍ଲୋଳିନୀ
ବିଶ୍ୱମ୍ବରା,ଲୋପାମୁଦ୍ରା, ପଦ୍ମିନୀ
ମୀରାବାଇ,ଲକ୍ଷ୍ମୀବାଇ,ମୈତ୍ରେଇ
ଯଶୋଦା,ଜିଜାବାଇ,ମେରୀ
ନାରୀ ତୁ ନାରାୟଣୀ....
ପୂଜନୀୟା ବାଗ୍ମୀ ଓଜସ୍ୱୀନି
କେଜାଣି କେଉଁ କଳାଖଣ୍ଡରେ ତା ପ୍ରତି
ମଣିଷ ମନରେ ଭରିବ ପବିତ୍ର ପ୍ରେମ
ଛାଡି ଲେଲିହାନ ରାକ୍ଷସ ପ୍ରବୃତ୍ତି
ଗଢ଼ିବ ସମ୍ମାନର ସ୍ତୁତିସ୍ତମ୍ଭ...!!
**ଉମରକୋଟ, ନବରଙ୍ଗପୁର**



**ଅନୁପମା ବିଶ୍ୱାଳ**



## ନୀରବ ବତୀଖୁଣ୍ଟ

ମୁଣ୍ଡରେ ଓଢଣା, ହାତରେ ନାଲି ଟୁକୁଟୁକୁ ଶଙ୍ଖା, ଗଳାରେ ମଙ୍ଗଳ ସୂତ୍ର ଆଉ ଦେହରେ ରଙ୍ଗୀନ ପାଟଲୁଗା। ବିଛଣା ସଜାଇ ହୋଇଛି ଗୋଲାପ ଫୁଲ ପାଖୁଡ଼ାରେ। ଘରଟା ଦାମୀ ଅତରରେ ମହ ମହ । କାମିନୀକୁ ସ୍ୱପ୍ନ ପରି ଲାଗୁଥାଏ ଏସବୁ। ବସନ୍ତ ବାବୁ ତା'ଜୀବନରେ ଋତୁରାଜ ବସନ୍ତ ପରି ଆସି ଫଗୁଣର ରଙ୍ଗ ବୋଳିଛନ୍ତି। ମଥାର କଳଙ୍କ ପୋଛି ସିନ୍ଦୂର ଭରିଛନ୍ତି। ଯାହାକୁ ସମାଜ ଘୃଣା ଚକ୍ଷୁରେ ଦେଖୁଥାଏ,ତାକୁ ସେ ସମ୍ମାନ ଦେଇଛନ୍ତି। ଆଖିର ତତଲା ଲୁହ ବଦଳରେ ଆନନ୍ଦର ଶୀତଳ ଅଶ୍ରୁ ଝରାଇଛନ୍ତି। ତଥାପି ଅତୀତକୁ ଭୁଲି ବର୍ତ୍ତମାନ କୁ ସ୍ୱୀକାର କରିବା ଏତେ ସହଜ ହେଉ ନଥାଏ।

ଛଅ ବର୍ଷ ହେଲା ଏକ ଭାରାକ୍ରାନ୍ତ ଜୀବନ ଅତିବାହିତ କରୁଥିଲା କାମିନୀ। ବି.ଏ. ପରୀକ୍ଷା ଦୁଇଦିନ ବାକିଥାଏ ,ତା ବାପା ଆରପାରିକୁ ଚାଲିଗଲେ। କ୍ୟାନସର ରେ ପୀଡିତ ଥିଲେ ବହୁ ଦିନରୁ। ଘରେ ଯାହା ସ୍ଥାବର ଅସ୍ଥାବର ସମ୍ପତ୍ତି ଥିଲା,ସବୁ ଶେଷ ହୋଇଗଲା କିନ୍ତୁ ବଞ୍ଚେଇ ହେଲାନାହିଁ। ଇଚ୍ଛା ନଥିଲେ ବି ମାଆଙ୍କ ଅନୁରୋଧରୁ ଶେଷ ପରୀକ୍ଷାଟି କାମିନୀ ଦେଲା। ଦୁର୍ଭାଗ୍ୟ ବଶତଃ କିଛି ଦିନ ପରେ ମାଆକୁ ଭୀଷଣ ଜ୍ୱର ହେଲା। କଣ କରିବ କାମିନୀ ବୁଝି ପାରୁ ନଥାଏ। କଣା କଉଡି ଟିଏ ଘରେ ନଥାଏ। ଗାଁ ଲୋକ ଧାର ଦେବାକୁ ସିଧା ମନା କରିଦେଲେ। କହିଲେ, ଗଙ୍ଗାରେ ହାଡ଼ ପଡିଲେ ଗଲା"।

ଡେରି ନକରି ସେ ଧାଇଁଲା ରମେଶ ବାବୁଙ୍କ ପାଖକୁ। ରାଜନୀତିଆ ଲୋକ ହୋଇଥିବାରୁ ତାଙ୍କ ଘରେ ସକାଳୁ ରାତି ଯାଏଁ ଭିଡ଼। ଅନୁମତି ପାଇ ଦେଖାକଲା ତ ଠିକ୍। କିନ୍ତୁ ତା ଦୁଃସହ ପରିସ୍ଥିତିର ଫାଇଦା ଉଠାଇଲା ସେଇ ବଦମାସ। ମନ ଭିତରର ଚିତ୍କାରକୁ କାମିନୀ କାହାକୁ ଶୁଣାଇବାକୁ ସାହସ କରି ପାରିଲା ନାହିଁ। ହାତରେ ହଜାରେ ଟଙ୍କା ଧରି ମୁହଁକୁ ଓଢଣୀରେ ଢାଙ୍କି ତଥା ମାନସିକ ଓ ଶାରୀରିକ କଷ୍ଟକୁ ଚାପି ଦୌଡ଼ି ଦୌଡ଼ି ଏକ ମୁହାଁ ହୋଇ ଘରକୁ ଆସିଲା। ମାକୁ ନେଇ ଡାକ୍ତର ପାଖରେ ଚିକିତ୍ସା କରାଇଲା। ମା ଭଲ ହୋଇଗଲା ହେଲେ ସେ.........

କୋମଳ କୁସୁମ ଚାରିପାଖେ ଭ୍ରମର ଗୁଡିକ ଉଡି ଜବରଦସ୍ତି ଆଘାତ ଦେଇ ମଧୁରସ ପିଇବା ପରି କାମିନୀର ଓଠରସ ପିଇବାକୁ ପାଗଳ ହୋଇଗଲେ ଭଦ୍ର ମୁଖା ବ୍ୟକ୍ତି ଗଣ। ଅସହାୟ ତୃଣ ପରି ସେ ଭାସି ଚାଲିଲା ଜୀବନ ସ୍ରୋତରେ। ସେଦିନ ସିନା ନୀରବ ଚିତ୍କାର କରିଥିଲା,ହେଲେ ଆଜି ଯେତେ ଚିତ୍କାର କଲେ ମଧ ଶୁଣିବାକୁ କେହି ନାହିଁ। ଧୀରେ ଧୀରେ ଏ ସମାଜ ତାକୁ 'ବେଶ୍ୟା' ଭାବରେ ପରିଚୟଟିଏ ତୋଳିଦେଲା। ସେ ନୀରବ ବତୀଖୁଣ୍ଟ। ପ୍ରତିଦିନ ମାତ୍ର ଦୁଇ ତିନି ଶହ ଟଙ୍କା ବଦଳରେ ସେ ନୂଆ ନୂଆ ପୁରୁଷର ଶଯ୍ୟାଶାୟିନୀ ହେଲା। ବେଶ୍ୟା ବୃତ୍ତି କରୁଥିବା ସାଙ୍ଗସାଥୀ ମଧ ଜୁଟିଗଲେ ତା ଭାଗ୍ୟରେ। ସନ୍ଧ୍ୟାରେ ଦିନେ ବେଶଭୂଷା ହୋଇ କାମିନୀ ସାଙ୍ଗ ମାନଙ୍କ ସହ ରାସ୍ତାରେ ଯାଉଥିବା ବେଳେ ହଠାତ ତା ପାଖରେ ବାଇକଟିଏ ଅଟକିଗଲା। ଯୁବକଟି ଓହ୍ଲାଇ କହିଲା,ଶୁଣିବ କି ଟିକିଏ। ତୁମ ସହ କାମ ଅଛି। ' କାମିନୀ ଠଉରେଇ ନେଲା ଯୁବକର ଉଦ୍ଦେଶ୍ୟ। କହିଲା,ଆଗକୁ ଚାଲ..

ତୁମର ଯଦି ଆପତ୍ତି ନାହିଁ,ଗାଡ଼ିରେ ବସ....

ଏକା ସାଙ୍ଗରେ ଯିବା। କହିଲା ଯୁବକଟି ଏଭଳି ଭଦ୍ର ବ୍ୟବହାର ଓ ମାର୍ଜିତ କଥା ଶୁଣି କାମିନୀ ଯେତିକି ଖୁସି ହେଉଥାଏ ସେତିକି ଆଶ୍ଚର୍ଯ୍ୟ ମଧ ହେଉଥାଏ। ମନେ ମନେ କହୁଥାଏ ,'ଆଜିର ଯୁବ ଗୋଷ୍ଠୀ କେତେ ତଳକୁ ଖସି ଯାଉଛନ୍ତି। ନିଶା ଖାଇବାଠୁ ଆରମ୍ଭ କରି ବେଆଇନ ଯୌନ ସମ୍ପର୍କ ରଖିବା ପର୍ଯ୍ୟନ୍ତ ସବୁଥିରେ ଧୂରନ୍ଧର। କିଏ ବା କାହାକୁ କହିବ। ବାପ ପୁଅ ଗୋଟିଏ ଘାଟର ପାଣି ପିଇବାକୁ ପଛାଉ ନାହାନ୍ତି। '

ଅନିଚ୍ଛା ସତ୍ତ୍ୱେ ଗାଡ଼ିରେ ବସି କାମିନୀ ଗୋଟିଏ କୁଡ଼ିଆ ଘର ଆଗରେ ଅଟକିଲା। ଖଟଟିଏ ପଡିଥାଏ ସେଠାରେ। ଆଗନ୍ତୁରା ଯୁବକଟି ଖଟରେ ବସି କାମିନୀକୁ ସମ୍ମାନ ସହ ପାଖରେ ବସେଇଲା। କୌଣସି ଅଶ୍ଳୀଳ କଥା କହୁ ନଥାଏ କି ଖରାପ ବ୍ୟବହାର ମଧ ଦେଖାଉ ନଥାଏ। ଉନ୍ନତ ଚେହେରା କୁ ଉନ୍ନତ ଆଚରଣ ଦେଖି କାମିନୀର ଭାବିଲା,

'ମୋ ଗଣିତ ଆଜି ଭୁଲ ହୋଇଯିବ ବୋଧହୁଏ। '

ଯୁବକ ନିଜ ପରିଚୟ ଦେଇ କାମିନୀକୁ କହିଲା,ମୁଁ ତୁମ ମଥାର କଳଙ୍କ ପୋଛି ତୁମକୁ ଏକ ନୂଆ ପରିଚୟ ଦେବାକୁ ଚାହୁଁଛି। ଗ୍ରହଣ କରିବ କି?

କାମିନୀ ପ୍ରଥମେ ବୁଝି ପାରିଲା ନାହିଁ। ପରେ ବୁଝି ମଧ ନ ବୁଝିବାର ଅଭିନୟ କଲା। କିପରି ଏତେ ଶୀଘ୍ର ବିଶ୍ୱାସ କରି କଥାଟିର ଉତ୍ତର ରଖିବ।

ଯୁବକ ପୁଣି କହିଲା,ତୁମେ ମୋ ବାନ୍ଧବୀ,ପ୍ରେମିକା,ମାନସୀ.......

ପ୍ରିୟାରୁ ଜାୟା କରିବାକୁ ଚାହୁଁଛି.....

ଅନୁମତି ଯଦି ଦେବ......।

ମହୁଠୁ ମଧୁର ଥିଲା ଯୁବକର ପ୍ରତିଟି ଶବ୍ଦ। ଜୀବନ୍ତ ଲାଗୁଥିଲା ପ୍ରତିଟି ଅକ୍ଷର। ହସ ହସ ମୁଖ ଆଉ ଭାବ ଭଙ୍ଗୀ ମନ ହୃଦୟ ଜିଣୁଥିଲା କାମିନୀର। ନାରୀ ସୁଲଭ କଣ୍ଠରେ କହିଲା ,ହଁ ଏହା ମୋ ସୌଭାଗ୍ୟ। ହେଲେ ତୁମ ପରିଚୟ!

ମୁଁ ଡାକ୍ତର ବସନ୍ତ ଚୌଧୁରୀ। ତୁମେ ସେଦିନ ତୁମ ମା ଙ୍କୁ ଯାହା ପାଖରେ ଚିକିତ୍ସିତ କରିଥିଲ। ଆଉ କିଛି ନକହି ଖୁସିରେ କାନ୍ଦିଲା କାମିନୀ ଭୋ ଭୋ ହୋଇ। ତାପରେ ରୀତିନୀତିରେ ମା ର ଆଶିଷ ପାଇ ଦୁଇହାତ ହେଲା। ଆଖି ଆଗରେ ଏସବୁ ଝଲସି ଉଠୁଥାଏ। ଆଜି ତା ଚିତ୍କାର କାହାର ହୃଦୟ ଜିଣିଛି। ସେ ନୂଆ ପରିଚୟ ପାଇ ହୋଇଯାଇଛି ଡାକ୍ତର ବସନ୍ତ ବାବୁଙ୍କ ଧର୍ମପତ୍ନୀ ଶ୍ରୀମତୀ କାମିନୀ ଚୌଧୁରୀ।

**ସମ୍ବଲପୁର, ମୋବାଇଲ୍: ୭୯୭୮୫୬୮୩୨୨**



## ଏ ଜୀବନ ଅଢେଇ ଦିନ

**ଡଃ ନାରାୟଣ ଚନ୍ଦ୍ର ସେନାପତି**

ପର୍ବତ ଚଢ଼ିବି ଆକାଶେ ଉଡ଼ିବି
ସମୁଦ୍ରେ ବୁଡି ମୁଁ ଆଣିବି ମୁକ୍ତା
ବଡ ଧନୀ ହେବି ବିଶ୍ୱକୁ ଜିଣିବି
ଆଜିର ମଣିଷ କରଇ ଚିନ୍ତା।

ଜାଣିଛି ଜୀବନ ଅଢେଇ ଦିନର
ଆଜି ଅଛି ପୁଣି କାଲିକି ନାହିଁ
ହିଂସା କପଟରେ ଶତ୍ରୁତାକୁ କିଣି
ଲୋଭେ ମୋହେ ଚାଲେ ଆଗକୁ ଧାଇଁ।

ମୋର ମୋର ବୋଲି ସଭିଙ୍କୁ କହୁଛି
ମଲା ପରେ କେହି ଯିବେନି ସାଥେ
ଅଢେଇ ଦିନରେ ବଢେଇ ସାଜୁଛି
ସାଥି ଭୁଲିଯିବେ ବିପଦ ପଥେ।

ମକର ବଉଳ ସାଙ୍ଗ ମୈତ୍ର ସାଥୀ
ଅଢେଇ ଦିନରେ ଯୋଡେ ହଜାରେ
ଦୁଃଖ ବେଳେ ଯଦି ହାତ ବୁଲାଏ ସେ
ସବୁ ଲୁଚି ଯାନ୍ତି ଛଳ ବଜାରେ।

ଆସିବା ଦିନରେ କି ମଜା ମଉଜ
ଯିବା ଦିନେ କେତେ କୋହ କାନ୍ଦଣା
ମଝିରେ ବିପଦ ସମ୍ପଦର ଖେଳ
ଭଲ ଶୁଣିବାକୁ କେତେ ମନ୍ତ୍ରଣା !

ଯାହାକୁ ରୋଇଛ ନିର୍ମଳ ହାତରେ
ବଡ ହୋଇ ଭାଙ୍ଗି ପଡିବ ମୁଣ୍ଡେ
ଅତୀତକୁ ଭୁଲି ତୁମ ନିନ୍ଦା ଗାଇ
ଛାତି ବାଡେଇବ ଚାଲି ଗାଆଁ ଦାଣ୍ଡେ।

ପାନରୁ ଚୂନଟି ଖସି ଯିବ ଯଦି
ସ୍ୱାର୍ଥପର ସାଜି ହୋଇବ କାଳ
ସଂପର୍କ ସମ୍ବନ୍ଧ ଲିଭାଇ ଦେଇ ସେ
ଜାଳିବ ତୁମକୁ ସାଜି ଅନଳ।

ଅଢେଇ ଦିନର ଜୀବନ ସତରେ
କେତେ ଶିକ୍ଷା ଦିଏ ପ୍ରତି କ୍ଷଣରେ
କୁସୁମିତ ପାଇଁ କେତେ କଣ୍ଟା ଆସେ
ସହିବାକୁ ହୁଏ ବଡ ଧୈର୍ଯ୍ୟରେ।

ନିଆଁ ନ ଥିଲେ ବି ଧୂଆଁର ସର୍ଜନା
ପାଣି ପବନରେ ଦେଖେ ସେ ସର
ଧନ୍ୟରେ ଜୀବନ କହି ବସିପଡେ
ଆଖିରୁ ଝରାଇ ଲୋତକ ଧାର।

ତଥାପି ନ ହାରି ହରାଏ ସଭିଙ୍କୁ
ଲେଖିଯାଏ ତାର ଅଭୁଲା ସ୍ମୃତି
ଜୀବନ ସରିଲେ ଆତ୍ମା ତ ଶୁଣିବ
ରଖି ଯାଇଅଛି ଅମର କୀର୍ତ୍ତି।
**ଜମ୍ବିରା,କେନ୍ଦୁଝର**



**ଶୋଭାମୟୀ ପତ୍ରୀ**



## ଆମେ ଦେଇ ଶିଖିବା

ମୁନା ଓ ମାମୁନି ଦୁଇ ସାଙ୍ଗ, ସହପାଠୀ ଓ ପଡୋଶୀ ଅଟନ୍ତି। ଦୁହିଁଙ୍କ ପରିବାରର ସମ୍ପର୍କ ଅତି ନିବିଡ଼। ମୁନା ଟିକେ ଦୁଷ୍ଟ ଥିଲା ବେଳେ ମାନୁନି ଅତ୍ୟନ୍ତ ଶାନ୍ତ ଆଉ ନମ୍ର ସ୍ୱଭାବର ଥିଲା । ସେ ସମସ୍ତଙ୍କୁ ସାହାଯ୍ୟ କରିବା ସହିତ ସମସ୍ତଙ୍କ ସହ ମିଳିମିଶି ରହିବାକୁ ପସନ୍ଦ କରେ, ଅନେକ ସମୟରେ ସେ ତା ନିଜ ଟିଫିନ୍ ଗରିବ ପିଲାମାନଙ୍କୁ ବାଣ୍ଟି ଦିଏ, କାହାର ବହି, ଖାତା, କଲମ ନଥିଲେ ବି ତାକୁ ସାହାଯ୍ୟ କରିଥାଏ । ମାମୁନିର ଏ ଭଳି ଆଚରଣରେ ମୁନା ରାଗିଯାଇ ଅଧିକାଂଶ ସମୟ ତା ସହ ଝଗଡା କରିଥାଏ। ଦୁହିଁଙ୍କର ଅପଢ଼ ବିଷୟରେ ଜାଣି ମୁନାର ଜେଜେ ବହୁତ ମନ ଦୁଃଖ କରନ୍ତି, ସେ ମୁନାକୁ ଏକ ସୁନ୍ଦର ଗପ ମାଧ୍ୟମରେ ସଦବୁଦ୍ଧି ଦେବାକୁ ମନସ୍ତ କଲେ।ଦୁଇ ଜଣଙ୍କୁ ସାଙ୍ଗରେ ନେଇ ବଗିଚା ଆଡେ ଗଲେ, ଦୁଇ ନାତି ନାତୁଣୀଙ୍କୁ କୋଳରେ ବସାଇ ତାଙ୍କ ସାହିତ୍ୟ ବହିର ପିମ୍ପୁଡି ଓ ଝିଣ୍ଟିକା ଗପଟି ଶୁଣାଇଲେ ଏବଂ କହିଲେ, " ଦେଖ ପିଲେ ମଣିଷ ହେଉଛି ଭଗବାନଙ୍କର ସର୍ବ ଶ୍ରେଷ୍ଠ ସୃଷ୍ଟି, ବହୁତ ପୂଣ୍ୟ ବଳେ ଜୀବ ମନୁଷ୍ୟ ଜନମ ପାଏ ଏବଂ ସୃଷ୍ଟିର ସମସ୍ତ ଜୀବ ମାନଙ୍କ ଠାରୁ ମଣିଷ ଅଧିକ ବୁଦ୍ଧିଆ ଓ ବିବେକବାନ ଅଟେ, ଅନ୍ୟ ଜୀବ ମାନଙ୍କ ଠାରୁ ତାର ବିଚାର ଶକ୍ତି ଉନ୍ନତ ଧରଣର ଅଟେ , ସେ ଦୟା, ଦାନ, ଧର୍ମର ଅଧିକାରୀ ଅଟେ। ତା ଛଡା ମାନବ ଏକ ସାମାଜିକ ପ୍ରାଣୀ ଅଟେ। ସମାଜରେ ସମସ୍ତଙ୍କ ସହ ମିଳି ମିଶି ହସ ଖୁସିରେ ରହିବାକୁ ପସନ୍ଦ କରେ, ଏଥିପାଇଁ ତାକୁ ତା ପରିବେଶରେ ସମସ୍ତଙ୍କର ସାହାଯ୍ୟ ସହାନୁଭୁତିର ଆବଶ୍ୟକ ହୋଇଥାଏ ଯଦି ଆମେ କାହାକୁ କୌଣସି ସମୟରେ ସାହାଯ୍ୟ କରିଥିବା ତେବେ ପ୍ରତି ବଦଳରେ ଭଗବାନ ଆମକୁ ସହାୟ ହେବେ। ମଣିଷ ହୋଇ ଆମେ ସିନା ଏହା ବୁଝିପାରି ନ ଥାଉ ହେଲେ ଏଇ ସାମାନ୍ୟ ଛୋଟ ଜୀବ ପିମ୍ପୁଡି ଓ ଝିଣ୍ଟିକା ତାହା ବୁଝି ପାରି ଆବଶ୍ୟକ ସମୟରେ ଜଣେ ଅନ୍ୟ ଜଣଙ୍କୁ ସହାୟ ହୋଇ ପାରିଲେ, ଏହା କଣ ଆମ ଭଳି ମଣିଷଙ୍କୁ ମହା ଶିକ୍ଷା ନୁହେଁ କି। ତେବେ କହିଲୁ ମୁନା ମାମୁନି ତାର ଉଦାର ଗୁଣ ପାଇଁ ସବୁଠି ଆଦର ପାଇଲେ ତୁ ଈର୍ଷା କରିବା ମୂର୍ଖାମୀ ନୁହେଁ କି। ମୁନା ଏଥର ନିଜ ଭୁଲ ବୁଝି ପାରି ମାମୁନି ସହ ମିଟି କରି ନେଲା ଓ ଜେଜେଙ୍କୁ ପ୍ରଣାମ କରି ଆଗକୁ ଏଭଳି ବ୍ୟବହାର ନ କରିବା ପାଇଁ ଶପଥ କଲା । ଜେଜେ ଦୁଇଜଣଙ୍କ ମଥା ଆଉଁସି ଦେଇ କହିଲେ ଏଥର ମନେ ରଖିବ ପିଲେ ଆମେ ଦେଇ ଶିଖିଥିଲେ ଆମର ଆବଶ୍ୟକତା ପୂରଣ ପାଇଁ ଉପରେ ଭଗବାନ ଅଛନ୍ତି , ସେ ନିଶ୍ଚୟ ଆମ ବିପଦ ସମୟରେ ସହାୟ ହେବେ।

କେନ୍ଦ୍ରାପଡ଼ା



## ଆସ ହେ ଖେଳିବା ହୋଲି

**ଡଃ ତାନଶ୍ରୀ ପାଣିଗ୍ରାହୀ**

ସପ୍ତରଙ୍ଗର ବର୍ଣ୍ଣବିଭାରେ
ଆସ ହେ ଖେଳିବା ହୋଲି
ରାଗ ରୋଷା ଭୁଲି ସବୁରି ହୃଦୟେ
ପ୍ରୀତି ରଙ୍ଗ ଦେବା ବୋଳି...

ହୋଲି ନେଇ ଆସେ ମୁଠା ମୁଠା ସ୍ୱପ୍ନ
ଫୁଲର ଚାଙ୍ଗୁଡ଼ି ଭରି
ନେଇ ଆସେ ପୁଣି ମନ କୋଣାର୍କରେ
ନୂଆ ଆଶା ଅସୁମାରୀ...

ମଧୁମୟ କରେ ଶୁଷ୍କ ପ୍ରାଣକୁ
ପ୍ରୀତିର ରଙ୍ଗେ ଭିଜାଇ
ଫଗୁଣର ମିଠା ମିଠା ମହକରେ
ମିଳନ ଫଲଗୁ ଝରାଇ...

ହୋଲି ନେଇ ଆସେ ମାନବିକତାର
ମହାମନ୍ତ୍ରର ସ୍ମୃତି
ଜାତି ଧର୍ମ ଭୁଲି ଭିନ୍ନତା ପାଶୋରି
ମନରେ ଏକତା ଗୀତି...

ହୋଲିର ରଙ୍ଗରେ ରଙ୍ଗାୟିତ ହୁଏ
ଲିଭେ ସବୁ ଅଭିମାନ
ପ୍ରଣୟ କୁଞ୍ଜରେ ରାଧାକୃଷ୍ଣଙ୍କର
ପବିତ୍ର ରାସ ମିଳନ ...

ହୋଲି ଆଣିଥାଏ ଶାନ୍ତି, ମୈତ୍ରୀ, ପ୍ରୀତି
ହୃଦୟର ପ୍ରତିକୋଣେ
ଛଳନାର ରଙ୍ଗ ପୋଛି ହୋଇଯାଉ
ସଭିଙ୍କ ପ୍ରେମ ଜୀବନେ ||

*ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ବାଲିଆ,ବାଲେଶ୍ୱର *
ମୋ -୯୩୩୭୩୦୪୨୯୫

## ନାରୀ

**ବାସନ୍ତୀ ଲତା ଜେନା**

ନାରୀ ନାରାୟଣୀ ଦେବତାର ଅଂଶ
ନୁହେଁ ସିଏ ପରାଜିତା
ବସୁମତୀ ପରି ସର୍ବଂସହା ସିଏ
ଦୁଃଖ ପିଇ ହୁଏ ସୀତା ।୧।
ଯେଉଁ ଘରେ ନାରୀ ଅଭାବ ରହଇ
ସେ ଘର ମଶାଣି ତୁଲ
ନାରୀର ସ୍ପର୍ଶରେ ଘର ପୂରି ଉଠେ
ଲକ୍ଷ୍ମୀ ବାସ ପ୍ରୀତି ଫୁଲ ।୨।
ଦୁହିତା ଭଗିନୀ ଜାୟା ଓ ଜନନୀ
ନାରୀର ଚାରୋଟି ରୂପ
ପ୍ରତି ରୂପେ ସେତ ଅପରାଜିତା ସେ
ଲକ୍ଷ୍ମୀ ପାର୍ବତୀ ସ୍ୱରୂପ ।୩।
ଦୁହିତା ରୂପରେ ଖୁସି ଦେଇ ଥାଏ
ଭାଇକୁ ସ୍ନେହର ଡୋର
ଜାୟା ରୂପେ ସେତ ପତ୍ନୀ ସାଜି ଥାଏ
ପରକୁ କରେ ନିଜର ।୪।
ଜନନୀ ରୂପରେ ଗର୍ଭ ଧରିଣୀ ସେ
କରେ ସନ୍ତାନ ପାଳନ
ମହାଲକ୍ଷ୍ମୀ ପରି ଅନ୍ନପୂର୍ଣ୍ଣ ସାଜେ
ଅତିଥି ଦେବ ପୂଜନ ।୫।
ବିପଦ ସମୟେ ମହାକାଳୀ ସାଜେ
ଅବା ଦୁର୍ଗା ଦଶ ଭୁଜା
ମନ ଟାଣ କରେ ବିପଦ ହଟାଏ
ଯଶ ଖ୍ୟାତି ଉଡେ ଧ୍ୱଜା ।୬।
ନାରୀ କେବେ ହେଲେ ପଛୁଆ ନୁହଇ
ଅଗ୍ରଣୀ ସେ ସବୁ ଠାରେ
ପୂରାଣ ଯୁଗରୁ ବର୍ତ୍ତମାନ ଯାଏ
ଇତିହାସ ଗାନ କରେ ।୭।
ଆଜିର ନାରୀ ଯେ ଜଳ ସ୍ଥଳ ବ୍ୟୋମେ
ସବୁଠାରେ ତାର ସ୍ଥିତି
ଦେଶ ଶାସନରେ ଭାଗ ନେଉ ଥାନ୍ତି
ଘର ବି ସମ୍ଭାଳୁ ଥାନ୍ତି ।୮।
ତ୍ରେତୟା ଯୁଗରେ ପ୍ରଭୁ ରାମ ଚନ୍ଦ୍ର
ରାବଣର ବଦ୍ଧ ପାଇଁ
ମାତା ପାର୍ବତୀଙ୍କ ପୟର ପୂଜିଲେ
ନୀଳ ପଦ୍ମ ଫୁଲ ଦେଇ ।୯।
ମହିଷା ସୁରର ନିଧନ ପାଇଁ କି
ମହିଷା ମର୍ଦ୍ଦିନୀ ହେଲେ
ପାପକୁ ବିନାଶି ଧର୍ମର ସ୍ଥାପନା
ନାରୀ ହିଁ ତ କରି ଥିଲେ ।୧୦।
ସେହି ନାରୀ ଅଟେ ଚିର ବନ୍ଦନୀୟା
ଚରଣରେ ନମସ୍କାର
ମମତା ମୟୀ ସେ ସ୍ନେହ ପ୍ରଦାୟିନୀ
କରୁଣାର ଫୁଲ ହାର ।୧୧।
**ଗାନ୍ଧିନଗର, ପୋଷ୍ଟ /ଜିଲ୍ଲା :ନବରଙ୍ଗପୁର ।**







**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**



## କାହା ପାଇଁ ଉତ୍ସବ

ପ୍ରତି ବର୍ଷ ମାର୍ଚ୍ଚ ଆଠ ତାରିଖରେ ବିଶ୍ୱ ମହିଳା ଦିବସ ପାଳିତ ହେଉଛି। ଭାରତରେ ମଧ୍ଯ ଉତ୍ସାହ କମ୍ ନାହିଁ। ସଭା ସମିତି ଓ ଉତ୍ସବ ମଧ୍ଯ ଆୟୋଜିତ ହେଉଛି। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳା ମାନଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରୁଛନ୍ତି ଅନେକ ସଂସ୍ଥା। ତେବେ ପ୍ରଶ୍ନ ଉଠେ, ଯେଉଁ ସମାଜରେ ନାରୀ ଟିଏ ଆଦୌ ସୁରକ୍ଷିତ ନୁହେଁ, ସେଠି ଏହି ଉତ୍ସବ ପାଳନ ଗୋଟେ ପ୍ରହସନ ନୁହେଁ କି? ଏଠାରେ ଉଲ୍ଲେଖଯୋଗ୍ୟ ପ୍ରସିଦ୍ଧ ନାରୀ ବାଦୀ ଲେଖିକା ସିମୋନ୍ ଡି ବିଭୋର୍ ଙ୍କ ଉକ୍ତି , ଜଣେ ମହିଳା ହୋଇ ଜନ୍ମ ହୋଇ ନଥାଏ, ବରଂ ତାକୁ ମହିଳା ରେ ପରିବର୍ତ୍ତିତ କରା ଯାଇଥାଏ। ଆମ ସମାଜ ତାର ତଥା କଥିତ ନିୟମ, ସଂଜମ ଓ ବାରଣ ଦ୍ୱାରା ଝିଅର ଗଜୁରି ଆସୁଥିବା ଡେଣାକୁ କାଟି ଦେଇଥାଏ। ତାକୁ ଦିଆ ଯାଇଥିବା ସୀମିତ ଆକାଶ ହିଁ ତାର ଉଡ଼ିବା ପାଇଁ ଉଦ୍ଦିଷ୍ଟ ଥାଏ। ନିକଟରେ ଏକ ଘରୋଇ ବିଶ୍ୱ ବିଦ୍ୟାଳୟରେ ଘଟିଥିବା ହୃଦୟ ବିଦାରକ ଛାତ୍ରୀ ଆତ୍ମହତ୍ୟା ଏହାର ଜ୍ୱଳନ୍ତ ଉଦାହରଣ। ଛାତ୍ରୀ ଜଣଙ୍କ ନିଜ ପୁରୁଷ ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇ, ବ୍ଲାକମେଲ୍ ର ଶିକାର ହୋଇ ଶେଷରେ ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ନେଲେ। ଏଥିରେ କର୍ତ୍ତୃପକ୍ଷ ବା ଅନୁଷ୍ଠାନ ବିରୁଦ୍ଧରେ ସମସ୍ତେ ବିକ୍ଷେଦଗାର କରୁଥିବା ବେଳେ ଆମେ ମୂଳ କାରଣକୁ ଏଡ଼ାଇ ଦେଉଛେ। ସେହି ତଥା କଥିତ ପ୍ରେମୀ ଯୁଗଳଙ୍କ କଥୋପକଥନ କୁ ଶୁଣିଲେ ସ୍ୱତଃ ଘୃଣା ସୃଷ୍ଟି ହେବ। ଗୋଟିଏ ପୁଅ, ଗୋଟିଏ ଝିଅ ପ୍ରତି ଏତେ କଦର୍ଯ୍ୟ ଭାଷା ପ୍ରୟୋଗ କରେ କିପରି? ଏହା ତ ସେ ପ୍ରଥମ ଥର କରି ନଥିବ। ଆରମ୍ଭରୁ ଝିଅଟି ପ୍ରତିବାଦ ନକରି ଏହାକୁ ମୁଣ୍ଡ ପାତି ସହିବା ହିଁ ନିଜ ଅସ୍ତିତ୍ୱ ପ୍ରତି ଅପମାନ। ନିଜକୁ ଅପମାନ ସୂଚକ ସମ୍ବୋଧନ କରିବାକୁ ନିର୍ଦ୍ଦେଶ ଦେଇଥିବା ପୁଅର କଥା ଝିଅଟି ମାନେ କାହିଁକି? ଏହି ସବୁ କାରଣରୁ ତାର ସାହସ ବଢେ ଏବଂ ସେ ଯଥେଚ୍ଛା କାର୍ଯ୍ୟ ସିଦ୍ଧି ଲାଭ କରେ। ଆମର ସମାଜ ଏପରି ଯେ ଗୋଟିଏ ଅନ୍ତରଙ୍ଗ ଦୃଶ୍ୟ ରେ ସବୁ ଦୋଷ ଝିଅକୁ ଦିଆ ଯିବା ବେଳେ ପୁଅର ଦୋଷ କୁଆଡେ ଉହ୍ୟ ରହିଯାଏ। ଅନେକ ଯୁକ୍ତି କରନ୍ତି ଯେ ବିବାହ ପୂର୍ବରୁ ସଂପର୍କ ରଖିବା ପାଇଁ ଅନୁମତି ଦେବା ସମ୍ପୂର୍ଣ୍ଣ ରୂପେ ଝିଅର ଭୁଲ୍। ମାତ୍ର ଏଠାରେ ଆମେ ଏକ ତରଫା ବିଚାର ହିଁ କରୁ। ବିବାହ ପୂର୍ବରୁ ସମ୍ପର୍କ ରଖିବା, ଲିଭ୍ ଇନ୍ ରେ ରହିବା ଆଦି ସାମାଜିକ ବିଚ୍ୟୁତିକୁ ନ୍ୟାୟାଳୟ ଅନୁମତି ଦେଉ ଥିବା ବେଳେ ଏସବୁ ସମାଜରେ ଗ୍ରହଣୀୟ ନୁହେଁ। ସାମାଜିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ପରିବାର କେହି ଏ ନେଇ ସମ୍ବେଦନଶୀଳ ନୁହନ୍ତି। ଗତ କିଛି ମାସ ତଳେ ଘଟିଥିବା କୋଲକାତା ମହିଳା ଡାକ୍ତରଙ୍କ ମର୍ମନ୍ତୁଦ ହତ୍ୟା ଗୋଟିଏ ରହସ୍ୟ ହୋଇ ରହିଗଲା ଭଳି ଏହି ଘଟଣା ମଧ୍ଯ ରହି ଯିବ। କିଛି ଦିନ ପରେ ସମସ୍ତେ ଏହାକୁ ଭୁଲି ଯିବେ ଓ ପୁଣି ଗୋଟେ ନୂଆ ଅପରାଧ ଘଟିବ। ଅନ୍ତର୍ଜାତୀୟ ସର୍ଭେ ଅନୁସାରେ ୨୦୧୯ ରେ ଭାରତ ନାରୀ ମାନଙ୍କ ପାଇଁ ବିଶ୍ୱର ସବୁଠାରୁ ଅସୁରକ୍ଷିତ ଦେଶ ଥିଲା। ବିଗତ ପାଞ୍ଚ ବର୍ଷ ମଧରେ ନାରୀ ନିର୍ଯାତନା ଜନିତ ଅପରାଧ ୭୯ପ୍ରତିଶତ ବୃଦ୍ଧି ପାଇଛି। ୨୦୨୪ ସୁଦ୍ଧା ୪,୦୦, ୦୦୦ ଅପରାଧିକ ମାମଲା ରୁଜୁ ହୋଇଛି। ୨୦୨୨ ରେ ୩୧,୫୧୬ ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା। ଅଦ୍ୟାବଧି ଏହା ଏକ ବୃହତ୍ ସଂଖ୍ୟା । ଅନେକ ଅପରାଧିକ ମାମଲା ମଧରୁ ୯୩୨ ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳା କର୍ମଚାରୀ ମଧ୍ଯ ଅଛନ୍ତି। ନିଜର ସହକର୍ମୀ ତଥା ଉପରିସ୍ଥ ଅଧିକାରୀ ମାନେ ବିଭିନ୍ନ ଶାରୀରିକ ଓ ମାନସିକ ନିର୍ଯ୍ୟତନା ଦେଇ ଥାଆନ୍ତି।ଅନେକ ମହିଳା ସାମାଜିକ ନିନ୍ଦା ଭୟରେ ଏସବୁକୁ ନୀରବରେ ସହ୍ୟ କରି ଯାଆନ୍ତି। ଘରୋଇ ହିଂସା କଥା ତ ନ କହିବା ଭଲ।୨୦୨୧-୨୩ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରୁ ଜଣା ଯାଏ କି ଭାରତରେ ୨୯.୩ ଶତକଡ଼ା ମହିଳା ଘରୋଇ ହିଂସାର ଶିକାର ହୁଅନ୍ତି। ଏପରିକି ୩.୧ ଶତକଡା ମହିଳା ଗର୍ଭବତୀ ଅବସ୍ଥାରେ ମଧ୍ଯ ଶାରିରୀକ ଓ ମନସିକ ନିର୍ଯାତନାର ଶିକାର ହୁଅନ୍ତି। ୨୦୨୪ରେ ୧୨, ୦୬୬ଟି ଘରୋଇ ହିଂସାର ମାମଲା ରୁଜୁ ହୋଇଥିଲା ବେଳେ ଏଥିରୁ ୩୨୪୭ ଟି ଅତି ଗୁରୁତର ଥିଲା। ୫,୫୦୮ ଟି ମାମଲା ମାନସିକ ନିର୍ଯାତନା ଥିବା ବେଳେ ୩,୫୬୯ ଜଣ ଅପମାନଜନକ ସ୍ଥିତି ର ଉଲ୍ଲେଖ କରିଚନ୍ତି। ମାଆକୁ ସୁରକ୍ଷା, ସମ୍ମାନ ଦେବା କଥା କେବଳ ସ୍ଲୋଗାନ ରେ ସିମୀତ ହୋଇ ରହି ଯାଉଚି। ଆଧୁନିକତା ର ଦ୍ୱାହି ଦେଇ ଜନ୍ମ ଦେଲା ମାଆ କୁ ବୃଦ୍ଧାଶ୍ରମ ରେ ଛାଡି ଆସୁଛି ପୁଅ। ଏହି ବର୍ଷ ମହକୁମ୍ଭ ମେଳାରେ ଜଣେ ଅସହାୟା ବୃଦ୍ଧା ଙ୍କୁ ଉଦ୍ଧାର କଲା ବେଳେ ଜଣା ପଡିଥିଲା କି ପୁଅ ତୀର୍ଥ କରାଇବାକୁ ଆଣି ଭିଡ଼ରେ ମାଆର ହାତ ଛାଡ଼ି ଦେଇ ଉଭାନ ହୋଇଯାଇଥିଲା। ଭାବିଲେ କେତେ ଦୁଃଖ ଲାଗୁଛି, ଯେଉଁ ମାଆ ପିଲାକୁ ମଣିଷ କରିବା ପାଇଁ ନିଜର ସମ୍ପୂର୍ଣ୍ଣ ଜୀବନ ଉତ୍ସର୍ଗ କରି ଦେଇଥାଏ, ତା ପ୍ରତି ଏପରି ବ୍ୟବହାର ପୁଅ କରେ କେମିତି? ଆମର ଦେଶ ନାରୀ ଶକ୍ତି କୁ ସମ୍ମାନ ଦେଉଥିବା ବେଳେ ଆମର ସମାଜ ନାରୀକୁ ଉଚ୍ଚ ସ୍ଥାନ ଦିଏ ନାହିଁ। ସାମାଜିକ ଗଣମାଧମରେ ବିଭିନ୍ନ ସମୟରେ ନାରୀ ମାନଙ୍କୁ ସହଜ ଲବ୍ଧ ବିଜ୍ଞାପନ ଭାବରେ ଦର୍ଶା ଯାଇଥାଏ। ଆମର ଦିଗଭ୍ରଷ୍ଟ ଯୁବ ପୀଢ଼ି ଏଥିରୁ ଶିକ୍ଷା ଲାଭ ନ କଲେ ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତି ଘଟି ପାରେ। ପିତା ମାତା ମାନେ ନିଜର ପିଲା ମାନଙ୍କ ସହ ବନ୍ଧୁ ପରି ବ୍ୱବହାର କରି ସେମାନଙ୍କ ମନରୁ ଅବସାଦ ଓ ଉଦ୍ ବେଗକୁ ଦୂର କରିବା ଉଚିତ୍। ଆମର ଅଣଦେଖାରେ ଯେ ଆମ ପିଲାଟି ଅପରାଧୀ ଟିଏ ପାଲଟି ଯାଇଥାଏ, ଏକଥା ପ୍ରତି ପିତାମାତା ଯେତେ ଅଧିକ ସଚେତନ ହେବେ, ସେତେ ଅଧିକ ଗୋଟେ ଅପରଧମୁକ୍ତ ସମାଜର ସ୍ୱପ୍ନ ଆମେ ଦେଖି ପାରିବା। ଝିଅ କୁ ନୁହେଁ, ପୁଅକୁ ଉପଦେଶ ଦେବା ସଞ୍ଜମ ଓ ନିୟନ୍ତ୍ରଣ ରକ୍ଷା ପାଇଁ। ନଚେତ୍, ଆମର ଆନ୍ତରିକ ଚେଷ୍ଟା ବିନା ଏହି ମହିଳା ଦିବସ କେବଳ ଏକ ଔପଚାରିକତା ରେ ରହିଯିବ ।

**ବ୍ୟାସନଗର, ମୋବାଇଲ୍: ୯୪୩୮୦୬୪୪୬୪**

# ଶିଳ୍ପ ପ୍ରଗତି ସହ ପରିବେଶ ସନ୍ତୁଳନ ଏକାନ୍ତ ଆବଶ୍ୟକ:ରାଜ୍ୟପାଳ

ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ): ଶିଳ୍ପ ପ୍ରଗତି ସହିତ ପରିବେଶଗତ ସନ୍ତୁଳନ ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଆଜି ବିଜୁ ପଟ୍ଟନାୟକ ପ୍ରଦର୍ଶନୀ ପଡ଼ିଆ, ବରମୁଣ୍ଡାଠାରେ ଆୟୋଜିତ ଓଡ଼ିଶା ମାଇନିଂ ଏକ୍ସପୋ ଏବଂ କନକ୍ଲେଭରେ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ଇଣ୍ଡଷ୍ଟ୍ରି ଲିଡର, ନୀତି ନିର୍ଦ୍ଧାରକ ଏବଂ ବିଶେଷଜ୍ଞମାନଙ୍କୁ ସମ୍ବୋଧିତ କରି ରାଜ୍ୟପାଳ କହିଥିଲେ ଯେ, ଭାରତର ଖଣିଜ-ଭିତ୍ତିକ ଅର୍ଥନୈତିକ ଅଭିବୃଦ୍ଧିରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଖଣି ଓଡ଼ିଶାର ଅର୍ଥନୀତିର ମେରୁଦଣ୍ଡ ହୋଇଛି, ଯାହା ନିଯୁକ୍ତି, ଭିତ୍ତିଭୂମି ଏବଂ ଶିଳ୍ପ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ଲୁହାପଥର, ବକ୍‌ସାଇଟ୍, କୋଇଲା, ମାଙ୍ଗାନିଜ୍ ଏବଂ କ୍ରୋମାଇଟ୍‌ର ବିପୁଳ ଭଣ୍ଡାର ସହିତ ଓଡ଼ିଶା ଭାରତର ସମ୍ପଦ-ଚାଳିତ ବିକାଶରେ ଏକ ପ୍ରମୁଖ ରାଜ୍ୟଭାବରେ ନିଜକୁ ସ୍ଥାପିତ କରିଛି।

ରାଜ୍ୟପାଳ କହିଥିଲେ ଯେ ଆଜି ଖଣି କେବଳ ସମ୍ପଦ ଖନନ ଓ ନିଷ୍କାସନ ନୁହେଁ ବରଂ ସ୍ଥାୟୀ ବିକାଶ, ପ୍ରଯୁକ୍ତିବିଦ୍ୟା ଏବଂ ସମାଜ କଲ୍ୟାଣକୁ ପ୍ରାଥମିକତା ଦେଉଛି। ସ୍ୱୟଂଚାଳିତକରଣ, ଡିଜିଟାଲାଇଜେସନ୍ ଏବଂ ସବୁଜ ଖଣି ପଦକ୍ଷେପ ଶିଳ୍ପକ୍ଷେତ୍ରକୁ ରୂପାନ୍ତରିତ କରୁଛି। କୃତ୍ରିମ ବୁଦ୍ଧିମତ୍ତା, ତଥ୍ୟ ବିଶ୍ଳେଷଣ ଏବଂ ଆଧୁନିକ ଅନୁସନ୍ଧାନ କୌଶଳର ବ୍ୟବହାର ଫଳରେ ଦକ୍ଷତା ବୃଦ୍ଧି କରିବା ସହିତ ପରିବେଶଗତ ପ୍ରଭାବକୁ ହ୍ରାସ କରୁଛି। ଦାୟିତ୍ୱପୂର୍ଣ୍ଣ ଖଣି କାର୍ଯ୍ୟକ୍ରମ କ୍ଷେତ୍ରରେ ଓଡ଼ିଶାର ନେତୃତ୍ୱ ପ୍ରତି ସନ୍ତୋଷ ପ୍ରକାଶ କରି ରାଜ୍ୟପାଳ ଏହି କ୍ଷେତ୍ରରେ କର୍ପୋରେଟ୍ ସାମାଜିକ ଦାୟିତ୍ୱ (ଉଝଜ) ଉପରେ ରାଜ୍ୟପାଳ ଗୁରୁତ୍ୱ ଗୁରୁତ୍ୱାରୋପ କରିଥିଲେ। ଖଣି ପ୍ରଭାବିତ ଅଞ୍ଚଳରେ ପ୍ରଭାବିତ ଗୋଷ୍ଠୀଙ୍କ କଲ୍ୟାଣ, ପରିବେଶ ସଂରକ୍ଷଣ ଏବଂ ପୁନର୍ବାସକୁ ପ୍ରାଥମିକତା ଦିଆଯିବା ଉପରେ ଗୁରୁତ୍ୱାରୋପ କରିବା ସହିତ ବନୀକରଣ, ଜଳ ସଂରକ୍ଷଣ ଏବଂ ଗୋଷ୍ଠୀ ଉନ୍ନୟନକୁ ପ୍ରାଥମିକତା ଦେବାକୁ କହିଥିଲେ।



ମାଇନିଂ ଏକ୍ସପୋ ଓ କନ୍‌କ୍ଲେଭରେ ନୀତି ନିର୍ଦ୍ଧାରକ ଏବଂ ଶିଳ୍ପ ବିଶେଷଜ୍ଞଙ୍କ ମଧ୍ୟରେ ଆଲୋଚନା, ପର୍ଯ୍ୟାଲୋଚନା ମାଧ୍ୟମରେ ଶିଳ୍ପ ପ୍ରଗତି ଓ ପରିବେଶଗତ ସନ୍ତୁଳନ ଉପରେ ଭାବ ବିନିମୟ ଓ ଜ୍ଞାନ ଅର୍ଜନ ପାଇଁ ନିଆଯାଇଥିବା ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ସେମାନଙ୍କର ଅର୍ନ୍ତଦୃଷ୍ଟି ଦାୟିତ୍ୱପୂର୍ଣ୍ଣ ଖଣି ପରିଚାଳନା ଏବଂ ସ୍ଥାୟୀ ଆର୍ଥିକ

ଅଭିବୃଦ୍ଧିକୁ ପ୍ରୋସାହିତ କରୁଥିବା ନୀତିଗୁଡ଼ିକୁ ଆପଣେଇବାରେ ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ଏକ ଉତ୍ପାଦନକ୍ଷମ, ଦକ୍ଷ ଏବଂ ସାମାଜିକ ଦାୟିତ୍ୱବୋଧ ଥିବା ଖଣି କ୍ଷେତ୍ର ପାଇଁ ସାମୁହିକ ଭାବେ କାର୍ଯ୍ୟ କରିବାକୁ ସମସ୍ତ ଅଂଶୀଦାରମାନଙ୍କୁ ରାଜ୍ୟପାଳ ଡ. କମ୍ଭମ୍ପାଟି ଆହ୍ୱାନ ଜଣାଇଥିଲେ। ଫ୍ୟୁଚରେକ୍ସ୍‌ର ଅଧ୍ୟକ୍ଷ ସ୍ୱାମୀ ପ୍ରେମ ଅନ୍ୱେଷୀ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଆୟୋଜକ କମିଟିର ଅଧ୍ୟକ୍ଷ ତଥା ନାଲ୍‌କୋର ପୂର୍ବତନ ସିଏମ୍‌ଡି ଡ. ତପନ୍ ଚାନ୍ଦ ମାଇନିଂ ଏକ୍ସପୋ ଆଣ୍ଡ କନ୍‌କ୍ଲେଭ୍‌ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଏବଂ କାର୍ଯ୍ୟାଧାରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଲୁମିନସ୍ ଇନ୍‌ଫୋୱେଜ୍‌ର ଏମ୍.ଡି. ଜୟଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କିମ୍ବଦନ୍ତୀ

ବଂଶୀବାଦକ ପଦ୍ମବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି / କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ବିୟୋଗରେ ବିଜେପିର ଶୋକ



ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ): ଓଡ଼ିଶାର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ଅନନ୍ତ ଦାସ(୮୬)ଙ୍କ ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ନିର୍ବାଚନ ମଣ୍ଡଳୀରୁ ଲଗାତାର ୪ଥର ବିଧାୟକ ରହିଥିଲେ। ଓଡ଼ିଶା ସରକାରଙ୍କ ଶିଳ୍ପମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଏଥିସହ ଅନ୍ୟାନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ରାଜ୍ୟର ବିକାଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଶୋକବ୍ୟକ୍ତ କରିଛନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତଃ ଦାସଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ଶ୍ରୀ ସାମଲ ସମବେଦନା ଜ୍ଞାପନ କରିଛନ୍ତି।

## କଂଗ୍ରେସର ଅସଲ ଚେହେରା ପଦାରେ ପଡ଼ିଛି : ବିଜେପି ମୁଖପାତ୍ର



ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ): ଗତ କାଲି ସମଗ୍ର ବିଶ୍ୱ ଯେତେବେଳେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରୁଥିଲା, ସେତେବେଳେ କଂଗ୍ରେସ ଶାସିତ କର୍ଣ୍ଣାଟକ ପ୍ରଦେଶରୁ ଆସିଥିବା ଏକ ଦୁଃଖଦ ସମ୍ବାଦ ସମସ୍ତଙ୍କୁ ବ୍ୟଥିତ କରିଥିଲା। ପର୍ଯ୍ୟଟନ ପାଇଁ କର୍ଣ୍ଣାଟକ ଯାଇଥିବା ୨ ଜଣ ମହିଳାଙ୍କୁ ଦୁଷ୍କର୍ମ କରାଯାଇ ଅତ୍ୟନ୍ତ ନୃଶଂସ ଭାବେ ହତ୍ୟା କରାଯିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ। ଏହି ଘଟଣାରେ ଓଡ଼ିଶାର କନ୍ଧମାଳ ଜିଲ୍ଲାର ଜଣେ ଯୁବକଙ୍କୁ କେନାଲକୁ ଠେଲି ଦେଇ ହତ୍ୟା କରାଯାଇଛି। ଏହି ଅମାନବୀୟ ଘଟଣାରେ ୩ ଜଣ ସାମିଲ ଥିବାବେଳେ ବର୍ତ୍ତମାନ ସୁଦ୍ଧା ଅପରାଧୀଙ୍କୁ ଗିରଫ କରିବାରେ ବିଫଳ ହୋଇଛି କର୍ଣ୍ଣାଟକ ସରକାର। ଅନ୍ୟ ପଟେ ଓଡ଼ିଶାରେ ମହିଳା ସୁରକ୍ଷାକୁ ପ୍ରସଙ୍ଗ କରି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରୁଥିବା କଂଗ୍ରେସ ଦଳ କର୍ଣ୍ଣାଟକ ପ୍ରସଙ୍ଗରେ ସମବେଦନା ଜଣାଇ ଦୁଃଖ ପ୍ରକାଶ କରିବା ତ ବହୁ ଦୂର କଥା, ସାମାନ୍ୟତମ ନିନ୍ଦା ମଧ୍ୟ କରିନାହାନ୍ତି। ଓଡ଼ିଶାର ଜଣେ ହେଲେ କଂଗ୍ରେସ ନେତା ପାଟି ଖୋଲିନାହାନ୍ତି। କଂଗ୍ରେସ ଦଳର ଏଭଳି ଦୋମୁହାଁ ନୀତି ନିଜ ଚେହେରାର ଅସଲ ମୁଖା ଖୋଲିଦେଇଛି। ବାସ୍ତବରେ ନିଜ ଅସ୍ତିତ୍ୱ ବଞ୍ଚାଇ ରଖିବା ପାଇଁ ଓଡ଼ିଶାରେ କଂଗ୍ରେସ ନେତାମାନେ ପ୍ରୟାସ ଜାରି ରଖି ପ୍ରତିଦିନ ଡ୍ରାମାବାଜୀ କରୁଛନ୍ତି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

- ଓଡ଼ିଶା କଂଗ୍ରେସ ନେତୃବୃନ୍ଦ ସମବେଦନା ଜଣାଇବା ଦୂର କଥା, ସାମାନ୍ୟତମ ନିନ୍ଦା ମଧ୍ୟ କରିନାହାନ୍ତି
- ନିଜ ଅସ୍ତିତ୍ୱ ବଞ୍ଚାଇ ରଖିବା ପାଇଁ ଓଡ଼ିଶାରେ କଂଗ୍ରେସ ନେତାମାନେ ପ୍ରୟାସ ଜାରି ରଖି ପ୍ରତିଦିନ ନାଟକବାଜୀ କରୁଛନ୍ତି

● ଆଇନଜୀବୀଙ୍କ ପାଇଁ ଗାଇଡ୍‌ଲାଇନ୍

## ଖରାଦିନେ କଳାକୋଟ୍ ଇଚ୍ଛାଧୀନ

କଟକ,୯।୩(ସଂଚାର ବ୍ୟୁରୋ): ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ବ୍ୟତୀତ ଅନ୍ୟ ସମସ୍ତ କୋର୍ଟରେ ରାଜ୍ୟ ଆଇନଜୀବୀ ପରିଷଦର ଆଇନଜୀବୀମାନଙ୍କ ନିମନ୍ତେ ଗ୍ରୀଷ୍ମକାଳୀନ ପୋଷାକ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ଶୁକ୍ରବାର ଜାରି କରାଯାଇଛି। ଅତ୍ୟଧିକ ଗରମ ତଥା ଅସହ୍ୟନୀୟ ତାତିକୁ ଦୃଷ୍ଟିରେ ରଖି ରାଜ୍ୟ ଆଇନଜୀବୀ ପରିଷଦ ଗ୍ରୀଷ୍ମ ସମୟରେ ଆଇନଜୀବୀଙ୍କ ନିମନ୍ତେ ସାଧାରଣତଃ ପରିଧାନ କରାଯାଉଥିବା ବୃତ୍ତିଗତ ପୋଷାକ ନିୟମରେ ବାର୍ କାଉନସିଲ ଅଫ୍ ଇଣ୍ଡିଆ ଅଧିନିୟମ ଅନୁଯାୟୀ କୋହଳ ନିଷ୍ପତ୍ତି ନେଇଛନ୍ତି। ସୁପ୍ରିମକୋର୍ଟ ଓ ହାଇକୋର୍ଟ ବ୍ୟତୀତ ଜିଲା ତଥା ଅନ୍ୟ କୋର୍ଟଗୁଡିକରେ ଆଇନଜୀବୀଙ୍କ ପାଇଁ ଆଡ୍‌ଭୋକେଟ୍ ଗାଉନ୍ ପରିଧାନ ଇଚ୍ଛାଧୀନ କରାଯାଇଛି। ତେଣୁ ଗ୍ରୀଷ୍ମଋତୁରେ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ବ୍ୟତୀତ ଜିଲା ତଥା ଅନ୍ୟ କୋର୍ଟରେ ଧଳା ଶାର୍ଟ, କଳା ପ୍ୟାଣ୍ଟ କିମ୍ବା କଳା ଧଳା ଗାରଯୁକ୍ତ କିମ୍ବା ଧୂସର ରଙ୍ଗର ପ୍ୟାଣ୍ଟ ଏବଂ ଧଳା ଟାଇ (ଗଳାବନ୍ଧ) ଓ କଲାର ବ୍ୟବହାର କରିପାରିବେ। ଏହି ପୋଷାକ ସମ୍ବନ୍ଧୀୟ ନିୟମ ଏପ୍ରିଲ ୬ରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ।



## ଆଇଆଇଟି ଭୁବନେଶ୍ୱରରେ ସ୍ମାର୍ଟ ଗ୍ରୀଡ୍ କର୍ମଶାଳା

ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ): ସ୍ମାର୍ଟ ଗ୍ରୀଡ୍ ଟେକ୍ନୋଲୋଜିରେ ସାମ୍ପ୍ରତିକ ବିକାଶ ଉପରେ ଚତୁର୍ଥ ଜାତୀୟ କର୍ମଶାଳା (ଘଡଝଏଷ୍ଟ-୨୦୨୫) ୭ ଏବଂ ୮ ମାର୍ଚ୍ଚ ୨୦୨୫ ରେ ଆଇଆଇଟି ଭୁବନେଶ୍ୱରର ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ୍ ଆଣ୍ଡ୍ କମ୍ପ୍ୟୁଟର ସାଇନ୍ସରେ ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳା ଝକ୍ତଙ୍କଙ୍କବ୍ଧ;ଇଲେକ୍ଟ୍ରିକ୍ ମୋବିଲିଟି ଆଣ୍ଡ୍ ସ୍ମାର୍ଟ ଗ୍ରୀଡ୍ସଝକ୍ତଙ୍କଙ୍କବ୍ଧ; ର



ପ୍ରମୁଖ ବିଷୟବସ୍ତୁ ଉପରେ କେନ୍ଦ୍ରିତ ଥିଲା।

ଗ୍ରିଡକୋର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ତ୍ରିଲୋଚନ ପଣ୍ଡା ମୁଖ୍ୟ ଅତିଥି ଏବଂ ଆଇଆଇଟି (ଆଇଏସଏମ), ଧନବାଦର ନିର୍ଦ୍ଦେଶକ ପ୍ରଫେସର ସୁକୁମାର ମିଶ୍ର ସମ୍ମାନିତ ଅତିଥି ଭାବରେ ଉଦ୍ଘାଟନୀ ସମାରୋହରେ ଯୋଗଦେଇ ଉଦୀୟମାନ ସ୍ମାର୍ଟ ଗ୍ରୀଡ୍ ଏବଂ ଇଭି ପ୍ରଯୁକ୍ତିର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ଏସ.ଆର. ସାମନ୍ତରାୟ ଉଦ୍ଘାଟନୀ ଭାଷଣ ଦେଇ କହିଥିଲେ ଯେ ଏହା ଘଡଝଏଷ୍ଟର ଚତୁର୍ଥ ସଂସ୍କରଣ, ଯାହା ଗତ ୧୧ ବର୍ଷ ଧରି ଆଇଆଇଟି ଭୁବନେଶ୍ୱରରେ ଜାରି ରହିଛି। ପ୍ରଫେସର ଭି. ପାଣ୍ଡୁ ରଙ୍ଗା, ଡିନ୍ (ନିରନ୍ତର ଶିକ୍ଷା) ବୈଠକରେ ଅଧ୍ୟକ୍ଷତା କରିଥିଲେ। ସହ-ସଂଯୋଜକ ପ୍ରଫେସର ସି. ପେରୁମଲ୍ଲା ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ଉଦଯାପନୀ ଉତ୍ସବରେ ଓପିଟିସିଏଲର ଏସଏଲଡିସି ନିର୍ଦ୍ଦେଶକ ଶ୍ରୀ ବି.ବି. ମେହେଟା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଇଭି ଚାର୍ଜିଂ ସିଷ୍ଟମ, ଯାନବାହନରୁ ଗ୍ରୀଡ୍ ଏବଂ ଗ୍ରୀଡ୍-ଟୁ-ଯାନ ପାରସ୍ପରିକ କ୍ରିୟା, ନବୀକରଣୀୟ ଶକ୍ତି ସମେତ ସ୍ମାର୍ଟ ଗ୍ରୀଡ୍ ପାଇଁ ସୁରକ୍ଷା ଏବଂ ନିୟନ୍ତ୍ରଣ ପ୍ରଣାଳୀ, ଋଠ ଏବଂ ସଂରକ୍ଷଣ, ବିକଶିତ ମାଇକ୍ରୋଗ୍ରୀଡ୍ ଏବଂ ସ୍ମାର୍ଟ ଗ୍ରୀଡ୍ ପାଇଁ ଶକ୍ତି ପରିଚାଳନା ପ୍ରଣାଳୀ ଇତ୍ୟାଦିରେ ଉଦୀୟମାନ ଧାରା ଉପରେ ମୁଖ୍ୟ ଭାଷଣ ଏବଂ ପ୍ରଦର୍ଶନ ଅନ୍ତର୍ଭୁକ୍ତ ଥିଲା। ଏହି କର୍ମଶାଳାରେ ଶିଳ୍ପ ଏବଂ ଶିକ୍ଷାବିତ୍ ସମେତ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ।

## ଏଆଇପିଏଚ୍ ଓ ସାଇ ପକ୍ଷରୁ ମହିଳା ଦିବସ



ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ):ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ହେଲଥ୍ (ଏଆଇପିଏଚ) ବିଶ୍ୱବିଦ୍ୟାଳୟ, ଓଡ଼ିଶା, ଭାରତୀୟ କ୍ରୀଡା ପ୍ରାଧିକରଣ (ସାଇ)ର ମିଳିତ ଆନୁକୂଲ୍ୟରେ ମାର୍ଚ୍ଚ ୩ ରୁ ୯ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପୀ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ଏଥିରେ ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ମହିଳା ସଶକ୍ତିକରଣକୁ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ପୁଷ୍ଟିସାର, ଆତ୍ମରକ୍ଷା, ବିଶେଷଜ୍ଞ ଆଲୋଚନା ଏବଂ ଉତ୍ସାହୀ ଛାତ୍ରୀମାନଙ୍କ ଦ୍ୱାରା ଯୋଗ ନୃତ୍ୟ ଉପରେ ଅଧିବେଶନ ଆୟୋଜନ କରାଯାଇଥିଲା। ମାର୍ଚ୍ଚ ୬ ତାରିଖରେ ମହିଳା ସୁରକ୍ଷାର ଗୁରୁତ୍ୱ ଉପରେ ଏକ ସ୍ୱତନ୍ତ୍ର ଆତ୍ମରକ୍ଷା ଅଧିବେଶନ ଅନୁଷ୍ଠିତ ହୋଇଥିଲା। କଟକର ଲଖେଶ୍ୱର ମହିଳା ମହାବିଦ୍ୟାଳୟରେ ସାଇକେଲ ଚାଳନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସାଇର ଉପନିର୍ଦ୍ଦେଶକ ତ୍ରୈଲୋକ୍ୟନାଥ ସାହୁ ଅତିଥି, ପ୍ରମୋଦିନୀ ରାଉଳଙ୍କ ଦ୍ୱାରା ଏକ ପ୍ରେରଣାଦାୟକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଯୋଗ ଫେଡେରେସନ ଅଫ୍ ଓଡ଼ିଶା ଦ୍ୱାରା ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜେତାମାନଙ୍କୁ ଏଆଇପିଏଚ ବିଶ୍ୱବିଦ୍ୟାଳୟର ଉପ-କୁଳପତି ଡକ୍ଟର ଉଷା ଅଗ୍ରୱାଲ ଏବଂ ୱାଇଏଫଓ ସଭାପତି ଶ୍ରୀ ଦିବାକର ଶ୍ରୀଚନ୍ଦନ ପୁରସ୍କୃତ କରିଥିଲେ।

## ସବୁଜ ଭାରତ ତରଫରୁ ବିଶ୍ୱ ମହିଳା ଦିବସ ପାଳିତ




ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସବୁଜ ଭାରତ ତରଫରୁ ରବିବାର ଭୁବନେଶ୍ୱରସ୍ଥିତ ସତ୍ୟଭାମାଦେବୀ ମୂକବଧିର ମହାବିଦ୍ୟାଳୟ ପରିସରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ନିରୋଜାଲକ୍ଷ୍ମୀ ମହାପାତ୍ର, ଲେଖିକା ରାଜଲକ୍ଷ୍ମୀ ତ୍ରିପାଠୀ, ଓଡ଼ିଆ ଖବରକାଗଜ ନ୍ୟାୟବତୀର ସମ୍ପାଦିକା ଶୁଭ୍ର ମହାନ୍ତି ପ୍ରମୁଖ ଯୋଗଦାନ କରି ସାମ୍ପ୍ରତିକ ସମୟରେ ମହିଳାମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସବୁଜ ଭାରତର ସଭାପତି ସତ୍ୟବ୍ରତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ ଯେ, ଆମ ସମାଜରେ ମହିଳାମାନଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ଯେଉଁଥିପାଇଁ ମହିଳାମାନେ ଯୁଗେ ଯୁଗେ ବନ୍ଦନୀୟ। କେବଳ ସେତିକି ନୁହେଁ, ମହିଳାମାନେ ପରିବାରର ଦାୟିତ୍ୱ ନିର୍ବାହ କରିବା ସହ ଏକ ଶୃଙ୍ଖଳିତ ସମାଜ ଗଠନରେ ମହିଳାମାନଙ୍କର ପ୍ରମୁକ ଭୂମିକା ରହିଛି। ସମୟ ଥିଲା ମହିଳାମାନେ ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ଥିଲେ। ମାତ୍ର ବର୍ତ୍ତମାନ ସ୍ଥିତିରେ ମହିଳାମାନେ ଶିକ୍ଷାର ମହାସ୍ରୋତରେ ସାମିଲ୍ ହେବା ସହ ବିଭିନ୍ନ ପଦ ପଦବୀରେ ନିଜକୁ ନିୟୋଜିତ ହୋଇ ବିକଶିତ ଦେଶ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିଛନ୍ତି। ଏହି ଅବସରରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ମନସ୍ମିତା ମହାପାତ୍ର, ୩୬ ୱାର୍ଡ଼ର କର୍ପୋରେଟର ଅଲିଅଳି ମଲ୍ଲିକ ଏବଂ ସାମ୍ବାଦିକା ସରିତା ନାଥଙ୍କୁ ଅତିଥିମାନେ ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ରୀନୁଶ୍ରୀ ସାହୁ, ରୁପାଲି ସାହୁ, ଶ୍ରାବଣୀ ନାୟକ, ଦିପ୍ତୀ ଦିଗଣ ପୁହାଣ ଏବଂ ପୂର୍ଣ୍ଣିମା ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ନବୀନ ଜିନ୍ଦଲଙ୍କ ଜନ୍ମଦିନ, ଫିଟନେସ୍ ଦିବସ ଭାବେ ପାଳିତ

ଅନୁଗୁଳ,୯।୩(ସଂଚାର ବ୍ୟୁରୋ):ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର (ଜେଏସପି)ର କର୍ମଚାରୀମାନେ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ଏକତ୍ରିତ ହୋଇ ଜେଏସପିର ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲଙ୍କ ଜନ୍ମଦିନ ବେଶ ଧୂମଧାମରେ ପାଳନ କରିଛନ୍ତି। ଏହି ଜନ୍ମଦିନ ଉତ୍ସବରେ ସାମାଜିକ ତଥା ସୁସ୍ଥ ସ୍ୱାସ୍ଥ୍ୟଗଠନ ସମ୍ପର୍କିତ ଏକାଧିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ଏହି ଅବସରରେ ଦେବଭୂମି ସ୍ଥିତ ଜିନ୍ଦଲ ମନ୍ଦିରରେ ଏକ ସ୍ୱତନ୍ତ୍ର ପୂଜା ସହିତ ଉତ୍ସବ ଆରମ୍ଭ ହୋଇଥିଲା। ସକାଳେ, ଜେଏସପି ଅନୁଗୁଳ ପ୍ଲାଣ୍ଟର ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପଙ୍କଜ ମାଲହାନ ଜିନ୍ଦଲ ନଗର ଟାଉନସିପ୍ ମଧ୍ୟରେ ଏକ ମିନି-ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜେଏସପିର କର୍ମଚାରୀ, ସେମାନଙ୍କ ପରିବାର, ସମ୍ପ୍ରଦାୟର ସଦସ୍ୟ ଏବଂ ସମସ୍ତ ବୟସ ବର୍ଗର ସଦସ୍ୟମାନେ ବେଶ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ମିନି-ମାରାଥନର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ସହିତ, ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟର, ସେଫ୍ଟି ପାର୍କ,




ଭଲିବଲ୍ ଷ୍ଟାଡିୟମ୍ ଏବଂ ଏକ ନୂତନ କ୍ୟାଣ୍ଟିନ୍ ସମେତ ଅନେକ ପ୍ରମୁଖ ଭିତ୍ତିଭୂମି ବିକାଶର ଉଦଘାଟନ କରାଯାଇଥିଲା। ଜେଏସପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଶ୍ରୀଯୁକ୍ତ ଦାମୋଦର ମିତ୍ତଲଙ୍କ ସମେତ ଶ୍ରୀଯୁକ୍ତ ଦିନେଶ ତ୍ରିପାଠୀ, ଶ୍ରୀଯୁକ୍ତ ଦିଲୀପ ସିହ୍ନା, ଯୋଗ ଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ଶ୍ରୀଯୁକ୍ତ ବିଜୟ ସିଂ, ବ୍ରିଗେଡିୟର ଦୀନେଶ ଶର୍ମା ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଶ୍ରୀଯୁକ୍ତ ପଙ୍କଜ ମାଲହାନ ଏହି ସବୁ ସୁବିଧାଗୁଡ଼ିକୁ ଉଦଘାଟନ କରିଥିଲେ।

ଶ୍ରୀଯୁକ୍ତ ନବୀନ ଜିନ୍ଦଲ ବର୍ତ୍ତମାନ କୁରୁକ୍ଷେତ୍ର ଲୋକସଭା ନିର୍ବାଚନମଣ୍ଡଳୀରୁ ତୃତୀୟ ଥର ନିର୍ବାଚିତ ହୋଇଛନ୍ତି ଏବଂ ସେ ଭାରତୀୟ ଇସ୍ପାତ ସଂଘର ଅଧ୍ୟକ୍ଷ ମଧ୍ୟ ଅଛନ୍ତି। ତାଙ୍କୁ ଆମେରିକାର ଟେକ୍ସାସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ କରାଯାଇଛି। ଶ୍ରୀଯୁକ୍ତ ନବୀନ ଜିନ୍ଦଲ ଓପି ଜିନ୍ଦଲ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳପତି ମଧ୍ୟ ଅଛନ୍ତି, ଯାହା କ୍ୟୁଏସ୍ ରାଙ୍କିଂ ଅନୁଯାୟୀ ଭାରତର ନମ୍ବର ୧ ଘରୋଇ ବିଶ୍ୱବିଦ୍ୟାଳୟ ଭାବରେ ସ୍ଥାନ ପାଇଛି।

ସମିତି ସଭ୍ୟାଙ୍କୁ ଆକ୍ରମଣ ଘଟଣା

## ବିଧାୟକଙ୍କ ଗିରଫ ଦାବି କଲା ବିଜେଡି

ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ): ରାଜ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହେଉଥିବା ବେଳେ ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୋଡାମରାଇର ପଞ୍ଚାୟତ ସମିତି ସଭ୍ୟା ସୋନାଲି ପ୍ରିୟଦର୍ଶିନୀ ରାଉତଙ୍କ ଉପରେ ହୋଇଥିବା ଆକ୍ରମଣରେ ସ୍ଥାନୀୟ ବିଧାୟକ ସାରଦା ପ୍ରଧାନଙ୍କ ସମର୍ଥକଙ୍କ ହାତ ରହିଥିବା ଅଭିଯୋଗ କରିଛି ବିଜେଡି। ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗତକାଲି ଶ୍ରୀମତୀ ରାଉତଙ୍କୁ ଘରେ ପଶି ବିଧାୟକଙ୍କ ୪ ସମର୍ଥକ ଅତର୍କିତ ଆକ୍ରମଣ କରିଥିଲେ। ଏପରିକି ବିଧାୟକଙ୍କ ବିରୋଧରେ ଗଲେ ପରିଣାମ ଭୟଙ୍କର ହେବ ବୋଲି କହିଥିଲେ। ସେମାନଙ୍କ ଆକ୍ରମଣରେ ସମିତି ସଭ୍ୟା ଆହତ ହୋଇ ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିଲେ। ତେବେ ଶ୍ରୀ ପ୍ରଧାନ ବିଧାୟକ ଭାବେ ନିର୍ବାଚିତ ହେବା ପରେ ମାହାଙ୍ଗା ଅଞ୍ଚଳ ଅଶାନ୍ତ ହୋଇପଡ଼ିଛି। ସ୍ୱାଧୀନ ବିଧାୟକଙ୍କର ବିଜେପି ସହ କି ସମ୍ପର୍କ ରହିଛି, ତାହା ସମସ୍ତେ ଜାଣନ୍ତି। ଏବେ ସମିତି ସଭ୍ୟାଙ୍କୁ ଆକ୍ରମଣ ରାଜ୍ୟରେ ମହିଳା କେତେ ସୁରକ୍ଷିତ ଅଛନ୍ତି, ତାହା ପ୍ରମାଣିତ କରୁଛି ବୋଲି ଶ୍ରୀମତୀ ସାମନ୍ତସିଂହାର କହିବା ସହ ଶ୍ରୀ ପ୍ରଧାନଙ୍କ ଗିରଫଦାରୀ ଦାବି କରିଛନ୍ତି।



ଅଭିନେତା ଉତ୍ତମ ମହାନ୍ତିଙ୍କ ଏକାଦଶାହରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

## ବାଣ ତିଆରି ସାମଗ୍ରୀ ଜବତ, ୧ ଗିରଫ

ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ): ଜଗତସିଂହପୁର ସଦର ଥାନା ପଲ୍ଲୀ ପଞ୍ଚାୟତ ବଡ଼ ଦେଢ଼ିଲୋ ଗାଁରେ ସ୍ଥାନୀୟ ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ବ୍ୟାପକ ମାତ୍ରାରେ ବାଣ ତିଆରି ସାମଗ୍ରୀ ଜବତ କରାଯାଇଛି। ଉକ୍ତ ଗ୍ରାମରେ ବେଆଇନ ବାଣ ତିଆରି କରାଯାଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ପୁଲିସ୍ ଏହି ଚଢ଼ାଉ କରିଥିଲା। ଏହି ଘଟଣାରେ ଯଯାତି ସିଂହ ନାମକ ବ୍ୟକ୍ତିକୁ ଗିରଫ କରାଯାଇଛି। ଯଯାତିଙ୍କ ଘରୁ ସଦର ପୁଲିସ୍ ବିପୁଳ ପରିମାଣରେ ବାରୁଦ, ବାଣ ତିଆରି ସାମଗ୍ରୀ, ୫ଟି ଜୀବନ୍ତ ବୋମା ଓ ଆଲୁମିନିୟମ ଗୁଣ୍ଡ ସହ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ମିଳିଥିବା ସୂଚନା ମୁତାବକ, ଜଗତସିଂହପୁର ସଦର ଥାନା ପଲ୍ଲୀ ପଞ୍ଚାୟତ ବଡ଼ ଦେଢ଼ିଲୋ ଗାଁରେ ଯଯାତି ବାଣ ତିଆରି ସାମଗ୍ରୀ ସହ ବୋମା ତିଆରି କରୁଥିଲେ। ଏନେଇ ଖବର ପାଇ ପୁଲିସ ତାଙ୍କ ଘରେ ଚଢ଼ାଉ କରିଥିଲା।

## ବାବା ଇଞ୍ଜିନିୟରିଂରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ): ସାଲେପୁର ବ୍ଲକ୍‌ର ଖାଇରା ବାବା ଇଞ୍ଜିନିୟରିଂରେ ଶନିବାର ବିଳମ୍ବିତ ରାତିରେ ଶର୍ଟସର୍କିଟ ଯୋଗୁଁ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଫଳରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ ବାହିନୀର ୪ଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ଅକ୍ଳାନ୍ତ ପରିଶ୍ରମ ପରେ ସେମାନେ ନିଆଁକୁ ଆୟତ୍ତ କରିଥିଲେ।

## ରୋଟାରିଆନ ଇଂ ସମ୍ବିତ ଶତପଥୀଙ୍କ ଶ୍ରଦ୍ଧାଞ୍ଜଳି ସଭା




ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ): ରୋଟାରୀ କ୍ଲବ ଅଫ ଉତ୍କଳର ପ୍ରତିଷ୍ଠାତା ସଦସ୍ୟ ଓ ପୂର୍ବତନ ଉପସଭାପତି ଇଞ୍ଜିନିୟର ସମ୍ବିତ ଶତପଥୀଙ୍କ ଅକାଳ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଚନ୍ଦ୍ରଶେଖରପୁରସ୍ଥିତ ଶ୍ରୀ ଅରବିନ୍ଦ ନଗରର ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଶତପଥୀଙ୍କ ଫଟୋଚିତ୍ରରେ ମାର୍ଲ୍ୟାପଣ ପରେ ପରଲୋକଗତ ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ଜଣାଇ ପୂର୍ବ ପ୍ରଶାସକ ଓ କବି ସହଦେବ ଜୟସିଂହ କିହଲେ ଯେ, ମୃତ୍ୟୁ ଚିରନ୍ତନ ସତ୍ୟ, କିନ୍ତୁ ଅକାଳ ବିୟୋଗ (ମୃତ୍ୟୁ) ପରିବାରବର୍ଗଙ୍କୁ ଯେଉଁ ଦାରୁଣ ଆଘାତ ଦିଏ, ତାକୁ ସହ୍ୟ କରିବା ପାଇଁ ପ୍ରଭୁଙ୍କୁ କେବଳ ଅଶେଷ ଧୈର୍ଯ୍ୟ ପାଇଁ ପ୍ରାର୍ଥନା କରାଯାଇପାରେ। ଧାରା ଶ୍ରୀରାଧା ଟ୍ରଷ୍ଟର ଅଧ୍ୟକ୍ଷ ଅମରେନ୍ଦ୍ର ମହାପାତ୍ର ସ୍ୱର୍ଗତ ସମ୍ବିତଙ୍କ ୨୦୨୦ ମସିହା ମହାମାରୀ କରୋନା ସମୟରେ ସେବା ବିଷୟରେ ଆଲୋକପାତ କରିଥିଲେ। ଶ୍ରଦ୍ଧାଞ୍ଜଳି ଜଣାଇ ସୁଶାନ୍ତ ପଣ୍ଡା ଓ ଆଡ଼ଭୋକେଟ ଶୀଳଭଦ୍ର ଶାସ୍ତ୍ରୀ ସ୍ୱର୍ଗତ ସମ୍ବିତଙ୍କ, ଅନ୍ୟକୁ ସାହାଯ୍ୟ କଲାବେଳେ ସେ କେବେ ନିଜର ପର ଭାବିନଥାନ୍ତି। ପ୍ରତ୍ୟେକ କାର୍ଯ୍ୟକ୍ରମ ପାଇଁ ଏକ ସକରାତ୍ମକ ମାନସିକତାର ଯୁବକ ଥିଲେ ସ୍ୱର୍ଗତ ଶତପଥୀ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ପଣ୍ଡା, ଭାବାନୀ ରାଉତ, ସରିତା ପଣ୍ଡା, ଶ୍ୱେତଲିନା ପଣ୍ଡା ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ବରୁଣ ରାଜ ପରିଚାଳନା କରିଥିଲେ।

ଜବରଦଖଲରେ ନାଳ ଓ ରାସ୍ତା

## ଉଚ୍ଛେଦ ପାଇଁ କମିଶନରଙ୍କୁ ଫେରାଦ

କଟକ,୯।୩(ସଂଚାର ବ୍ୟୁରୋ): କଟକ ମହାନଗର ନିଗମ ନାଳ ଉପରେ ଜବରଦଖଲ ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିବାବେଳେ ଏହାକୁ ଅବମାନନା କରୁଥିବା ଦେଖାଯାଉଛି।ଏସସିବି ମେଡ଼ିକାଲ ଯିବାକୁ ମୂଖ୍ୟରାସ୍ତା ତଥା ସହରର ଜନଗହଳିପୂର୍ଣ୍ଣ କଲେଜଛକ ଅଞ୍ଚଳରେ ସିଏମସି ନାଳ ଉପରେ ଜବରଦଖଲ କରିବା ସହ ରାସ୍ତା ଉପରେ ଜବରଦଖଲ କରିଥିବା ଦେଖାଯାଉଛି।ଯାହାଦ୍ୱାରା ଆମ୍ବୁଲାନ୍ସ, ସ୍କୁଲ କଲେଜ ଛାତ୍ରଛାତ୍ରୀ, ଜନସାଧାରଣ ଯିବା ଆସିବାରେ ଅସୁବିଧା ହେବା ସହ କେତେକ ସମୟରେ ଦୁର୍ଘଟଣା ଘଟୁଥିବା ଦେଖାଯାଉଛି। ପୂର୍ବରୁ ଦୁର୍ଘଟଣାରେ ରେଭେନ୍ସା କଲେଜ ସମ୍ମୁଖରେ ଜଣେ ଛାତ୍ରୀଙ୍କ ଅକାଳ ମୃତ୍ୟୁ ହୋଇଥିଲା। ତା'ପରେ ମଧ୍ୟ ସିଏମସିର ଚେତା ପଶିନାହିଁ। ନାଳ ଉପରେ ଜବରଦଖଲ କରି ବେଆଇନ ଭାବେ ନିର୍ମାଣ କରି ବ୍ୟବସାୟ କରିବା ଯୋଗୁଁ ନାଳରୁ ପଙ୍କୋଦ୍ଧାର ଓ ସଫେଇ କାର୍ଯ୍ୟ ହୋଇପାରୁନାହିଁ ଯାହାଦ୍ୱାରା ଦୁର୍ଗନ୍ଧ ହେବା ସହ ସାମାନ୍ୟ ବର୍ଷାରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ସିଡିଏ ମାର୍କେଟ ଚତୁଃପାର୍ଶ୍ୱରେ ଥିବା ନାଳ ଉପରେ ବେଆଇନ ଜବରଦଖଲ କରି ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସ ନଥାଇ ଅପରିଷ୍କାର ସ୍ଥାନରେ ଖାଦ୍ୟ ତିଆରି କରି ବିକ୍ରି କରୁଛନ୍ତି। ଏହି ଖାଦ୍ୟ ଖାଇବା ପରେ କୌଣସି ଅଘଟଣ ଘଟିଲେ ସେଥିପାଇଁ ସିଏମସି ଖାଦ୍ୟ ସୁରକ୍ଷା ଅଧିକାରୀ ଦାୟୀ ରହିବେ ବୋଲି ଅଭିଯୋଗ କରିଛନ୍ତି ଜିତେନ୍ଦ୍ର ସାହୁ। ଏହି ସ୍ଥାନରେ ଥିବା ହୋଟେଲ୍, ଫାଷ୍ଟଫୁଡ ଦୋକାନରେ କେତେକ ଅସାମାଜିକ ଯୁବକ ନିଶାସେବନ କରି ଅଶାନ୍ତ ପରିବେଶ ସୃଷ୍ଟି କରୁଥିବା ଯୋଗୁଁ ଜନସାଧାରଣ ଯିବାଆସିବା କରିବାକୁ ଅସୁରକ୍ଷିତ ମଣୁଛନ୍ତି। ସିଏମସି ଭେଣ୍ଡିଂ ଜୋନ ସାମ୍ନାରେ ଫେଭର ବ୍ଲକ ପାର୍କିଂ ଜାଗାରେ ଦ୍ୱିପ୍ରହର ଓ ସନ୍ଧ୍ୟା ସମୟରେ ବେଆଇନ ଦୋକାନ ହେବା ଯୋଗୁଁ ଦୋକାନ ସମ୍ମୁଖରେ ରାସ୍ତା ଉପରେ ବେଆଇନ ଭାବେ ଗାଡି ପାର୍କିଂ ହେଉଛି। ଫଳରେ ଉକ୍ତ ଅଞ୍ଚଳରେ ଦୁର୍ଘଟଣା ଆଶଙ୍କା ବଢ଼ିଯାଇଛି। ଜବରଦଖଲ ଉଚ୍ଛେଦ କରିବା ସହ ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିତେନ୍ଦ୍ର ସାହୁ ସିଏମସି କମିଶନର ଓ ମେୟରଙ୍କ ନିକଟରେ ଅଭିଯୋଗ କରିଛନ୍ତି।



### ଜୀବନ ଅମୃତ ଅନୁଚିନ୍ତା


ଜୀବନର ସଙ୍କଳ୍ପ-ଜୀବନ କହିଲେ କେବଳ ଧନ ସଞ୍ଚୟକୁ ବୁଝାଏ ନାହିଁ। ଜୀବନ ହେଉଛି କର୍ମର ସମ୍ଭାର। ଜୀବନ ହେଉଛି ଏକ ସଙ୍କଳ୍ପ ଯାହାର ଉଦ୍ଦେଶ୍ୟ କେବଳ ଈଶ୍ୱରଙ୍କ ନିର୍ଦ୍ଦେଶକୁ ପରିପାଳନ କରିବା।


SANCHAR

ସଂଚାର

୪ ସୋମବାର ୧୦ ମାର୍ଚ୍ଚ ୨୦୨୫, ଭୁବନେଶ୍ୱର

Monday 10 March 2025 Bhubaneswar


# ସଙ୍କଟ ଆଣିଛି ସୁଯୋଗ

ଅନେକ ସମୟରେ ସଙ୍କଟ ବଡ଼ ସୁଯୋଗ ସୃଷ୍ଟି କରିଥାଏ। ଏବେ ଭାରତ ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତାରିଫ ବୃଦ୍ଧି ଭାରତ ପାଇଁ ପରୋକ୍ଷରେ ଆଶୀର୍ବାଦ ହୋଇପାରେ। କାରଣ ସବୁ ସଙ୍କଟ ଏକ ନୂଆ ସୁଯୋଗ ସୃଷ୍ଟି କରିଥାଏ। ଏହାର କେବଳ ଉପଯୋଗ ଆବଶ୍ୟକ। ଟ୍ରମ୍ପ ଉଭୟ ଭାରତ ଏବଂ ଚୀନ ଉପରେ ତାରିଫ ବୃଦ୍ଧି କରିବା ପରେ ଉଭୟ ଦେଶ ପରସ୍ପରର ନିକଟତର ହେବାକୁ ସୁଯୋଗ ସୃଷ୍ଟି ହୋଇଛି। ଶତ୍ରୁର ଶତ୍ରୁ ମିତ୍ର। ତେଣୁ ଏବେ ଆମେରିକା ବିରୋଧରେ ଭାରତ ଓ ଚୀନ ଏକାଠି ହୋଇପାରନ୍ତି। ଚୀନ ବୈଦେଶିକ ମନ୍ତ୍ରୀ ଏଥିଲାଗି ଭାରତକୁ ଆହ୍ୱାନ କରି କହିଛନ୍ତି ଯେ, ଏବେ ଡ୍ରାଗନ ଏବଂ ଏଲିଫ୍ୟାଣ୍ଟ ଏକାଠି ନାଚିବାର ସୁଯୋଗ ସୃଷ୍ଟି ହୋଇଛି। ଦୁଇ ଦେଶ ମଧ୍ୟରେ ଅନେକ ବର୍ଷ ହେବ ସୀମା ବିବାଦ ଲାଗି ରହିଛି। ଇତିମଧ୍ୟରେ ମୋଦି ଏବଂ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ଦ୍ୱାରା ବିବାଦର ସାମୟିକ ସମାଧାନ ହୋଇଛି। ସୀମାରେ ଉତ୍ତେଜନା ହ୍ରାସ ପାଇଛି। ଚୀନର ବୈଦେଶିକ ମନ୍ତ୍ରୀ ଯାହା କହିଛନ୍ତି ତାହା ଯଥାର୍ଥ। ସୀମା ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରହିବ। ଏହାକୁ ପଛରେ ପକାଇ ବିଶ୍ୱର ଏହି ଦୁଇ ମହାନ ପୁରାତନ ସଭ୍ୟତା ସମ୍ପନ୍ନ ରାଷ୍ଟ୍ର ଉଭୟଙ୍କ ବୃହତ୍ତମ ସ୍ୱାର୍ଥ ନିମନ୍ତେ ଏକାଠି ହେବା ଉଚିତ ବୋଲି ସେ କହିଛନ୍ତି। ଏବେ ଭାରତ ସରକାର ଗୁରୁତ୍ୱର  ସହ ଏ ସମ୍ପର୍କରେ ଚିନ୍ତା କରିବା ଉଚିତ। ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଦାୟିତ୍ୱଗ୍ରହଣ କରିବା ପରେ ବିଶ୍ୱ ଅର୍ଥନୀତି, କୂଟନୀତିରେ ବଡ଼ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଟ୍ରମ୍ପଙ୍କ ଏକଚାଟିଆ କାରବାର ଆଗରେ ସାରା ବିଶ୍ୱ ହତଚକିତ ହୋଇଛି। ଜଣେ ବିଶ୍ୱନେତା ଭାବେ ନୁହେଁ, ଜଣେ ଅହଂକାରୀ, ଏକଛତ୍ରବାଦୀ ଶାସକ ଏବଂ ବେପାରୀ ଭଳି ସେ ଆଚରଣ ପ୍ରଦର୍ଶନ କରୁଛନ୍ତି। ତାଙ୍କର ଆମେରିକା ପ୍ରଥମେ ନୀତି ସାରା ବିଶ୍ୱପାଇଁ ମହଙ୍ଗା ପଡୁଛି। ଆମେରିକା ରାଷ୍ଟ୍ରପତି ଭାବେ ନିଜ ଦେଶର ସ୍ୱାର୍ଥ ରକ୍ଷା ଦାୟିତ୍ୱ ତାଙ୍କର। ସେଥିରେ କାହାର କିଛି ଆପତ୍ତି ନାହିଁ। ଏହା ତାଙ୍କର ଦାୟିତ୍ୱ ଏବଂ ନିଜସ୍ୱ ଅଧିକାର। କିନ୍ତୁ ଅନ୍ୟକୁ ଆଘାତ ଦେବାର ଅଧିକାର ତାଙ୍କର ନାହିଁ। ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ଟ୍ରମ୍ପ ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଦସ୍ୟତାକୁ ବାତିଲ କରିବା ନିମନ୍ତେ ଦୁଇଟି ନିଷ୍ପତ୍ତି ନେଲେ। ଏବେ ଆମେରିକା ଜାତିସଂଘ. ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ଆମେରିକା ଓହରିଯିବାକୁ ଚିନ୍ତା କରୁଥିବା ସଙ୍କେତ ମିଳିଛି। ଟ୍ରମ୍ପଙ୍କ ପ୍ରମୁଖ ପରାମର୍ଶଦାତା ଭାବେ ପରିଚିତ ଏଲନ ମସ୍କ ଏବଂ ଅନ୍ୟ କେତେକ ବେପାରୀ ତାଙ୍କୁ ଏଭଳି ଦୁର୍ବୁଦ୍ଧି ଦେଉଛନ୍ତି। ଈଶ୍ୱର କରନ୍ତୁ ଟ୍ରମ୍ପଙ୍କ ସଦବୁଦ୍ଧି ଉଦୟ ହେଉ ଏବଂ ସେ ଏଭଳି ଅପ୍ରୀତିକର ନିଷ୍ପତ୍ତିରୁ ଓହରି ଯାଆନ୍ତୁ। ଟ୍ରମ୍ପ କ୍ଷମତାସୀନ ହେବା ପରେ ଆମେରିକା ସହ ଏହାର ବନ୍ଧୁ ରାଷ୍ଟ୍ର୍ରମାନଙ୍କ ସମ୍ପର୍କ ତିକ୍ତ ହୋଇଛି। ଏବେ ଆମେରିକା ନାଟୋରୁ ଓହରିଯିବାକୁ ଚିନ୍ତା କରୁଛି। ଆମେରିକାର ବନ୍ଧୁ ରାଷ୍ଟ୍ର ଇଂଲଣ୍ଡ, ଫ୍ରାନ୍ସ ଆଦି ରାଷ୍ଟ୍ରଙ୍କ ପ୍ରତି ଟ୍ରମ୍ପଙ୍କ ବ୍ୟବହାର, କଟୁକ୍ତି ଏବଂ ଛଳନାତ୍ମକ ଆଚରଣ ଅସହ୍ୟ ଏବଂ ଏହାକୁ ଅପ୍ରତ୍ୟାଶିତ ବୋଲି କୁହାଯାଇପାରେ। ଦୀର୍ଘ ବର୍ଷ ହେବ ଆମେରିକା ଯେଉଁ ରାସ୍ତାରେ ଯାଉଥିଲା, ବିଶ୍ୱ  ନେତାଭାବେ ଦାୟିତ୍ୱ ବହନ କରି ଆସୁଥିଲା, ତାହା ଏବେ ବ୍ୟାହତ ହେବ। ଏଥିରେ ଆମେରିକାର ନେତୃତ୍ୱକୁ କିଏ କାହିଁକି ଗ୍ରହଣ କରିବ? ଆମେରିକା ବି୍ଵର ସବୁଠାରୁ ଧନଶାଳି ଏବଂ ଶକ୍ତିଶାଳି ରାଷ୍ଟ୍ର ହୋଇପାରେ। କିନ୍ତୁ ବିଶ୍ୱର ଅନ୍ୟ ଦେଶମାନଙ୍କୁ ଉପେକ୍ଷା କରି, ସେମାନଙ୍କୁ ଅଣଦେଖା କରି ଆମେରିକା ନିଜର ପ୍ରଭୁତ୍ୱ ସାବ୍ୟସ୍ତ କରିପାରିବ ନାହିଁ। ଟ୍ରମ୍ପ ଇତିମଧ୍ୟରେ ବିଭିନ୍ନ ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ତାରିଫ ବୃଦ୍ଧି କରିଛନ୍ତି। ସବୁଠାରୁ ଅଧିକ ତାରିଫ ବଢ଼ିଛି ଚୀନରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ। ଭାରତ ମଧ୍ୟ ଏଥିରେ ପ୍ରଭାବିତ ହେବାକୁ ଯାଉଛି। ଟ୍ରମ୍ପଙ୍କ ବ୍ଲାକମେଲିଂ ଆଗରେ ଅନେକ ମୁଣ୍ଡ ନୁଆଁଇବାକୁ ବାଧ ହୋଇପାରନ୍ତି। କିନ୍ତୁ ତାହା ଦୀର୍ଘସ୍ଥାୟୀ ହେବ ନାହିଁ। ଏମିତି ସମୟ ଆସିବ ଆମେରିକା ବିଶ୍ୱରେ ଏକଘରିକିଆ ହୋଇଯିବ। ଟ୍ରମ୍ପ ଗୋଟିଏ ପଟେ ଚୀନ ସହ ଶତ୍ରୁତା କରୁଥିବା ବେଳେ ଋଷିଆ ସହ ହାତ ମିଳାଇଛନ୍ତି। ୟୁକ୍ରେନ ଉପରେ ଋଷିଆ ଆକ୍ରମଣକୁ ତିନି ବର୍ଷ ତଳେ ଆମେରିକା ନିନ୍ଦା କରୁଥିଲା ଏବଂ ୟୁକ୍ରେନକୁ ସାମରିକ ତଥା ଆର୍‌ଠିଥକ ସହାୟତା ପ୍ରଦାନ କରୁଥିଲା। ଏବେ ଟ୍ରମ୍ପ ପୁଟିନଙ୍କ ସହ ହାତ ମିଳାଇ ୟୁକ୍ରେନ ପ୍ରତି କ୍ରୁର ଆଚରଣ ପ୍ରଦର୍ଶନ କରୁଛନ୍ତି। ଋଷିଆ ନିକଟରେ ଆତ୍ମସମର୍ପଣ କରିବାକୁ ସେ ୟୁକ୍ରେନକୁ ବାଧ କରୁଛନ୍ତି। ଏହା ସହିତ ୟୁକ୍ରେନକୁ ସମସ୍ତ ପ୍ରକାର ସାମରିକ ସହାୟତାକୁ ଟ୍ରମ୍ପ ବନ୍ଦ କରି ଦେଇଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ, ତାଙ୍କ ସହାସହକୁ ପ୍ରଶଂସା କରିବାକୁ ପଡ଼ିବ। ସେ ଟ୍ରମ୍ପଙ୍କ ନାଲି ଆଖିକୁ ଖାତିର ନକରି ଆମେରିକା ଛାଡ଼ି ଚାଲିଆସିଲେ। ନିଜ ଘରକୁ ଆସିଥିବା ଜଣେ ଅତିଥୀଙ୍କ ପ୍ରତି ଟ୍ରମ୍ପ ଯେପରି ଆଚରଣ ପ୍ରଦର୍ଶନ କଲେ ତାହା ଅତି ଅସଭ୍ୟ ଏବଂ ଅଭଦ୍ରୋଚିତ। ଏହାକୁ ଯେତେ ନିନ୍ଦା କଲେ ବି କମ ହେବ। ଏବେ ଆମେରିକାର ବିଶ୍ୱସନୀୟତା ହ୍ରାସ ପାଉଛି। ଏହାର ସୁଯୋଗ ନେବ ଚୀନ। ଆମେରିକାକୁ ପଛରେ ପକାଇ ଚୀନ ବିଶ୍ୱ ନେତା ହେବାକୁ ବେଶୀ ଡେରି ଲାଗିବ ନାହିଁ। ଟ୍ରମ୍ପ ମନେ ରଖିବା ଉଚିତ ଯେ ସେ ସବୁଦିନ କ୍ଷମତାରେ ରହିବେ ନାହିଁ। କିନ୍ତୁ ସେ ନିଜ ଦେଶର ଯେଉଁ କ୍ଷତିସାଧନ କରି ଚାଲିଯିବେ, ତାହା ଭବିଷ୍ୟତରେ ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ଭାରତ ମଧ୍ୟ ଏବେ ସତର୍କ ରହିବାର ସମୟ। ଇତିମଧ୍ୟରେ ଭାରତ ଓ ଆମେରିକା ମଧ୍ୟରେ ନୂଆ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସମ୍ପାଦନ ଲାଗି ଆଲୋଚନା ଏକ ପ୍ରକାର ନିର୍ଣ୍ଣୟାତ୍ମକ ସ୍ଥିତିରେ ପହଞ୍ଚିଛି। ଉଭୟ ଦେଶର ଉଚ୍ଚସ୍ତରୀୟ ପ୍ରତିନିଧିଙ୍କ ମଧ୍ୟରେ ଏଥିଲାଗି ଆଲୋଚନା ହେଉଛି। ଆଲୋଚନା ବେଳେ ଭାରତ ଆମେରିକା ଉପରେ ତାରିଫ ହ୍ରାସ କରିବାକୁ ପ୍ରସ୍ତୁତ ଥିବା ସଙ୍କେତ ଦେଇଛି। ଯଦି ଭାରତ ତାରିଫ ହ୍ରାସ କରେ ତେବେ ଆମେରିକା ମଧ୍ୟ ଭାରତ ଉପରେ ବର୍ଦ୍ଧିତ ତାରିଫ ପ୍ରତ୍ୟାହାର କରିପାରେ। ରାଷ୍ଟ୍ରପତି ଟ୍ରମ୍ପ ଏହି ସଙ୍କେତ ଦେଇଛନ୍ତି। ଏହା ସ୍ୱାଗତଯୋଗ୍ୟ। ବାସ୍ତବରେ ଭାରତର ତାରିଫ ବା ଟିକସ ହାର ବହୁ ଅଧିକ। ଏଥିନେଇ ଆମେରିକା ରାଷ୍ଟ୍ରପତିଙ୍କ ଉଦବେଗ ଯଥାର୍ଥ। ଏହା ଦ୍ୱାରା ଆମେରିକା ବା ବିଦେଶୀ ରାଷ୍ଟ୍ରମାନେ ଭାରତରେ ନିଜର ସାମଗ୍ରୀ ବିକ୍ରୀ କରିବା ସୁଯୋଗ ପାଉ ନାହାଁନ୍ତି। ଭାରତୀୟ ଶିଳ୍ପ ଏବଂ କୃଷକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହା ଉଦ୍ଦିଷ୍ଟ ବୋଲି କୁହାଯାଉଛି। କିନ୍ତୁ ଭାରତର ଖାଉଟୀ ଏହା ଦ୍ୱାରା ଶସ୍ତାରେ ଭଲ ସାମଗ୍ରୀ ପାଇବାରୁ ବଂଚିତ ହେଉଛନ୍ତି। ଭାରତର ଶିଳ୍ପ ଉତ୍ପାଦନକାରୀମାନେ ଚଢ଼ା ଦରରେ ଲୋକଙ୍କୁ ସାମଗ୍ରୀ ବିକ୍ରୀ କରୁଛନ୍ତି। ଯଦି ଭାରତ ସରକାର ସେମାନଙ୍କ ସ୍ୱାର୍ଥ ରକ୍ଷା ଚାହୁଁଛନ୍ତି ତେବେ ସେମାନଙ୍କ ଉପରୁ ଟିକସ ବୋଝ ହାଲୁକା କରନ୍ତୁ। ଆମେରିକା ବା ଅନ୍ୟ ବୈଦେଶିକ ସାମଗ୍ରୀ ଉପରୁ ଟିକସ ହ୍ରାସ ଉଚିତ। କିନ୍ତୁ ଟ୍ରମ୍ପ ଯେପରି ଅଭଦ୍ରୋଚିତ ବ୍ୟା ପ୍ରୟୋଗ କରୁଛନ୍ତି, ଯେପରି ଭାବେ ଭାରତକୁ ଧମକାଉଛନ୍ତି ତାହା ଆଗରେ ଭାରତ ସରକାର ମୁଣ୍ଡ ନୁଆଁଇବା ଅନୁଚିତ। ବରଂ ଆମେରିକା ଉପରେ ନିର୍ଭରଶୀଳତା କିପରି ହ୍ରାସ କରାଯାଇପାରିବ ସେଥିପ୍ରତି ଯତ୍ନବାନ ହେବା ଉଚିତ। ଆମେରିକାକୁ ବାଦ ଦେଇ ମଧ୍ୟ ବିଶ୍ୱ ବାଣିଜ୍ୟର ସ୍ଥିତି ରହିଛି। ଚୀନ ଓ ୟୁରୋପ ସହ ଭାରତ ବାଣିଜ୍ୟ କାରବାର ବୃଦ୍ଧି କରିବାକୁ ପ୍ରୟାସ କରିବା ଉଚିତ। ଏହା ସହିତ ବିଭିନ୍ନ ଶିଳ୍ପଜାତ ସାମଗ୍ରୀ ଉତ୍ପାଦନରେ ଭାରତ କିପରି ଶତ ପ୍ରତିଶତ ଆତ୍ମନିର୍ଭରଶୀଳ ବା ସ୍ୱାବଲମ୍ବୀ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭରଶୀଳ ଭାରତ ଗଠନ ପ୍ରୟାସ ଏ ଦିଗରେ ଏକ ବଳିଷ୍ଠ ପଦକ୍ଷେପ। ୨୦୪୭ ସୁଦ୍ଧା ଭାରତକୁ ଏକ ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ସବୁ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ।

# ଓଡ଼ିଆର ଅସ୍ମିତା-୨




## ପଙ୍କଜ କୁମାର ପାଣିଗ୍ରାହୀ


ସମ୍ମାନୀୟ ମୋ ପରିବାର ସଦସ୍ୟ ବୃନ୍ଦ, ଆପଣଙ୍କୁ ଏଠାରେ ସୂ•ଇ ଦେବାକୁ ଉଚିତ ମାନେ କରେ କି, ଏପର୍ଯ୍ୟନ୍ତ ଯେତେ ପୁସ୍ତକ ଆପଣ କିଣିଛନ୍ତି କିମ୍ବା ପଢ଼ିଛନ୍ତି ଆଉ ସେଇଥିରେ ଯାହା ସବୁ ଲେଖାଯାଇ ଅଛି ହୁଏତ ଆପଣ ସେଗୁଡ଼ିକୁ ତର୍ଜମା ସମୀକ୍ଷା କରିନାହାନ୍ତି କିମ୍ବା ତାହାର ସତ୍ୟାସତ୍ୟ ଉପରେ ଆଲୋଚନା ସମାଲୋଚନା କେବେ କରି ନାହାନ୍ତି ! ଥରେ ସେଗୁଡ଼ିକର ବିଶେଷ ବିଶ୍ଳେଷଣାତ୍ମକ ପର୍ଯ୍ୟାଲୋଚନା କରି ଦେଖିଲେ ଜାଣିହେବ ଯେ ସମସ୍ତ ପୁସ୍ତକ ଗୁଡ଼ିକ କେବଳ ବ୍ୟବସାୟ ଭିତ୍ତିକ ଆଲେଖ୍ୟରେ ପରିପୂର୍ଣ୍ଣ ଯାହାର ବିଷୟ ଗୁଡ଼ିକ କେବଳ ଇତିହାସ, ଅଲୌକିକ, ଗାଳ୍ପିକ  ଏବଂ ଅସତ୍ୟ ଘଟଣାବଳୀ ଗୁଡ଼ିକ ଉପରେ ଆଧାରିତ ! ଅଧିକ'ନ୍ତୁ ଅନେକ ସମୟରେ ଆମ ଦେଶରେ ଏମିତି ହୁଏ, କି କୌଣସି ମନସ୍ତାତ୍ତ୍ୱିକ ଅନୁଭୂତି, ଭାବଧାରା ଗୁଡ଼ିକୁ କେତେକ ପାର୍ଥିବ ଉଦାହରଣ ଦେଇ ଏମିତି ସଂଯୋଜିତ କରି ଲେଖାଯାଇ ଥାଏ କିମ୍ବା କୁହାଯାଇ ଥାଏ ଯେ ସାଧାରଣ ନିର୍ବୋଧ ଏକ ଭାବପ୍ରବଣତାର ସହିତ ସେହି ମିଥ୍ୟା ଗୁଡ଼ିକୁ ସତ୍ୟ ବୋଲି ଧରି ନେଇଥା'ନ୍ତି। ଏହି କ୍ରମରେ ସେମାନେ ସତ୍ୟ ପଥରୁ ଦୁରେଇ ମିଥ୍ୟକୁ ଆଦରି ନିଜର ଅଜ୍ଞାନତା ଜନିତ ପରୋକ୍ଷରେ  ପ୍ରତାରିତ ହେଉଛନ୍ତି।

ଆମ ଦେଶରେ ପୁସ୍ତକ ରଚନା, ସେଗୁଡ଼ିକର ମୁଦ୍ରଣ, ପ୍ରକାଶନ ଏବଂ ବଜାରରେ ବିକ୍ରି କରିବା ନେଇ କୌଣସି ସମୀକ୍ଷା କିମ୍ବା କଟକଣା ନାହିଁ। ସେହି କାରଣରୁ ଆଜି ପ୍ରାୟତଃ ଲେଖିବାର ଅଭ୍ୟାସ ରହିଥିବା ସମସ୍ତେ ଜଣେ ଜଣେ କବି, ଲେଖକ ଯାହାଙ୍କ ସହ ସହ ପୁସ୍ତକ ବ୍ୟବସାୟିକେ ଢ଼ଙ୍ଗରେ ପ୍ରକାଶ ପାଇ ବଜାରରେ ବିକ୍ରି ହେଉଛି। ସେଗୁଡ଼ିକ କେବଳ ମୂଲ୍ୟହୀନ ହୋଇଥିଲେ ତ ବହୁତ ଭଲ ହୋଇଥା'ନ୍ତା, କିନ୍ତୁ ଅତ୍ୟନ୍ତ ଦୁଃଖ, ବିଡମ୍ବନାର ବିଷୟ ଏହା କି ସେଗୁଡ଼ିକ ମାଧ୍ୟମରେ ସାଧାରଣ ନିର୍ବୋଧ ଆଶାତୀତ ବିପରୀତମୁଖୀ ହେଉଛନ୍ତି ଯାହାଦ୍ୱାରା ଏହି ଜାତିର ଅସ୍ମିତା ତ ବହୁ ଦୂର, ସାମାନ୍ୟ ଉନ୍ନତି କରିବା ବିପରୀତେ ଅବନତି ହୋଇ •ଲିଛି ଦିନକୁ ଦିନ। ଏହି ପରିପ୍ରେକ୍ଷୀରେ ସରକାରୀ କଟକଣାକୁ ଅପେକ୍ଷା ନକରି ସାଧାରଣ ଲୋକେ ନିଜସ୍ୱ ସଚେତନତା ସୃଷ୍ଟି କରି ସେଗୁଡ଼ିକୁ କିଣିବା କିମ୍ବା ପାଠ କରିବା ପ୍ରତ୍ୟାଖ୍ୟାନ କରିବା ଅତ୍ୟନ୍ତ ଜରୁରୀ। ଅଥବା ସେମାନଙ୍କ ରହିଥିବା କିଂଚିତ ଉଚିତ,  ବାସ୍ତବ ଜ୍ଞାନ ବିପରୀତମୁଖୀ ହୋଇ ପାରିବାରିକ ବିଡମ୍ବନା ସୃଷ୍ଟି ହେବାର





ସୂଚନା ଯଥେଷ୍ଟ ଅଧିକ ରହିଛି। ଅତଏବ ଜନସାଧାରଣ ହିଁ କୌଣସି ପୁସ୍ତକ,  ଆଲେଖ୍ୟ ଗୁଡ଼ିକୁ ପଢ଼ିବା ପୂର୍ବରୁ ସେଗୁଡ଼ିକର ବାସ୍ତବିକତା, ସତ୍ୟାସତ୍ୟ ଉପରେ ତର୍ଜମା କରି ଗ୍ରହଣ କରିବା ଅତ୍ୟନ୍ତ ଆବଶ୍ୟକ। ନତୁବା ସେମାନେ କେମିତି ପରୋକ୍ଷରେ ପ୍ରତାରିତ ହେବେ ନିଜକୁ ନିଜେ ବୁଝି ନପାରି କେବଳ ଭବିଷ୍ୟ ପିଢ଼ିଙ୍କ ପାଇଁ ଏକ ଦୁର୍ଗମ ପରିବେଶ ସୃଷ୍ଟି କରୁଥିବା ବୁଝିବାକୁ ହେବ ସମସ୍ତଙ୍କୁ।

ପରିପକ୍ୱ ମସ୍ତିଷ୍କଯୁକ୍ତ ମଣିଷ ଆଜି ଦେଖିବାକୁ ବିଲୁପ୍ତ ପ୍ରାୟ। କେତେ ଶିକ୍ଷିତ ହୁଅନ୍ତୁ କିମ୍ବା ଉଚ୍ଚାସୀନ ମଣିଷଙ୍କ ପିଲାଳିଆମୀ ଯାଇନଥାଏ ଜୀବନ ଶେଷ ପର୍ଯ୍ୟନ୍ତ। ତେଣୁ ବାଲ୍ୟ କାଳରୁ ଗଳ୍ପ ଶୁଣିବାର ଏକ ଅଭ୍ୟାସ ପ୍ରାୟତଃ ମୃତ୍ୟୁ ପର୍ଯ୍ୟନ୍ତ ରହିଯାଇ ଥାଏ ସମସ୍ତଙ୍କ ପାଖରେ। ତାହାର ସୁଯୋଗ ନେଇ ଚତୁର ଲେଖକ, ପ୍ରବଚକ ସେମାନଙ୍କୁ ଏମିତି ଗାଳ୍ପିକ ଢାଞ୍ଚାରେ ପ୍ରବର୍ତ୍ତାଇ ଥା'ନ୍ତି ବିଭିନ୍ନ ଅଯୌକ୍ତିକ ଉଦାହରଣ ଗୁଡ଼ିଏ ମାଧ୍ୟମରେ ଯେ ଅନୁଭବ ହୁଏ କି ତାହାଠାରୁ ବାସ୍ତବ, ସତ୍ୟ ଆଉ କିଛି ନାହିଁ ସଂସାରରେ। ସତ୍ୟ କି'ନ୍ତୁ ରହିଥାଏ ଆଢୁଆଳରେ। ଅବାସ୍ତବ ଅଲୌକିକ ବି•ର ଗୁଡ଼ିକୁ ବନେଇ ଚୁନେଇ କହି ସତ୍ୟର ଅନୁଭବ ସୃଷ୍ଟି କରାଯିବା ଏବଂ ବାସ୍ତବ ସତ୍ୟ ମଧ୍ୟରେ ରହିଥିବା ପ୍ରଭେଦ ଆକାଶକୁ ପାତାଳ ପର୍ଯ୍ୟନ୍ତ ଦୂରରେ ରହିଥାଏ ଯାହା ହୁଏତ ନିର୍ବୋଧ ସର୍ବସାଧାରଣ ବୁଝିବା ଅତ୍ୟନ୍ତ ଦୁଃସାଧ ବ୍ୟାପାର। ସମାଜରେ ପ୍ର•ରିତ, ପ୍ରସାରିତ ସମସ୍ତ ବିଷୟ ଗୁଡ଼ିକୁ ସମାଲୋଚନାତ୍ମକ ଢଙ୍ଗରେ ଗ୍ରହଣ ନକରି ନିର୍ଦ୍ୱନ୍ଦରେ ସମର୍ଥନ ଦେବା ଅର୍ଥାତ ନିଜକୁ ନିଜେ ପରୋକ୍ଷରେ ପ୍ରତାରିତ କରି ଦୁର୍ଲଭ ମଣିଷ ଜୀବନକୁ ନଷ୍ଟ କରିବା ଛଡ଼ା ଆଉ କିଛି ହୋଇ ନପାରେ। ବି•ର ଆପଣ ମାନଙ୍କର ଯେ କରିବେ କ'ଣ ଏବଂ କେଉଁ ପଥର ବାଟୋଇ ହୋଇ ନିଜ ଜୀବନ ଡଙ୍ଗାକୁ ବାହିବେ। ସମାପ୍ତ।


**ସୋସିଆଲ ଫୋରମ (ଭାରତ)**
**ଛତ୍ରପୁର, ଗଞ୍ଜାମ-୭୬୧୦୨୦.**
**ମୋବାଇଲ୍: ୯୪୩୭୩୨୪୯୧୭**


# ତତ୍ର ତତ୍ର କୃଷ୍ଣସ୍ଥୁରେ


## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର




ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଭାବଗମ୍ଭିର ଓ ଆନନ୍ଦିତ ସ୍ୱରରେ ଶ୍ରୀକୃଷ୍ଣଙ୍କ ରାସଲୀଳା ବ୍ୟାଖ୍ୟା କଲେ। ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି-ଏକ ଜ୍ୟୋସ୍ନାପ୍ଲାବିତ ଶାରଦ ରଜନୀରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ର କରି ଗୋପୀମାନେ ଆନନ୍ଦରେ ନୃତ୍ୟ କରୁଥିଲେ। ଏହି ନୃତ୍ୟଲୀଳା କେବଳ ଆକ୍ଷରିକ ଅର୍ଥରେ, ଏକ ବିଶେଷ ସ୍ଥାନରେ ବା ବିଶେଷ ସମୟରେ ଯେ ସଂଗଠିତ ତାହା ନୁହେଁ। ଏହି ନୃତ୍ୟ ଚିରନ୍ତନ। ଏହାକୁ କୁହାଯାଏ ଜୀବନର ଛନ୍ଦାୟିତ ଚଳନ, ଯାହାର ତାଳ କେବେ ଭଙ୍ଗ ହୁଏନାହିଁ। ଅନ୍ୟ ଅର୍ଥରେ ଏହିପରି ଚଳନରେ ଯିଏ ଚାଲେ ତାର କେବେ ବେତାଳରେ ଗୋଡ଼ ପଡ଼େ ନାହିଁ। ଜୀବନ ଯେତେବେଳେ ଇଷ୍ଟଗୁରୁଙ୍କ (ଶ୍ରୀକୃଷ୍ଣ) ପ୍ରତି ଅନୁରାଗବଦ୍ଧ ହୋଇ ଉଠେ ଓ ପ୍ରଭୁଙ୍କର ଆଦିଷ୍ଟ ଚଳନରେ ଚାଲେ, ସେତେବେଳେ ଆଉ ଭ୍ରାନ୍ତି ଆସେନାହିଁ। ରାସଲୀଳା ହେଉଛି ଏହାର ଇଙ୍ଗିତ। ଜୀବକୁଳ ଯଦି ଏହି ଭାବରେ କୁଳମାଲିକଙ୍କୁ କେନ୍ଦ୍ର କରି ସୁତାଳ ଚଳନରେ ଚାଲନ୍ତି ତେବେ ଆଉ ଦିଗ୍‌ଭ୍ରାନ୍ତ ହେବାର ସମ୍ଭାବନା ନଥାଏ।

ଏହି କେନ୍ଦ୍ରାୟିତ ଆବର୍ତ୍ତନ ସୃଷ୍ଟିର ସୂକ୍ଷ୍ମାତିସୂକ୍ଷ୍ମ ପର୍ଯ୍ୟାୟରେ ଏକ ଏଟମ୍ ଭିତରେ ମଧ୍ୟ ନିହିତ ଅଛି। ସେଠାରେ ମଧ୍ୟ ଏକ ପ୍ରୋଟନ୍‌କୁ କେନ୍ଦ୍ର କରି ଚାଲିଛି ଇଲେକ୍‌ଟ୍ରନର ଆବର୍ତ୍ତନ। ଶ୍ରୀ ଶ୍ରୀ ଠାକୁର କଥା ପ୍ରସଙ୍ଗରେ ଦିନେ କହିଲେ - ଭଗବାନ ଶ୍ରୀକୃଷ୍ଣଙ୍କର ରାସଲୀଳା ଏହି ଏଟମ୍ ଭିତରେ ନିତ୍ୟ ଗତିଶୀଳତାର ଅଭିବ୍ୟକ୍ତି। ଏକ ଏଟମ୍‌ର କେନ୍ଦ୍ରାୟିତ ଆବର୍ତ୍ତନ ଯେଭଳି ସେହି ଏଟମ୍‌କୁ ଧରି ରଖିବାରେ ସାହାଯ୍ୟ କରେ, ଭାଙ୍ଗିଯିବାକୁ ଦିଏ ନାହିଁ, ସେହିପରି ଜୀବନକୁ ସୁସଂସ୍ଥ ଓ ସୁସଂବଦ୍ଧ କରି ରଖିବାକୁ ହେଲେ ଆବଶ୍ୟକ ଜୀବନର କୁଳମାଲିକ ବା ଇଷ୍ଟଗୁରୁଙ୍କ ପ୍ରତି ଅଚ୍ୟୁତ ନିଷ୍ଠାନନ୍ଦିତ ସୁକେନ୍ଦ୍ରିକ ଅନୁଚଳନ। ଏହି ଚଳନରେ ହିଁ ଜାଗି ଉଠେ ବ୍ୟକ୍ତିତ୍ୱ, ଜୀବନ ହୁଏ ଆନନ୍ଦମୟ ଓ ସେହି ଦିବ୍ୟ ଚଳନର ଦ୍ୟୋତକ  ହିଁ ରାସଲୀଳା। ଶ୍ରୀକୃଷ୍ଣଙ୍କର ଲୀଳାକାଳରେ ଏକ ବିଶେଷ ଅଂଶ



ଘଟେ ବୃନ୍ଦାବନରେ। ସେଠାରେ ସେ ବହୁ ଅସୁର ମାନଙ୍କର ନିଧନ କରି ବହୁ ଶରଣାଗତଙ୍କୁ ରକ୍ଷା କରିଛନ୍ତି। ଏହି ବୃନ୍ଦାବନ ହେଉଛି ଏକ ସ୍ଥାନର ନାମ। ଶ୍ରୀକୃଷ୍ଣ ବୃନ୍ଦାବନକୁ ଏତେ ଭଲପାନ୍ତି ଯେ ସେ ବୃନ୍ଦାବନ ପରିତ୍ୟାଗ କରି ଅନ୍ୟତ୍ର ଯିବାକୁ ଚାହାଁନ୍ତି ନାହିଁ - ବୃନ୍ଦାବନଂ ପରିତ୍ୟାଜ୍ୟ ପାଦମେକଂ ନ ଗଚ୍ଛାମି। କିନ୍ତୁ ବୃନ୍ଦାବନ ବାଲ୍ୟଲୀଳା ପରେ ମଧ୍ୟ ଶ୍ରୀକୃଷ୍ଣ ଲୀଳା କରିଛନ୍ତି ମଥୁରା, ହସ୍ତିନାପୁର ଓ ଦ୍ୱାରକାରେ। ଏହି ପ୍ରସଙ୍ଗରେ ଦୟାଲ ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ବୃନ୍ଦାବନ ଶବ୍ଦ ଭିତରେ ଅଛି ବୃନ୍ଦ ଓ ଅବନ। ବୃନ୍ଦ ମାନେ ସମୂହ - ବିଶ୍ୱଜଗତର ସବୁକିଛି। ଅବନ ଆସିଛି ଅବ୍ ଧାତୁ ଠାରୁ ମାନେ ରକ୍ଷା କରିବା। ତେଣୁ ବୃନ୍ଦାବନ ଶବ୍ଦର ଅର୍ଥ ହେଉଛି ବିଶ୍ୱ ଦୁନିଆର ପ୍ରତିଟି ବସ୍ତୁ ଯେଉଁଠାରେ ସୁରକ୍ଷିତ ରହିଛନ୍ତି। ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କର ନୀତିବିଧି ହେଲା ଜୀବନପାଳନୀ। ଏହି ଗୁଡ଼ିକ ଯେଉଁମାନେ ପାଳନ କରି ଚାଲନ୍ତି ସେମାନେ ମୃତ୍ୟୁ ଓ ସହସ୍ର ସହସ୍ର ଆପଦ ବିପଦ ମଧ୍ୟରୁ ରକ୍ଷା ପାଆନ୍ତି। ତେଣୁ ଶ୍ରୀକୃଷ୍ଣଙ୍କର ଅନୁଶାସନ ହେଲା ବୃନ୍ଦାବନ।

ଏହା ବ୍ୟତୀତ ବୃନ୍ଦାବନ ଶବ୍ଦର ଆଉ ଏକ ଅର୍ଥ ନିର୍ଦ୍ଧାରଣ କରିଛନ୍ତି ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ଏହା ଧାତୁ ଗତ ଅର୍ଥ। ବୃଣ୍ ଧାତୁମାନେ ପ୍ରୀତ କରିବା, ଆଉ ଦା'ମାନେ ଦାନ କରିବା। ଏହାର ଅର୍ଥ - ଯେଉଁଠାରେ ପ୍ରୀତିର ଆଦାନ ପ୍ରଦାନ ଚାଲେ, ଅର୍ଥାତ୍ ଯେଉଁଠାରେ ମନୁଷ୍ୟ ପରସ୍ପରକୁ ଭଲ ପାଇବା ମାଧ୍ୟମରେ ସ୍ୱସ୍ତି - ଉତ୍‌ଫୁଲ୍ଲ ରହନ୍ତି। ପ୍ରୀତିପୂର୍ଣ୍ଣ ପାରସ୍ପରିକ ସେବା, ଦରଦ ଓ ସହାନୁଭୂତି ନେଇ ଯେଉଁମାନେ ବସବାସ କରନ୍ତି ସେମାନେ ବୃନ୍ଦା। ଆଉ ବନ ଶବ୍ଦସ୍ଥିତ ବନ୍ ଧାତୁ ମାନେ ବିସ୍ତାର। ତେଣୁ ବୃନ୍ଦାବନ ଅର୍ଥ ହେଲା ପ୍ରୀତିକାରୀ ଯେଉଁଠାରେ ବିସ୍ତାର ଲାଭ କରନ୍ତି। ପ୍ରେମ ଯାହାର ଅନ୍ତରରେ ରହିଛି ସେମାନଙ୍କ ଚିତ୍ତ ଉଦାର ହୁଏ, ସବୁ ପ୍ରକାର ସଂକୀର୍ଣ୍ଣତାର ବାଡ଼ ଭାଙ୍ଗି ସେମାନଙ୍କ ପ୍ରାଣର ପ୍ରସାର ଘଟେ। ତେଣୁ ଶ୍ରୀ ଶ୍ରୀ ଠାକୁର କହିଲେ ବୃନ୍ଦାବନର ଦୁଇଟି ଅର୍ଥ - ଗୋଟିଏ ହେଉଛି ଜୀବନୀ ସଂରକ୍ଷଣୀ ନୀତିବିଧି ଓ ଅନ୍ୟଟି ହେଲା ପ୍ରୀତିପ୍ରେମର ଆବାସଭୂମି। ପରମପୁରୁଷ ଯିଏ ନର ଦେହରେ ଈଶ୍ୱରଙ୍କର ଜୀବନ୍ତ ବେଦୀ, ସେ ମନୁଷ୍ୟକୁ ଏହି ଦୁଇଟି ବିଷୟକୁ ଆଶ୍ରୟ କରି ଜୀବନ ପଥରେ ଚାଲିବା ପାଇଁ ଉଦ୍‌ବୁଦ୍ଧ କରନ୍ତି। ଶ୍ରୀ ଶ୍ରୀ ଠାକୁର କହିଲେ - ଯଜନ ଯାଜନ ଇଷ୍ଟଭୃତି, କରିଲେ କାଟେ ମହାଭୀତି। ଭଗବତ୍ ଗୀତାରେ ଶ୍ରୀକୃଷ୍ଣ କହିଲେ - ନମେ ଭକ୍ତ ପ୍ରଣଶ୍ୟତି।


**ସହ-ପ୍ରତିରତ୍ୱିକ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**
**ମୋବାଇଲ୍:୯୪୩୭୦୫୧୯୫୭**


# କବି ତୁଣ୍ଡ


## ଡ. ସୀତାକାନ୍ତ ତ୍ରିପାଠୀ




ସମାଜରେ ଥିବା ଅନେକ ଜାଗ୍ରତ ପ୍ରହରୀମାନଙ୍କ ମଧ୍ୟରେ କବିମାନଙ୍କର ସ୍ଥାନ ସ୍ୱତନ୍ତ୍ର। ସେମାନେ ହତାଶା ଓ ନିରାଶା ମନରେ ଆଶା ସଂଚାର କରିବା ସହିତ ଗୁରୁ ଗମ୍ଭୀର ପରିସ୍ଥିତିରେ ହାସ୍ୟରୋଳ ଆଣିବାରେ ସମର୍ଥ ହୋଇଥାଆନ୍ତି। କବି ନିଜ ମୁଣ୍ଡ ଖର୍ଚ୍ଚକରି ଲେଖନୀ, ଆଉ ତୁଣ୍ଡ ବ୍ୟବହାର କରି ନିଜ ଭାବନାର ପରିପ୍ରକାଶ କରିବା ମାଧ୍ୟମରେ ସାମାଜିକ ପରିବର୍ତ୍ତନର ସାରଥି ସାଜିଥାଆନ୍ତି। ଏଥିପାଇଁ ଅନେକ ସମୟରେ ବିଭିନ୍ନ ବର୍ଗର ଲୋକଙ୍କର ଆକ୍ରୋଶର ଶିକାର ହେବାକୁ ପଡିଥାଏ। ତେବେ ଓଡିଆରେ ଆପ୍ତବାକ୍ୟ ଅଛି 'କବି ତୁଣ୍ଡ, ମେଣ୍ଢାମୁଣ୍ଡ' ଯାହାକୁ ସାଧାରଣତଃ ଲୋକମାନେ ତାଚ୍ଛଲ୍ୟ କରିଥାଆନ୍ତି। କାରଣ ଅନେକ ସମୟରେ ଆମେ ମେଣ୍ଢାକୁ ଏକ ନିର୍ବୁଦ୍ଧିଆ ପଶୁ ଭାବେ ମନେ କରିଥାଉ। କଥାରେ କଥାରେ ଆମେ କହୁ ଗୋଟିଏ ମେଣ୍ଢା ପାଣିରେ ପଡିଲେ ଅନ୍ୟ ସବୁ ମେଣ୍ଢାମାନେ କିଛି ବୁଝନ୍ତୁ ନବୁଝନ୍ତୁ ପାଣିରେ ଯାଇ ପଡିବେ। ତେଣିକି ସେମାନଙ୍କ ଦେହରେ ଲୋମ ଓଦାହୋଇ ରୋଗାକ୍ରାନ୍ତ ହୁଅନ୍ତୁ ସେ କଥାକୁ ପରବାୟ ନଥାଏ। କିନ୍ତୁ ତାହା ଅନ୍ୟଦିଗରେ 'ସ୍ୱଜାତିପ୍ରିତୀ' ଏବଂ 'ନିଃସର୍ତ୍ତ ଭଲପାଇବା' କୁ ସୁଚାଇଥାଏ। ମେଣ୍ଢା ବିଷୟରେ ଆଉ ଗୋଟିଏ ପଦ ଅଛି 'ମେଣ୍ଢା ମୁଣ୍ଡ ଭାରି ଟାଣ, ତା ମୁଣ୍ଡିଆକୁ ସାବଧାନ।' ସେହି କ୍ରମରେ ଦେଖିବାକୁ ଗଲେ କବିମାନେ ନିର୍ଭୟରେ ଏବଂ ନିଦ୍ୱନ୍ଦ୍ୱରେ ନିଜ ନିଜର ଲେଖନୀ ଚାଳନା କରି ସାମାଜିକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଥାଆନ୍ତି। 'ଚରଭ ସସ୍ୱ ଙ୍କସଶଷସ୍ୱରକ୍ଷ୍ୱ ସ୍ୱଷବଭ ସ୍ୱଙ୍ଗକ୍ଟକ୍ଷ୍ୱୟ' କୁ ପାଥେୟ କରି ଯାହା ଅସ୍ତ୍ରଶସ୍ତ୍ର ଦ୍ୱାରା ଅସମ୍ଭବ ତାହା ନିଜ ଲେଖନୀମୁନରେ କରି ଦେଖାଇବାକୁ ଚେଷ୍ଟା କରିଥାଆନ୍ତି ଯାହା ଅନେକ ସମୟରେ ମଧ୍ୟ ସଫଳ ହୋଇ ଆସିଛି।ଅନ୍ୟପକ୍ଷରେ ମେଣ୍ଢାମାନଙ୍କର ସାମାଜିକ ପ୍ରତିବଦ୍ଧତା ଅଧିକ। ସେମାନେ ଗୋଠଛଡା ହେବାକୁ ପସନ୍ଦ କରିନଥାନ୍ତି। ଆଉ ଖାଇବାବେଳେ ଗଛର ମୂଳଠୁଁ ଖାଇଥାଆନ୍ତି। ଠିକ୍ ସେହିଭଳି କବିମାନେ ପ୍ରତ୍ୟେକ ସମସ୍ୟାର ମୂଳକୁ ଯାଇ ତା'ର ସମାଧାନ କରିବାର ପ୍ରୟାସ କରିଥାଆନ୍ତି। ଆଉ ଯେଉଁ କବିମାନଙ୍କର ସାମାଜିକ ଦାୟିତ୍ୱବୋଧ ନଥାଏ ସେମାନେ କେବେ କବି ପଦବାଚ୍ୟ ନୁହଁନ୍ତି।  ଯଦି ଆମେ କବି ଯଦୁମଣୀଙ୍କ ହାସ୍ୟରସାତ୍ମକ କବିତ୍ୱ କଥା ଆଲୋଚନା କରିବା ତେବେ ବ୍ୟଙ୍ଗାତ୍ମକ ତଥା ହାସ୍ୟରସ ମାଧ୍ୟମରେ ସିଏ ତଥାକଥିତ ସମାଜରେ ପରିବର୍ତ୍ତନ ଆଣିବା ସହିତ ରାଜାଙ୍କର ମନ, ଶାସନଶୈଳୀ ତଥା ମନୋବୃତ୍ତିରେ ପରିବର୍ତ୍ତନ ଆଣିବାର ଚେଷ୍ଟାକୁ ସୁ•ଇଥାଏ।

ଇଂରେଜ ଶାସନ ସମୟରେ ଭାରତବର୍ଷର ବିଭିନ୍ନ ସ୍ଥାନରେ କବିମାନେ ସେମାନଙ୍କର ଜାତୀୟତାବାଦୀ କବିତା ଦ୍ୱାରା ଲୋକମାନଙ୍କ ମଧ୍ୟରେ ବିପ୍ଳବର ବହ୍ନିକୁ ପ୍ରଜ୍ୱଳିତ କରି ସେମାନଙ୍କୁ ସ୍ୱାଧିନତାର ମହାସଂଗ୍ରାମରେ ସାମିଲ୍ ହେବାପାଇଁ ପ୍ରବର୍ତ୍ତାଇବା ସହିତ ସମାଜରେ ଥିବା ବିଭିନ୍ନ କୁ-ସଂସ୍କାର ଦୂରେଇବା ପାଇଁ ଅନବରତ ଚେଷ୍ଟା କରି ଆସିଥିଲେ। ଏ ପ୍ରକାର କବିତ୍ୱ କେବଳ ଆମ ରାଜ୍ୟ, ଦେଶ ମଧ୍ୟରେ ସିମୀତ ନୁହେଁ ବରଂ ସାରା ବିଶ୍ୱର କୋଣ ଅନୁକୋଣରେ କବିମାନେ ସେମାନଙ୍କର କର୍ତ୍ତବ୍ୟ ଏବଂ ଦାୟିତ୍ୱ ନିର୍ବାହ କରି ଆସିଛନ୍ତି। ଥରେ ରାଜସଭାରେ କବିମାନଙ୍କର ରସମୟ ଅଭିବ୍ୟକ୍ତି ଉପରେ ଆଲୋଚନା •ଲିଥାଏ। ଜଣେ ଜଣେ ପାରିଷଦ ଯୁକ୍ତି କଲେ ରାଜା ମିଛଟା'ରେ କବିମାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଉଛନ୍ତି। ସେମାନେ ଖାଇ ପିଇ କିଛି କାମ ନକରି ଅଳସୁଆ ହୋଇ କେବଳ ଲେଖାଲେଖିରେ ମାତି ନିଶ୍ଚିନ୍ତରେ ରହୁଛନ୍ତି। କେବଳ ସ୍ୱପ୍ନିଳ ଦୁନିଆରେ ଭାସିବାରେ କି ଲାଭ ? ରାଜା ସବୁ ଶୁଣିସାରି କିଛି ସମୟ ନୀରବ ରହିଲେ ଆଉ ତା'ପରେ ପ•ରିଲେ କହିଲ ଦେଖି ତୁମ ଆଗରେ ଶୁଖିଲା କାଠଟିଏ ଅଛି, ସଂସ୍କୃତରେ କ'ଣ ହେବ। ସିଏ କହିଲେ 'ଶୁଷ୍କ କାଷ୍ଠ ତିଷ୍ଠତ୍ୟଗ୍ରେ'। ଏହା ଶୁଣିସାରି ରାଜା କାଳିଦାସଙ୍କୁ କହିଲେ ଆପଣ ଏବେ ଏହାକୁ ସଂସ୍କୃତରେ ପରିପ୍ରକାଶ କରନ୍ତୁ ତା'ପରେ କାଳିଦାସ କହିଲେ 'ନିରଶ ତରୁବର ପୂରତ ଭାଗେ'। ରାଜା ବୁଝାଇ କହିଲେ ଉଭୟଙ୍କର କଥା ଠିକ୍ କିନ୍ତୁ କାଳିଦାସଙ୍କ ପଦର ଯେଉଁ ରସ ଓ ଲାଳିତ୍ୟ ଅଛି ତାହା ତୁମମାନଙ୍କ ପାଖରେ ନାହିଁ। ତରକାରୀ କେବଳ ପରିବାପତ୍ରକୁ ଲୁଣ ଓ ହଳଦୀରେ ଶିଝାଇ ଦେଲେ ସ୍ୱାଦିଷ୍ଟ ହୁଏନାହିଁ ବରଂ ଏଥିରେ ବିଭିନ୍ନ ମସଲା ପକାଇବାକୁ ପଡିଥାଏ।ତେଣୁ କବି ତୁଣ୍ଡ ସରସ୍ୱତୀଙ୍କର ଆଶୀର୍ବାଦ ବୋଲି ବିବେଚନା କରାଯାଇଥାଏ। ବର୍ତ୍ତମାନ ସମୟରେ କବି ସମ୍ମିଳନୀ ଓ କବିତା ପାଠୋତ୍ସବ ଏକ ନିତ୍ୟ ନୈମିତିକ ଘଟଣା ଭାବେ ପରିଲକ୍ଷିତ ହେଲାଣି ଯାହା ଆମ ସମାଜ ପାଇଁ ଶୁଭ ସଙ୍କେତ। କାରଣ ସେହିଠାରୁ ହିଁ ନୂତନ ପ୍ରତିଭା ମାନଙ୍କୁ ସମାଜ ଚିହ୍ନିବାର ସୁଯୋଗ ପାଇବା ସହିତ କବିମାନଙ୍କୁ ସମ୍ମାନ ଦେବାପାଇଁ ଅବସର ମିଳିଥାଏ। ସାହିତ୍ୟରେ ଥିବା ନବରସ ସହିତ ସାମାଜିକ ଦାୟିତ୍ୱବୋଧକୁ କବିମାନେ ସଠିକ୍ ଭାବେ ମିଶାଇ ପାରିଲେ ତାହା ଏକ ନୂତନ ସ୍ୱପ୍ନିଳ ସକାଳ ଗଢ଼ିବାରେ ସହାୟକ ହୋଇ ପାରିବ ଏହା ନିଃସନ୍ଦେହ।


**ଭଦ୍ରକ, ମୋବାଇଲ୍: ୯୭୭୮୭୬୪୩୯୪**


# ବୋଉ ଓ ଫଗୁ ଦଶମୀ




## ଇନ୍ଦୁ ଭୂଷଣ ଭୂୟାଁ


ବୋଉର ଅବର୍ତ୍ତମାନରେ ଭାରି ମନେପଡ଼େ ଫଗୁ ଦଶମୀ କଥା। ଏଇ ଅଳ୍ପ କିଛି ମାସ ହେଲା ସେ ଚାଲିଗଲା ଇହଲୀଳା ସମ୍ବରଣ କରି। ସକାଳୁ ସକାଳୁ କୋହେନୂର ପ୍ରେସର ପାଞ୍ଜି ଦେଖି ବୋଉ କହିବ ଆଜିର ପର୍ବ ପର୍ବାଣୀ ବିଷୟ। ଏହିପରି ତା ଜୀବନ କାଳ ଭିତରେ ଆମ ଭାଇ ଭଉଣୀ ସଭିଙ୍କ ଜାତକ ଦେଖି ରାଶିର ଭଲ ମନ୍ଦ କଥା ଅବଧାନଙ୍କ ଠୁ ବୁଝି ଗାଁ ଠାକୁରାଣୀ ମା'ଜାଗୁଳାଇଙ୍କୁ ଗାଧୋଇ ଦେବାର କଥା ଜୀବନ ଯାକ ତା'ଠୁ ଶୁଣିଛି। ଆଗରୁ ନନ୍ଦ କାକା, ତାପରେ ଜୟା ନନା ଓ ଏବେ ଶନିଆ ନା ଆମ ଗାଁ ଠାକୁରାଣୀଙ୍କ ପୂଜକ। ଆମ ଗାଁ ଜଗତସିଂହପୁର ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ଚାରି କିଲୋମିଟର ଦୂରରେ ଅବସ୍ଥିତ ତୋଟାପଡ଼ା ଗାଁ।

ନୂଆ ପାଞ୍ଜି ଓଡ଼ିଆ ନୂଆ ବର୍ଷ ପଣା ସଂକ୍ରାନ୍ତିଠୁ ଆରମ୍ଭ ହୋଇ ବର୍ଷ ତମାମର ପର୍ବ ପର୍ବାଣୀ, ବିବାହ, ବ୍ରତ, ମାସନ୍ତ, ସଂକ୍ରାନ୍ତି, ବିବାହ ବ୍ରତ ଇତ୍ୟାଦିର ସବୁ କଥା ଥିଲେ ସେଥିରେ ଲିଖିତ। ଏଇ ଫଗୁ ଦଶମୀରୁ ଦୋଳ, ପଞ୍ଚୁ ଦୋଳକୁ ନେଇ ବୋଉର କେତେ ଥର ତାଗିଦ ନନା ଏୟା କହିଛନ୍ତି, ଅବଧାନେ ସେୟା କହିଲେ କହି ବୋଉ ଅନେକ ଥର ଆମକୁ ଜଣାଏ ଭଲ ମନ୍ଦକଥା। ଗାଁରେ ବାରଙ୍ଗ ଗୋସେଇଁ ଗାଦିରୁ ବିମାନରେ ଚଢ଼ି ରଧା-କୃଷ୍ଣ ଭୋଗ ଖାଇବାକୁ ଆସିବେ, ଆମ୍ବ ଚଣା ବା କସି ଆମ୍ବ, ଲଡୁ ବଳା ଉଖୁଡ଼ା, ଡାଲି ଗଜା, ଜିଲିପି, ଖାସ୍ତାଗଜା, ପାଚିଲା କଦଳୀ ଅନ୍ୟାନ୍ୟ ଫଳର ସାମଗ୍ରୀ ସହ ଝୁଣା ଧୂପ, ଦୀପ ଅଗରୁ, ଚୁଆ, ଚନ୍ଦନ ଆଦିର ମହକରେ ବାସି ଉଠୁଥିବ ଖଣ୍ଡ ମଣ୍ଡଳ। ଠାକୁର ଆସିବେ ଆମ ଭୂୟାଁ ଘର ଦାଣ୍ଡରେ ଭୋଗ ଖାଇବା ପରେ ବିଦାଖି ବାବଦରେ ଖୁଣ୍ଟିଆ ଓ ଅନ୍ୟାନ୍ୟ ପୂଜକ ଓ ନନାଙ୍କ ନିମନ୍ତେ ଧୋତି, ସାଢ଼ି ଓ ଗାମୁଛା ସହ ଅର୍ଥର ବିଦାଖି ଦେବାକୁ ପଡୁଥିଲା।

ଠିକ ସେହିପରି ଠାକୁରାଣୀ ମାର୍ଜନା, ବୈଠକ ପାଳୀ, ଦଶରା, ରଜ, କୁଆଁର ପୁନେଇଁ, ଠେକି ବସା, ଆକାଶ ଦୀପ ଟେକା, ପୂଣ୍ୟ କାର୍ତ୍ତିକର ରାହାସ ଗାଥା କାହିଁ କେଜେ କ'ଣ ବୋଉ ଆମକୁ ଜଣାଉ ଥିଲା। ଗାଁରେ ଥିବା ଚୁଟା ଖୁଡ଼ି, ଲିମା ଖୁଡ଼ି, ସବିତା ଖୁଡ଼ି, କୁନି ଖୁଡ଼ି, ଗଙ୍ଗା, ଗଗୁଲା, ଶନିଆ, ଧୀର, ଗଙ୍ଗା, ରଙ୍ଗା ଓ ବୁନୁପରି ସମ୍ପର୍କୀୟ ମାନଙ୍କ ସାହାଯ୍ୟ ସହଯୋଗରେ ବୋଉ ଗଢ଼ିଥିଲା ତାର ସଂସାର ଓ ସାମ୍ରାଜ୍ୟ, ଯାରି ଭିତରେ ଥିଲା ତାର ଆତ୍ମପ୍ରତ୍ୟୟ ଓ ଦମ୍ଭ।

ବସନ୍ତ ପଞ୍ଚମୀ ଠୁ ଫଗୁ ଦଶମୀ ଏଇ ମାସ କେଇଟାର ସୋପାନ ଭିତରେ ଧରାପୃଷ୍ଠରେ ପ୍ରକୃତି ରାଣୀ କେତେ ରଙ୍ଗରେ, କେତେ ରୂପରେ ସଜେଇ ହୋଇ ମଣିଷ ମନର କନ୍ଦର ଭିତରେ ଅଫୁରନ୍ତ ଆନନ୍ଦ ଭରିଦିଏ। ଏବେ ଦେଖୁ ନାହାନ୍ତି ସକାଳୁ ସକାଳୁ ଉଠି ଘର ବାରଣ୍ଡା ବା ଅଗଣାରେ ବସି ପଡ଼ିଲେ ସକାଳର ସୁଲୁସୁଲିଆ ଶୀତଳ ବା ମନକୁ ଅସୁମାରୀ ଆନନ୍ଦ ଦିଏ। ତା ସାଙ୍ଗକୁ କୋଇଲିର କୁହୁ ତାନ ସହ ଚଢ଼େଇଙ୍କ କିଚିରି ମିଚିରି କଳରବ ମଣିଷ ମନରେ ଖେଳାଏ ପୁଲକ। ଆକାଶ କେତେବେଳେ ଇସତ ନୀଳ ତ କେବେ ପୁଣି ଗାଢ଼ ନୀଳ ହୋଇ ମନ ଓ ପ୍ରାଣରେ ଭରେ ପ୍ରାଣ ପ୍ରାଚୁର୍ଯ୍ୟର ଅନନ୍ତ ଆଲୋକ। ସତରେ ଏ ପର୍ବ ପର୍ବାଣୀ, ଯାନିଯାତ୍ରା, ବର, ଓସ୍ତ, ଚାକୁଣ୍ଡା, ପାଳଧୂଆ, ସିମିଳି, ପଳାସ, କୃଷ୍ଣଚୂଡ଼ା, ରାଧାଚୂଡ଼ା ଓ କାଗଜ ଫୁଲର ନୂଆ ପତ୍ର ଓ ଫୁଲର ସମ୍ଭାର, ଦିଗ ବିଦିଗ ଉଛୁଳି ପଡ଼େ ବାସରେ, ପବନର ଥଣ୍ଡା ଥଣ୍ଡା ଶିହରଣରେ ତା'ସାଙ୍ଗକୁ ଜହ୍ନ ରାତିର ସ୍ନିଗ୍ଧତାରେ କେତେ ମନୋରମ ଲାଗେ ଗାଁଠୁ ସହର, ଝାଡ଼ଖଣ୍ଡଠୁ ଓଡ଼ିଶା ସବୁଆଡ଼େ ଲାଗେ ଯେମିତି ସବୁ ଚିହ୍ନା ଚିହ୍ନା ସବୁ ଯେପରି ନିଜର ନିଜର।

ବୋଉ ବିନା ଏ ବର୍ଷର ଫଗୁ ଦଶମୀ ଫଗୁର ଫଗୁଣ ମୋ ପାଇଁ ନୀରଶ ନୀରଶ ଯଦିଓ ଗଛବୃକ୍ଷ ଗୁଳ୍ମଲତା, ନୂଆପତ୍ର, ନୂଆଫୁଲ, ନୂଆ ନୂଆ ଶୀତଳ ପବନରେ ମଣିଷ ମନ ଓ ପ୍ରାଣକୁ ଦିଏ ଅଜସ୍ର ଆନନ୍ଦ ବୋଉ ପରି, ବୋଉର ନିଷ୍କପଟ ପ୍ରେମ ଓ ଭଲ ପାଇବା ପରି ସବୁର ଜୀବନରେ ଏ ଫଗୁ ଦଶମୀ ଆଣୁ ଅଫୁରନ୍ତ ଖୁସିର ମେଳାଣି।


**୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ମୋବାଇଲ୍: ୯୨୦୪୬୫୨୦୬୫**

## ଅଟୋକୁ ଧକ୍କା ଦେଲା ଡମ୍ଫର; ବେପାରୁଆ ଗାଡି ଚାଳନାରୁ ଚାଲିଗଲା ଜୀବନ



**ନୂଆଦିଲ୍ଲୀ,୯।୩:** ଉତ୍ତରପ୍ରଦେଶର ଭୟଙ୍କର ସଡକ ଦୁର୍ଘଟଣା । ନନ୍ଦଗଞ୍ଜ ପୋଲିସ ଷ୍ଟେସନ ଅଞ୍ଚଳରେ ପହାଡପୁର ଛକ ଠାରେ ଏକ ସଡକ ଦୁର୍ଘଟଣା ଘଟିଛି । ଯେଉଁଠାରେ ଭୁଲ ଗାଡ଼ିରୁ ଆସୁଥିବା ଦ୍ରୁତ ଗତିରେ ଏକ ଡମ୍ଫର ଏକ ଅଟୋକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଅଟୋରେ ଯାତ୍ରା କରୁଥିବା ଦମ୍ପତିଙ୍କ ସମେତ ସମସ୍ତ ୬ଜଣ ଗୁରୁତର ଆହତ ହୋଇଛନ୍ତି। ଗାଡିକୁ ପିଟିବା ପରେ ସେଠାରୁ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ଡମ୍ପର ଡ୍ରାଇଭର ପିଲାର ମୁଣ୍ଡ ଉପରେ ଗାଡି ଚଢାଇ ଦେଇଥିଲା । ଯେଉଁ କାରଣରୁ ପିଲାଟି ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଥିଲା। ଏହି ଘଟଣା ପରେ ଆହତ ପରିବାର ସଦସ୍ୟଙ୍କ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଥିଲା। ବାସ୍ତବରେ, ସୟଦପୁରର ଆଲାୟାକର ବାସିନ୍ଦା ୪୫ ବର୍ଷ ବୟସ୍କା ପପୁ କୁମାରଙ୍କ ଆଖି ଖରାପ ଅଛି। ଯେଉଁଥିପାଇଁ ସେ ଶାଦିଆବାଦରେ ଅବସ୍ଥିତ ଚକ୍ଷୁ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଶନିବାର ଦିନ ସେ ତାଙ୍କ ୪୦ ବର୍ଷିୟା ପତ୍ନୀ ଉର୍ମିଳା ଦେବୀ, ତାଙ୍କର ୧୨ ବର୍ଷର ପୁଅ ଶିବମ କୁମାର, ୬ ବର୍ଷିୟ ସମୀର କୁମାର, ୫ବର୍ଷିୟ କରଣ କୁମାର ଏବଂ ପାରସାନୀ ନିବାସୀ ୪୫ ବର୍ଷିୟା ଭଉଣୀ କୁସୁମଙ୍କ ସହ ୩୫ ବର୍ଷିୟ ସୁନୀଲ ଛଦ୍ମନାମ ଗୁଡୁଙ୍କ ନିକଟରେ ଏକ ଅଟୋ ଶାଦିଆବାଦ ଯାଇଥିଲେ। ସେଠାରୁ ଅପରାହ୍ନ ୩.୩୦ ୦ ସମୟରେ ଫେରୁଥିବାବେଳେ ଡ୍ରାଇଭର ସୁନୀଲ ଅଟୋକୁ ପହରପୁରର ଅନ୍ୟ ଲେନ୍‌ରେ ଆଣିବାକୁ ଚେଷ୍ଟା କରିଥିଲେ। ତା'ପରେ ଭୁଲ ଦିଗରେ ଆସୁଥିବା ଏକ ଦ୍ରୁତଗାମୀ ଡମ୍ପର ଅଟୋକୁ ଧକ୍କା ଦେଇଥିଲା।ଯେଉଁ କାରଣରୁ ଅଟୋ ଓଲଟି ପଡିଥିଲା ଏବଂ ସମସ୍ତେ ଏହା ଭିତରେ ଚାପି ହୋଇଯାଇଥିଲେ । ପାର୍ଶ୍ୱରେ ବସିଥିବା ଶିବମ ନାମକ ପିଲାଟି ରାସ୍ତା ଉପରେ ପଡ଼ିଯାଇଥିଲା। ଧକ୍କା ପରେ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ଡମ୍ପର ଡ୍ରାଇଭର ଶିବମଙ୍କ ମୁଣ୍ଡକୁ ଉପରେ ଗାଡି ଚଢାଇ ପଳାଇ ଯାଇଥିଲା । ଏହା ପରେ ତାଙ୍କର ମୃତ୍ୟୁ ହୋଇଥିଲା । ନିକଟସ୍ଥ ଲୋକମାନେ ପୋଲିସକୁ ସୂଚନା ଦେଇଥିଲେ ଏବଂ କୌଣସି ପ୍ରକାରେ ଅଟୋକୁ ସିଧା କରାଇ ଆହତମାନଙ୍କୁ ବାହାରକୁ ଆଣି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## କାର୍ ଅଟକାଇ ପରିସ୍ରା କରୁଥିବା ଗୌରବ ଗିରଫ: ଭିଡିଓ ରେକର୍ଡିଂ କରି ମାଗିଲେ କ୍ଷମା

**ମୁମ୍ବାଇ,୯।୩:** କିଛିଦିନ ତଳେ ମମ୍ବାଇର ଗୌରବ ଆହୁଜା ନାମକ ଜଣେ ଯୁବକ ପୁଣେର ଏକ ଟ୍ରାଫିକ ଷ୍ଟପ୍ ପାଖରେ ନିଜର ବିଏମ୍‌ଡବ୍ଲୁ ଛିଡ଼ା କରି ପରିସ୍ରା କରୁଥିବାର ଭିଡିଓ ଭାଇରାଲ୍ ହୋଇଥିଲା। ଘଟଣାରେ ପୁଲିସ ଆକ୍ସନ ନେବା ପୂର୍ବରୁ ଗୌରବ କ୍ଷମା ପ୍ରାର୍ଥନା କରିଛନ୍ତି। ସେ ଏକ ଭିଡିଓ ରେକର୍ଡିଂ କରି ତାଙ୍କ ଭୁଲ୍ ପାଇଁ କ୍ଷମା ମାଗିବା ସହିତ ଏପରି ଭୁଲ୍ ସେ ଆଉ କେବେ ବି କରିବେ ନାହିଁ ବୋଲି କହିଛନ୍ତି। ଭାଇରାଲ୍ ହୋଇଥିବା ଭିଡିଓରେ ଗୌରବ ଆହୁଜା ୟେରୱାଡାର ଶାସ୍ତ୍ରୀନଗର ଛକରେ ପରିସ୍ରା କରୁଥିବାର ଦେଖିବାକୁ ମିଳିଥିବା ବେଳେ ଭାଗ୍ୟେଶ ଓସୱାଲ ନାମକ ଅନ୍ୟ ଜଣେ ବ୍ୟକ୍ତି କାର ଆଗ ସିଟରେ ଏକ ମଦ ବୋତଲ ଧରି ବସିଥିଲେ। ଦୁହେଁ ନିଶାରେ ଥିବା ଦଖିବାକୁ ମିଳିଥିଲା। ରାସ୍ତାରେ ଯାଉଥିବା ଜଣେ ବ୍ୟକ୍ତି ଏହାର ଭିଡିଓ ରେକର୍ଡିଂ କରିଥିଲେ। ଯେଉଁଥିରେ ଗୌରବ ତାଙ୍କୁ ଆଶାଳୀନ ଭାଷା କହୁଥିବା ସହିତ ପେଣ୍ଟ ଖୋଲି କ୍ୟାମେରା ସାମ୍ନାରେ ଯୌନାଙ୍ଗ ଦେଖାଇଥିଲେ। ଏବଂ ସ୍ପିଡ୍‌ରେ ସେଠାରୁ ପଳାଇ ଯାଇଥିଲା। ଦେଖଣାହାରୀ ଜଣଙ୍କ ଭିଡିଓକୁ ସୋସିଆଲ୍ ମିଡିଆରେ ଅପଲୋଡ କରିବା ସହିତ ପୁଲିସକ ଟ୍ୟାଗ୍ କରିଥିଲେ। ଦେଖୁ ଦେଖୁ ଭିଡିଓଟି ଖୁବ୍ ଭାଇରାଲ୍ ହୋଇଥିଲା। ଏହାପରେ ପୁଲିସ ଘଟଣାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହେଲେ ଗୌରବ ତା' ପୂର୍ବରୁ ଭିଡିଓ ରେକର୍ଡିଂ କରି କ୍ଷମା ମାଗିବା ସହିତ ଥାନାରେ ଆତ୍ମସମର୍ପଣ କରିଥିଲେ। ପୁଲିସ ତାକୁ ଗିରଫ କରିଛି।

## ଉତ୍ତରାଖଣ୍ଡରେ ବଡ ଅଘଟଣ; ୧୦୦ ମିଟର ଖାଇକୁ ଖସିଲା ସ୍କୁଟି, ୩ ମୃତ

**ନୂଆଦିଲ୍ଲୀ,୯।୩:** ରୁଦ୍ରପ୍ରୟାଗ ଜିଲ୍ଲାର କୁଣ୍ଡା-ଡାନକୋଟ ନିକଟରେ ଏକ ସ୍କୁଟର ଗଭୀର ଖାଇରେ ପଡ଼ିଯାଇଥିଲା । ଯାହା ଫଳରେ ତିନିଜଣ ମୃତ୍ୟୁ ବରଣ କରିଥିଲେ। ଏହି ତିନିଜଣ ଯୁବକ ରୁଦ୍ରପ୍ରୟାଗର ବାସିନ୍ଦା ଥିଲେ। ପୋଲିସ ଏବଂ ଏସଡିଆରଏଫ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତିନିଜଣଙ୍କ ମୃତଦେହକୁ ଖାଇରୁ ବାହାର କରିଥିଲେ। ୧୦୦ ମିଟର ଗଭୀର ଖାଇକୁ ଖସି ପଡ଼ିବା ପରେ ସେମାନଙ୍କର ମୃତ୍ୟୁ ଘଟିଛି। ଶନିବାର ଜଣେ ଅଧିକାରୀ କହିଛନ୍ତି ଯେ ମୃତ ସ୍ଥାନୀୟ ଲୋକ, ଯାହାର ନାମ ଅଙ୍କିତ (୨୭), ଟିଂଟୁ (୨୩) ଏବଂ ସନ୍ଦୀପ (୨୭)। ଶୁକ୍ରବାର ବିଳମ୍ବିତ ରାତିରେ ଚୋପା-ପୋଖରୀ ମୋଟର ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। ରୁଦ୍ରପ୍ରୟାଗ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ନନ୍ଦନ ସିଂ ରାଜୱାର କହିଛନ୍ତି ଯେ ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ଏବଂ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ଫୋର୍ସ (ଏସଡିଆରଏଫ) କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସେ କହିଛନ୍ତି ଯେ ରାତି ୧୧.୧୫ରେ ସ୍କୁଟର ରାସ୍ତା ତଳେ ୧୦୦ ମିଟର ଗଭୀର ଖାଇରେ ପଡିଯାଇଥିଲା। ରାଜୱାର କହିଛନ୍ତି ଯେ ସ୍କୁଟରରେ ଥିବା ତିନି ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକଙ୍କ ମୃତଦେହକୁ ଖାଇରୁ ବାହାର କରି ଆମ୍ବୁଲାନ୍ସ ଯୋଗେ ରୁଦ୍ରପ୍ରୟାଗ ଜିଲ୍ଲା ଡାକ୍ତରଖାନାକୁ ପୋଷ୍ଟମର୍ଟମ ପାଇଁ ନିଆଯାଇଥିଲା।

## ପାଣି ଟାଙ୍କି ସଫା କରିବା ସମୟରେ ଶ୍ୱାସରୁଦ୍ଧ ହୋଇ ପାଞ୍ଚ ଜଣ ଶ୍ରମିକଙ୍କ ମୃତ୍ୟୁ

**ମୁମ୍ବାଇ,୯।୩:** ନାଗପଡ଼ାରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ଏକ ନିର୍ମାଣାଧୀନ କୋଠାରେ ପାଣି ଟାଙ୍କି ସଫା କରିବା ସମୟରେ ଶ୍ୱାସରୁଦ୍ଧ ହୋଇ ପାଞ୍ଚ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଶ୍ରମିକମାନେ ଏକ ନିର୍ମାଣ କୋଠାର ଭୂତଳ ପାଣି ଟାଙ୍କିକୁ ସଫା କରିବା ପାଇଁ ପଶିଥିଲେ। ତେବେ ଶ୍ୱାସରୁଦ୍ଧ ହୋଇ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିଲେ। ଏହି ଘଟଣା ପରେ ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବୃହନମୁମ୍ବାଇ ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମ୍‌ସି) ଅନୁଯାୟୀ, ଆଜି ପ୍ରାୟ ୧୨.୨୯ ସମୟରେ ନାଗପଡ଼ାର ବିସମିଲ୍ଲା ସ୍ପେସ୍ କୋଠାରେ କିଛି ଶ୍ରମିକ ପାଣି ଟାଙ୍କି ସଫା କରୁଥିବା ସମୟରେ ଏଭଳି ଅଘଟଣ ଘଟିଥିଲା। ପୌର ଅଧିକାରୀମାନେ କହିଛନ୍ତି ଯେ, ଘଟଣା ବିଷୟରେ ସୂଚନା ପାଇବା ମାତ୍ରେ ସେମାନେ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଆହତ ଶ୍ରମିକମାନଙ୍କୁ ଶ୍ୱାସରୁଦ୍ଧରୁ ଉଦ୍ଧାର କରିଥିଲେ। ନାଗପଡ଼ା ଅଞ୍ଚଳର ଡିମିଟିମକର ରୋଡରେ ଗୁଡ୍ ଲକ୍ ମୋଟର ଟ୍ରେନିଂ ସ୍କୁଲ ନିକଟରେ ଅବସ୍ଥିତ ବିସମିଲ୍ଲା ସ୍ପେସ୍ ବିଲଡିଂରେ ପାଣି ଟାଙ୍କି ସଫା କରିବାକୁ ଯାଇଥିବା କର୍ମଚାରୀମାନେ ସଫେଇ ସମୟରେ ଭିତରେ ଅଚେତ ହୋଇପଡ଼ିଥିଲେ। ଏହାପରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ଅନ୍ୟମାନେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଜଣେ ଅଧିକାରୀ କହିଛନ୍ତି । ମୁମ୍ବାଇ ଅଗ୍ନିଶମ ବାହିନୀ (ଏମ୍‌ଏଫବି) ଶ୍ରମିକମାନଙ୍କୁ ଚିକିତ୍ସା ପାଇଁ ତୁରନ୍ତ ଜେଜେ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

### କୀବ୍ ଉପରେ ଋଷର ଏୟାର ଷ୍ଟ୍ରାଇକ୍

# ମିସାଇଲ୍ ମାଡ଼ରେ ୨୫ ନାଗରିକ ମୃତ, ୪୦ ଆହତ

**ନୂଆଦିଲ୍ଲୀ,୯।୩:** ୟୁକ୍ରେନ୍ ଉପରେ ଋଷର ବଡ଼ ହମଲା । ରାଜଧାନୀ କୀବ୍ ସହର ଉପରେ ଏୟାର ଷ୍ଟ୍ରାଇକ୍ କରିଛି ମସ୍କୋ । ଘନ ଘନ ମିସାଇଲ୍ ମାଡ଼ରେ ପ୍ରାୟ ୨୫ଜଣ ୟୁକ୍ରେନ ନାଗରିକଙ୍କ ମୃତ୍ୟୁ ହୋଇଛି। ସେହିପରି ଏଥିରେ ୪୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଆମେରିକା ସରକାର ୟୁକ୍ରେନକୁ ଗୁଇନ୍ଦା ତଥ୍ୟ ସହାୟତା ବନ୍ଦ କରିବା ପରେ ଏହି ଆକ୍ରମଣ ହୋଇଛି । ୟୁକ୍ରେନ୍ ସରକାରଙ୍କ ସୂଚନା ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ ଏହି ଆକ୍ରମଣ ହୋଇଛି। ୟୁକ୍ରେନର ପୂର୍ବ ସହର ଡୋବ୍ରୋପିଲିଆ ଏବଂ ଖାର୍କୀ କ୍ଷେତ୍ରର ଏକ ବସ୍ତି ଉପରେ ମିସାଇଲ ଏବଂ ଡ୍ରୋନ ମାଡ଼ କରିଛି ଋଷ୍ ସେନା । ଏଥିରେ ୨୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୪୦ଜଣ ଆହତ ହୋଇଛନ୍ତି । ଗୁରୁତରଙ୍କ ସଂଖ୍ୟା ଅଧିକ ଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି କୁହାଯାଉଛି । ସ୍ଥାନୀୟ ଅଧିକାରୀଙ୍କ କହିବା କଥା, ଋଷର ଏହି ଆକ୍ରମଣରେ ଡେନଟସ୍କ ଅଞ୍ଚଳ ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଏୟାର ଷ୍ଟ୍ରାଇକରେ ୧୧ଜଣ ପ୍ରାଣ ହରାଇଥିବା ବେଳେ ୪୦ ନାଗରିକ ଗୁରୁତର ଭାବେ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଛୋଟ ପିଲାଥିବା ସୂଚନା ରହିଛି । ବିଶେଷ କରି ଖାର୍କୀବ ଏବଂ ଓଡେଶା ପ୍ରାନ୍ତରେ ବୁନିଆଦି ଢାଞ୍ଚା କ୍ଷତିଗ୍ରସ୍ତ ହୋଇଛି । ଅନେକ ବିଲ୍ଡିଂ ମାଟି ସମାଧି ନେଇଛି । ୩୦ରୁ ଅଧିକ ଗାଡ଼ି ଜଳିପୋଡ଼ି ପାଉଁଶ ହୋଇଛି । ଏତେ ସଂଖ୍ୟାରେ ଲୋକଙ୍କ ମୃତ୍ୟୁରେ ଡେନଟସ୍କ ରାଜ୍ୟପାଳ ଭାଡିମ୍ ଫିଲିଆସ୍କିନ୍ ଶନିବାର ଶୋକ ଦିବସ ପାଳନ କରିଥିଲେ। ୟୁକ୍ରେନ ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି କହିଛନ୍ତି, ଆମେରିକା ସୈନ୍ୟ ଏବଂ ଗୁଇନ୍ଦା ସମର୍ଥନ ହଟାଇବା ପରେ ଋଷ୍ ସେନା ବଡ଼ ଆକ୍ରମଣ କରିଛି ।





## ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଅସୁସ୍ଥ

● ଦିଲ୍ଲୀ ଏମ୍ସରେ ଚାଲିଛି ଚିକିତ୍ସା



**ନୂଆଦିଲ୍ଲୀ,୯।୩:** ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଖରାପ ହୋଇଯାଇଛି। ସୂତ୍ର ଅନୁସାରେ, ଗତକାଲି ରାତି ପ୍ରାୟ ୨ଟାରେ ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ତାଙ୍କ ହାର୍ଟରେ ଏକ ଷ୍ଟେଣ୍ଟ ଭର୍ତି କରାଯାଇଥିଲା। କୁହାଯାଉଛିକି, ରାତିରେ ଶୋଇବା ସମୟରେ ସେ ଅସ୍ଥିରତା ଏବଂ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ବର୍ତ୍ତମାନ ଏହା ଏମ୍ସରେ ଦ୍ୱାରା ନିଶ୍ଚିତ କରାଯାଇ ନାହିଁ। ଏଏନ୍‌ଆଇ ରିପୋର୍ଟ ଅନୁସାରେ, ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି ଯେ, ୭୩ ବର୍ଷୀୟ ଉପରାଷ୍ଟ୍ରପତିଙ୍କୁ ଆଜି (ରବିବାର) ସକାଳେ ଏମ୍ସରେର ହୃଦ୍‌ରୋଗ ବିଭାଗରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ଅଛି ଏବଂ ତାଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ଏମ୍ସର ହୃଦରୋଗ ବିଭାଗର ମୁଖ୍ୟ ଡାକ୍ତର ରାଜୀବ ନାରଙ୍ଗଙ୍କ ତତ୍ତ୍ୱାବଧାନରେ ଉପରାଷ୍ଟ୍ରପତିଙ୍କ ଚିକିତ୍ସା କରାଯାଉଛି। ତାଙ୍କୁ କ୍ରିଟିକାଲ୍ କେୟାର ୟୁନିଟ୍ (ସିସିୟୁ)ରେ ରଖାଯାଇଛି। ଡାକ୍ତରଙ୍କ ଏକ ସ୍ୱତନ୍ତ୍ର ଦଳ ତାଙ୍କ ଅବସ୍ଥା ଉପରେ ନିରନ୍ତର ନଜର ରଖିଛନ୍ତି।

# ହ୍ୱାଇଟ୍ ହାଉସ୍ ବାହାରେ ଗୁଳିକାଣ୍ଡ

### ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଏନ୍‌କାଉଣ୍ଟର କଲା ଆମେରିକା ସିକ୍ରେଟ୍ ସର୍ଭିସ୍

**ୱାଶିଂଟନ୍,୯।୩:** ୱାଶିଂଟନ୍ ଡିସିରେ ହ୍ୱାଇଟ୍ ହାଉସ୍ ବାହାରେ ବିଳମ୍ବିତ ରାତିରେ ଗୁଳିକାଣ୍ଡ ଘଟିଛି । ସୂଚନା ଅନୁସାରେ ଆମେରିକାର ସିକ୍ରେଟ୍ ସର୍ଭିସ୍ ହତିଆରଧାରୀ ସନ୍ଦିଗ୍ଧଙ୍କୁ ଗୁଳି କରି କରିଛନ୍ତି । ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିବା ସୂଚନା ମିଳିଛି । ତେବେ ବଡ଼ କଥା ହେଉଛି ଘଟଣା ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସରେ ନଥିଲେ । ତେବେ ଅଭିଯୁକ୍ତ ଜୀବିତ କି ମୃତ ତାହା ବର୍ତ୍ତମାନ ସ୍ପଷ୍ଟ ହୋଇ ନାହିଁ । ଏହି ଘଟଣା ପରେ ହ୍ୱାଇଟ୍ ହାଉସ୍ ବାହାରେ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି । ସୂଚନା ଅନୁସାରେ ଆମେରିକାର ସିକ୍ରେଟ୍ ସର୍ଭିସର ଅଧିକାରୀଙ୍କୁ ଘଟଣାର ଗୋଟିଏ ଦିନ ପୂର୍ବରୁ ସୂଚନା ମିଳିଥିଲା ଯେ ଜଣେ ବ୍ୟକ୍ତି ଇଣ୍ଡିୟାନାରୁ ୱାଶିଂଟନ ଡିସି ହ୍ୱାଇଟ୍ ହାଉସ୍ ଆସିପାରେ । ସନ୍ଦିଗ୍ଧ ପାଖରେ ହତିଆର ଥିବା ମଧ୍ୟ ସୂଚନା ଥିଲା । ଗୁଇନ୍ଦା ସୂଚନା ଆଧାରରେ ହିଁ ସୁରକ୍ଷା କର୍ମୀ ମୁତୟନ କରାଯାଇଥିଲା । ହ୍ୱାଇଟ୍ ହାଉସର ଗୋଟିଏ ବ୍ଲକ୍ ଦୂରରେ, ଆଇଜନହାବର ଏକ୍ସିକ୍ୟୁଟିଭ ଅଫିସ୍ ବିଲ୍ଡିଂର ପଶ୍ଚିମରେ ଏହି ଗୁଳିକାଣ୍ଡ ଘଟିଛି । ରବିବାର ରାତିରେ ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟ ସନ୍ଦିଗ୍ଧ ବ୍ୟକ୍ତିର କାରକୁ ଏନ୍‌ଡବ୍ଲୁ ନିକଟରେ ଛିଡ଼ା ହୋଇଥିବା ଦେଖିବାକୁ ପାଇଥିଲେ । ଏହାପରେ ଜଣେ ବ୍ୟକ୍ତି ଚାଲି ଚାଲି ଆଗକୁ ବଢୁଥିବା ଦେଖିବାକୁ ମିଳିଥିଲା। ବ୍ୟକ୍ତି ଜଣକ ଗୁଇନ୍ଦା ସୂଚନାରେ ମିଳିଥିବା ବ୍ୟକ୍ତିର ସହ ମେଳ ଖାଉଥିଲେ । ଅଧିକାରୀମାନେ ସନ୍ଦିଗ୍ଧ ନିକଟରେ ପହଞ୍ଚିବା ବେଳେ, ସେ ବନ୍ଧୁକ ବାହାର କରି ଗୁଳିମାଡ଼ କରିବା ଆରମ୍ଭ କରିଥିଲା। ଏହା ପରେ ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିଲା । ସିକ୍ରେଟ୍ ସର୍ଭିସ୍ ବୟାନ ଅନୁସାରେ ସନ୍ଦିଗ୍ଧ ବ୍ୟକ୍ତିକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । କିନ୍ତୁ ତା'ର ସ୍ୱାସ୍ଥ୍ୟାବସ୍ଥ ବାବଦରେ ଅଧିକ ସୂଚନା ଦିଆଯାଇ ନାହିଁ ।




## ୧୪ ବର୍ଷରେ ଭିତରେ ସବୁଠୁ ବଡ଼ ଯୁଦ୍ଧ | ୨ ଦିନରେ ଗଲାଣି ୧୦୦୦ ଜୀବନ

**ଦାମାସକସ,୯।୩:** ପୁଣି ଅଶାନ୍ତ ହୋଇ ଉଠିଛି ସିରିୟା। ଦୁଇ ଗୋଷ୍ଠୀ ମଧ୍ୟରେ ଘମାଘୋଟ ସଂଘର୍ଷ ଘଟିବା ଫଳରେ ୧୪ ବର୍ଷ ମଧ୍ୟରେ ଦେଶରେ ସବୁଠାରୁ ବଡ଼ ଯୁଦ୍ଧ ପରିସ୍ଥିତି ଦେଖାଦେଇଛି। ଏହି ଭୟାବହ ସଂଘର୍ଷରେ ମାତ୍ର ୨ ଦିନ ଭିତରେ ୧ ହଜାରରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିସାରିଲାଣି। ସିରିୟାରେ ସୁରକ୍ଷା ବାହିନୀ ଓ ଗାଦିଚ୍ୟୁତ ରାଷ୍ଟ୍ରପତି ବସର ଅଲ ଆସାଦଙ୍କ ସମର୍ଥକଙ୍କ ମଧ୍ୟରେ ଗତ ଦୁଇଦିନ ହେଲା ବିବାଦ ଚାଲିଛି। ଏହି ବିବାଦ ସଂଘର୍ଷର ରୂପ ନେବା ପରେ ହଜାରେରୁ ଅଧିକ ନିରୀହ ଲୋକ ନିହତ ହୋଇଛନ୍ତି। ଦିନକୁ ଦିନ ସିରିୟାରେ ସ୍ଥିତି ଗୁରୁତର ରୂପ ନେବାରେ ଲାଗିଛି। ଗତ ଶୁକ୍ରବାର ସିରିୟାର ନୂଆ ସରକାରଙ୍କ ସମର୍ଥିତ ସୁନ୍ନି ମୁସଲିମ ଗୋଷ୍ଠୀ ପକ୍ଷରୁ ବନିୟା ସହର ଓ ଏହାର ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଆସାଦଙ୍କ ଅଲୱିଟ୍ ଗୋଷ୍ଠୀ ଉପରେ ଆକ୍ରମଣ କରାଯାଇଥିଲା। ଏହାପରେ ସଂଘର୍ଷ ଆରମ୍ଭ ହୋଇଯାଇଥିଲା। ଦୁଇ ଦିନ ହେବ ଲାଗି ରହିଥିବା ହିଂସାରେ ପ୍ରାଣହାନୀ ସହ ବିପୁଳ କ୍ଷୟକ୍ଷତି ମଧ୍ୟ ହୋଇଛି। ଏହି ଯୁଦ୍ଧରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ୭୪୫ ଜଣ ନାଗରିକ, ୧୨୫ ଜଣ ସୁରକ୍ଷାକର୍ମୀ ଓ ୧୪୮ ଜଣ ଆତଙ୍କବାଦୀ ରହିଥିବା ଜଣାପଡ଼ିଛି। ବନ୍ଧୁକ ଓ ଅନ୍ୟ ଅସ୍ତ୍ରଶସ୍ତ୍ର ସହ ସୁନ୍ନି ଗୋଷ୍ଠୀର ସଦସ୍ୟମାନେ ଘର ଘର ବୁଲି ଖୋଜିଖୋଜି ଅଲୱିଟ ଲୋକଙ୍କୁ ଗୁଳି କରି ଓ ଖଣ୍ଡାରେ ହାଣି ହତ୍ୟା କରିଥିଲେ। ଏପରିକି ଘରୁ ଟାଣି ଆଣି ରାସ୍ତାରେ ଠିଆ କରି ଅନେକ ଲୋକଙ୍କୁ ମଧ୍ୟ ଅତି ବର୍ବର ଭାବେ ଗୁଳି ମାରିଥିଲେ। କେବଳ ସେତିକି ନୁହେଁ, ସେମାନଙ୍କ ଘରେ ଲୁଟପାଟ କରିବା ପରେ ନିଆଁ ମଧ୍ୟ ଲଗାଇ ଦେଇଥିଲେ। ଭୟରେ ଅଲୱିଟ ଲୋକମାନେ ନିକଟସ୍ଥ ପାହାଡ଼ରେ ଆତ୍ମଗୋପନ କରିଥିବା ଜଣାପଡ଼ିଛି। ସେହିଭଳି ସୁନ୍ନି ଗୋଷ୍ଠୀ ରହୁଥିବା କେତେକ ଅଞ୍ଚଳରେ ମଧ୍ୟ ଅଲୱିଟ୍ ଲୋକମାନେ ଆକ୍ରମଣ କରିଥିବା ସୂଚନା ମିଳିଛି। ତେବେ ଏପରି ସ୍ଥିତି ନେଇ ସିରିୟାର ନୂଆ ସରକାର କହିଛନ୍ତି ଯେ ଆମେ କେବଳ ବସର ଅଲ ଆସାଦଙ୍କ ସମର୍ଥକଙ୍କ ବିରୋଧରେ କାର୍ଯାନୁଷ୍ଠାନ ଗ୍ରହଣ କରୁଛୁ।



## ପବ୍‌ରେ ଆଖିବୁଜା ଗୁଳିମାଡ, ୧୨ ଆହତ

**ନୂଆଦିଲ୍ଲୀ,୯।୩:** କାନାଡାର ପୂର୍ବ ଟରୋଣ୍ଟୋରେ ଥିବା ଏକ ପବ୍ରେ ଗୁଳିମାଡ। ଯେଉଁଥିରେ ତିନିଜଣ ବ୍ୟକ୍ତି ଭିତରକୁ ପ୍ରବେଶ କରି କୌଣସି ଚେତାବନୀ ବିନା ଗୁଳି ଚଳାଇଥିଲେ । ଏଥିରେ ଅତି କମରେ ୧୨ ଜଣ ଆହତ ହୋଇଥିଲେ। ଏନେଇ ଶୁକ୍ରବାର ପୋଲିସ ଏହି ସୂଚନା ଦେଇଛି। ରାତି ପ୍ରାୟ ୧୦.୪୦ରେ ଗୁଳି ଚାଳନା ଖବର ପାଇଥିବା ନେଇ ପୋଲିସ କହିଛି। ପ୍ରଥମେ ୧୧ ଜଣ ବୟସ୍କ ଆହତ ହୋଇଛନ୍ତି, କିନ୍ତୁ ପରେ ପୋଲିସ କହିଛି ଯେ ୧୨ ଜଣ ଆହତ ହୋଇଛନ୍ତି। ଲୋକଙ୍କୁ ଏହି ଅଞ୍ଚଳଠାରୁ ଦୂରରେ ରହିବାକୁ ଚେତାବନୀ ପୋଲିସ ଏହା ମଧ କହିଛି ଯେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ସିଲଭର କାରରେ ପଳାଇଥିବାର ଦେଖିବାକୁ ମିଳିଛ ଏବଂ ସେ ଏବେ ବି ଫେରାର ଅଛନ୍ତି। ଲୋକଙ୍କୁ ଏହି ଅଞ୍ଚଳଠାରୁ ଦୂରରେ ରହିବାକୁ ଚେତାବନୀ ଦିଆଯାଇଛି। ଶନିବାର ସକାଳେ 'ଏକ୍ସ'ରେ ପୋଲିସ କହିଛି ଯେ ଗୁଳି ବିନିମୟରେ ତିନି ଜଣଙ୍କୁ ସନ୍ଦେହ କରାଯାଉଛି ଏବଂ ଖୁବ୍ ଶୀଘ୍ର ଅପରାଧୀଙ୍କୁ ଗିରଫ କରାଯିବ ବୋଲି କୁହାଯାଉଛି। ଟରୋଣ୍ଟୋ ପୋଲିସ୍ କହିଛନ୍ତି ଯେ ଶୁକ୍ରବାର ଦିନ ୧୦.୪୦ରେ ପାଇପର୍ ଆର୍ମସ୍ ଉପରେ ଗୁଳି ଚଳାଇଥିବା ପୋଲିସକୁ ଏକାଧିକ ଜରୁରୀକାଳୀନ କଲ୍ ଆସିଛି। ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି ଯେ ତିନିଜଣ ବ୍ୟକ୍ତି ପବ୍ ଭିତରକୁ ପ୍ରବେଶ କରି ଭିତର ଲୋକଙ୍କ ଉପରକୁ ଗୁଳି ଚଳାଇବା ଆରମ୍ଭ କରିଥିଲେ।

## ଗ୍ୟାସ ପାଇପଲାଇନରେ ଅଗ୍ନିକାଣ୍ଡ: ଜଳିଗଲା ୩ ଗାଡି, ୩ ଗୁରୁତର



**ମହାରାଷ୍ଟ୍ର,୯।୩:** ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇର ମରୋଲ ଅଞ୍ଚଳରେ ଭୟଙ୍କର ଅଗ୍ନିକାଣ୍ଡ ହୋଇଛି । ଗ୍ୟାସ ପାଇପ ଲାଇନରେ ଲିକ୍ ଯୋଗୁଁ ଏହି ଘଟଣା ଘଟିଯାଇଛି । ନିଆଁ ଲାଗିବା ଯୋଗୁଁ ଗୋଟିଏ କାର, ରିକ୍ସା ଏବଂ ବାଇକ୍ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଏହି ଘଟଣାରେ ତିନି ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ଟ୍ରମା ସେଣ୍ଟରରେ ଭର୍ତ୍ତି କରାଯାଇଥିଲା । ତାଙ୍କର ଡାକ୍ତରଖାନାରେ ଚିକିତ୍ସା ଚାଲିଛି । ସୂଚନା ଅନୁସାରେ ରାତି ପ୍ରାୟ ୧୨.୩୦ରେ ନିଆ ଲାଗିଥିବା ଖବର ମିଳିଥିଲା । ଯେଉଁଠାରେ ମୁମ୍ବାଇ ମ୍ୟୁନିସିପାଲ୍ କର୍ପୋରେସନ୍ କାମ ଚାଲିଥିଲା । ସେହି ନିକଟରେ ଏହି ଅଘଟଣ ଘଟିଯାଇଛି । ଅଗ୍ନିକାଣ୍ଡ ଯୋଗୁଁ ୩ ଜଣ ପୋଡ଼ି ଯାଇଛନ୍ତି । ସେମାନଙ୍କୁ ଚିକିତ୍ସା ପାଇଁ ପଠାଯାଇଛି। ଶେର୍ ପଞ୍ଜାବ ଜଙ୍କସନ୍ ନିକଟରେ ରାସ୍ତା କାମ ଚାଲିଥିଲା। ଏକ ଜେସିବି ଦ୍ୱାରା ଧକ୍କା ହେବା ପରେ ଗ୍ୟାସ୍ ପାଇପଲାଇନ୍ ଫାଟି ଯାଇଥିଲା। ଗ୍ୟାସ ପାଇପଲାଇନ ଫାଟିଯିବାରୁ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ସେହି ବାଟ ଦେଇ ଯାଉଥିବା ତିନୋଟି କାରରେ ନିଆଁ ଲାଗିଯାଇଥିଲା।

## ମୋଦିଙ୍କୁ ଭେଟିବାକୁ ଚାହୁଁଛନ୍ତି କୋଲକାତା ଦୁଷ୍କର୍ମ ପୀଡିତାଙ୍କ ମା'

**କହିଲେ କେବେ ମିଳିବ ନ୍ୟାୟ?**

**ନୂଆଦିଲ୍ଲୀ,୯।୩:** କୋଲକାତା ଆରଜି କର ହସ୍ପିଟାଲର ଲେଡି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ପୀଡିତାଙ୍କୁ ନ୍ୟାୟ ଦାବିରେ ଡାକ୍ତରଙ୍କ ଆନ୍ଦୋଳନ ତୀବ୍ର ହୋଇଥିଲା। ଏବେ ପୀଡିତାଙ୍କା ମା' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାର ଇଚ୍ଛା ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସରେ ଶୋକ ସନ୍ତପ୍ତ ମା' ପଶ୍ଚିମବଙ୍ଗରେ ମହିଳାଙ୍କ ସୁରକ୍ଷା ଉପରେ ମଧ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ମୁଁ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଚାହୁଁଛି। ତାଙ୍କୁ ଏହି ମାମଲାରେ ହସ୍ତକ୍ଷେପ କରିବା ଓ ଆମର ଝିଅକୁ ନ୍ୟାୟ ଦେବା ପାଇଁ ଅପିଲ କରିବାକୁ ଚାହୁଁଛି। ସେ କହିଛନ୍ତି ଆମ ଝିଅ ବଡ଼ ସ୍ୱପ୍ନ ଦେଖିଥିଲା। ହେଲେ ଖୁବ୍ କଷ୍ଟ ଦେଇ ମାରିଦେଲେ।

## ପୁଣି ଅଶାନ୍ତ ହେଲା ମଣିପୁର | ସଂଘର୍ଷରେ ୨୭ ସୁରକ୍ଷାକର୍ମୀ ଆହତ, ୧ ମୃତ

**ନୂଆଦିଲ୍ଲୀ,୯।୩:** ମଣିପୁରରେ ଶାନ୍ତି ଫେରାଇ ଆଣିବାକୁ କେନ୍ଦ୍ର ସରକାର ଉଦ୍ୟମ କରୁଥିବା ବେଳେ ଶନିବାର ପୁଣି ହିଂସାକାଣ୍ଡ ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୭ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ଇମ୍ଫାଲ-ଦିମାପୁର ରାଜପଥରେ କୁକି-ଜୋ ସମ୍ପ୍ରଦାୟର ସଦସ୍ୟ ଓ ସୁରକ୍ଷା ବାହିନୀ ମଧରେ ସଂଘର୍ଷ ହୋଇଥିଲା। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ମଣିପୁରରେ ମୁକ୍ତ ବିଚରଣକୁ ଅନୁମତି ଦେଇଥିଲେ। ଆଜିଠାରୁ କୁକି ଏବଂ ମୈତେଇ ଅଞ୍ଚଳ ସମେତ ସାରା ମଣିପୁରରେ ସମସ୍ତ ଯାନବାହାନର ମୁକ୍ତ ଚଳାଚଳକୁ ହୋଇଥାନ୍ତା। ହେଲେ ବିଦ୍ରୋହୀମାନେ ଏହାକୁ ଅବମାନନା କରିଛନ୍ତି। କାଙ୍ଗପୋକପି ଜିଲ୍ଲାରେ, ବିଶେଷକରି ଜାତୀୟ ରାଜପଥ ନମ୍ବର ୨ ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଉତ୍ତେଜନା ବୃଦ୍ଧି ପାଇବାରୁ ବାଧ ହୋଇ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ପୁଣିଥରେ କର୍ଫ୍ୟୁ ଜାରି କରିବାକୁ ପଡ଼ିଛି। ଆଜି ସକାଳେ, ପ୍ରଦର୍ଶନକାରୀମାନେ ଏକ ବସ୍ ଉପରେ ଆକ୍ରମଣ କରିଥିଲେ ଏବଂ ସରକାରୀ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି କରିବା ପାଇଁ ଟାୟାର ଜାଳି ଏନ୍‌ଏଚ-୨ (ଇମ୍ଫାଲ-ଦିମାପୁର ରାଜପଥ) ଅବରୋଧ କରିଥିଲେ। ସେମାନଙ୍କୁ ଘଉଡ଼ାଇବା ପାଇଁ ସୁରକ୍ଷା ବାହିନୀକୁ ଲୁହ ବୁହା ଗ୍ୟାସ୍ ସେଲ୍ ଫୁଟାଇଥିଲା । କୁକିମାନଙ୍କର ଏକ ଗୋଷ୍ଠୀ ଏକ ସାଧାରଣ ପରିବହନ ବସ୍‌କୁ ଅଟକାଇବା ପରେ ଉତ୍ତେଜନା ଆରମ୍ଭ ହୋଇଥିଲା ଏବଂ ମଣିପୁରର ଉପତ୍ୟକା ଏବଂ ପାହାଡ଼ି ଜିଲ୍ଲା ମଧରେ ରାଜ୍ୟ ସରକାରଙ୍କ ସରକାରୀ ବସ୍ ସେବା ଚଳାଚଳକୁ ସେମାନେ ବିରୋଧ କରି ପ୍ରତିବାଦ କରିଥିଲେ। ଏହାପରେ ସୁରକ୍ଷା ବାହିନୀ ଓ ଆନ୍ଦୋଳନକାରୀଙ୍କ ମଧରେ ସଂଘର୍ଷ ହୋଇଥିଲା। ଏଥିରେ ଆନ୍ଦୋଳନକାରମାନେ ଜଣଙ୍କ ଗାଡ଼ି ପୋଡ଼ି ଦେଇଛନ୍ତି। ତା ସହିତ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।



## ଏସିଆନ୍ ମହିଳା କବାଡ଼ି ଚାମ୍ପିଅନସିପ୍

# ଭାରତ ପଞ୍ଚମ ଥର ଚାମ୍ପିଅନ୍



ନୂଆଦିଲ୍ଲୀ,୯।୩ଃ ଇରାନର ତେହରାନ ଠାରେ ଆୟୋଜିତ ଷଷ୍ଠ ଏସିଆନ୍ ମହିଳା କବାଡ଼ି ଚାମ୍ପିଅନସିପ୍‌ରେ ଭାରତ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛି। ଆଜି ଫାଇନାଲ୍ ମୁକାବିଲାରେ ଦଳ ୩୨-୨୫ରେ ଆୟୋଜକ ଇରାନକୁ ପରାସ୍ତ କରିଥିଲା। ଏଥିସହ ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ପଞ୍ଚମ ଥର ଏସୀୟ ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛି। ସୋନାଲି ସିଙ୍ଗାଟଙ୍କ ନେତୃତ୍ୱରେ ଭାରତୀୟ ଦଳ ଗ୍ରୁପ୍-ଏ'ରେ ବାଂଲାଦେଶକୁ ୬୪-୨୩ରେ, ଥାଇଲାଣ୍ଡକୁ ୭୬-୨୧ରେ ଏବଂ ନେପାଳକୁ ୪୭-୧୪ରେ ହରାଇ ସେମି ଫାଇନାଲ୍‌ରେ ପ୍ରବେଶ କରିଥିଲା। ସେମିରେ ଦଳ ନେପାଳକୁ ୩୬-୧୮ରେ ପରାଜିତ କରି ଫାଇନାଲ୍‌ରେ ସ୍ଥାନ ପକ୍କା କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୭ଟି ଦଳ ୨ଟି ଗ୍ରୁପ୍‌ରେ ଭାଗ ନେଇଥିଲେ। ଇରାନ ତୃତୀୟ ଥର ଏହି ପ୍ରତିଯୋଗିତା ଆୟୋଜନ କରିଥିଲା। ପୂର୍ବରୁ ଇରାନ ୨୦୦୭, ୨୦୧୭ ସଂସ୍କରଣକୁ ସଫଳତାର ସହ ଆୟୋଜନ କରିଥିଲା।

## ପ୍ରଥମ ଆଇଟିଏଫ୍ ଟ୍ରଫି ଜିତିଲେ ଆହାନ
## ମହିଳା ଦିବସରେ ମହିଳାଙ୍କ ଚମକ




**ଭୁବନେଶ୍ୱର, ୯।୩:** ଅନ୍ତର୍ଜାତୀୟ ମହିଳା ଦିବସରେ ଓଡ଼ିଶାର ମହିଳା ଖେଳାଳିମାନେ ମଧ ଖେଳ ପଡ଼ିଆରେ ଚମକ ଛାଡ଼ିଛନ୍ତି। ଜାତୀୟ ମାଷ୍ଟର୍ସ ଦୌଡ଼କୁଦରେ ପାବର୍ତୀ ସେଠୀ ଯୁଗଳ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଟେନିସ୍ କୋର୍ଟରେ ପ୍ରଭାବୀ ପ୍ରଦର୍ଶନ ଦେଖାଇଛନ୍ତି ଉଦୀୟମାନ ତାରକା ଆହାନ। ତାମିଲନାଡୁର ମଦୁରାଇରେ ଶନିବାର ଶେଷ ହୋଇଥିବା ଆଇଟିଏଫ୍ ଜୁନିୟର୍ସ ଜେ୩୦ ପ୍ରତିଯୋଗିତାରେ ୧୮ ବର୍ଷରୁ କମ୍ ଏକକ ବାଳିକା ଟାଇଟଲ୍ ଜିତିଛନ୍ତି। ଆଇଟିଏଫ୍ ସର୍କିଟରେ ଏହା ଆହାନଙ୍କ ପ୍ରଥମ ମୁକୁଟ। କିନ୍ତୁ ଏହା ତାଙ୍କ ପାଇଁ ପଞ୍ଚମ ଅନ୍ତର୍ଜାତୀୟ ପଦକ। ଅସାଧାରଣ ଦକ୍ଷତା ଓ ସଙ୍କଳ୍ପ ଦେଖାଇଥିବା ଆହାନ ପ୍ରତିଯୋଗିତା ସାରା ପ୍ରାଧାନ୍ୟ ବିସ୍ତାର କରି ୫ଟି ମ୍ୟାଚ୍‌ରେ ମାତ୍ର ୧୦ ଗେମ୍ ହାରିଥିଲେ। ଫାଇନାଲ୍‌ରେ ଆହାନ ୬-୧, ୬-୧ ସିଧାସଳଖ ସେଟ୍‌ରେ ଅନ୍ୟତମ ଭାରତୀୟ ପ୍ରତିଯୋଗୀ ଶ୍ରୀ ସାଲେଶ୍ୱରୀ ଭେଲମଣିକନ୍ଦନଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ଆହାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଲାଗି ପ୍ରଥମ ପାହାଚ ଭଳି ହୋଇଛି। ଓଡ଼ିଶା ଟେନିସ୍ ଏକାଡେମିରେ ପ୍ରଶିକ୍ଷଣ ନେଉଥିବା ଆହାନ ନିଜର ଏହି ଅପୂର୍ବ ସଫଳତା ପାଇଁ ପ୍ରଶିକ୍ଷକ ସନ୍ତୋଷ କୁମାର ମଲ୍ଲିକଙ୍କୁ ସମସ୍ତ ଶ୍ରେୟ ପ୍ରଦାନ କରିଛନ୍ତି। ମୋ ସର୍ଭ ଓ ଫୋରହ୍ୟାଣ୍ଡ୍ ସଟ୍‌ରେ ଉନ୍ନତି ଆଣିବାରେ ସନ୍ତୋଷ ସାର୍ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି ବୋଲି ଆହାନ ପ୍ରକାଶ କରିଛନ୍ତି। ଶନିବାରର ବିଜୟ ସହ ଆହାନ ୩୦ ଅନ୍ତର୍ଜାତୀୟ ପଏଣ୍ଟ୍ ଅର୍ଜନ କରିବେ। ଏଥି ସହ ସେ ତାଙ୍କ ବର୍ତ୍ତମାନର ୧୮୧୦ ମାନ୍ୟତାରେ ଉନ୍ନତି ୧୨୦୦ ପାଖାପାଖି ଲମ୍ଫ ମାରିବାର ସମ୍ଭାବନା ରହିଛି। ଚଳିତ ମାସରେ ଆହାନ ମଧ ଡେରାଡୁନ୍ ଓ ରାଇପୁରରେ ଆଉ ଦୁଇଟି ଆଇଟିଏଫ୍ ପ୍ରତିଯୋଗିତା ଖେଳିବା କାର୍ଯ୍ୟକ୍ରମ ରହିଛି। ମଦୁରାଇ ବିଜୟ ତାଙ୍କ ଆତ୍ମବିଶ୍ୱାସକୁ ଉଚ୍ଚରେ ପହଞ୍ଚାଇଛି।

## ଜାତୀୟ ମାଷ୍ଟର ଗେମ୍ସ

## କଳାହାଣ୍ଡି ଖେଳାଳିଙ୍କ କମାଲ, ଜିତିଲେ ୬ ସ୍ୱର୍ଣ୍ଣ ଓ ୩ ରୌପ୍ୟ

ଭବାନୀପାଟଣା,୯।୩ଃ ମାଷ୍ଟର ଗେମ୍ସ ଫେଡେରେଶନ ଇଣ୍ଡିଆ ପକ୍ଷରୁ ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମଠାରେ ଗତ ୬ରୁ ୯ ତାରିଖ ଯାଏ ୭ମ ଜାତୀୟ ମାଷ୍ଟର ଗେମ୍ସ ୨୦୨୪-୨୫ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲା ଭବାନୀପାଟଣା ସହରର ୩ଜଣ ବରିଷ୍ଠ




ଖେଳାଳି ଅଂଶଗ୍ରହଣ କରି କମାଲ ଦେଖାଇଛନ୍ତି। ସେମାନେ ୬ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ବିଜେତା ହୋଇଛନ୍ତି। ମାଷ୍ଟର ଖେଳାଳି ଦୁର୍ଗାଚରଣ ମିଶ୍ର ଶଟପୁଟ, ଡିସ୍କସ ଥ୍ରୋ ଓ ହେମର ଥ୍ରୋରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି। ସେହିପରି ଟି.ରାମକୃଷ୍ଣ ୫ କିମି ୱାକ, ୮୦୦ ମିଟର ଦୌଡ ଓ ୪୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି। ସହରର ମାଷ୍ଟର ଖେଳାଳି ଭବାନୀ ଶଙ୍କର ପଣ୍ଡା ୫ କିମି ୱାକ, ଲମ୍ବଡିଆଁ ଓ ଉଚ୍ଚ ଡିଆଁରେ ରୌପ୍ୟ ପଦକ ବିଜେତା ହୋଇଛନ୍ତି। ଜାତୀୟ ମାଷ୍ଟର ଗେମ୍ସରେ ପଦକ ବିଜେତା କଳାହାଣ୍ଡିର ଏହି ତିନି ଜଣ ମାଷ୍ଟର ଖେଳାଳିଙ୍କୁ ଲୋକ ସଭା ଏମ୍‌ପି ମାଳବିକା ଦେବୀ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ବରିଷ୍ଠ ନାଗରିକ ସଂଘ କଳାହାଣ୍ଡିର ସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀ, କାର୍ଯ୍ୟକାରୀ ସଭାପତି ମଳୟ କୁମାର ମୁଣ୍ଡ ଓ ସୁରେଶ ଚନ୍ଦ୍ର ପଟ୍ଟନାୟକ, ବ୍ରାହ୍ମଣ ସମାଜ କଳାହାଣ୍ଡିର ସଭାପତି ଜଗନ୍ନାଥ ମୁଣ୍ଡ, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ଓଡ଼ିଶା ଆଥେଲେଟିକ ଆସୋସିଏଶନ ସଭାପତି ତଥା କଳାହାଣ୍ଡି ଜିଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଜଗ ମୋହନ ପଟ୍ଟନାୟକ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ଶରତ ଚନ୍ଦ୍ର ନାୟକ, ସମ୍ପାଦକ ରାଜେନ୍ଦ୍ର ସାହୁ ସମେତ ବହୁ କ୍ରୀଡ଼ାପ୍ରେମୀ ଅଭିନନ୍ଦନ ଜଣାଇଛନ୍ତି।




### ଆଇପିଏଲ ୨୦୨୫
## ମୁମ୍ବାଇ ଇଣ୍ଡିଆନ୍ସରେ ସାମିଲ ହେଲେ ଦକ୍ଷିଣ ଆଫ୍ରିକାର ଅଲରାଉଣ୍ଡର କର୍ବିନ ବୋଶ

**ନୂଆଦିଲ୍ଲୀ, ୯।୩:** ଆଇପିଏଲ ୨୦୨୫ ପୂର୍ବରୁ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସକୁ ଏକ ଝଟକା ଲାଗିଛି । ସେମାନଙ୍କ ଦଳରେ ଥିବା ଲିଜାଡ୍ ୱିଲିୟମ୍ସ ଆଘାତ ଯୋଗୁଁ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଛନ୍ତି। ମୁମ୍ବାଇ ଲିଜାଡ଼ଙ୍କୁ ନିଲାମରେ ୭୫ ଲକ୍ଷ ଟଙ୍କାରେ କିଣିଥିଲା। ଏବେ ତାଙ୍କ ବିଦାୟ ପରେ, ଦଳ ତାଙ୍କ ବଦଳ ଖେଳାଳିଙ୍କୁ ମଧ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି। ଦଳ ଦକ୍ଷିଣ ଆଫ୍ରିକାର ଅଲରାଉଣ୍ଡର କର୍ବିନ ବୋଶଙ୍କୁ ଦଳରେ ସାମିଲ କରିଛି।

କର୍ବିନ୍ ବୋଶ୍ ତାଙ୍କ ଘରୋଇ ଦଳ ପାଇଁ ସମସ୍ତ ଫର୍ମାଟରେ ନିୟମିତ ଖେଳାଳି ହୋଇଆସିଛନ୍ତି। ସେ ୨୦୨୪ ମସିହାରେ ଦକ୍ଷିଣ ଆଫ୍ରିକା ପାଇଁ ତାଙ୍କର ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରିଥିଲେ। ଲିଜାଡ଼ ୱିଲିୟମ୍ସଙ୍କ ବଦଳ ସ୍ୱରୂପ, ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ ୨୦୨୫ ପାଇଁ ଜଣେ ୭ମ ଅଲରାଉଣ୍ଡରଙ୍କୁ ମନୋନୀତ କରିଛି। କର୍ବିନ ବୋଶଙ୍କ ପୂର୍ବରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସମେତ ୬ ଜଣ ଅଲରାଉଣ୍ଡରଙ୍କୁ ଦଳରେ ସାମିଲ କରାଯାଇଥିଲା। ଡାହାଣହାତୀ ବ୍ୟାଟସମ୍ୟାନ୍ କର୍ବିନ ମଧ୍ୟମ କ୍ରମରେ ଭଲ ବ୍ୟାଟିଂ କରିପାରିବେ। ସେ ୮୬ଟି ଟି-୨୦ ମ୍ୟାଚ୍ ଖେଳି ୬୬୩ ରନ୍ କରିଛନ୍ତି ଏବଂ ୫୯ଟି ୱିକେଟ୍ ନେଇଛନ୍ତି।




## ବୋଲିଂ ବେଳେ ଆହତ ହେଲେ ସାମି

**ଦୁବାଇ,୯।୩:** ଦୁବାଇଠାରେ ଆଜି ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାମ୍ପିୟନ୍ସ ଟ୍ରଫି ୨୦୨୫ର ଫାଇନାଲ ମ୍ୟାଚ୍ ଖେଳାଯାଉଛି। ଏହି ମ୍ୟାଚରେ ଭାରତୀୟ ଦଳ ପାଇଁ ଏକ ଖରାପ ଖବର ସାମ୍ନାକୁ ଆସିଛି । ଏଥିରେ ଟିମ୍ ଇଣ୍ଡିଆର ପେସ୍ ଆଟାକ୍ ର ମୁଖ୍ୟ ମହମ୍ମଦ ସାମି ଆହତ ହୋଇଛନ୍ତି। ସପ୍ତମ ଓଭରରେ ନିଜ ବୋଲିଂରେ ଏକ କ୍ୟାଚ ଧରିବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କ ହାତରେ ଗଭୀର ଆଘାତ ଲାଗିଥିଲା, ଯାହା ଫଳରେ ତାଙ୍କ ଆଙ୍ଗୁଠିରୁ ରକ୍ତ ପ୍ରବାହିତ ହେଉଥିଲା । ତାଙ୍କ ପୂରା ହାତ ରକ୍ତରେ ଭିଜି ଯାଇଥିଲା। ତାଙ୍କୁ ତୁରନ୍ତ ଫିଜିଓଙ୍କ ସହାୟତା ନେବାକୁ ପଡ଼ିଥିଲା। ଏହାପରେ ସେ ପୁଣି ବୋଲିଂ କରିଥିଲେ। ଏହାବ୍ୟତୀତ ସାମି ରାଚିନ୍ ରବୀନ୍ଦ୍ରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାଚ୍ ମଧ୍ୟ ଛାଡିଥିଲେ। ବାଦ୍ ପଡ଼ିଥିବା କ୍ୟାଚ୍ କୁ ନେଇ ରୋହିତ ଅସନ୍ତୁଷ୍ଟ ଥିଲେ। ସପ୍ତମ ଓଭରର ତୃତୀୟ ବଲ୍ ରେ ରାଚିନ୍ ଏକ ଶକ୍ତିଶାଳୀ ସଟ୍ ମାରିଥିଲେ, ଯାହା ଫଲୋ-ଅପ୍ କ୍ୟାଚ୍ ପାଇଁ ଆସୁଥିବା ସାମିଙ୍କ ଆଡ଼କୁ ଯାଇଥିଲା। ସାମି ଉଭୟ ହାତରେ କ୍ୟାଚ୍ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ଏହାକୁ ଧରିବାରେ ବିଫଳ ହେବାରୁ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା ଏବଂ ରକ୍ତ ସ୍ରାବ ହୋଇଥିଲା। ୭୫ ହାରାହାରିରେ ୨୦୦ରୁ ଅଧିକ ରନ୍ କରିଥିବା ରାଚିନ୍ ଏହି ଟୁର୍ଣ୍ଣାମେଣ୍ଟରେ ଚମତ୍କାର ଫର୍ମରେ ରହିଛନ୍ତି। ତେଣୁ ଏଭଳି ଗୁରୁତ୍ୱପୂର୍ଣ୍ଣ ଫାଇନାଲ ମ୍ୟାଚରେ ତାଙ୍କୁ ଆଉ ଏକ ସୁଯୋଗ ଦେବା କ୍ଷତିକାରକ ହୋଇଥାନ୍ତା। ଏହି କାରଣରୁ କଠିନ ସୁଯୋଗ ହାତଛଡ଼ା ହେବା ପରେ ରୋହିତ ଅସନ୍ତୁଷ୍ଟ ଦେଖାଯାଉଥିଲେ।

# କାହିଁକି ଦୁବାଇକୁ ସ୍ଥାନାନ୍ତରିତ ହୋଇଥିଲା ଆଇସିସି ହେଡ୍‌କ୍ୱାଟର ?

ନୂଆଦିଲ୍ଲୀ,୯।୩ଃ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ହେଉଛି ବିଶ୍ୱସ୍ତରୀୟ କ୍ରିକେଟ ପରିଚାଳନା ସଂସ୍ଥା। ଏହା ୧୯୦୯ ମସିହାରେ ଲଣ୍ଡନରେ ଇମ୍ପେରିଆଲ କ୍ରିକେଟ ସମ୍ମିଳନୀ ଭାବରେ ସ୍ଥାପିତ ହୋଇଥିଲା। ଆଇସିସି କ୍ରିକେଟ ସହିତ ଜଡିତ ପ୍ରତ୍ୟେକ ପ୍ରମୁଖ ନିୟମ ଉପରେ ନିଷ୍ପତ୍ତି ନିଏ ଏବଂ ସମସ୍ତ ପ୍ରମୁଖ କ୍ରିକେଟ ଟୁର୍ନାମେଣ୍ଟ ମଧ ଆୟୋଜନ କରେ। ଆନ୍ତର୍ଜାତୀୟ କ୍ରିକେଟ ପରିଷଦର ଇତିହାସ ବହୁତ ପୁରୁଣା। ୧୯୬୫ ମସିହାରୁ ଏହା ଆନ୍ତର୍ଜାତୀୟ କ୍ରିକେଟ ସମ୍ମିଳନୀ ଭାବରେ ପରିଚିତ ହୋଇଥିଲା। ୧୯୮୭ ମସିହାରେ ଏହାର ନାମ ପରିବର୍ତ୍ତନ କରାଯାଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ କରାଯାଇଥିଲା। ବର୍ତ୍ତମାନ ଅନ୍ତର୍ଜାତୀୟ କ୍ରିକେଟ ପରିଷଦର ମୁଖ୍ୟାଳୟ ଦୁବାଇରେ ଅଛି। ଏପରି ପରିସ୍ଥିତିରେ, ସବୁଠାରୁ ବଡ଼ ପ୍ରଶ୍ନ ହେଉଛି କାହିଁକି ଆଇସିସି ମୁଖ୍ୟାଳୟ ଦୁବାଇକୁ ସ୍ଥାନାନ୍ତରିତ କରାଯାଇଥିଲା? ପ୍ରାୟ ୯୬ ବର୍ଷ ଧରି ଅନ୍ତର୍ଜାତୀୟ କ୍ରିକେଟ ପରିଷଦର



ମୁଖ୍ୟାଳୟ ଲଣ୍ଡନରେ ଥିଲା। କିନ୍ତୁ ଏହା ପରେ ଏହାକୁ ଦୁବାଇ ସ୍ଥାନାନ୍ତରିତ କରାଯାଇଥିଲା। ଏହି ପଦକ୍ଷେପ ପଛରେ ଅନେକ ଗୁରୁତ୍ୱପୂର୍ଣ୍ଣ କାରଣ ଥିଲା, ଯେଉଁଥିରେ ବର୍ଦ୍ଧିତ ଖର୍ଚ୍ଚ ଏବଂ ସ୍ଥାନର ଅଭାବ ସବୁଠାରୁ ବଡ଼ କାରଣ ଥିଲା। ସେହି ସମୟରେ ଦୁବାଇରେ ଟିକସ ନିୟମରେ ନମନୀୟତା ଏବଂ ଏସିଆ ଆଡକୁ କ୍ରିକେଟର କ୍ଷମତା ସ୍ଥାନାନ୍ତରକୁ ବିଚାରକୁ ନେଇ ଏହି ବଡ଼ ନିଷ୍ପତ୍ତି ନିଆଯାଇଥିଲା। ସେହି ସମୟରେ ଆଇସିସି ପାଇଁ ଲଣ୍ଡନରେ ଏହାର ମୁଖ୍ୟାଳୟ ବଜାୟ ରଖିବା ଏକ ମହଙ୍ଗା ପ୍ରସ୍ତାବ ହୋଇଯାଇଥିଲା। ଯାହା ପରେ ତତ୍କାଳୀନ ଆଇସିସି ସଭାପତି ଆହସାନ ମଣି ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ମାଲକମ ସ୍ପିଡ ଏଥିରେ କାମ କରିଥିଲେ। ଯେତେବେଳେ ଆଇସିସି ଏହି ନିଷ୍ପତ୍ତି ନେଇଥିଲା, ସେତେବେଳେ ଅନେକ କ୍ରିକେଟ ଖେଳୁଥିବା ଦେଶମାନଙ୍କର ଇଂଲଣ୍ଡ ସହିତ ଦ୍ୱିଗୁଣିତ କର ଚୁକ୍ତି ନଥିଲା, ଯାହାର ଅର୍ଥ ଥିଲା ଯେ ସେମାନଙ୍କୁ ଇଂଲଣ୍ଡରେ ସେମାନଙ୍କ ଦ୍ୱାରା କରାଯାଇଥିବା ଆର୍ଥିକ କାରବାର ଉପରେ ଅଧିକ କର ଦେବାକୁ ପଡୁଥିଲା। ଅନ୍ୟପକ୍ଷରେ ଦୁବାଇ ଏକ ଟିକସମୁକ୍ତ ଦେଶ ଥିଲା, ଯାହା ଆଇସିସି ପାଇଁ ଅଧିକ ଲାଭଦାୟକ ଥିଲା। ଦୁବାଇକୁ ମୁଖ୍ୟାଳୟ ସ୍ଥାନାନ୍ତର କରିବା ଦ୍ୱାରା ଆଇସିସି ଏହାର ଆର୍ଥିକ ମାମଲାରେ ଅଧିକ ନମନୀୟତା ପାଇଲା ଏବଂ ଟିକସ ସଞ୍ଚୟ ହେଲା, ଯାହା ଏକ ପ୍ରମୁଖ ଆର୍ଥିକ ବାଧବାଧକତା ଥିଲା।

୨୦୦୦ ମସିହା ପରେ, ୟୁରୋପ ଅପେକ୍ଷା ଏସିଆରେ କ୍ରିକେଟର ପ୍ରାଧାନ୍ୟ ଅଧିକ ବୃଦ୍ଧି ପାଇଲା। ମୁଖ୍ୟାଳୟ ଲଣ୍ଡନରେ ଥିବାରୁ, ଇଂଲଣ୍ଡ ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକରେ କ୍ରିକେଟ ଉପରେ ଅଧିକ ପ୍ରଭାବ ଥିଲା, କିନ୍ତୁ ସେତେବେଳେ ଦକ୍ଷିଣ ଏସିଆ କ୍ରିକେଟର କେନ୍ଦ୍ର ପାଲଟିଥିଲା। ବିଶେଷକରି ଭାରତରେ କ୍ରିକେଟ ବହୁତ ଦେଖାଯିବା ଆରମ୍ଭ ହେଲା। ଯାହା କ୍ରିକେଟର ସବୁଠାରୁ ବଡ଼ ବଜାର ଭାବରେ ଉଭା ହୋଇଥିଲା। ଯାହା ଯୋଗୁ ଏସିଆ କ୍ରିକେଟର ନୂତନ ଗଡ଼ ପାଲଟିଥିଲା, ଏହା ମଧ ଏକ ବଡ଼ କାରଣ ଥିଲା ଯେ ଆଇସିସିକୁ ଏହାର ମୁଖ୍ୟାଳୟ ଲଣ୍ଡନରୁ ଦୁବାଇକୁ ସ୍ଥାନାନ୍ତର କରିବାକୁ ପଡିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଲାମ୍...

୧୦୫ ରନ୍ ଉଠାଇଥିଲା। ଏହି ଭାଗୀଦାରୀରେ ରୋହିତଙ୍କ ଅବଦାନ ସିଂହଭାଗ ଥିଲା। କାରଣ ସେ ଆକ୍ରମଣାତ୍ମକ ଢଙ୍ଗରେ ବ୍ୟାଟିଂ କରିଥିଲେ। ଅନ୍ୟପକ୍ଷରେ ଗିଲ୍ ସହଯୋଗୀ ଭୂମିକା ନିର୍ବାହ କରିଥିଲେ। ଉଭୟ ପ୍ରଥମ ୱିକେଟ୍‌ରେ ୧୦୫ ରନ୍ ଯୋଡ଼ିଥିଲେ ହେଁ ଗିଲ୍ ମାତ୍ର ୩୧ ରନ୍ କରିଥିଲେ, ଯେଉଁଥିରେ ସେ ଗୋଟିଏ ମାତ୍ର ଛକା ଲଗାଇଥିଲେ। ମାତ୍ର ୩ଟି ବଲ୍‌ର ବ୍ୟବଧାନ ପରେ ବିରାଟ କୋହଲି ଏଲ୍‌ବିଡବ୍ଲ୍ୟୁ ହେବା ଫଳରେ ଭାରତୀୟ ପ୍ରଶଂସକଙ୍କ ମନ ଭାଙ୍ଗିଯାଇଥିଲା। ସେ ମାତ୍ର ୧ ରନ୍ କରିପାରିଥିଲେ। ତାଙ୍କ ସ୍ଥାନରେ ବ୍ୟାଟିଂ ପାଇଁ ଆସିଥିବା ଶ୍ରେୟସ୍ ଆୟର୍ ଓ ଅପରାଜିତ ରୋହିତଙ୍କ ଉପରେ କିୱି ବୋଲର୍‌ମାନେ ଚାପ ସୃଷ୍ଟି କରିବାରେ ସଫଳ ହୋଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ଦୁଇ ବ୍ୟାଟ୍ସମ୍ୟାନ୍‌ଙ୍କ ପକ୍ଷେ ସିଙ୍ଗଲ୍ ନେବା ବି କଷ୍ଟକର ହୋଇପଡ଼ିଥିଲା। ଏହି ଧାରାରେ ବ୍ରେକ୍ ଲଗାଇବାକୁ ଯାଇ ରୋହିତ ବଡ଼ ଶଟ୍ ଆଶାରେ ଷ୍ଟମ୍ପିଂ ଆଉଟ୍ ହୋଇଥିଲେ। ଅବଶ୍ୟ ସେତେବେଳକୁ ସେ ୭ ଚୌକା ଓ ୩ଟି ଛକା ଜରିଆରେ ୭୬ ରନ୍ କରିସାରିଥିଲେ। କିନ୍ତୁ ତାଙ୍କୁ ଆଉଟ୍ କରିବା ପରେ କିୱି ବୋଲର୍‌ମାନେ ଶତସିଂହର ବଳ ପାଇବା ପରି ଭାରତୀୟ ବ୍ୟାଟ୍ସମ୍ୟାନ୍‌ଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଥିଲେ। ଅବଶ୍ୟ କିଛି ଓଭର୍ ପରେ ଅକ୍ଷର ପଟେଲ୍ ଓ ଶ୍ରେୟସ୍ କାଉଣ୍ଟର୍ ଆଟାକ୍ ଉଦ୍ୟମ କରିଥିଲେ, ଯେଉଁଥିରେ ଅକ୍ଷର ସଫଳ ହୋଇଥିଲେ। ତେବେ ଶ୍ରେୟସ୍ ଗୋଟିଏ ଜୀବନଦାନ ପାଇଥିଲେ ମଧ୍ୟ ୨ଟି ଲେଖାଏଁ ଚୌକା ଓ ଛକା ମାଧ୍ୟମରେ ୪୮ ରନ୍‌ରେ ଆଉଟ୍ ହୋଇଥିଲେ। କିନ୍ତୁ ସେତେବେଳକୁ ଉଭୟଙ୍କ ମଧ୍ୟରେ ଚତୁର୍ଥ ୱିକେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ୬୧ ରନ୍‌ର ଭାଗୀଦାରୀ ହୋଇସାରିଥିଲା। ଅକ୍ଷରଙ୍କ ସାଥୀରେ ଯୋଗଦେଇଥିବା ଲୋକେଶ ତାଙ୍କୁ କୌଣସି ପ୍ରକାର ଆକ୍ରମଣାତ୍ମକ ଆଭିମୁଖ୍ୟ ପରିବର୍ତ୍ତେ ଆରାମରେ ଖେଳିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଅକ୍ଷର ନିଜର ସଞ୍ଜମତା ରକ୍ଷା କରିନପାରି ବଡ଼ ଶଟ୍ ଖେଳିବାକୁ ଯାଇ ବାଉଣ୍ଡାରୀ ଲାଇନ୍‌ରେ ଧରାପଡ଼ିଯାଇଥିଲେ। ସେତେବେଳକୁ ସେ ଗୋଟିଏ ଲେଖାଏଁ ଚୌକା ଓ ଛକା ମାଧ୍ୟମରେ ୨୯ ରନ୍ କରିଥିଲେ। ଏହି ସମୟରେ ରାହୁଲ୍‌ଙ୍କ ସାଥୀରେ ହାର୍ଦ୍ଦିକ ପାଣ୍ଡ୍ୟା ଯୋଗଦେଇ ଗୋଟିଏ ଲେଖାଏଁ ଚୌକା ଓ ଛକା ସହ ୧୮ ରନ୍‌ରେ ଆଉଟ୍ ହୋଇଥିଲେ। କିନ୍ତୁ ରାହୁଲ୍ ଗୋଟିଏ ପଟେ ଦୃଢ଼ ଭାବେ ବ୍ୟାଟିଂ କରି ଗୋଟିଏ ଲେଖାଏଁ ଚୌକା ଓ ଛକା ସହ ୩୪ ରନ୍ ଏବଂ ଜାଡେଜା ବିଜୟସୂଚକ ଚୌକା ମାଧ୍ୟମରେ ୯ ରନ୍‌ରେ ଅପରାଜିତ ରହିବା ସହ ଭାରତକୁ ଚାମ୍ପିଅନ୍ କରାଇଥିଲେ। ଏଥିସହ ଭାରତୀୟଙ୍କ ମୁହଁରେ ହର୍ଷୋଲ୍ଲାସ ପ୍ରକାଶ ପାଇଥିବା ବେଳେ କିୱି ଖେଳାଳି ଓ ପ୍ରଶଂସକ ନିରାଶ ହୋଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଅଧିନାୟକ ମିଚେଲ୍ ସାଣ୍ଟନର୍ ଓ ବ୍ରେସ୍‌ୱେଲ୍ ୨ଟି ଲେଖାଏଁ ଏବଂ କାଇଲ୍ ଜେମିସନ୍ ଓ ରବୀନ୍ଦ୍ର ଗୋଟିଏ ଲେଖାଏଁ ୱିକେଟ୍ ଦଖଲ କରିଥିଲେ। ଦଳ ପରାସ୍ତ ହେବା ଫଳରେ ବ୍ରେସ୍‌ୱେଲ୍‌ଙ୍କ ଅଲ୍‌ରାଉଣ୍ଡ ସଫଳତା ପାଣିରେ ପଡ଼ିଥିଲା। ଅନ୍ୟପକ୍ଷରେ ଭାରତ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୩ ଥର ଚାମ୍ପିଅନ୍ ହୋଇଛି। ଏହି ତାଲିକାରେ ୨ଟି ଟ୍ରଫି ସହ ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନକୁ ଖସିଆସିଛି। ଭାରତ ସର୍ବପ୍ରଥମେ ୨୦୦୨ରେ ଶ୍ରୀଲଙ୍କା ସହ ଯୁଗ୍ମ ଭାବେ ଚାମ୍ପିଅନ୍ ହୋଇଥିଲା।

### କାହା ଛତ୍ରଛାୟା...

ଜଗତ୍‌ସିଂହପୁରରେ ରାଇସ୍ ମିଲ୍ କରି ଧାନ ଉଠାଣ ପାଇଁ ଅନୁମତି ମିଳିଲା, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାଲିଅନ୍ତା ମିଲ୍‌ର ମାଲିକାନା ବାପାଙ୍କ ନାଁରେ ଥିବାବେଳେ ପୁଅମାନଙ୍କ ନାଁରେ ବାଲିକୁଦା ଚାଉଳକଳ ରହିଛି। ବାଲିକୁଦା ଚାଉଳକଳକୁ ଖୋଦ୍ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଉଦଘାଟନ କରିଥିଲେ। ମିଲ୍ ଆରମ୍ଭ ହେଉ ହେଉ ବେଆଇନ୍ ଧାନକିଣା ଆରମ୍ଭ କରିଥିଲେ ଅଗ୍ରୱାଲ ବାବୁ। ଏବେ ଥାନାରେ ମାମଲା ପରେ ପୁଲିସ୍ କି ପଦକ୍ଷେପ ନେଉଛି, ତାହାକୁ ଜିଲ୍ଲାବାସୀ ଅପେକ୍ଷା କରିଥିବା ବେଳେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ମଧ୍ୟ ଅପେକ୍ଷା କରାଯାଉଛି। ଗୋଟିଏ ପରିବାର କାହା ସାହସରେ ନୂଆ ସରକାରଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ବେଆଇନ୍ କାମ କରୁଛି ଓ ସେମାନଙ୍କ ଗଡ୍‌ଫାଦର କିଏ, ତାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

### ଜୟନାରାୟଣଙ୍କ ...

ଓ ଜୟନାରାୟଣଙ୍କୁ ବିରୋଧୀଙ୍କ ଶାଣିତ ଆକ୍ରମଣ କରିଛନ୍ତି। ବିଜେଡି କହିଛି ନିଜ ସ୍ୱାର୍ଥ ସାଧନ ପାଇଁ ଏମିତି ବିଭେଦ ସୃଷ୍ଟି କରୁଛନ୍ତି ବିଜେପି ନେତା। ଓଡ଼ିଶା ଦୁଇଭାଗ ହେଲେ ଜୟନାରାୟଣ ମୁଖ୍ୟମନ୍ତ୍ରୀ ହେବାର ଆଶା ରଖିଛନ୍ତି। ସେହିପରି କଂଗ୍ରେସ ମଧ୍ୟ ଅନୁରୂପ ଆକ୍ରମଣ କରି ଓଡ଼ିଶାକୁ ଭାଗ ଭାଗ କରିବା କଣ ଓଡ଼ିଆ ଅସ୍ମିତା ବୋଲି ପ୍ରଶ୍ନ କରିଛି। ବିଧାୟକ ତାରା ବାହିନୀପତି କହିଛନ୍ତି ଆଜି କୋଶଳ କଥା ଉଠୁଛି, କାଲି ଦକ୍ଷିଣାଞ୍ଚଳ ଓ ତା'ପରେ ଉତ୍ତରାଞ୍ଚଳ କଥା ଉଠିବ। ଜୟ ଦାଦା ଟିକେ ଅସନ୍ତୁଷ୍ଟ ଅଛନ୍ତି । ତାଙ୍କ ସହିତ ଆଲୋଚନା କରି ତାଙ୍କୁ ଉପମୁଖ୍ୟମନ୍ତ୍ରୀ କରି ଦିଅନ୍ତୁ ସିଏ ଆଉ ଏଭଳି ମନ୍ତବ୍ୟ ଦେବେ ନାହିଁ ବୋଲି ତାରା କହିଛନ୍ତି।

ଜୟନାରାୟଣଙ୍କ ମନ୍ତବ୍ୟକୁ ନେଇ ପଶ୍ଚିମ ଓଡିଶା ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ରାଜେନ୍ଦ୍ର ଢୋଲକିଆ କହିଛନ୍ତି, ଓଡ଼ିଶା ଦୁଇ ଭାଗ ହେଲେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ହେବାକୁ ଜୟନାରାୟଣ ଆଶା ରଖିଛନ୍ତି। ପଶ୍ଚିମ ଓ ପୂର୍ବ ଓଡ଼ିଶା ବିବାଦ କିଛି ନୂଆ କଥା ନୁହେଁ। ବିଜେପି ନେତାମାନେ ଏହାକୁ ଗୁରୁତ୍ୱ ଦେଉଛନ୍ତି। ସାଧାରଣ ଲୋକମାନେ ଗୁରୁତ୍ୱ ଦେଉନାହାନ୍ତି । ଉପକୂଳିଆ ଲୋକ କହୁଛନ୍ତି ପଶ୍ଚିମ ଓଡିଶାରେ ସର୍ବାଧିକ ଉନ୍ନତି ହୋଇଛି। ବିଜେପି ନେତା ନିଜର ସ୍ୱାର୍ଥ ପାଇଁ ଭେଦଭାବ କଥା କହୁଛନ୍ତି। ବିଜେପିର କଥା ଗୋଟେ କାମ ଗୋଟେ ବୋଲି କହି ଢୋଲକିଆ ବିଜେପିକୁ ସମାଲୋଚନା କରିଛନ୍ତି । ଏଥିସହିତ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ବେଳେ ଠିଆ ନହେବା ଦୁଃଖଦ ଓ ଶାସକ ଦଳ ଏହା ଉପରେ ସ୍ପଷ୍ଟୀକରଣ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

### ପରଲୋକରେ...

ଅଗଷ୍ଟ ୨୮ ତାରିଖରେ ଶ୍ରୀ ଦାସ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ବାଲିମ ପଞ୍ଚାୟତର କୁରୁଠିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପାଠପଢ଼ା ଶେଷ ହେବା ପରେ ସେ ଭଦ୍ରକରେ ଏଡିଏମ୍ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ଏହାପରେ ସେ ରାଜନୀତିରେ ପ୍ରବେଶ କରି ଉଲ୍ଲେଖନୀୟ ସଫଳତା ପାଇଥିଲେ। ସର୍ବପ୍ରଥମେ ସେ ଏନସିପିରେ ଯୋଗଦେଇଥିଲେ ମଧ୍ୟ ପରେ ୨୦୦୪ରେ ବିଜେଡିରେ ସାମିଲ୍ ହୋଇଥିଲେ। ୨୦୦୪ ବିଧାନସଭା ନିର୍ବାଚନରେ ତାଙ୍କୁ ବିଜେଡି ଟିକେଟ୍ ମିଳିବା ପରେ ପ୍ରଥମ ଉଦମରେ ହିଁ ଶ୍ରୀ ଦାସ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଧାୟକ ଓ ମନ୍ତ୍ରୀ ରହିବା ସହ ଶ୍ରୀ ଦାସ ବିଧାନସଭାରେ ସରକାରୀ ଦଳର ମୁଖ ସଚେତକ ଓ ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଭାବେ ମଧ୍ୟ କାର୍ଯ କରିଥିଲେ। ତାଙ୍କ ସମୟରେ ଭୋଗରାଇ ନିର୍ବାଚନମଣ୍ଡଳୀର ବାପକ ଉନ୍ନତି ଘଟିଥିବାରୁ ତାଙ୍କୁ ଆଧୁନିକ ଭୋଗରାଇର ନିର୍ମାତା ବୋଲି କୁହାଯାଉଥିଲା। ତାଙ୍କ ଦିଗଦର୍ଶନରେ ଭୋଗରାଇରେ ଅତ୍ୟାଧୁନିକ କୃଷି ଭିତ୍ତିଭୂମିର ବିକାଶ ହୋଇଥିଲା, ଯେଉଁଥିପାଇଁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଚାଷୀ ସୁରକ୍ଷା ପରିଷଦ ସକ୍ରିୟ ଭାବେ କାର୍ଯ୍ୟ କରୁଥିଲା।

ଶ୍ରୀ ଦାସଙ୍କ ମରଶରୀର ବିଧାନସଭା ପରିସରକୁ ଅଣାଯାଇଥିବା ବେଳେ ସେଠାରେ ବିଭିନ୍ନ ବର୍ଗର ଲୋକେ ସମସ୍ତ ବିଧାୟକ ଓ ଅନ୍ୟମାନେ ତାଙ୍କର ଅନ୍ତିମ ଦର୍ଶନ କରିଥିଲେ। ଏହାପୂର୍ବରୁ ତାଙ୍କ ସ୍ଥାନୀୟ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ନିକଟ ସମ୍ପର୍କୀୟମାନେ ଶ୍ରୀ ଦାସ ଅନ୍ତିମ ଦର୍ଶନ କରିଥିଲେ।

ଶ୍ରୀ ଦାସଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ସ୍ୱର୍ଗତଃ ଦାସ ଜଣେ ଲୋକପ୍ରିୟ ଜନନେତା ଓ ଦକ୍ଷ ପ୍ରଶାସକ ଥିଲେ। ରାଜ୍ୟ ଓ ବାଲେଶ୍ୱରର ବିକାଶରେ ସେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ତାଙ୍କ ପରଲୋକରେ ରାଜ୍ୟ ଜଣେ ଅମାୟିକ ଜନସେବକଙ୍କୁ ହରାଇଲା ବୋଲି ମୁଖମନ୍ତ୍ରୀ କହିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ପରିବାର ଲୋକଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ସେହିପରି ବିରୋଧୀ ଦଳନେତା ନବୀନ ପଟ୍ଟନାୟକ ସୋସିଆଲ ମିଡିଆ 'ଏକ୍ସ'ରେ ଶୋକ ବ୍ୟକ୍ତ କରିଛନ୍ତି । ସେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ଦେହାନ୍ତ ବିଷୟରେ ଜାଣି ସେ ବେଶ୍ ଦୁଃଖିତ। ଜନପ୍ରତିନିଧି ଭାବେ ଦୀର୍ଘଦିନ ଧରି ଲୋକଙ୍କ ସେବା ଦିଗରେ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ ରହିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏଥିସହ ସେ ଶ୍ରୀ ଦାସଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଏହାଛଡ଼ା ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ଶ୍ରୀ ଦାସଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି।

### ବବିଙ୍କ...

ଦଳୀୟ ପ୍ରାର୍ଥୀ ହାରିବା ପରେ ଅତି ଚତୁରତାର ସହିତ ସବୁତକ ଦୋଷ ନବୀନ-ପାଣ୍ଡିଆନଙ୍କ ମୁଣ୍ଡରେ ଲଦିଦେଲେ। ଏଥିସହିତ ନିର୍ବାଚନର ବହୁ ପୂର୍ବରୁ ନିଜର ଶକ୍ତି ବଢ଼ାଇବା ପାଇଁ ସବୁ ଜିଲ୍ଲାରେ ବିଜେଡିର ଗୋଟିଏ ସମାନ୍ତରାଳ ଗୋଷ୍ଠୀ ବି ସୃଷ୍ଟି କରିଦେଲେ। ସେମାନଙ୍କୁ ବିଭିନ୍ନ ଯୋଜନାରେ ଥଇଥାନ ବି କଲେ।

ଏବେ କ୍ଷମତାରୁ ଯିବା ପରେ ସେହି ସମାନ୍ତରାଳ ଗୋଷ୍ଠୀ ବିଜେଡି ପାଇଁ ମହାକାଳ ଫଳ ଭଳି ହୋଇଛନ୍ତି। ଅସଲ ବିଜେଡି ନେତାଙ୍କୁ ସବୁଠାରେ ଏମାନେ ବିରୋଧ କରୁଛନ୍ତି। ଅସନ୍ତୁଷ୍ଟ ତାଲିକାରେ ନାଁ ଲେଖି ଏମାନେ ବିଜେଡିର ଗୋଡ଼ ଟାଣିବାରେ ଲାଗିଛନ୍ତି। ଯେଉଁଥିପାଇଁ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ଏକପ୍ରକାର ବିଫଳ ହୋଇଛି।

୨୪ ବର୍ଷର ଶାସନ ପରେ ବିରୋଧୀଦଳ ଆସନରେ ବସିଥିବା ବିଜେଡି ଏବେ ଏକ ସନ୍ଧିକ୍ଷଣ ଦେଇ ଗତି କରୁଥିବା ବେଳେ ଦଳର ସାଙ୍ଗଠନିକ ସମ୍ପାଦକ ଅତ୍ୟନ୍ତ ଚତୁରତାର ସହିତ ଦଳର ବିଫଳତା, ସରକାର ସମୟରେ ଘଟିଥିବା ଦୁର୍ନୀତି ଆଦିର ପାପ ସବୁକିଛି ନବୀନ-ପାଣ୍ଡିଆନଙ୍କ ମୁଣ୍ଡରେ ଲଦି ନିଜେ ଝାଡ଼ିଝୁଡ଼ି ହେବାରେ ଲାଗିଛନ୍ତି। ବବିଙ୍କ ଗତିବିଧି ଉପରେ ଏବେ ବିଜେଡି ସତର୍କ ଦୃଷ୍ଟି ରଖିଥିବା ବେଳେ ବବି କିନ୍ତୁ ରାଜା ଚକ୍ର ଭଳି ଘଟଣାରେ ଦିନକୁ ଦିନ ଛନ୍ଦି ହେବାରେ ଲାଗିଛନ୍ତି।

### ୩ରୁ ...

ହେଉଛି। ସେପଟେ ଏଥର ରେକର୍ଡ ଭାଙ୍ଗିବ ତାତି। ମାର୍ଚ୍ଚରୁ ମେ' ପର୍ଯ୍ୟନ୍ତ ସ୍ୱାଭାବିକଠାରୁ ଅଧିକ ରହିବ ଦିନ ତାପମାତ୍ରା। ଏହି ମାସ ମଧ୍ୟରେ ଗ୍ରୀଷ୍ମ ଲହରୀ ଅବଧି ବୃଦ୍ଧି ସମ୍ଭାବନା ବି ରହିଛି। ଅସ୍ୱାଭାବିକ ଗରମ ଅନୁଭୂତ ହେବା ସହ ତାତି ପୂର୍ବ ରେକର୍ଡ ଭାଙ୍ଗିବା ନେଇ ପୂର୍ବାନୁମାନ କରାଯାଇଛି। ମାସତମାମ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

### ଛାତ୍ର ଜୀବନ...

ଶୈକ୍ଷିକ ପରିବେଶ ଅନନ୍ୟ। ପ୍ରତିବର୍ଷ ଏଠାରୁ ବିଶ୍ୱବିଦ୍ୟାଳୟ ପରୀକ୍ଷାଗୁଡ଼ିକରେ ବିଭିନ୍ନ ବିଷୟରେ ପ୍ରତିଭାବାନ ଛାତ୍ରଛାତ୍ରୀମାନେ ଶୀର୍ଷ ସ୍ଥାନ ଅଧିକାର କରି ଏହି ଅନୁଷ୍ଠାନର ଗାରିମାକୁ ବହୁଗୁଣିତ କରିଛନ୍ତି। ଏପରି ଏକ ମହାନ ଅନୁଷ୍ଠାନରେ ଅଧ୍ୟୟନ କରିବାର ସୁଯୋଗ ପାଇଥିବାରୁ ସେ ନିଜକୁ ଧନ୍ୟ ମନେ କରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ନିଜର ପୁରାତନ ଶିକ୍ଷକ ଓ ବନ୍ଧୁଙ୍କ ବିଷୟରେ କହି ମୁଖ୍ୟମନ୍ତ୍ରୀ ଭାବବିହ୍ୱଳ ହୋଇ ପଡ଼ିଥିଲେ।

ସେହିପରି ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଛାତ୍ର ଜୀବନ ସର୍ବଦା ସଂଘର୍ଷମୟ। କିନ୍ତୁ ଏହି ସଂଘର୍ଷ ହିଁ ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ଆଗକୁ ବଢ଼ିବାର ପ୍ରେରଣା ଦିଏ। ନିଜ ପରିଶ୍ରମ ଉପରେ ଦୃଢ଼ ବିଶ୍ୱାସ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ଆଶୀର୍ବାଦ ଛାତ୍ରଛାତ୍ରୀମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଯୁବବର୍ଗଙ୍କୁ ଉତ୍ତମ ଶିକ୍ଷା ପରିବେଶ ଜରିଆରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଦକ୍ଷତା ବିକାଶ ମାଧ୍ୟମରେ ସେମାନଙ୍କୁ ଦେଶର ବିକାଶଧାରାରେ ସାମିଲ କରିବା ସକାଶେ ଏନ୍ଇପି-୨୦୨୦ କାର୍ଯ୍ୟକାରୀ ହୋଇଛି। ରାଜ୍ୟ ସରକାର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମହାବିଦ୍ୟାଳୟ ସ୍ତରରେ ପିଏମ୍ ଉଷା ଯୋଜନା ଲାଗୁ କରୁଛନ୍ତି। ଏହି ଯୋଜନାରେ ଗୁଣାତ୍ମକ ଶିକ୍ଷାଦାନ, ଆଇସିଟି ଆଧାରିତ ଭିତ୍ତିଭୂମି ଓ ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ବୋଲି ସେ କହିଥିଲେ।

ଏଥିସହ ଆଗାମୀ ପାଞ୍ଚ ବର୍ଷରେ ଅତି କମରେ ୧.୫ ଲକ୍ଷ ସରକାରୀ ଚାକିରି ଯୋଗାଇ ଦିଆଯିବ, ଯେଉଁଥିରେ ଚୟନ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ପ୍ରକ୍ରିୟାରେ ହେବ।

ରାଜ୍ୟର ଉନ୍ନତିରେ ଶିକ୍ଷାର ପ୍ରମୁଖ ଭୂମିକା ରହିଥିବାରୁ ଆଗାମୀ ଆର୍ଥିକ ବର୍ଷ ପାଇଁ ଘୋଷିତ ବଜେଟରେ ଶିକ୍ଷା ପାଇଁ ୪୧ ହଜାର ୨୭୩ କୋଟି ଟଙ୍କା ବରାଦ କରାଯାଇଛି, ଯାହାକି ମୋଟ ବଜେଟର ୧୪.୨ ପ୍ରତିଶତ। କେବଳ ଉଚ୍ଚଶିକ୍ଷା ପାଇଁ ୩ ହଜାର ୬୫୫ କୋଟି ଟଙ୍କାର ପ୍ରବଧାନ ରହିଛି। ଆଗାମୀ ଦିନରେ ଓଡ଼ିଆ ଛାତ୍ର ଓ ଶିକ୍ଷକମାନେ ଜାତୀୟ ଓ ଅନ୍ତର୍ଜାତୀୟ ମାନକ ଓ ସୂଚକାଙ୍କ ସମକକ୍ଷ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ କଲେଜ ଜୀବନରେ ଛାତ୍ର ରାଜନୀତି ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାରୁ ବିଜେପି ସରକାର ପୁଣିଥରେ ଛାତ୍ର ସଂସଦ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ପାଇଁ ନିଷ୍ପତ୍ତି ନେଇଛନ୍ତି।

ସେହିପରି ସରକାର ଗୋଦାବରୀଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବେ, ଯାହା ଶିକ୍ଷାର ମୂଳଦୁଆକୁ ମଜବୁତ କରିବ ବୋଲି ଶ୍ରୀ ସୂରଜ କହିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ନାରାୟଣ ମିଶ୍ର ସ୍ୱାଗତ ଭାଷଣ ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ କଟକଣାକୁ ମାନୁ ନାହାଁନ୍ତି ଭାରୀଯାନ ମାଲିକ




**କେନ୍ଦ୍ରାପଡା,୯।୩(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହରର ଅଧିକାଂଶ ରାସ୍ତା ଅଣ ଓସାରିଆ ଥିବାରୁ ବାଲି, ମାଟି ଓ ବିଭିନ୍ନ ସାମଗ୍ରୀ ନେଇ ଆସୁଥିବା ଭାରୀଯାନ ଗୁଡିକୁ ଜିଲ୍ଲପାଳ ସକାଳ ୭ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ସହର ଭିତରେ ପ୍ରବେଶକୁ ନିଷିଦ୍ଧ କରିଛନ୍ତି । କିନ୍ତୁ ହାଇୱା ଓ ଟ୍ରକ ମାଲିକ ଏହି ଆଦେଶକୁ ଖାତିର ନକରି ପୋଲିସ ଆଗରେ ଦିନା ୧୧ଟା ସମୟରେ ଅନ ଓସାରିଆ ରାସ୍ତା ଖଡିଅଙ୍ଗ ଛକରୁ ମେଡିକାଲ ଆଡକୁ ବାଲି ନେଇ ବେଧଡକ ଯିବା ଆସିବା କରୁଛନ୍ତି । ଏହା ଫଳରେ ଦୈନନ୍ଦିନ ଅକାଳରେ ଜୀବନହାନୀ ଘଟୁଛି । ଏହି ଭାରୀଯାନ ଗାଡି ଗୁଡିକ ଯାତାୟତ କରିବା ଫଳରେ ନିରିହ ଲୋକ ମୃତ୍ୟୁ ବରଣ କରୁଥିବା ଏବଂ ଜୀବନସାରା ଅକ୍ଷମ ହୋଇ ପଡି ରହିଛନ୍ତି । ଏହି ଗାଡି ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଡ୍ରାଇଭର ର ଲାଇସେନ୍ସ ରଦ୍ଦ କରିବା ଓ ଜରିମାନା ଆଦାୟ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ରାଜନୀତି ବିଜ୍ଞାନ ବିଭାଗରେ ବାହ୍ୟ ବିଷୟ ବିଚାର କାର୍ଯ୍ୟକ୍ରମ




**ଡେରାବିଶ,୯।୩(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଡେରାବିଶ ମହାବିଦ୍ୟାଳୟ ସଭାକକ୍ଷରେ 'ସମାନତାରୁ ସମତା:ସମସ୍ତଙ୍କ ପାଇଁ ନ୍ୟାୟର ପୁର୍ନକଲ୍ପନା' ଶୀର୍ଷକ ଏକ ବାହ୍ୟ ବିଷୟ ବିଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ରାଜନୀତି ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଶାନ୍ତନୁ କୁମାର ମାଟି ଅଧ୍ୟକ୍ଷତା କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଚନ୍ଦ୍ର ଶେଖର ନାୟକ ମୁଖ୍ୟ ଅତିଥି, ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପିକା ଡକ୍ଟର ନିବେଦିତା ସ୍ୱାଇଁ ବିଷୟ ବିଶେଷଜ୍ଞ ଏବଂ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ବିଶ୍ୱଜିତ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ସମାଜରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ କେବଳ ସମାନତାର ସୁଯୋଗ ପ୍ରଦାନ କଲେ ତାର ବ୍ୟକ୍ତିତ୍ୱର ବିକାଶ ହେବ ନାହିଁ ବରଂ ଅବସ୍ଥାକୁ ଦେଖି ତାକୁ ବିଶେଷ ସୁବିଧା ପ୍ରଦାନ କଲେ ସମତା ବଳରେ ସେ ନ୍ୟାୟ ପ୍ରାପ୍ତ ହେବ। ଏହାଦ୍ୱାରା ବିଶ୍ୱରେ ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ବଞ୍ଚିବାର ସୁଯୋଗ ପାଇବେ। ଏବଂ ସମାଜ ଓ ରାଷ୍ଟ୍ର ସର୍ବାଙ୍ଗ ସୁନ୍ଦର ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବୃନ୍ଦାବନ ଦାସ ଅତିଥି ପରିଚୟ ଓ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ଅଧ୍ୟାପକ ଡକ୍ଟର ସନ୍ଦୀପ ବଳ ଧନ୍ୟବାଦ ଅର୍ପଣ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଈଶ୍ୱରୀ ଦାସ, ବିକାଶ ରଞ୍ଜନ ନାଥ, ତୁଷାର ପ୍ରଧାନ ଆଦି ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



**ଡେରାବିଶ,୯।୩ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଖମୋଳ ପଞ୍ଚାୟତ କାର୍ଯ୍ୟାଳୟରେ ଆଜି ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପଞ୍ଚାୟତ ମହାସଂଘ ସଭାପତି କବିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ସରପଞ୍ଚ ତୃପ୍ତିମୟୀ କର, ସମ୍ମାନିତ ଅତିଥିଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଚନ୍ଦ୍ରଶେଖର କର, ଏମବିକେ ସୌଦାମିନୀ ଜେନା, ବ୍ୟାଙ୍କମିତ୍ର ଶୋଭାବତି ସାହୁ ଯୋଗ ଦେଇ ମହିଳାମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ। ଏଥିସହିତ ମହିଳାମାନେ ସ୍ୱୟଂ ସହାୟିକା ଗୋଷ୍ଠୀ ସହିତ ଜଡ଼ିତ ହୋଇ ଉଦ୍ୟୋଗପତି ହେବା ଏବଂ ସ୍ଥାନୀୟ ଅଞ୍ଚଳରେ ବହୁ ମହିଳା ଉଚ୍ଚଶିକ୍ଷିତା ହୋଇ ବିଭିନ୍ନ ବଡ଼ ବଡ଼ ପଦବୀ ଅଳଙ୍କୃତ କରିଥିବା ସମ୍ପର୍କରେ ଉଦାହରଣ ଦେଇଥିଲେ। ମହାସଂଘର ସମ୍ପାଦିକା ମିନତୀପ୍ରଭା ନାୟକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାଙ୍କ ସମେତ, ସମସ୍ତ ସିଆରପି, ଇସି ସଭ୍ୟା, ଏବଂ ପଞ୍ଚାୟ ଅନ୍ତର୍ଗତ ସମସ୍ତ ମହିଳା ୱାର୍ଡ଼ମେମ୍ବରମାନେ ଯୋଗ ଦେଇଥିଲେ। ଶେଷରେ ସିଆରପି ସଂଘମିତ୍ରା ପରିଧା ଧନ୍ୟବାଦ ଅର୍ପଣ କରିଥିଲେ।

## ଆସୁଛି ହୋଲି, ଚାଷୀ ଖୋଜୁଛି ପାଉଣା

# ବାଧକ ସାଜିଛନ୍ତି ମିଲର, ମଣ୍ଡିରୁ ଉଠୁନି ଧାନ

**କେନ୍ଦ୍ରାପଡା,୯।୩(ସଂଚାର ବ୍ୟୁରୋ):** ମଣ୍ଡିରେ ପଡ଼ିଛି ଧାନ, ଚାଷୀ ଚିନ୍ତାରେ। ଆଗକୁ ଆସୁଛି ହୋଲି। ମାର୍ଚ୍ଚ ୯ ତାରିଖରୁ ଦେଶ ଦୋଳ ଅର୍ଥାତ ଗାଁ ମେଳଣ ଆରମ୍ଭ ହୋଇଯିବ। ଘରକୁ ଘର ଚାଚେରୀ ଖେଳିବେ ରାଧାକୃଷ୍ଣ। ଲୋକେ ନିଜ ଘର ଆଗରେ ବିମାନକୁ ଭୋଗ ଦେବାପାଇଁ ଚିନ୍ତିତ ।

କାରଣ ଚାଷୀଙ୍କର ଭରସା ଧାନ ବିକିଲେ ସେହି ଅର୍ଥରେ ପର୍ବପର୍ବାଣୀ ପାଳନ୍ତି । ବିଡ଼ମ୍ବନାର ବିଷୟ ହେଲା ମହାକାଳପଡା,ମାର୍ଶାଘାଇ,ଗ ରଦପୁର,ରାଜନଗର ଆଦି ଅଞ୍ଚଳରେ ଧାନ ମଣ୍ଡିରେ ଚାଷୀଙ୍କ ଧାନ ପାହାଡ ଭଳି ଗଦା ହୋଇଛି। ଫେବୃଆରୀ ରୁ ଚାଷୀ ନିଜ ସମବାୟ ସୋସାଇଟି ମଣ୍ଡିରେ ଧାନ ଦେଇଥିଲେ। ପାଖାପାଖି ଗୋଟିଏ ମାସ ହୋଇଗଲା ଧାନ ଦେଇ ପାଉଣା ପାଉନାହାନ୍ତି ଚାଷୀ। ମାର୍ଚ୍ଚ ୮ ତାରିଖ ସୁଦ୍ଧା ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ବସ୍ତା ଧାନ ପାହାଡଭଳି ଗଦା ହୋଇଛି। ଜିଲ୍ଲା ଭିତରେ ଏବଂ ଜିଲ୍ଲା ବାହାରେ ୭ଟି ଥିବା ରାଇସ୍ ମିଲ୍ ୯ଟି ବ୍ଲକରୁ ଧାନ



କଲବଲ କରୁଛି ନାରାୟଣୀ ମିଲ

କିଣୁଥିଲେ ମଧ୍ୟ ମଣ୍ଡିରୁ ଉଠାଇ ପାରୁନାହାନ୍ତି। ଧାନ ସଂଗ୍ରହ ନେଇ ସରକାରଙ୍କ ନିର୍ଦ୍ଧାରିତ ସମୟ ସରି ଆସୁଥିବା ବେଳେ ଚାଷୀମାନେ ଧାନ ଗାଡ଼ି ଧରି ମିଲ ଆଗରେ ଦିନରାତି ଅପେକ୍ଷା କରି କଲବଲ ହେଉଛନ୍ତି । ଛଅ ରୁ ସାତଦିନ ଧରି ମିଲ ଆଗରେ ଧାନ ବୋଝେଇ ଗାଡିକୁ ଜଗି ବସିଛି ଚାଷୀ, ମିଲର ଙ୍କ ପକ୍ଷରୁ ଧାନ ଓଜନ ପାଇଁ ଡାକରା ପାଇଲେ ଯାଇ ମିଲ ଭିତରେ ଗାଡିକୁ ପ୍ରବେଶ କରାଇ ଓଜନକଣ୍ଟାରେ ଓଜନ କରାଇବ । ଲୋଡ଼ ଅନଲୋଡ଼ କରିବାକୁ ଶ୍ରମିକଙ୍କ ଅଭାବ ଅଛି ବୋଲି ମିଲର ପକ୍ଷରୁ କାରଣ ଦର୍ଶାଇ ଜାଣି ଶୁଣି ବିଳମ୍ବ କରାଯାଉଛି । ଧାନ ବିକିବା ପରେ ଦିପଇସା ପାଇ ଘରର ଆବଶ୍ୟକତା ରେ ଖର୍ଚ୍ଚ କରିବାକୁ ଅପେକ୍ଷା କରିଥିବା ଚାଷୀ ଅଧିକ ଦିନ ଅପେକ୍ଷା କରି ନ ପାରି ବ୍ୟତିବ୍ୟସ୍ତ ହୋଇ କୁଇଣ୍ଟାଲ ପ୍ରତି ଛଅ କେଜି ରୁ ଆଠ କେଜି କଟନୀ ଛଟନୀ କରିବାକୁ ବାଧ୍ୟ ହେଉଛି ଚାଷୀ । ଛୋଟ ଛୋଟ ଗାଡ଼ିରେ ଦଶ ପନ୍ଦର କୁଇଣ୍ଟାଲ ଧାନ ଆଣି ଆସିଥିବା ଚାଷୀ ୭ ଦିନ ଗାଡ଼ିରେ ଧାନ ଲଦି ରଖିବାରୁ ଗାଡ଼ି ଭଡ଼ା ବାବଦରେ ସରକାର ଚାଷୀଙ୍କୁ ଦେଉଥିବା ବୋନସ କୁଇଣ୍ଟାଲ ପ୍ରତି ୮ ଶହଟଙ୍କା ଗାଡ଼ିଭଡ଼ାଦେବାରେ ସରି ଯାଉଛି ବୋଲି ଚାଷୀମାନେ କହିଛନ୍ତି । ଏହି ମିଲ ଟ୍ୟାଗ ହୋଇଥିବା ସମବାୟ ସମିତି ମଣ୍ଡିରୁ ଧାର୍ଯ୍ୟ ଦିନ ମଧ୍ୟରେ ଧାନ କ୍ରୟ କରୁନାହିଁ ।

ଆଳାଇଲୋ ର ନାରାୟଣୀ ଫୁଡ଼ ପ୍ରୋସେସିଂ ମିଲର ମାର୍ଶାଘାଇ ସମବାୟ ସମିତି ମଣ୍ଡିରୁ ଏ ପର୍ଯ୍ୟନ୍ତ ଆହୁରି ଛଅଶହ କୁଇଣ୍ଟାଲ ଧାନ କ୍ରୟ କରିନାହିଁ ବୋଲି ଅଭିଯୋଗ ହେଉଛି । କେବଳ ମାର୍ଶାଘାଇ ନୁହେଁ ଜିଲ୍ଲାର ଡଜନେ ରୁ ଅଧିକ ମଣ୍ଡିରେ ଏହିଭଳି ଅବସ୍ଥା ଏହି ମିଲର କରାଇଛି ବୋଲି ଅଭିଯୋଗ ହେଉଛି ।

ପ୍ରଶାସନ ସହିତ ଭିତିରିଆ ସମ୍ପର୍କ ରଖି ମିଲର ଏଭଳି କାରନାମା କରୁଛି ବୋଲି ଅଭିଯୋଗ ହେଉଛି । ଏପଟେ ଧାନକ୍ରୟ ତାରିଖ ଶେଷ ହୋଇ ଆସୁଥିବାରୁ ଚାଷୀମନରେ ଛନକା ପଶୁଛି। ବରକନ୍ଦା ସମବାୟ ସମିତି ମଣ୍ଡି ଅଧିନ ଚାଷୀ ପ୍ରମୋଦ ସାହୁ, ଆୟେବା ସମବାୟ ସମିତି ମଣ୍ଡି ଅଧିନ ସଂଜୀବ ଦାସଙ୍କ ସମେତ ଗରଜଙ୍ଗା, କରଞ୍ଜ, ଅରଡ଼ ପ୍ରଭୃତି ସମବାୟ ସମିତି ମଣ୍ଡିର ୫୦ ରୁ ଅଧିକ ଚାଷୀଙ୍କ ଧାନ ବୋଝେଇ ଗାଡ଼ି ମିଲ ଆଗରେ ଛିଡ଼ା ହୋଇ ରହିଛି ।

## ଦୁର୍ଘଟଣାରେ ଖବର କାଗଜ ବିକ୍ରେତା ଗୁରୁତର

**ଡେରାବିଶ,୯।୩(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଭାଗବତପୁର ଗ୍ରାମର ଖବରକାଗଜ ବିକ୍ରେତା ଯୋଗେଶ କୁମାର ଜେନା ଗତାକାଲି ଏକ ସଡ଼କ ଦୁର୍ଘଟଣା ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ଭର୍ତ୍ତି ହୋଇଛନ୍ତି। ସୂଚନାରୁ ପ୍ରକାଶ ସବୁଦିନ ପରି ଯୋଗେଶ ଖବର କାଗଜ ଧରି ନିଜ ବାଇକ୍‌ରେ ବିକ୍ରି କରିବା ପାଇଁ ଯାଉଥିବା ବେଳେ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଅନନ୍ତପୁର ଠାରେ ବାଇକ୍ ଆଗରେ ଏକ କୁକୁର ପଶିଯିବାରୁ ସେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଫଳରେ ତାଙ୍କର ଗୋଡ଼ ଭାଙ୍ଗିଯିବା ସହ ଖଣ୍ଡିଆଖବରା ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଅବସ୍ଥା ଗୁରୁତର ହେବାରୁ ଉନ୍ନତ ଚିକିତ୍ସା ନିମନ୍ତେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଥିଲା।

## ବିଭିନ୍ନ ସ୍ଥାନରେ ଅର୍ନ୍ତଜାତୀୟ ମହିଳା ଦିବସ

# ମହିଳା ଯେଉଁଠି ସୁରକ୍ଷିତ ମଣନ୍ତି, ସେଠି ସ୍ନେହ ଶ୍ରଦ୍ଧା ଢାଳି ଦିଅନ୍ତି:ଅରୁଣ

**ନୟାଗଡ଼,୯।୩(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଆଜି ଆର୍ନ୍ତଜାତୀକ ମହିଳା ଦିବସ ପାଳିତ ହୋଇଯାଇଛି । ନୟାଗଡ଼ ବିଧାୟକ ଡ଼ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲା ମହିଳା ବିଜେଡି ସଭାପତି ବିରଜା ଲକ୍ଷ୍ମୀ ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଝିଲ୍ଲୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଆର୍ନ୍ତଜାତୀକ ମହିଳା ଦିବସରେ ମହିଳାମାନେ ଆଗକୁ ଆସିବା ଶୁଭ ଲକ୍ଷଣ । ତତ୍କାଳୀନ ନବୀନ ସରକାରରେ ମହିଳାଙ୍କୁ ଅଗ୍ରାଧିକାର ମିଳିଛି ବୋଲି ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ କହିଥିଲେ । ମହିଳା ଯେଉଁଠି ସୁରକ୍ଷିତ ମଣନ୍ତି, ସେଠି ସ୍ନେହ ଶ୍ରଦ୍ଧା ଢାଳି ଦିଅନ୍ତି ବୋଲି କହିଥିଲେ। ଜଣଙ୍କ ଉପରେ ବିପଦ ପଡ଼ିଲେ ସମସ୍ତେ ଠିଆ ହେବାକୁ ଉପସ୍ଥିତ ମହିଳାଙ୍କୁ ବିଧାୟକ ଆହ୍ୱାନ ଦେଇଥିଲେ । ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଶ୍ରୀମତି ସାହୁ ମହିଳା ସଶକ୍ତି କରଣ କ୍ଷେତ୍ରରେ ନବୀନ ପଟ୍ଟନାୟକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ସ୍ୱାବଲମ୍ବି କରିବାରେ ନବୀନ ଏକ ନମ୍ବର ବୋଲି କହିଥିଲେ ।



ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଯୋଗ ଦେଇଥିଲେ । ସେହିପରି ନୟାଗଡ଼ ପୌରାଞ୍ଚଳ କାଉନସିଲ ହଲ ଠାରେ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛିତ। ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦିବସରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସାମଜର ଅଭିବୃଦ୍ଧିରେ ମହିଳାଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ କାଉନସିଲର ଅଳକା ମଞ୍ଜରୀ ନାୟକ, ଗୀତାଞ୍ଜଳୀ ସ୍ୱାଇଁ, ସ୍ୱୟଂପ୍ରଭା ମିଶ୍ର, ମଞ୍ଜୁ ଗୁମାନସିଂ, କାର୍ଯ୍ୟ ନିର୍ବାହି ଅଧିକାରୀ ଅକ୍ଷୟ କୁମାର ବେହେରା, କାଉନସିଲର ଲକ୍ଷ୍ମୀଧର ମହାପାତ୍ର, ସନ୍ତୋଷ ମାହାର ପ୍ରମୁଖ ଯୋଗ ଦେଇ ଆଜି ଦିବସର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ୬୦ ଜଣ ମହିଳାଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଜନ ଶିକ୍ଷଣ ସଂସ୍ଥାନ ଲାଠିପଡ଼ା ପଂଚାୟତର ଗ୍ରାମ କଲ୍ୟାଣ ମଣ୍ଡପ ଠାରେ ନୟାଗଡ ତରଫରୁ ଆନ୍ତର୍ଜାତୀୟ ମହିଳା ଦିବସ -୨୦୨୫ ପାଳନ କରାଯାଇଅଛି । ଏଥିରେ ମୁଖ୍ୟ ଅତିଥି ସରପଞ୍ଚ ସରସ୍ୱତୀ ପଗଡ, ସିଡବ୍ଲୁସି ଚେୟାର ପର୍ସନ କିଶୋର ଚନ୍ଦ୍ର ମହାପାତ୍ର, ସମିତି ସଭ୍ୟା ସନ୍ଧ୍ୟାରାଣୀ ବେହେରା, ଲାଠିପଡ଼ା, ପ୍ରଭାସିନୀ ନନ୍ଦ, ଦୈତାରୀ ବରାଳ, ଚେୟାର ପର୍ସନ ଜନ ଶିକ୍ଷଣ ସଂସ୍ଥାନ, ନୟାଗଡ, ସନମାନିତ ଅତିଥି ଓ ମନୋଜ କୁମାର ସେଠି, ନିର୍ଦ୍ଦେଶକ ଜନ ଶିକ୍ଷଣ ସଂସ୍ଥାନ, ନୟାଗଡ ଯୋଗଦେଇଥିଲେ ।

# ଗରଦପୁର ତହସିଲରେ ଅଚଳାବସ୍ଥା

## ଡିମାର୍କେସନରେ ବିଳମ୍ବ, ଲୋକେ ହନ୍ତସନ୍ତ

**ଗରଦପୁର,୯।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ତହସିଲ କାର୍ଯ୍ୟାଳୟ ରେ ପ୍ରତିଦିନ ଶହ ଶହ ସଂଖ୍ୟକ ଲୋକେ ଭିଡ଼ ଜମାଉଛନ୍ତି । ବିଭିନ୍ନ ମକୋଦମା କୁ କେନ୍ଦ୍ର କରି ଗ୍ରାମ୍ୟ ପରିବେଶ ମଧ୍ୟରେ ଭାଇ ଭାଇର ସମ୍ପର୍କ ଶତ୍ରୁତାରେ ପରିଣତ ହେଉଥିବା ଅଭିଯୋଗ ହେଉଛି।ଜମିଜମା, ଜାଗାବାଡି ଡିମାର୍କେସନ କେସ ବର୍ଷ ବର୍ଷ ଧରି ଗଡ଼ିଚାଲିଛି। ୨୦୨୩-୨୪ରେ ଶତାଧିକ କେସ ହିୟରିଂ ହୋଇ ପଡିରହିଥିବାବେଳେ ବହୁ କେସ ବିଜ୍ଞାପନ ଦିଆଯାଇ ଫାଇଲ ସର୍ବସ୍ୱ ହୋଇଛି। ୨୦୨୪-୨୫ରେ ମଧ୍ୟ ଶତାଧିକ କେସ ଡିମାର୍କେସନ ପାଇଁ ଫାଇଲ ହୋଇଛି। ନଦୀନାଳ ଘେରା ଗରଦପୁର ତହସିଲକୁ ଲୋକେ ଆସି ଆସି ନୟାନ୍ତ ହୋଇଥିଲେ ମଧ୍ୟ ଡିମାର୍କେସନ ହୋଇପାରୁନାହିଁ। କାରଣ ଗରଦପୁର ତହସିଲରେ ୪ଟି ଅମିନ ପଦ ପଦବିରୁ ଦୁଇଟି ପଦବି ଦୀର୍ଘଦିନ ହେଲା ଖାଲିପଡିଥିବା ବେଳେ ଜଣେ ଅନ୍ୟତ୍ର ବଦଳି ରେ ରହିଛନ୍ତି । ଜଣେ ମାତ୍ର ଅମିନରେ ଡିମାର୍କେସନ ଚାଲିଛି। ଫଳରେ ଡିମାର୍କେସନ୍ ଯୋଗୁ ଗ୍ରାମାଞ୍ଚଳରେ ଜବରଦଖଲ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ମାମଲା ଥାନା ଓ କୋର୍ଟ କଚେରିକୁ ଆସିବା ସଙ୍ଗେ ସଙ୍ଗେ ଭାଇ ଭାଇ ମଧ୍ୟରେ ଗଣ୍ଡଗୋଳ ହେଉଛି । ପଡ଼ୋଶୀ ପଡ଼ୋଶୀ ମଧ୍ୟରେ ମାରପିଟ୍ ଆରମ୍ଭ ହୋଇ ଅଶାନ୍ତି ସୃଷ୍ଟି ହେଉଛି। ଜମିବାଡ଼ିକୁ ନେଇ ଲୋକେ ଅର୍ଥ କର୍ଜ କରି ସର୍ବସାନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ଗରଦପୁର ତହସିଲ ଅଫିସରେ ଜଣେ କିରାଣୀ ନିଜର ଦାୟିତ୍ୱ ସାଙ୍ଗକୁ ଡିମାର୍କେସନ ଦାୟିତ୍ୱରେ ମଧ୍ୟ ରହିଛନ୍ତି । ନା ସେ ନିଜର ଦାୟିତ୍ୱ ଠିକ ଭାବରେ କରିପାରୁଛନ୍ତି ନା ଡିମାର୍କେସନ ଦାୟିତ୍ୱ ବୁଝି ପାରୁଛନ୍ତି। ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ମଧ୍ୟ ବ୍ଲକ୍ କାର୍ଯ୍ୟାଳୟରେ ହେଉଥିଲେ ସୁଦ୍ଧା କିଛି ଫଳପ୍ରଦ ହୋଇପାରୁ ନାହିଁ। ଯାହାକୁ ନେଇ ଲୋକେ ଗୁହାରୀ କରିବେ କାହାକୁ ଚିନ୍ତିତ ହୋଇ ପଡିଛନ୍ତି ।

## ରଘୁନାଥ ମନ୍ଦିରର ବାର୍ଷିକ ଉତ୍ସବ

**ଡେରାବିଶ,୯।୩ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀରାମଙ୍କ ମନ୍ଦିରର ୩୧ତମ ପ୍ରତିଷ୍ଠା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରୁ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମନ୍ଦିର ପରିସରରେ ଚତୁର୍ଥ ପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ନାମଯଜ୍ଞରେ ସ୍ଥାନୀୟ ଅଞ୍ଚଳରୁ ବହୁ ସଂକୀର୍ତ୍ତନ ଦଳ ଯୋଗ ଦେଇଥିବା ବେଳେ ହଜାର ହଜାର ଶ୍ରୀରାମ ପ୍ରେମୀ ମନ୍ଦିରରେ ପହଞ୍ଚି ପ୍ରଭୁଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ। ଶେଷରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ନୂତନ ଅପରାଧିକ ଆଇନ ସଚେତନତା

**ପଟ୍ଟାମୁଣ୍ଡାଇ,୯।୩(ସଂଚାର ବ୍ୟୁରୋ):** ଭାରତବର୍ଷ କୁ ସବୁ ଦୃଷ୍ଟିରୁ ସୁରକ୍ଷିତ ରଖିବା ଓ ଅପରାଧମୁକ୍ତ ରାଷ୍ଟ୍ର ଗଠନ କରିବା ପାଇଁ କେନ୍ଦ୍ର ସରକାର ନୂତନ ଅପରାଧୀକ ଆଇନ ପ୍ରଣୟନ କରିବା ସହିତ ଏହାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ପାଇଁ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି । ଓଡିଶା ସରକାର ଏହି ନୂତନ ଅପରାଧୀକ ଆଇନ ଲାଗୁ କରିବା ସହିତ ଏ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ଏସ ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପକ୍ଷରୁ ନୂତନ ଅପରାଧୀକ ଆଇନ କାର୍ଯ୍ୟକାରୀତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଆଜି ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପ୍ରେକ୍ଷାଳୟ ଠାରେ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ଭାଷଣ ଦେଇ ଦୁର୍ଘଟଣା, ଜାତିଗତ ଗଣ୍ଡଗୋଳ, ମହିଳା ନିର୍ଯ୍ୟାତନା ଗଣ ଦୁଷ୍କର୍ମ,ସାବାଳକ ପୁଅ ଝିଅ ପରିବାର ସ୍ୱୀକୃତି ବିନା ଭଲ ବିବାହ କରିବା ଆଦି କ୍ଷେତ୍ରରେ ଆଇନଗତ ବ୍ୟବସ୍ଥା ସଂପୂର୍ଣ୍ଣ ବଦଳି ଯାଇ ଲାଗୁ କରାଯାଇଥିବା ନୂତନ ଆଇନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିବା ସହିତ ଏ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ ।ପଟ୍ଟାମୁଣ୍ଡାଇ ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ୧୮୬୦ ମସିହାରେ ପ୍ରଣୀତ ଭାରତୀୟ ନ୍ୟାୟ ସଂଗୀତା ବହୁ ପୁରୁଣା ହୋଇଥିବାରୁ ଏହାର



ବ୍ୟାପକ ପରିବର୍ତନ କରି କେନ୍ଦ୍ର ସରକାର ନୂତନ ଆଇନ ପ୍ରଣୟନ କରିଛନ୍ତି । ୧୯୭୩ମସିହାରେ ପ୍ରଣୀତ ନାଗରିକ ଅଧିକାର ସୁରକ୍ଷା ପାଇଁ ନାଗରିକ ସଂଗୀତାର ପରିବର୍ତନ କରାଯାଇଛି । ନୂତନ ଅପରାଧୀକ ଆଇନ ପ୍ରଣୟନ କରାଯାଇ ଜାତୀୟ ନିରାପତ୍ତା ତ୍ୱରିତ ନ୍ୟାୟ, ମହିଳା ଓ ଶିଶୁ ସୁରକ୍ଷା ପାଇଁ କଠୋର ଆଇନଗତ ବ୍ୟବସ୍ଥା କରାଯାଇଛି । ଏଥି ସହିତ ଡିଜିଟାଲ ଯୁଗରେ ସରକାରୀ ସେବା ଜନସାଧାରଣ ନିକଟରେ ପହଞ୍ଚାଇବା ପାଇଁ ସମୟ ନିର୍ଧାରିତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଜଣେ ସାଧାରଣ ନାଗରିକ ସରକାରୀ ଅଫିସ ନଆସି ସମସ୍ତ ସରକାରୀ ସୁବିଧା ପାଇବା ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ପ୍ରକାଶ କରିଥିଲେ ।

## ଦକ୍ଷତା ବିକାଶ ତାଲିମ୍ ମାଧ୍ୟମରେ ଗାଁ ଗହଳିର ମହିଳା ହେବେ ସ୍ୱାବଲମ୍ବୀ






**ନିଶ୍ଚିନ୍ତକୋଇଲି, ୯।୩(ସଂଚାର ବ୍ୟୁରୋ):** ରାଜ୍ୟ ବିଜେପି ସରକାର ମହିଳା ମାନଙ୍କ ସ୍ୱାବଲମ୍ବୀ ଦିଗରେ ନାନା ଯୋଜନା ପ୍ରଣୟନ କରି ଆସୁଥିବା ବେଳେ ରାଜ୍ୟ ସରକାରଙ୍କ ସହାୟତା ଏବଂ ସାମାଜିକ ପରିବହନ ଭଳି ଏକ ଅଗ୍ରଣୀ ସାମାଜିକ ସଂଗଠନ କେନ୍ଦ୍ର ଦ୍ୱାରା ନିଶ୍ଚିନ୍ତକୋଇଲି ବ୍ଲକ ନଡକାଇ ଗ୍ରାମପଞ୍ଚାୟତରେ ଗଢି ଉଠିଥିବା ଶୋୟଂ ସହାୟିକା ଗୋଷ୍ଠୀର ବହୁ ମହିଳା ମାନଙ୍କୁ ଏକମାସ ଧରି ଝୋଟରେ (ଜୁଟ୍ କ୍ରାଫ୍ଟ) ତିଆରିର ବିଭିନ୍ନ ସାମଗ୍ରୀ ତିଆରି କରିବାକୁ ଦକ୍ଷତା ବିକାଶ ମାଧ୍ୟମରେ ତାଲିମ୍ ପ୍ରଦାନ କରିଛନ୍ତି। ଏଥିରେ ତାଲିମ୍ ପ୍ରଶିକ୍ଷକ ଭାବେ ଜ୍ୟୋତିର୍ମୟୀ ମହାରଣା ଦୀର୍ଘ ଏକମାସ ଧରି ପ୍ରଶିକ୍ଷଣ ପ୍ରଦାନ କରି ଆସୁଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକ ସିଡିପିଓ ଶ୍ରୀମତି ସତ୍ୟଭାମା ବିଷୋୟୀ,ବିପିଏମ୍ ଶ୍ରୀମତି ତନୁଜା ସାହୁ, ସ୍ଥାନୀୟ ସରପଞ୍ଚ ଜୟଦେବ୍ ରାଉତ,ସଭାନେତ୍ରୀ ଶ୍ରୀମତି ପଣ୍ଡା, ସମ୍ପାଦିକା ରୀତାରାଣୀ ବେହେରା, ଏମ୍.ବି.କେ ପୁଷ୍ପାଞ୍ଜଳି ବେହେରାଙ୍କ ପୂର୍ଣ୍ଣ ସହଯୋଗରେ ୬୨ଗୋଟି ଶୋୟଂ ଶହାୟକ ଗୋଷ୍ଟିର ମହିଳା ମାନେ ଉପସ୍ଥିତ ରହି ଏହି ତାଲିମ୍ ନେଉଥିବା ବେଳେ ଆଗାମୀ ଦିନରେ ପିଜି ଗ୍ରୁପ୍ ସ୍ଥାପନା କରି ଝୋଟରେ ବିଭିନ୍ନ ସାମଗ୍ରୀ ତିଆରି କରିବା ସହ ବିକ୍ରି କରି ଲାଭବାନ ହୋଇ ପାରିବେ ବୋଲି ମହିଳା ସଦସ୍ୟ ମାନେ ମତ ପ୍ରକାଶ କରିଥିଲେ।

## ନଦୀବନ୍ଧରୁ ଯୁବକଙ୍କ ଗଳିତ ଶବ ଉଦ୍ଧାର, ହତ୍ୟା ସନ୍ଦେହ

**କୋଣାର୍କ,୯।୩(ସଂଚାର ବ୍ୟୁରୋ):** ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିନସ୍ଥ ସୁତନ ଗ୍ରାମପଞ୍ଚାୟତର ଟିକନା ଗ୍ରାମର ପୁରୁଣା ଗୋଠ ସନ୍ନିକଟ ନଦୀବନ୍ଧରୁ ପୋଲିସ ଏକ ଅଜଣା ଯୁବକର ଗଳିତ ଶବ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ଖବରରୁ ପ୍ରକାଶ ଯେ ସୁତନ ଗ୍ରାମ ପଞ୍ଚାୟତର ଟିକନା ଗ୍ରାମର ପୁରୁଣା ଗୋଠ ସନ୍ନିକଟ ନଦୀବନ୍ଧରେ ଏକ ଅଜଣା ଯୁବକର ଶବ ପଡିଥିବା ଦେଖି ସ୍ଥାନୀୟ ଅଂଚଳର ଜନସାଧାରଣ ମାନେ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିକାରୀ ପ୍ରତିମା ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ନଦୀବନ୍ଧରେ ପଡି ରହିଥିବା ଶବକୁ ଜବତ କରି ବ୍ଯବଚ୍ଛେଦ ନିମନ୍ତେ ପୁରୀ ଜିଲ୍ଲା ସଦରମହକୁମା ହସପିଟାଲକୁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଏହା ଆତ୍ମହତ୍ୟା ନା ସୁପରିକଳ୍ପିତ ହତ୍ଯା ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ପୋଲିସ ଛାନଭିନ କରି ସତ୍ୟତା ଉନ୍ମୋଚନ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୁଲିସ ପକ୍ଷରୁ ୨/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# କୁକୁଡ଼ା ଉପରୁ ଟିକସ ଆଦାୟ କରିପାରିବନି ଆର୍‌ଏମ୍‌ସି

**ଭୁବନେଶ୍ୱର,୯।୩:** ରାଜ୍ୟରେ ଥିବା ନିୟନ୍ତ୍ରିତ ବଜାର କମିଟି (ଆରଏମସି)ଗୁଡିକ ଆଉ କୁକୁଡା ବ୍ୟବସାୟୀଙ୍କ ଠାରୁ ଟିକସ ଆଦାୟ କରିପାରିବେ ନାହିଁ। ଓଡ଼ିଶା ହାଇକୋର୍ଟ ଏ ସଂକ୍ରାନ୍ତରେ ଦେଇଥିବା ରାୟ ପରିପ୍ରେକ୍ଷୀରେ ଓଡ଼ିଶା କୃଷି ବିପ୍ଣନ ବୋର୍ଡ ପକ୍ଷରୁ ସମସ୍ତ ଆରଏମସି ଅଧ୍ୟକ୍ଷଙ୍କୁ ପତ୍ରଲେଖି ଅବଗତ କରାଯାଇଛି। ବୋର୍ଡ ପକ୍ଷରୁ ଲେଖାଯାଇଥିବା ପତ୍ରରେ ଦର୍ଶାଯାଇଛି ଯେ ଓଡ଼ିଶା ହାଇକୋର୍ଟ କୁକୁଡା ଉପରୁ ଟିକସ ଆଦାୟ ନକରିବାକୁ ଅନ୍ତରୀଣ ଆଦେଶ ପ୍ରଦାନ କରିଛନ୍ତି। ତେଣୁ ପରବର୍ତ୍ତୀ ଆଦେଶ ନଆସିବା ପର୍ଯ୍ୟନ୍ତ କୌଣସି ଆରଏମ୍‌ସି କୁକୁଡା ଉପରେ ଆଉ ଟିକସ ଆଦାୟ କରିପାରିବେ ନାହିଁ। ଉଲ୍ଲେଖନୀୟ ଯେ କୁକୁଡା ବ୍ୟବସାୟୀ ସଂଘ ପକ୍ଷରୁ ଆରମ୍‌ଏସିର ଟିକସ ଆଦାୟ ବିରୁଦ୍ଧରେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ସମସ୍ତଙ୍କ ଯୁକ୍ତି ଶୁଣିବାପରେ ଗତ ମାସରେ କୁକୁଡା ବ୍ୟବସାୟରୁ ଆରଏମସିର ଟିକସ ଅଦାୟ ଉପରେ ରହିତାଦେଶ ଜାରି କରିଥିଲେ। ଏହି ମାମଲାରେ ସଂଘ ପକ୍ଷରୁ କୃଷି ବିପ୍ଣନ ବୋର୍ଡକୁ ପକ୍ଷଭୁକ୍ତ କରାଯାଇଥିଲା। ଅଦାଲତଙ୍କ ରାୟ ଆସିବାପରେ ବୋର୍ଡ ପକ୍ଷରୁ ଚଳିତ ମାସ ୬ତାରିଖରେ ସମସ୍ତ ଆରଏମସିକୁ ପତ୍ରଲେଖି ଏ ସଂକ୍ରାନ୍ତରେ ଅବଗତ କରାଯାଇଛି। ଏଠାରେ ଉଲ୍ଲେଖନୀୟ ଯେ ଓଡ଼ିଶାରୁ ଉତ୍ପାଦିତ କୁକୁଡା ଏବେ ପଡୋଶୀ ରାଜ୍ୟଗୁଡିକୁ ବହୁଳ ଭାବେ ରପ୍ତାନି ହେଉଥିବାବେଳେ ଆନ୍ତଃରାଜ୍ୟ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଆରଏମସି ଜୁଲମର ଶିକାର ହେଉଥିଲେ। ଆରଏମସି କର୍ତ୍ତୃପକ୍ଷ ସେମାନଙ୍କ ସୀମା ବାହାରକୁ ଆସି ରାଜପଥ ଉପରେ କୁକୁଡା ପରିବହନ କରୁଥିବା ଯାନଠାରୁ ଜବରଦସ୍ତ ଟିକସ ଆଦାୟ କରୁଥିଲେ। ଯେଉଁ ଗାଡିଗୁଡିକ ବେଆଇନ୍ ଭାବେ ଆଦାୟ ହେଉଥିବା ଟିକସ ଦେବାକୁ ମନା କରୁଥିଲେ ସେମାନଙ୍କୁ ପୁଲିସ୍ ଭୟ ଦେଖାଇ ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଅଟକାଯାଉଥିଲା। ଏଥିଯୋଗୁଁ ରାଜ୍ୟର କୁକୁଡା ବ୍ୟବସାୟୀ ଓ ଚାଷୀ ଉଭୟ କ୍ଷତିଗ୍ରସ୍ତ ହେଉଥିଲେ। କୁକୁଡା ବ୍ୟବସାୟୀ ସଂଘ ପକ୍ଷରୁ ଏ ନେଇ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ ତାହା ଉପରେ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଉନଥିଲା। ଶେଷରେ ଆରଏମସିଗୁଡିକର ଜୁଲମ ବିରୁଦ୍ଧରେ ସଂଘ ବାଧ୍ୟ ହୋଇ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସମସ୍ତ ପକ୍ଷଙ୍କୁ ଯୁକ୍ତି ଶୁଣିବା ପରେ ଅଦାଲତ ଏଭଳି ଟିକସ ଆଦାୟ ଉପରେ ରୋକ୍ ପାଇଁ ଅନ୍ତରୀଣ ଆଦେଶ ପ୍ରଦାନ କରିଛନ୍ତି। ବୋର୍ଡ କର୍ତ୍ତୃପକ୍ଷଙ୍କର ଅଦାଲତ ରାୟ ହସ୍ତକ୍ଷେପ ହେବାପରେ ଏ ନେଇ ସମସ୍ତ ଆରଏମସିକୁ ପତ୍ର ଲେଖାଯାଇଛି। ଫଳରେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଆରଏମସିଗୁଡିକ ଆଉ କୁକୁଡା ଉପରୁ ଟିକସ ଆଦାୟ କରିପାରିବେ ନାହିଁ। (ତଥ୍ୟ)






## ବାହା ହେବାକୁ ମନ ଛକ ପକ

ଓଡିଶା ନେତାଙ୍କର ଏବେ ହାତଗଣ୍ଠି ପକା ଋତୁ ଚାଲିଛି। ବିଧାୟକ, ପୂର୍ବତନ ସାଂସଦଙ୍କ ସମେତ ଆଉ କିଛି ରାଜନେତା ଏବେ ଲୁଚାଛପାରେ ବାହା ହେବାରେ ଲାଗିଛନ୍ତି। କିଏ ରାଜ୍ୟ ଭିତରେ ଓ ଆଉ କିଏ ବାହାରେ। ତେବେ ରାଜ୍ୟରେ ହଜାର ହଜାର ବାହାଘର ହେଉଥିବାବେଳେ ଏବେ ରାଜନେତାମାନଙ୍କ ବାହାଘର ସବୁଠାରୁ ଚର୍ଚ୍ଚାରେ ରହିଛି। ତେବେ ସବୁଠାରୁ ରୋଚକ କଥାଟି ହେଉଛି ଏମାନଙ୍କ ବାହାଘର ଦେଖି ଆଉ କିଛି ନେତା ଛକପକ ହେଉଛନ୍ତି। ବିଶେଷକରି ଯେଉଁମାନଙ୍କର ଲୁଚାଛପାରେ ଛାଡପତ୍ର ସରିଛି ସେମାନେ ଏବେ ଏହି ମଉକାରେ ଘରସଂସାର କରିବାକୁ ମନ ବଳାଇଲେଣି। ନିଜ ପାଇଁ କନିଆଟିଏ ଖୋଜିବାକୁ ବି ଅନୁରୋଧ କଲେଣି। ତେବେ ଯାହା ସୂଚନା ମିଳୁଛି ବିଧାନସଭାର ବଜେଟ୍ ଅଧିବେଶନ ପରେ ଆଉ କିଛି ନେତାଙ୍କ ବାହାଘର ଖବର ବଜାରକୁ ଆସି ହଇଚଇ ସୃଷ୍ଟି କରିବ। ତେବେ ନେତାଙ୍କ ବାହାଘର ଖବରରେ ରୁଚି ରଖୁଥିବା କିଛି ଲୋକଙ୍କର ପ୍ରତିକ୍ରିୟା ହେଉଛି, ବାହାଘର ହେଉଛି ଭଲ ହେଉଛି, କିନ୍ତୁ ଏହା କେତେଦିନ ସୁରୁଖୁରୁରେ ଚାଲିବ ତାହା ଖାଲି ଦେଖିବାର କଥା।



## ସାରଦା ସାଜିଛନ୍ତି ସେନାପତି

ବଜେଟ୍ ଅଧିବେଶନରେ ବିଜେଡିର ସେନା ପତି ସାଜିଛନ୍ତି ବାଲିକୁଦା-ଏରସମା ବିଧାୟକ ସାରଦା ଜେନା। ଗୃହ ଭିତରେ ସ୍ଲୋଗାନ ଦେବା ହେଉ କି ଗୃହ ବାହାରେ ମିଡିଆକୁ ବାଇଟ୍ ଦେବା ହେଉ ବାବୁ ପୂରା ଦମ୍‌ରେ ମାତି ଯାଉଛନ୍ତି। ଯେଉଁଠିସି ପ୍ରସଙ୍ଗ ଏବେ ମିଡିଆ ଭାଇମାନେ ସାରଦାଙ୍କୁ ଖୋଜୁଛନ୍ତି। ସାରଦା ବି ମଉକାକୁ ହାତଛଡା ନକରି ଅଧିବେଶନ ପରେ ମିଡିଆ ନିକଟରେ ପହଞ୍ଚି ଯାଉଛନ୍ତି। ଚଟାପଟ୍ ମତ ରଖୁଛନ୍ତି। ଉପମୁଖ୍ୟମନ୍ତ୍ରୀ ହୁଅନ୍ତୁ ବା ମନ୍ତ୍ରୀ, କାହାକୁ ଛାଡୁ ନାହାନ୍ତି। ସମସ୍ତଙ୍କୁ ଘୋଷ ଦେଉଛନ୍ତି। ତେଣୁ ମିଡିଆରେ ଏବେ ସାରଦା ସବୁଠାରୁ ଭରସା ଯୋଗ୍ୟ ହୋଇଛନ୍ତି। ଏଣେ ସାରଦାଙ୍କ ଏଭଳି ସେନାପତିଙ୍କୁ ବିଜେଡି ବି ପ୍ରୋତ୍ସାହନ ଦେଉଛି। ତେବେ ସବୁଠାରୁ ଅଧିକ ଖୁସି ହେଉଛନ୍ତି ଜଗତସିଂହପୁରିଆ। କାରଣ ସେମାନଙ୍କର ଜଣେ ବିଧାୟକ ମନ୍ତ୍ରୀ ହୋଇଥିବାବେଳେ ଆଉ ଦୁଇଜଣ ବିଧାୟକ ଏବେ ଏକ ପ୍ରକାର ମୌନ ଅବତାରରେ ଅଛନ୍ତି। ବହୁ ଦିନ ପରେ ସେମାନଙ୍କ ଜିଲ୍ଲାରୁ ଜଣେ କୁହାଳିଆ ନେତା ବାହାରିଥିବାରୁ ଦାମଙ୍କ ସ୍ଥାନ ସାରଦା ନେବେବୋଲି ଆଲୋଚନା ହେଲାଣି।



## ଯାହା ହେଲେ ବି କଂଗ୍ରେସିଆ ଆଗରେ



ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଯାହା ଆଶଙ୍କା କରାଯାଉଥିଲା ତାହା ହିଁ ହେଲା। ଗୃହକାର୍ଯ୍ୟ ଆରମ୍ଭରୁ ହିଁ ବିରୋଧି ନେତାଏ ଗୃହ କମ୍ପାଇଲେ। କିଲେ ମୁର୍ଦ୍ଦାବାଦ ପକାଇଲା ତ ଆଉ କିଏ ଟେବୁଲ ବାଡେଇଲା। ତେବେ ଯେତେବେଳେ ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢିବାକୁ ପ୍ରତିଯୋଗିତା ହେଲା ସେତେବେଳେ ଦେଖାଗଲା ଜଣେ ପୂର୍ବତନ ଓ ଜଣେ ବର୍ତ୍ତମାନର କଂଗ୍ରେସ ନେତା ଏଥିରେ ପୂରା ଆଗରେ ଅଛନ୍ତି। ପୁରୁଣା କଂଗ୍ରେସ ଓ ବର୍ତ୍ତମାନର ବିଜେଡି ବିଧାୟକ ଅଧିରାଜ ପାଣିଗ୍ରାହୀ ବିଜେଡି ପକ୍ଷରୁ ପୋଡିୟମ ଉପରକୁ ଚଢିବାକୁ ଉଦ୍ୟମ କରୁଥିବାବେଳେ କଂଗ୍ରେସର ଷ୍ଟାର ସଦସ୍ୟ ତାରା ପ୍ରସାଦ ବାହିନିପତି ଓରଫ ଭାଲୁ ଭାଇନା ବି ଗୋଟିଏ ପଟୁଚଢିବାକୁ ଉଦ୍ୟମ କଲେ। ଭାଲୁ ଭାଇନାଙ୍କର ପୁରୁଣା ଅଭିଜ୍ଞତା ଥିବାରୁ ସିଏ ପଛକୁ ହଟିଲେ ନାହିଁ। ହେଲେ ଚଢିବା ପ୍ରତିଯୋଗିତା ଚଳାଇଥିବା ଅଧିରାଜ କିନ୍ତୁ କିଛି ସମୟ ପରେ ତଳକୁ ଡେଇଁଲେ। ଏତିକିବେଳେ କଂଗ୍ରେସର ଜଣେ ସଦସ୍ୟ ତାଙ୍କୁ ଧରି ପକେଇଲେ। ଏକଥା ବାହାରେ ଜଣେ ବିଧାୟକଙ୍କୁ ପଚାରିବାରୁ ସେ କହିଲେ, ଯାହା ହେଲେ ବି ଅଧିରାଜ କଂଗ୍ରେସ ଅଧିକ, ବିଜେଡି କମ୍। ତେଣୁ ତାଙ୍କୁ ଧରିବୁ ନାହିଁ ତ ଆଉ କାହାକୁ ଧରିବୁ। ଯାହା ହେଲେ ବି କଂଗ୍ରେସିଆ ଆଗରେ ରହିବେ।

## କୁରୁଳିଲେଣି ପୁଲିସ୍ ବାବୁ



ପୁଲିସ୍ ବାବୁମାନଙ୍କୁ ଏଣିକି ଧତଡା ଜିପ୍ ବଦଳରେ ଶୀତତାପ ନିୟନ୍ତ୍ରିତ ବୋଲୋରୋ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିବାପରେ ପୁଲିସ୍ ବାବୁମାନେ ଏବେ ମନେ ମନେ କରୁଳୁଛନ୍ତି। କେବେ ବୋଲୋରୋ ଆସିବ ତାହାକୁ ନେଇ ଦିନ ଗଣିବା ବି ଆରମ୍ଭ କରିଦେଇଛନ୍ତି। ଏ ସଂକ୍ରାନ୍ତରେ ଆମେ ଜଣେ ଗୁଇନ୍ଦା ବାବୁଙ୍କୁ ପଚାରିବାରୁ ସେ କହିଲେ, ପୁଲିସ୍ ବାବୁମାନେ ଯେଉଁ ଗାଡି ଚଢୁଛନ୍ତି ସେଥିରେ ପ୍ରାୟତଃ ଏସି ନାହିଁ। ତେଣୁ ଅନେକ ଖାକି ବାବୁ ଖରାବେଳେ ଘରକୁ ଗାଡିନେଇ ଯାଉନଥିଲେ। ବାବୁଆଣିଙ୍କୁ ବି ଟିକେ କୁଆଡେ ଥାନା ଗାଡିରେ ନେଇପାରୁନଥିଲେ। ଏସି ନଥିବାରୁ ବାବୁଆଣିମାନେ ଏଥିରେ ଯିବା ଅପେକ୍ଷା ଭଡା ଗାଡିରେ ଯାଉଥିଲେ। ଏବେ ବୋଲୋରେ ଆସିଲେ କିଛି କାହା ପିଲା ଛୁଆଙ୍କୁ କେତେ ବୁଲାଇବ ସେହି ହିସାବ ଆରମ୍ଭ କଲେଣି। ତେବେ ଗାଡିରେ କିଏ ତେଲ ପକାଇବ ତାହାକୁ ନେଇ ବି ଚିନ୍ତା ବଢିଲାଣି। ସହଜେ ତ ପୁଲିସ୍ ଗାଡିରେ ତେଲ ପକାଇବା ଓ ତାହାକୁ ମରାମତି କରିବାକୁ ପଇସା ନାହିଁ, ଏବେ ବୋଲୋରେ ଆସିଲେ ତାହା ପାଇଁ କି ବ୍ୟବସ୍ଥା ହେବ ଓ କେଉଁ କେଉଁ ବାବୁ ନୂଆ ବୋଲୋରେ ନେବେ ତାହାର ତାଲିକା ପ୍ରସ୍ତୁତ ଚାଲିଛି ? ଗୁଇନ୍ଦା ବାବୁ କହୁଥିଲେ, ବୋଲେରୋ ଆସିଲେ ତାହାକୁ ନେଇ ମହାଭାରତ ବି ହୋଇପାରେ।

## ଅପରାହ୍ନରେ ଛୁ ମାରୁଛନ୍ତି ବିଧାୟକ




ବିଧାନସଭା ଚାଲିଥିବାବେଳେ ଅପରାହ୍ନ ଅଧିବେଶନରେ ବିଧାୟକମାନେ ଛୁ ମାରୁଛନ୍ତି। କୁଆଡେ ଯାଉଛନ୍ତି କ'ଣ କରୁଛନ୍ତି ତାହାକୁ ନେଇ ବିରୋଧିଦଳ ମାମଲତକାରମାନେ ଚିନ୍ତାରେ ପଡିଛନ୍ତି। ବଜେଟ୍ ଅଧିବେଶନର ପ୍ରଥମ ସପ୍ତାହରେ ଏଭଳି ଆଚରଣ ଯୋଗୁଁ ବିରୋଧିଦଳ ନେତା ତାଗିଦା କରିଥିଲେ। ଏଥିର ବିଧାୟକମାନେ କ'ଣ କରିବେ ତାହା ଉପରେ ବିରୋଧିଦଳ ନେତା ନଜର ରଖିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିରୋଧିଦଳର ବିଧାୟକ ବିଶେଷକରି ବିଜେଡି ବିଧାୟକମାନେ ଅପରାହ୍ନ ଅଧିବେଶନରେ କମ୍ ସଂଖ୍ୟାରେ ଉପସ୍ଥିତ ରହୁଛନ୍ତି। ଯିଏ ବି ରହୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ନବାଗତ ହୋଇଥିବାରୁ ଶାସକଦଳକୁ ମୁକାବିଲା କରିପାରୁ ନାହାନ୍ତି। ତେଣୁ ଅପରାହ୍ନ ଅଧିବେଶନରେ କିଭଳି ସମସ୍ତ ବିଧାୟକ ଗୃହରେ ଉପସ୍ଥିତ ରହିବେ ତାହା ଚିନ୍ତାର କାରଣ ହୋଇଥିବାବେଳେ କିଛି ବିଧାୟକଙ୍କ ଉପରେ ତୀକ୍ଷ୍ଣ ନଜର ରହିଛି। ଏମାନେ ଗୃହକୁ ଆସିବା ବଦଳରେ ବିଧାନସଭା ଚାଲିଥିବା ସମୟରେ କୁଆଡେ ଯାଉଛନ୍ତି ତାହାର ଖବର ଦେବାକୁ କୁହାଯାଇଛି। ଦେଖାଯାଉ ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଏମାନେ କ'ଣ କରୁଛନ୍ତି।

### ଏବିଆର୍‌ଏସ୍‌ଏମ୍‌ର ଅନ୍ତର୍ଜାତୀୟ ସମ୍ମିଳନୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

# ଜ୍ଞାନ ପରମ୍ପରାକୁ ନବସୃଜନ ସହ ଯୋଡ଼ିବାକୁ ହେବ




- ଅତୀତରେ ଆକ୍ରମଣକାରୀ ଜ୍ଞାନ ପରମ୍ପରାକୁ କ୍ଷତାକ୍ତ କରିଛନ୍ତି
- ଏନ୍‌ଇପି ଦକ୍ଷତା ଆଧାରିତ ଶିକ୍ଷା ପ୍ରଣାଳୀକୁ ଆଗକୁ ନେଉଛି

**ନୂଆଦିଲ୍ଲୀ,୯।୩(ସଂଚାର ବ୍ୟୁରୋ):** ଭାରତକୁ ପରାଧୀନ କରି ରଖିବା ପାଇଁ ଅନେକ ଆକ୍ରମଣକାରୀ ଆମର ଜ୍ଞାନ ପରମ୍ପରାକୁ ସବୁଠାରୁ ଅଧିକ କ୍ଷତାକ୍ତ କରିଛନ୍ତି। ଆଜି ଆମେ ଏକବିଂଶ ଶତାବ୍ଦୀରେ ବିକଶିତ ଭାରତ ନିର୍ମାଣ ଦିଗରେ ଅଗ୍ରସର ହେଉଛୁ। ସେଥିପାଇଁ ଆମର ଜ୍ଞାନ ପରମ୍ପରାକୁ ପୁର୍ନଜାଗରଣ କରିବା ସହ ଏହାକୁ ଆଧୁନିକ ବିଜ୍ଞାନ, ଗବେଷଣା ଓ ନବସୃଜନ ସହ ଯୋଡ଼ିବାକୁ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆଜି ସ୍ଥାନୀୟ ବିଜ୍ଞାନ ଭବନଠାରେ ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘ (ଏବିଆରଏସଏମ) ପକ୍ଷରୁ ଆୟୋଜିତ 'ସ୍ୱଦେଶୀ ଜ୍ଞାନ ପରମ୍ପରା ଓ ସ୍ଥାୟୀ ବିକାଶ' ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀର ଉଦ୍‌ଘାଟନ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ଏକ ବହୁଭାଷୀ ରାଷ୍ଟ୍ର ହୋଇଥିବା ବେଳେ ଆମେ ଆମର ଏକତା ଓ ବିବିଧତାରେ ବିଶ୍ୱାସ ରଖନ୍ତି। ତେବେ ଦେଶକୁ ହଜାରେ ବର୍ଷ ପର୍ଯ୍ୟନ୍ତ ବିଦେଶୀମାନେ ଶାସନ କରିବା ସମୟରେ ଧନସମ୍ପତ୍ତି ଲୁଟିବା ସହ ଐତିହ୍ୟକୁ କ୍ଷୁଣ୍ଣ କରିଛନ୍ତି। ଏଥିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଆମର ଜ୍ଞାନ ପରମ୍ପରା। ଆମର ପୁରାତନ ଶାସ୍ତ୍ରଗୁଡ଼ିକରେ ଆଚରଣ ଓ ଜୀବନ ମୂଲ୍ୟବୋଧର ଅନନ୍ୟ ବାଖ୍ୟା ପ୍ରଦାନ କରାଯାଇଛି। ମହାଭାରତର ଗୀତା ଦର୍ଶନ ଆଜି ବି ନୈତିକତା ପରିଚାଳନାର ସର୍ବଶ୍ରେଷ୍ଠ ପୁସ୍ତକର ଉଦାହରଣ। ଆମକୁ ସେହି ପ୍ରଭାବୀ ବିଚାରଗୁଡିକୁ ଆଧୁନିକ ଜୀବନ ପ୍ରବାହରେ ଯୋଡ଼ି ସମାଜ ଆଗରେ ଉପସ୍ଥାପନର ମାର୍ଗ ଅନ୍ୱେଷଣ କରିବାକୁ ପଡ଼ିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଏକବିଂଶ ଶତାବ୍ଦୀରେ ଦେଶରେ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ଲାଗୁ ହୋଇଛି। ପ୍ରଧାନମନ୍ତ୍ରୀ ସମସ୍ତ ଭାଷାକୁ ରାଷ୍ଟ୍ରୀୟ ଭାଷା ବୋଲି କହିଥିବା ବେଳେ ଭାଷା ଭାରତୀୟ ସଭ୍ୟତାରେ ସେତୁବନ୍ଧ ପରି କାମ କରୁଛି। ପିଏମଙ୍କ ନେତୃତ୍ୱାଧୀନ ଏନ୍‌ଇପି ଏହି ଭାବନାକୁ ଆଗକୁ ନେଇ ଭାରତୀୟ ଶିକ୍ଷା ପ୍ରଣାଳୀକୁ ଭାରତୀୟ ଭାଷାରେ ପ୍ରଯୁକ୍ତିବିଦ୍ୟା, ଡିଜିଟାଲାଇଜେସନ୍, ଏଆଇ ଭଳି ବିଷୟ ସହ ଯୋଡ଼ି ଏକ ବହୁମୁଖୀ, ସାମଗ୍ରିକ ତଥା ଦକ୍ଷତା ଆଧାରିତ ଶିକ୍ଷା ପ୍ରଣାଳୀକୁ ଆଗକୁ ନେଉଛି। ଆମକୁ ଦେଶର ପ୍ରାଚୀନ ଐତିହ୍ୟ ଓ ବିଚାରଗୁଡ଼ିକୁ ନୂଆ କୌଶଳ ଓ ଆଧୁନିକ ଦୃଷ୍ଟିକୋଣ ମାଧ୍ୟମରେ ବୁଝିବାକୁ ପଡ଼ିବ। ଭାରତର ଯୁବପିଢ଼ିଙ୍କ କାନ୍ଧରେ ବିଶ୍ୱ ଆବଶ୍ୟକତାକୁ ପୂରଣ ଦାୟିତ୍ୱ ରହିଛି। ଏଥିପାଇଁ ଏନ୍‌ଇପି ଓ ଶିକ୍ଷା ପ୍ରଣାଳୀର ମୂଳ ଆଧାରରେ ଦେଶ ଯେଉଁ ନାଗରିକଙ୍କୁ ତିଆରି କରିବ, ସେମାନେ ଭାରତ ସହ ସମଗ୍ର ବିଶ୍ୱର ଆବଶ୍ୟକତାକୁ ପୂରଣ କରିବେ। ଏଥିପାଇଁ ଶିକ୍ଷକଙ୍କ ଆବଶ୍ୟକତା ପୂରଣ କରିବା ଦରକାର। ଶିକ୍ଷକ ଚାପମୁକ୍ତ ହେଲେ ହିଁ ସେମାନେ ଯୁବବର୍ଗଙ୍କୁ ବିଶ୍ୱସ୍ତରୀୟ ସମସ୍ୟାର ସମାଧାନ ଖୋଜିବା ପାଇଁ ପ୍ରସ୍ତୁତ କରିପାରିବେ। ଏହାଦ୍ୱାରା ହିଁ ବିକଶିତ ଭାରତର ନିର୍ମାଣ ସ୍ୱପ୍ନ ସାର୍ଥକ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

## ଡାକ୍ତରଖାନାରୁ ଅପହରଣ ଉଦ୍ୟମ, ମହିଳା ଅଟକ



**ବାରିପଦା,୯।୩(ସଂଚାର ବୁରୋ):** ମୟୂରଭଞ୍ଜ ଜିଲାର ବାରିପଦାସ୍ଥିତ ମୁଖ୍ୟାଳୟ ଡାକ୍ତରଖାନା (ଡିଏଚ୍‌ଏଚ୍)ରୁ ଦୁଇ ଜଣ ଶିଶୁଙ୍କୁ ଅପହରଣ ପାଇଁ ଉଦ୍ୟମ କରୁଥିବା ବେଳେ ଜନୈକା ମହିଳା ଧରାପଡ଼ିଛନ୍ତି। ଅଭିଯୁକ୍ତ ମହିଳା ଜଣଙ୍କ ମୟୂରଭଞ୍ଜ ଜିଲାର ରସଗୋବିନ୍ଦପୁର ଥାନା ଅନ୍ତର୍ଗତ ତୋଟାପଡ଼ା ଗ୍ରାମର ସନ୍ଧ୍ୟାରାଣୀ ମହାନ୍ତ ବୋଲି ଜଣାପଡ଼ିଛି। ତାଙ୍କ ବିରୋଧରେ ଅଭିଯୋଗ ଆସିବା ପରେ ତାଙ୍କୁ ବାରିପଦା ଟାଉନ୍ ଥାନାରେ ଅଟକ ରଖାଯାଇଛି। ମିଳିଥିବା ସୂଚନାନୁଯାୟୀ, ବାରିପଦା ୱାର୍ଡ ନମ୍ବର ୨୦ ଅନ୍ତର୍ଗତ ସୁଙ୍ଗଡ଼ିଆ ଅଞ୍ଚଳର ଶେଖ୍ କମୁରୁଦ୍ଦିନ ଶନିବାର ତାଙ୍କ ପତ୍ନୀଙ୍କୁ ତୃତୀୟ ସନ୍ତାନ ପ୍ରସବ ପାଇଁ ଡିଏଚ୍‌ଏଚ୍‌ରେ ଭର୍ତ୍ତି କରିଥିଲେ। ସେ ତାଙ୍କର ଦୁଇ ସନ୍ତାନଙ୍କ ସହ ଗର୍ଭବତୀ ପତ୍ନୀଙ୍କୁ ଦିଆଯାଇଥିବା ବେଡ୍ ଉପରେ ବସିଥିଲେ। ତେବେ ସେ ରାତି ପ୍ରାୟ ୧୧ଟା ସମୟରେ ଶୌଚାଳୟ ଯାଇ କିଛି ସମୟ ପରେ ଫେରି ତାଙ୍କ ଦୁଇ ପିଲା ବେଡ୍‌ରେ ନଥିବା ଦେଖିବାକୁ ପାଇଥିଲେ। ସେ ଡାକ୍ତରଖାନାର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। କିନ୍ତୁ ଦୁଇ ପିଲାଙ୍କର କୌଣସି ଖବର ପାଇନଥିଲେ। କିନ୍ତୁ ବିଳମ୍ବିତ ରାତିରେ ତାଙ୍କ ଦୁଇ ପିଲାଙ୍କୁ ଡାକ୍ତରଖାନାର ଚତୁର୍ଥ ମହଲାରେ ଜନୈକା ମହିଳା ନେଇ ଯାଉଥିବା ଦେଖିବାକୁ ପାଇ କମୁରୁଦ୍ଦିନ୍ ତାଙ୍କୁ ଧରିଥିଲେ। ଏନେଇ ସେ ବାରିପଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ମାମଲା ରୁଜୁ କରିବା ସହ ଉକ୍ତ ମହିଳାଙ୍କୁ ଅଟକ ରଖିଛି। ତେବେ ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଏନ୍‌କାଉଣ୍ଟରରେ ଏଟିଏମ୍ ଲୁଟେରା ଗୁରୁତର

- ୩ ମୋବାଇଲ୍, ୮ ଏଟିଏମ୍ କାର୍ଡ ଓ ମନି ପର୍ସ ଜବତ
- ଅଭିନବ ତରିକାରେ କରୁଥିଲା ଲୁଟ୍
- ବିଭିନ୍ନ ଥାନାରେ ରହିଛି ଏକାଧିକ ମାମଲା






**ଭୁବନେଶ୍ୱର,୯।୩(ସଂଚାର ବୁରୋ):** ଗତକାଲି ରାତି ଅଧରେ ରାଜଧାନୀରେ ଏକ ବଡ଼ ଧରଣର ଏନକାଉଣ୍ଟର ହୋଇଛି। ଜଣେ ଦୁର୍ଦ୍ଧାନ୍ତ ଆନ୍ତଃରାଜ୍ୟ ଏଟିଏମ୍ ଲୁଟେରାକୁ ଏନକାଉଣ୍ଟର କରିଛି କମିଶନରେଟ୍ ପୁଲିସର ସ୍ୱତନ୍ତ୍ର ସ୍କ୍ୱାଡ୍। ଗତକାଲି ବିଳମ୍ବିତ ରାତିରେ ବଡ଼ଗଡ଼ ଥାନା ଅଞ୍ଚଳରେ ଏହି ଏନକାଉଣ୍ଟର ହୋଇଥିବା ବେଳେ ଏଥିରେ କୁଖ୍ୟାତ ଏଟିଏମ୍ ଲୁଟେରା ବିହାରର ଦୀପକ କୁମାର ଆହତ ହୋଇଛି। ତା'ର ଗୋଡ଼ରେ ଗୁଳି ବାଜିଥିବା ଜଣାପଡ଼ିଛି। ଏଥିରେ ସେ ଗୁରୁତର ଭାବେ ଆହତ ହେବା ପରେ ପୁଲିସ୍ ତାକୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରିଛି।

ଏହି କୁଖ୍ୟାତ ବିହାରୀ ଲୁଟେରା ଗତକାଲି ରାତିରେ ବଡ଼ଗଡ଼ ଥାନା ଅଞ୍ଚଳରେ ଏକ ଏଟିଏମ୍ ଲୁଟ୍ କରୁଥିଲା। ତେବେ ଅଚାନକ ସେଠାରେ କମିଶନରେଟ୍ ପୁଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ପହଞ୍ଚିଯାଇଥିଲା। ଖସିଯିବାକୁ ଉଦ୍ୟମ କରିବା ସମୟରେ ଦୀପକ ପୁଲିସ୍ ଉପରକୁ ଗୁଳି ଚଳାଇଥିଲା। ଏହାର ପାଲଟା ଜବାବ ଦେବାକୁ ଯାଇ କମିଶନରେଟ୍ ସ୍କ୍ୱାଡ୍ ପକ୍ଷରୁ ମଧ୍ୟ ଗୁଳିଚାଳନା ହୋଇଥିଲା। କିନ୍ତୁ ଗୁଳି ଚଳାଇ ଖସିଯିବା ସକାଶେ ପ୍ରୟାସ କରିଥିବା ଦୀପକ ଗୁଳିମାଡ଼ରେ ଆହତ ହୋଇଥିଲା। ଏହାପରେ ପୁଲିସ୍ ତାକୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। କିନ୍ତୁ ସେଠାରେ ସ୍ଥିତିରେ କୌଣସି ସୁଧାର ନ ଆସିବାରୁ ପରବର୍ତ୍ତୀ ସମୟରେ ତାକୁ ଏମ୍ସକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

ଅପରପକ୍ଷରେ ଏନକାଉଣ୍ଟର ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଯାଞ୍ଚ କରିବା ସହ ଘଟଣାସ୍ଥଳରେ ବନ୍ଧୁକ ଓ ଖୋକା ପଡ଼ିଥିବା ଦେଖିବାକୁ ପାଇଥିଲେ। ସେଠାରେ ଗାଡ଼ି ମଧ୍ୟ ରହିଥିଲା। ଗାଡ଼ିର ସମ୍ମୁଖ ଭାଗ ସିଟରେ ୩ଟି ମୋବାଇଲ, ୮ଟି ଏଟିଏମ୍ କାର୍ଡ ଓ ମନି ପର୍ସ ଜବତ କରାଯାଇଛି। ପଛ ସିଟରୁ ଦୁଇଟି ମୋବାଇଲ ମିଳିଛି। ଦୀପକ ଯେଉଁ ବନ୍ଧୁକରୁ ପୁଲିସ ଉପରକୁ ଗୁଳି କରିଥିଲା, ତାକୁ ମଧ୍ୟ ଯାଞ୍ଚ କରାଯାଉଛି। ଏଥିସହ କାର୍ ଡିକିରେ ଥିବା ଏକ ବ୍ୟାଗ୍‌ରେ କିଛି ପୋଷାକ ଥିବା ଦେଖିବାକୁ ମିଳିଛି। ତେବେ ଦୀପକର ଘର ବିହାରରେ ହୋଇଥିବା ବେଳେ ସେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଲୁଟ୍ କରୁଥିଲା। ତେଣୁ ତା' ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଦୀପକର ଦୁଇ ସହଯୋଗୀ ଦୀପକ ପାଣ୍ଡେ ଓ ଅଭିଷେକ ସିଂହ ଫେରାର ଉଦ୍ୟମ କରୁଥିବା ସମୟରେ ଧରାପଡ଼ିଛନ୍ତି। ସେମାନଙ୍କ ନାଁରେ ବିହାରରେ ୨ଟି, ଝାଡ଼ଖଣ୍ଡରେ ଗୋଟିଏ ଏବଂ ପୁରୀରେ ଓ ଭୁବନେଶ୍ୱରରେ ଦୁଇଟି ଲେଖାଏଁ ମାମଲା ରହିଛି। କେମିତି ଲୁଟୁଥିଲେ ଏଟିଏମ୍, ସେନେଇ ସିସିଟିଭିରେ କଏଦ ହୋଇଛି ସେମାନଙ୍କ କଳାକାରନାମା। ସିସିଟିଭି ଫୁଟେଜ ଅନୁସାରେ, ଦୀପକ ଗତକାଲି ପୁରୀର କୁମ୍ଭାରପଡ଼ା ଥାନା ଅଞ୍ଚଳର ଏସବିଆଇ ଏଟିଏମ୍‌ରୁ ଅଭିନବ ଉପାୟରେ ଲୁଟ୍ କରିଥିଲା। ଏଟିଏମ୍‌ରେ ଏକ ସ୍ୱତନ୍ତ୍ର ଅଠା ଲଗାଇଦେଇଥିଲା। ଫଳରେ ସେଠାକୁ କୌଣସି ଗ୍ରାହକ ଟଙ୍କା ଉଠାଇବା ସମୟରେ ଟଙ୍କା ଆସୁନଥିଲା। ପରେ ସେହି ଟଙ୍କାକୁ ଦୀପକ ଉଠାଇ ଚମ୍ପଟ୍ ମାରୁଥିଲା ବୋଲି ସିସିଟିଭି ଫୁଟେଜ୍‌ରୁ ସ୍ପଷ୍ଟ ହୋଇଛି।

### ସମିତି ସଭ୍ୟାଙ୍କୁ ଆକ୍ରମଣ ମାମଲା

## ଘରୋଇ କଳିକୁ ରାଜନୀତି ରଙ୍ଗ ଦେଉଛି ବିଜେଡି



**ମାହାଙ୍ଗା,୯।୩(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗାକୁ ଏବେ ବିଜେଡି ଅଶାନ୍ତ କରିବାରେ ଲାଗିଛି। ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାରେ ସତ୍ୟ ସାମ୍ନାକୁ ଆସିଲା। ମଦ ଦେଇ ପ୍ରତାପ ଜେନାଙ୍କ ଖାସ୍ ଅନୁଗତ ଭାଙ୍ଗିବା ପାଇଁ ପ୍ରବର୍ତ୍ତାଇଥିଲେ। ସେ ଘଟଣାରୁ ପରଦା ଉଠୁ ଉଠୁ ଲୋକଙ୍କ ମନକୁ ଡାଇଭର୍ଟ କରିବା ପାଇଁ ଏକ ଘରୋଇ କଳିକୁ ରାଜନୈତିକ ଗଣ୍ଡଗୋଳ ବୋଲି ଦଳ ପରିବେଷଣ କରୁଛି। 'କଣ୍ଟା ବାଡ଼ରେ ଲୁଗା ପକାଇ କଜିଆ କରିବା' ଢଙ୍ଗକୁ ଆପଣାଇଛି ଏହି ଦଳ।

କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଅଲିଅରା ଗ୍ରାମ ପୋଡାମରାଇ ସମିତି ସଭ୍ୟା ସୋନାଲି ପ୍ରିୟଦର୍ଶନୀଙ୍କୁ ତାଙ୍କ ପୁତୁରା ପବିତ୍ର ରାଉତ ଗତକାଲି ରାତିରେ ଗାଳିଗୁଲଜ ସହ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି ସମିତି ସଭ୍ୟାଙ୍କ ସ୍ୱାମୀ। ସେହିପରି ସମିତି ସଭ୍ୟା ନିଜେ ରାଜନୈତିକ ଉଦେଶ୍ୟ ରଖି ସେମାନେ ଧମକଚମକ ଦେଇଥିବା ସ୍ୱୀକାର କରିଛନ୍ତି। ଏହାଛଡ଼ା ସମିତି ସଭ୍ୟା ପବିତ୍ର ତାଙ୍କ ନିଜ ପୁତୁରା ଓ ମୋବାଇଲ ଚାର୍ଜ କରିବାକୁ ନେଇ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା କହିଛନ୍ତି। ଅନ୍ୟପକ୍ଷରେ ମୋବାଇଲ୍ ଚାର୍ଜକୁ ନେଇ ପବିତ୍ରଙ୍କୁ ସମିତି ସଭ୍ୟା ଗାଳିଗୁଲଜ କରିଥିବା ଦେଢ଼ଶୁର ଅଭିଯୋଗ ଆଣିଛନ୍ତି। ଏହି ଘଟଣାରେ ସମିତି ସଭ୍ୟାଙ୍କୁ ତାଙ୍କ ବଡ଼ଯା' ଓ ପୁତୁରା ପବିତ୍ର ମାଡ଼ ମାରିଥିବା ସେ କହିଛନ୍ତି। ତେଣୁ ଏହି ଆକ୍ରମଣ ଘଟଣା ସମ୍ପୂର୍ଣ୍ଣ ଭାବେ ପାରିବାରିକ ଓ ଏହାର ରାଜନୀତି ସହ କୌଣସି ସମ୍ପର୍କ ନାହିଁ ବୋଲି ଉଭୟ ପରିବାର କହିଛନ୍ତି। ଏପରିକି ଗ୍ରାମବାସୀ ମଧ୍ୟ ସେମାନଙ୍କ ସହ ଏକମତ ଅଛନ୍ତି। କିନ୍ତୁ ବିଜେଡି ଏହାକୁ ରାଜନୀତିର ରଙ୍ଗ ଦେଇ ଜୋର୍‌ଜବରଦସ୍ତି ମାହାଙ୍ଗା ବିଧାୟକଙ୍କୁ ବଦନାମ କରିବାକୁ ଉଦ୍ୟମକ କରିବା ସହ ସ୍ଥାନୀୟ ଅଞ୍ଚଳରେ ଅଶାନ୍ତିର ମଞ୍ଜି ବପନ କରୁଥିବା ସାଧାରଣରେ ଆଲୋଚନା ହେଉଛି।

## ଅସୁସ୍ଥ ଥିବାରୁ ମେଡିକାଲ୍ ଯାଉଥିବା ବେଳେ ଅଘଟଣ

**ଫିରିଙ୍ଗିଆ,୯।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ପାହିରେଜୁ ପଞ୍ଚାୟତ ଗବରନଳା ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଅସୁସ୍ଥ ଥିବାରୁ ଜନୈକ ଯୁବକ ଚିକିତ୍ସା ପାଇଁ ମେଡିକାଲ ଯାଉଥିବା ସମୟରେ ତାଙ୍କ ବାଇକ୍ ଗଛ ସହ ପିଟି ହୋଇଯାଇଥିଲା। ଫଳରେ ଗୁରୁତର ଭାବେ ଆହତ ହୋଇଥିବା ବାଇକ୍ ଆରୋହୀ ଜଣଙ୍କ ହସ୍ପିଟାଲ୍‌ରେ ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକ ଜଣଙ୍କ ପାହିରେଜୁ ପଞ୍ଚାୟତ ଅଧୀନସ୍ଥ କୁମ୍ଭାଜୁ ଗାଁର ଦୀପକ ବାଘ ବୋଲି ଜଣାପଡ଼ିଛି। ସୂଚନାନୁସାରେ, ଦୀପକଙ୍କ ଦେହ ଅସୁସ୍ଥ ଥିବାରୁ ଚିକିତ୍ସା ପାଇଁ ସେ ବାଇକ ଯୋଗେ ବାଲନ୍ଦାପଡା ପ୍ରାଥମିକ ଚିକିତ୍ସାଳୟକୁ ଯାଉଥିଲେ। କିନ୍ତୁ ଭାରସାମ୍ୟ ହରାଇବାରୁ ଗବରନଳା ଗାଁ ନିକଟ ରାସ୍ତା କଡ଼ରେ ଥିବା ଏକ ଆମ୍ବଗଛ ସହ ତାଙ୍କ ବାଇକ୍‌ଟି ପିଟିହୋଇଯାଇଥିଲା।

## ଦିନକରେ ୧୩୬ ବାଲିଗାଡ଼ି ଜବତ

### ୧୨୩ ଗିରଫ, ୧୧୯ ମାମଲା ରୁଜୁ

**ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ):** ରାଜ୍ୟରେ ଚୋରା ବାଲି ମାଫିଆଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟତମାମ ପୁଲିସ ପକ୍ଷରୁ ଚଢ଼ାଉ ଜାରି ରହିଥିଲା। ରାଜ୍ୟର ସମସ୍ତ ଜିଲ୍ଲା ପୁଲିସ ବାଲି ମାଫିଆଙ୍କ ବିରୋଧରେ ଚଢ଼ାଉ ଅଭିଯାନ ଜାରି ରଖିଥିବା ବେଳେ ଆଜି ଦିନକ ଭିତରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୩୬ଟି ବାଲିବୋଝେଇ ଗାଡ଼ି ଜବତ କରାଯାଇଛି। ଏଥିରେ ଟ୍ରାକ୍ଟର, ଟ୍ରକ୍, ଟିପ୍ପର୍ ଓ ହାଇୱା ଗାଡ଼ି ରହିଛି। ଏଥିସହ ଏହି ମାମଲାରେ ୧୨୩ ଜଣଙ୍କୁ ଗିରଫ କରାଯିବା ସହ ୧୧୯ଟି ମାମଲା ରୁଜୁ ହୋଇଛି। ଏହି ଧରପଗଡ଼ ଲଗାତାର ଚାଲିବ ବୋଲି ପୁଲିସ୍ ପ୍ରଶାସନ ପକ୍ଷରୁ କୁହାଯିବା ସହ ଏହି ଚୋରା କାରବାର ସମ୍ପର୍କରେ ସ୍ଥାନୀୟ ବ୍ୟକ୍ତିବିଶେଷ ସୂଚନା ଦେବା ସକାଶେ ନିବେଦନ କରାଯାଇଛି।

## ଉମରରେ ବିଜୁମୂର୍ତ୍ତି ସ୍ଥାପନ କରିବେ ମାହାଙ୍ଗା ବିଧାୟକ



**ମାହାଙ୍ଗା,୯।୩(ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ୍ ଉମରଠାରେ ଗତ ୪ ତାରିଖରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପୂର୍ବ ରାତିରେ କେତେକ ମଦୁଆ ବିଜୁବାବୁଙ୍କ ମୁଣ୍ଡକୁ କାଟି ଅଲଗା କରିଦେଇଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା ବେଳେ ସାରା ରାଜ୍ୟରେ ମାହାଙ୍ଗା ଚର୍ଚ୍ଚା ପରିସରକୁ ଆସିଥିଲା। ଏଥିସହ ବିଜେଡି ମାହାଙ୍ଗା ବିଧାୟକଙ୍କ ମୁଣ୍ଡରେ ଦୋଷ ଲଦିବା ସହ ମାହାଙ୍ଗାର ବିଭିନ୍ନ ସ୍ଥାନରେ ତୁମ୍ବିତୋଫାନ୍ ପରିସ୍ଥିତି ସୃଷ୍ଟି କରିଥିଲା। କିନ୍ତୁ ବିଜୁବାବୁଙ୍କ ମୁଣ୍ଡ କାଟିଥିବା ୩ ଜଣ ଅଭିଯୁକ୍ତ ଜେଲ୍‌ରୁ ବାହାରି କ୍ଷମା ପ୍ରାର୍ଥନା କରିବା ସହ ଏହା ପଛରେ ବିଜେଡି ଓ ପ୍ରତାପ ଜେନାଙ୍କ ଖାସ୍ ବିସ୍ମୟ ମହାପାତ୍ରଙ୍କ ଭୂମିକା ଥିବା କହିଥିଲେ। ସେମାନଙ୍କ ଏ ସଂକ୍ରାନ୍ତ ଭିଡିଓ ମଧ୍ୟ ଭାଇରାଲ୍ ହୋଇଛି। ତାଙ୍କ ମଦ ପିଆଇ ଏଭଳୀ ହୀନକାର୍ଯ୍ୟ କରିବାକୁ ପ୍ରବର୍ତ୍ତାଇଥିବା ସେମାନେ କହିଥିଲେ। ତେବେ ମାହାଙ୍ଗାର ଜନପ୍ରିୟ ବିଧାୟକ ସାରଦା ପ୍ରସାଦ ପ୍ରଧାନ ବିଜୁବାବୁଙ୍କୁ ସମ୍ମାନ ଜଣାଇ ଉମରର ଉକ୍ତ ସ୍ଥାନରେ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରିବେ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ଚିଠି ଲେଖି ଜଣାଇଛନ୍ତି। ଏଥିସହ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯିବା ଘଟଣାରେ ସେ ଗଭୀର ମର୍ମାହତ ହୋଇଛନ୍ତି ବୋଲି ମଧ୍ୟ ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ସୁନା ଦର

ବିବାହ ସିଜିନ ଆରମ୍ଭରୁ ଲଗାତାର ଭାବରେ ବଢୁଛି ଦାମ୍। ଅନ୍ତର୍ଜାତୀୟ ବଜାରରେ ସୁନା ଦର ବଢୁଥିବାରୁ ଘରୋଇ ବଜାରରେ ଦର ବଢୁଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୭ ହଜାର ୭୧୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୦, ୪୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୮୦ ହଜାର ୪୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୭ ହଜାର ୭୧୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୦,୪୦୦ ଟଙ୍କା ଓ ୮୭,୭୧୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୦, ୫୫୦ ଟଙ୍କା ଓ ୮୭, ୮୬୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୦,୪୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୭, ୭୧୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୦,୪୦୦ ଓ ୮୭,୭୧୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୯,୧୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଆଜି ଭାରତର ଅନେକ ସହରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ମୂଲ୍ୟ ହ୍ରାସ ପାଇଛି ଏବଂ ଅନେକ ସ୍ଥାନରେ ଇନ୍ଧନ ହାର ବୃଦ୍ଧି ପାଇଛି। ସେହିପରି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଭାରତୀୟ ଔଷଧ କମ୍ପାନୀକୁ ପ୍ରଭାବିତ କରିବ ଟ୍ରମ୍ପଙ୍କ ଟାରିଫ୍



ନୂଆଦିଲ୍ଲୀ,୯।୩: ଔଷଧ ଆମଦାନୀ ଉପରେ ବର୍ଦ୍ଧିତ ଶୁଳ୍କ ଭାରତୀୟ ଔଷଧ ନିର୍ମାତାମାନଙ୍କୁ ଗମ୍ଭୀର ଭାବରେ ପ୍ରଭାବିତ କରିପାରେ୍ କାରଣ ଏହା ସେମାନଙ୍କର ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରିବ, ଯାହା ଫଳରେ ଅନ୍ୟ ଦେଶର ଉତ୍ପାଦ ତୁଳନାରେ ରପ୍ତାନି କମ୍ ପ୍ରତିଯୋଗିତାମୂଳକ ହେବ। କମ୍ ମର୍ଜିନରେ କାମ କରୁଥିବା ଛୋଟ ଔଷଧ କମ୍ପାନୀଗୁଡ଼ିକ ଗୁରୁତର ଚାପରେ ପଡ଼ିପାରନ୍ତି, ଯାହା ସେମାନଙ୍କୁ ଏକୀକୃତ ହେବାକୁ କିମ୍ବା ବ୍ୟବସାୟରୁ ବାହାରି ଯିବାକୁ ବାଧ କରିପାରେ। ଅନ୍ୟପକ୍ଷରେ, ଆମେରିକା ଏକ ଛୋଟ ରପ୍ତାନି ବଜାର ହୋଇଥିବାରୁ ଅଟୋ କ୍ଷେତ୍ର ଉପରେ ବହୁତ କମ୍ ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଛି। ଭାରତକୁ ବହୁତ ଶୁଳ୍କ ଲାଗୁଥିବା ଦେଶ ଭାବରେ କହି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଏପ୍ରିଲ ୨ରୁ ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କ ଲାଗୁ କରୁଥିବା ଦେଶଗୁଡ଼ିକ ଉପରେ ପ୍ରତିଶୋଧମୂଳକ ଶୁଳ୍କ ଲାଗୁ କରାଯିବ। ଭାରତ ବର୍ତ୍ତମାନ ଆମେରିକୀୟ ଔଷଧ ଉପରେ ପ୍ରାୟ ୧୦ ପ୍ରତିଶତ ଆମଦାନୀ ଶୁଳ୍କ ଆଦାୟ କରୁଛି, ଅନ୍ୟପକ୍ଷେ ଆମେରିକା ଭାରତୀୟ ଔଷଧ ଉପରେ କୌଣସି ଆମଦାନୀ ଶୁଳ୍କ ଲାଗୁ କରେ ନାହିଁ। ଶାର୍ଦ୍ଦୁଳ ଅମରଚାନ୍ଦ ମଙ୍ଗଳଦାସ ଆଣ୍ଡ କୋର ପାର୍ଟନର ଅରବିନ୍ଦ ଶର୍ମା କହିଛନ୍ତି ଯେ ସାମ୍ପ୍ରତିକ ଇତିହାସରେ, ଆମେରିକା ଏହାର ଘରୋଇ ଚାହିଦା ପୂରଣ କରିବା ପାଇଁ ଔଷଧ ଉତ୍ପାଦର ଏକ ନେଟ୍ ଆମଦାନୀକାରୀ। ସେ କହିଛନ୍ତି, "ଯଦି ଆମେରିକା ଭାରତରୁ ଔଷଧ ଆମଦାନୀ ଉପରେ ଅଧିକ ଶୁଳ୍କ ଲାଗୁ କରିବାକୁ ନିଷ୍ପତ୍ତି ନିଏ, ତେବେ ଏହାର ପ୍ରଭାବ ଭାରତୀୟ ଔଷଧ କ୍ଷେତ୍ର ଉପରେ ସ୍ପଷ୍ଟ ଭାବରେ ଦେଖିବାକୁ ମିଳିବ ଏବଂ ଏହାର ଘରୋଇ ବ୍ୟବହାର ମଧ ବାଧାପ୍ରାପ୍ତ ହେବ।' ଆମେରିକାରେ ଭାରତୀୟ ଔଷଧ ବହୁଳ ପରିମାଣରେ ଯୋଗାଣ ହୁଏ ଭାରତୀୟ ଔଷଧ କମ୍ପାନୀଗୁଡ଼ିକ ଆମେରିକାରେ ଔଷଧର ଏକ ବଡ଼ ଅଂଶ ଯୋଗାଣ କରନ୍ତି। ୨୦୨୨ ମସିହାରେ, ଆମେରିକାରେ ଡାକ୍ତରମାନଙ୍କ ଦ୍ୱାରା ଲିଖିତ ୪୦% ପ୍ରତିଶତ, ଅର୍ଥାତ୍ ୧୦ ରୁ ଚାରିଟି ଔଷଧ, ଭାରତୀୟ କମ୍ପାନୀଗୁଡ଼ିକ ସପ୍ଲାଇ କରିଥିଲେ। ଉଦ୍ୟୋଗ ସୂତ୍ର ଅନୁଯାୟୀ, ଭାରତୀୟ କମ୍ପାନୀଗୁଡ଼ିକର ଔଷଧ ୨୦୨୨ ମସିହାରେ ଆମେରିକୀୟ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ୨୧୯ ବିଲିୟନ ଡଲାର ଏବଂ ୨୦୧୩ ରୁ ୨୦୨୨ ମଧ୍ୟରେ ମୋଟ ୧୩୦୦ ବିଲିୟନ ଡଲାର ସଞ୍ଚୟ କରିପାରିବ। ଭାରତୀୟ କମ୍ପାନୀଗୁଡ଼ିକର ଜେନେରିକ୍ ଔଷଧ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୧୩୦୦ ବିଲିୟନ ଅତିରିକ୍ତ ସଞ୍ଚୟ କରିବ ବୋଲି ଆଶା କରାଯାଉଛି।

## ନିଜ ସମ୍ପତ୍ତିର ୪୭% ଅଂଶଧନ ଝିଅଙ୍କୁ ଦେଲେ ଶିବ ନାଦର



ନୂଆଦିଲ୍ଲୀ, ୯।୩: ଭାରତର ଅଗ୍ରଣୀ ଆଇଟି କମ୍ପାନୀ ଏଚ୍‌ସିଏଲ୍ ଟେକ୍ନୋଲୋଜିର ପ୍ରତିଷ୍ଠାତା ଶିବ ନାଦର ତାଙ୍କ ଝିଅଙ୍କ ନାଁରେ କମ୍ପାନୀର ୪୭ ପ୍ରତିଶତ ଶେୟାର ଟ୍ରାନ୍ସଫର କରିଛନ୍ତି। ଏଚସିଏଲ୍ କର୍ପ ଏବଂ ଭାମା ଦିଲ୍ଲୀରେ ୪୭ ପ୍ରତିଶତ ଶେୟାର ଝିଅ ରୋଶନି ନାଦର ମଲହୋତ୍ରାଙ୍କୁ ଉତ୍ତରାଧିକାରୀ ଭାବେ ଉପହାର ଦେଇଛନ୍ତି ଶିବ ନାଦର। ଶେୟାର ସ୍ଥାନାନ୍ତର ପରେ ଏଚ୍‌ସିଏଲ ଟେକ୍ନୋଲୋଜିର ସବୁଠାରୁ ବଡ଼ ସେୟାରହୋଲ୍ଡର ହୋଇଛନ୍ତି ରୋଶନୀ।

ଷ୍ଟକ୍ ଏକ୍ସଚେଞ୍ଜରେ ଦାଖଲ ହୋଇଥିବା ରେଗୁଲେଟୋରି ଫାଇଲିଂରେ ଏଚ୍‌ସିଏଲ୍ ଟେକ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। କମ୍ପାନୀ କହିଛି ଯେ ୬ ମାର୍ଚ୍ଚ, ୨୦୨୫ରେ ଶିବ ନାଦର ତାଙ୍କ ଝିଅ ରୋଶନି ନାଦର ମାଲହୋତ୍ରାଙ୍କ ସପକ୍ଷରେ ଦୁଇଟି ଗିଫ୍ଟ ଡିଡ୍ ଏକ୍‌ଜିକ୍ୟୁଟିଭ୍ କରିଛନ୍ତି । ପ୍ରଥମ ଗିଫ୍ଟ ଡିଡ୍‌ରେ ଶିବ ନାଦର ଭାମା ସୁନ୍ଦରୀ ଇନଭେଷ୍ଟମେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ (ଭାମା ଦିଲ୍ଲୀ)ରେ ତାଙ୍କର ୪୭ ପ୍ରତିଶତ ଅଂଶଧନ ରୋଶନି ନାଦର ମାଲହୋତ୍ରାଙ୍କୁ ଉପହାର ଭାବରେ ହସ୍ତାନ୍ତର କରିଥିଲେ। ଦ୍ୱିତୀୟ ଡିଡ୍‌ରେ, ଏଚସିଏଲର କର୍ପୋରେସନ୍ ପ୍ରାଇଭେଟ୍ ଲିମିଟେଡ୍‌ରେ ତାଙ୍କର ୪୭ ପ୍ରତିଶତ ଅଂଶଧନ ତାଙ୍କ ଝିଅକୁ ହସ୍ତାନ୍ତର କରିଛନ୍ତି।

ଫାଇଲିଂରେ କୁହାଯାଇଛି "ଶିବ ନାଦର ପରିବାର ଦ୍ୱାରା ଉତ୍ତରାଧିକାରୀକୁ ସୁବ୍ୟବସ୍ଥିତ କରିବା, ସ୍ଥିରତା ଓ ନିୟନ୍ତ୍ରଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏକ ନିଜସ୍ୱ ପାରିବାରିକ ବ୍ୟବସ୍ଥା ମୁତାବକ ଗିଫ୍ଟ ଡିଡ୍ ଏକ୍‌ଜିକ୍ୟୁଟିଭ୍ କରାଯାଇଛି। ଏଚ୍‌ସିଏଲ୍ ଟେକ୍ନୋଲୋଜୀର ଏହି ବୁଝାମଣା ସହିତ କୌଣସି ସମ୍ପର୍କ ନାହିଁ।"

ସମ୍ପତ୍ତି ହସ୍ତାନ୍ତରର ଏହି ପ୍ରକ୍ରିୟାକୁ ସୁବିଧାଜନକ କରିବା ପାଇଁ ଷ୍ଟକ୍ ମାର୍କେଟ ନିୟାମକ ସେବି ରୋଶନି ନାଦର ମାଲହୋତ୍ରାଙ୍କୁ ଓପନ ଅଫର ଦେବାକୁ ସୁଯୋଗ ଦେଇଛନ୍ତି। ଏହି ସ୍ଥାନାନ୍ତର ପୂର୍ବରୁ, ଭାମା ଦିଲ୍ଲୀ ଏବଂ ଏଚ୍‌ସିଏଲ୍ କର୍ପରେ ଶିବ ନାଦରଙ୍କର ୫୧ ପ୍ରତିଶତ ଅଂଶଧନ ଥିବା ବେଳେ ରୋଶନିଙ୍କ ପାଖରେ ୧୦.୩୩ ପ୍ରତିଶତ ଅଂଶଧନ ଥିଲା। ରୋଶନି ନାଦର ମାଲହୋତ୍ରା ଜୁଲାଇ ୨୦୨୦ରୁ ଏଚ୍‌ସିଏଲ୍‌ର ଟେକର ଅଧ୍ୟକ୍ଷ ଅଛନ୍ତି।

## ଦିଲ୍ଲୀ ;ମୁମ୍ବାଇ ସମେତ ୫୦୦ ସହରରେ ଗଡ଼ିବ ରାପିଡୋ

ନୂଆଦିଲ୍ଲୀ, ୯।୩: ଦେଶର ଅନଲାଇନ୍ ଟ୍ୟାକ୍ସିର ସର୍ଭିସ ପ୍ରୋଭାଇଡ୍ କରୁଥିବା କମ୍ପାନୀ ରାପିଡୋ ବଡ଼ ଘୋଷଣା କରିଛି। କମ୍ପାନୀ କହିଛି ଯେ, ସେ ଚଳିତ ବର୍ଷ ଭାରତର ୫୦୦ଟି ସହରରେ ନିଜର ସର୍ଭିସ ଦେବାକୁ ସ୍କିମ୍ ପ୍ରସ୍ତୁତ କରୁଛି। ରାପିଡୋର କୋ-ଫାଉଣ୍ଡର ପବନ ଗୁଣ୍ଟୁପଲ୍ଲୀ କହିଛନ୍ତି ଯେ, କମ୍ପାନୀ ଚଳିତ ବର୍ଷ ଭାରତରେ ୫୦୦ଟି ସହରରେ ବିସ୍ତାର କରିବାକୁ ପ୍ରସ୍ତୁତି କରୁଛି। ସେ କହିଛନ୍ତି ଯେ, ଭାରତର ଟ୍ରାନ୍ସପୋର୍ଟ ମାର୍କେଟ୍‌ରେ ଖୁବ୍ ବିବିଧତା ଅଛି ଏବଂ ଏହି ସେକ୍ଟରରେ ବୃଦ୍ଧି ଘଟିବାର ସୁଯୋଗ ରହିଛି। ରାପିଡୋର କୋ-ଫାଉଣ୍ଡର କହିଛନ୍ତି ଯେ, ଆମେ ମଜବୁତ ବୃଦ୍ଧି ଦେଖିବାକୁ ପାଉଛୁ। ଆମେ ପୂର୍ବରୁ ହିଁ ଦୁଇ ଚକିଆ ଉଦ୍ୟୋଗ ଓ ତିନି ଚକିଆ ଉଦ୍ୟୋଗରେ ଲିଡର ହୋଇ ପାରିଛୁ ଏବଂ ଆମକୁ ଏହା ମଧ ଖୁସି ଯେ, ଯେଉଁ କିଛି ସହରରେ ଆମେ କାମ କରୁଛୁ , ଆମେ ଚାରି ଚକିଆ ବାହନରେ ମଧ ଆଗୁଆ। ପ୍ରତିଦିନ ପାଖାପାଖି ୩୩ ଲକ୍ଷ ରାଇଡ୍‌ରୁ ୫୦ ପ୍ରତିଶତରୁ ଅଧିକ (୧୫ ଲକ୍ଷ) ଦୁଇ ଚକିଆ ଶ୍ରେଣୀରେ , ପାଖାପାଖି ୧୩ ଲକ୍ଷ ରାଇଡ୍ ଦୁଇ ଚକିଆ ଶ୍ରେଣୀରେ ଓ ୫ ଲକ୍ଷ ରାଇଡ୍ ୪ଚକିଆ ଶ୍ରେଣୀରେ ହୋଇଥାଏ। ରାପିଡୋ ନିଜର ମାର୍କେଟ୍‌କୁ ଆହୁରି ଅଧିକ ବଢାଇବା ପାଇଁ ୫୦୦ ସହରରେ ସର୍ଭିସ ଦେବାକୁ ଯାଉଛି। ଗୁଣ୍ଟୁପଲ୍ଲୀ କହିଛନ୍ତି ଯେ, ଆମେ ବର୍ଷେ ପୂର୍ବେ ନିଜର




### କମ୍ପାନୀର ଜୋରଦାର ପ୍ରସ୍ତୁତି

୪ଚକିଆ ବାହନ ଉଦ୍ୟୋଗରେ ପାଦ ରଖି ଥିଲୁ। ଆମେ ଯେଉଁ ନୂଆ ପ୍ରୟୋଗ କରିଛୁ , ସେଥିରୁ ଏହି କ୍ଷେତ୍ରରେ ମଧ ଜବରଦସ୍ତ ବୃଦ୍ଧି ଦେଖିବାକୁ ମିଳିଛି। ଆମେ ଏବେ ନିଜ ମାର୍କେଟକୁ ପ୍ରଥମେ ସାଉଥ୍ ଇଣ୍ଡିଆ ତେଲେଙ୍ଗାନା ଓ ଆନ୍ଧ୍ର ପ୍ରଦେଶରୁ ଆରମ୍ଭ କରିବୁ। କମ୍ପାନୀର ଆଇପିଓକୁ ନେଇ ମଧ ରାପିଡୋର କୋ-ଫାଉଣ୍ଡର ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ, ରାପିଡୋ ଭଲ ବୃଦ୍ଧି କରିଛି। ଭଲ ଭାବେ କ୍ୟାପିଟାଲାଇଜଡ୍ ଓ ସ୍ଥିତିର ଆଧାରରେ ନିର୍ଣ୍ଣୟ ନେବୁ। ସେ କହିଛନ୍ତି କି ,ବର୍ତ୍ତମାନ କମ୍ପାନୀର ମୁଖ୍ୟ ଧ୍ୟାନ ବୃଦ୍ଧି ଉପରେ ରହିଛି। ରାପିଡୋ ନିଜର ଅଟୋ , ବାଇକ୍ ଟାକ୍ସି ଓ କ୍ୟାବ୍ ସେବା ଉପରେ ପ୍ରତିଦିନ ପାଖାପାଖି ୩୩ଲକ୍ଷ ଲୋକଙ୍କୁ ଯାତ୍ରାର ସୁବିଧା ପ୍ରଦାନ କରିଥାଏ।

## ଟେସେରାକ୍ଟ ବଢ଼ାଇବ ଓଲା ଇଲେକ୍ଟ୍ରିକ୍ ଚିନ୍ତା !



ନୂଆଦିଲ୍ଲୀ, ୯।୩: ଇଲେକ୍ଟ୍ରିକ ସ୍କୁଟର ନିର୍ମାତା ଅଲଟ୍ରାଭାୟୋଲେଟର ନୂତନ ଇଲେକ୍ଟ୍ରିକ୍ ସ୍କୁଟର ଟେସେରାକ୍ଟ ଲଞ୍ଚ ହେବା ମାତ୍ରେ ବଜାରରେ ଝଡ଼ ସୃଷ୍ଟି କରିଛି। ବିଶେଷ କଥା ହେଉଛି ଏହା ଲଞ୍ଚ ହେବାର ମାତ୍ର ୪୮ ଘଣ୍ଟା ମଧ୍ୟରେ ୨୦୦୦୦ ବୁକିଂ ପାଇଛି। ଲୋକଙ୍କ ମଧ୍ୟରେ ଏହି ସ୍କୁଟର ପାଇଁ ଏକ ପ୍ରବଳ କ୍ରେଜ୍ ରହିଛି। ପ୍ରଥମ ୧୦୦୦୦ ଗ୍ରାହକଙ୍କ ପାଇଁ ଟେସେରାକ୍ଟ ଇଲେକ୍ଟ୍ରିକ୍ ସ୍କୁଟରର ମୂଲ୍ୟ ମାତ୍ର ୧.୨୦ ଲକ୍ଷ ଟଙ୍କା (ପ୍ରାରମ୍ଭିକ ମୂଲ୍ୟ) ରଖାଯାଇଛି, ଏହା ପରେ ଏହାର ମୂଲ୍ୟ ୧.୪୫ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ରୁ ଆରମ୍ଭ ହେବ। କିନ୍ତୁ ଖୁସିର କଥା ହେଉଛି ଯେ କମ୍ପାନୀ ଏବେ ପ୍ରାରମ୍ଭିକ ମୂଲ୍ୟକୁ ୫୦ ହଜାର ବୁକିଂ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଏହା ଏକ ଉନ୍ନତ ସ୍କୁଟର ଯେଉଁଥିରେ ଅନେକ ଆଶ୍ଚର୍ଯ୍ୟଜନକ ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଅଲ୍ଟ୍ରାଭାୟୋଲେଟ୍ ଟେସେରାକ୍ଟ ଇଲେକ୍ଟ୍ରିକ୍ ସ୍କୁଟରରେ ସମନ୍ୱିତ ରାଡାର ଏବଂ ଡ୍ୟାସକ୍ୟାମ୍ ରହିଛି ଯାହା ଏହାକୁ ଆହୁରି ସ୍ୱତନ୍ତ୍ର କରିଥାଏ। ଏହି ନୂତନ ଇଲେକ୍ଟ୍ରିକ୍ ସ୍କୁଟର ଟେସେରାକ୍ଟ ମଧ ଫାଇଟର ଜେଟ୍ ଦ୍ୱାରା ଅନୁପ୍ରାଣିତ ହୋଇ ଡିଜାଇନ୍ କରାଯାଇଛି। ଅଲଟ୍ରାଭାୟୋଲେଟର ସିଇଓ ଏବଂ ସହ-ପ୍ରତିଷ୍ଠାତା ନାରାୟଣ ସୁବ୍ରମଣ୍ୟମ କହିଛନ୍ତି, "ଟେସେରାକ୍ଟ ପାଇଥିବା ପ୍ରତିକ୍ରିୟାରେ ଆମେ ବହୁତ ଖୁସି। ଅଲଟ୍ରାଭାୟୋଲେଟ୍ ଟେସେରାକ୍ଟକୁ ପୂର୍ଣ୍ଣ ଚାର୍ଜରେ ୨୬୧ କିଲୋମିଟର ପର୍ଯ୍ୟନ୍ତ ଚଲାଇହେବ। ଏଥିରେ ୨୦ଏଚପି ଶକ୍ତି ପ୍ରଦାନ କରିବା ପାଇଁ ଏକ ବୈଦ୍ୟୁତିକ ମୋଟର ଲଗାଯାଇଛି। ଏହି ସ୍କୁଟରଟି ମାତ୍ର ୨.୯ ସେକେଣ୍ଡରେ ୦ ରୁ ୬୦ କିଲୋମିଟର ଘଣ୍ଟା ବେଗରେ ଗତି କରିପାରିବ ଏବଂ ଏହାର ସର୍ବାଧିକ ଗତି ଘଣ୍ଟା ପ୍ରତି ୧୨୫ କିଲୋମିଟର। କମ୍ପାନୀ ଦାବି କରିଛି ଯେ ଏହି ସ୍କୁଟରଟି ୧୦୦ ଟଙ୍କାରେ ୫୦୦ କିଲୋମିଟର ଚାଲିବ। ନୂତନ ଟେସେରାକ୍ଟ ଇଲେକ୍ଟ୍ରିକ୍ ସ୍କୁଟର ବଜାଜ ଚେତକ, ଟିଭିଏସ ଏବଂ ଓଲାକୁ କଡା ଟକ୍କର ଦେଇପାରେ।

# ଓଡ଼ିଶା ହସ୍ତତନ୍ତ ପାଇଁ ଏକ ଅଭିନବ ପ୍ରୟାସ

## 'ଆର୍ଟସ୍ ଅଫ୍ ୱିଭିଙ୍ଗ୍'ର ଲୋକାର୍ପିତ



ଭୁବନେଶ୍ୱର, ୯।୩ (ସଂଚାର ବ୍ୟୁରୋ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଓଡ଼ିଶା ହସ୍ତତନ୍ତର ଉତ୍କର୍ଷକୁ ବିଶ୍ୱ ବଜାରରେ ପହଞ୍ଚାଇବା, ହସ୍ତତନ୍ତ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ ଓ ବୁଣାକାରଙ୍କୁ ସଶକ୍ତ କରିବା ଆଭିମୁଖ୍ୟ ନେଇ ଆରମ୍ଭ ହୋଇଥିବା 'ଆର୍ଟସ୍ ଅଫ୍ ୱିଭିଙ୍ଗ୍' ୱେବ୍‌ସାଇଟ୍ ଲୋକାର୍ପିତ ହୋଇଛି। ସ୍ଥାନୀୟ ଭୁବନେଶ୍ୱର କ୍ଲବ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳା ଅଧିକାରୀ, ଶିକ୍ଷାବିତ୍, ଇଞ୍ଜିନିୟର, ଚିକିତ୍ସକ, କଳାକାର, ନୃତ୍ୟଶିଳ୍ପୀ ଓ ଗୃହିଣୀମାନେ ଯୋଗଦେଇଥିଲେ।

ଅତିଥି ଭାବେ ଯୋଗଦେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ କହିଥିଲେଯେ ଓଡ଼ିଆଣୀମାନେ ଓଡ଼ିଶା ହସ୍ତତନ୍ତ ପରିଧାନରେ ସବୁଠାରୁ ଅଧିକ ଆକର୍ଷଣୀୟ ଲାଗିଥାନ୍ତି। ହସ୍ତତନ୍ତ ପରିଧାନ ବିନା ଓଡ଼ିଆ ନାରୀଙ୍କର ଶାଢ଼ିସମ୍ଭାର ପରିପୂର୍ଣ୍ଣ ହୁଏନି। ଶହ ଶହ ବର୍ଷ ଧରି ବୁଣାକାରମାନେ ହସ୍ତତନ୍ତ ମାଧ୍ୟମରେ ଓଡ଼ିଆ କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିଛନ୍ତି। ତେବେ ଆଜିର ପ୍ରତିଯୋଗିତାମୂଳକ ବଜାରରେ ତିଷ୍ଠି ରହିବା ନିମନ୍ତେ ସେମାନଙ୍କୁ ପ୍ରୋତ୍ସାହିତ କରିବା ଆବଶ୍ୟକ। ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ଓଡ଼ିଶା ହସ୍ତତନ୍ତର ଚାହିଦା ଓ ଆଦରକୁ ପରିପୂରଣ କରିବା ଦିଗରେ ଏହି ୱେବ୍‌ସାଇଟ୍ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ।

'ଆର୍ଟସ୍ ଅଫ୍ ୱିଭିଙ୍ଗ୍'ର ପ୍ରତିଷ୍ଠାତା ଦୀଶା ଦାସ କହିଥିଲେ ଯେ ଉଚ୍ଚଶିକ୍ଷା ପାଇଁ ବହୁରାଷ୍ଟ୍ରୀୟ କମ୍ପାନୀର ଆଇଟି ଚାକିରି ଛାଡ଼ି ଆମେରିକାର ଜର୍ଜିଆଟେକ୍ ବିଶ୍ୱବିଦ୍ୟାଳୟରେ ଏମ୍‌ଏସ୍ କରୁଥିବା ସମୟରେ ହିଁ ସେଠାରେ ବିଭିନ୍ନ ସାମାଜିକ ଉତ୍ସବରେ ଓଡ଼ିଶା ହସ୍ତତନ୍ତ ପ୍ରତି ଲୋକଙ୍କ ମନରେ ଆଗ୍ରହ ଲକ୍ଷ୍ୟ କରିଥିଲେ। କିନ୍ତୁ ସେଠାର ଲୋକଙ୍କ ପାଖରେ ଉପଯୁକ୍ତ ତଥ୍ୟ, ସୂଚନା ଏବଂ ଶାଢ଼ିର ପ୍ରସ୍ତୁତି ଓ ଗୁଣବତ୍ତା ସମ୍ପର୍କରେ ଯଥେଷ୍ଟ ଜ୍ଞାନ ନ ଥିବା ଏବଂ ବିଦେଶରେ ହସତନ୍ତ ଶାଢ଼ି ସହଜରେ ଉପଲବ୍ଧ ହେଉ ନଥିବା ଅନୁଭବ କରିଥିଲେ। ତେଣୁ ଉଚ୍ଚଶିକ୍ଷା ପରେ କଣ୍ଟେଣ୍ଟ ରାଇଟିଂ ଏବଂ ୱେବ୍-ଡିଜାଇନିଂରେ ବିଶେଷ ଜ୍ଞାନ ହାସଲ କରିଥିବା ଦୀଶା ଓଡ଼ିଶା ହସ୍ତତନ୍ତର ବିଶ୍ୱସ୍ତରୀୟ ଆଦୃତି ଏବଂ ଚାହିଦାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ୱେବ୍‌ସାଇଟ୍‌ର ପରିକଳ୍ପନା କରିଥିଲେ। ଦୀର୍ଘ ୬ ମାସର କଠିନ ପରିଶ୍ରମ ପରେ ଏହି ୱେବ୍‌ସାଇଟ୍‌ର ଲୋକାର୍ପଣ ହୋଇଛି ଏବଂ ଆଗାମୀ ଦିନରେ ଏହାକୁ ଅଧିକ ସଂପ୍ରସାରଣ କରିବା ପାଇଁ ସେ ଆପ୍ରାଣ ଉଦ୍ୟମ କରିବେ ବୋଲି ପ୍ରକାଶ କରିଥିଲେ ।

ଏହି ଅବସରରେ ୱେବ୍‌ସାଇଟ୍ ଜରିଆରେ ଅନ୍‌ଲାଇନ୍ ଅର୍ଡର ଦେଇ ହସ୍ତତନ୍ତ ଶାଢ଼ି ନେଇଥିବା ପ୍ରଥମ ୨୦ ଜଣ ମହିଳାଙ୍କୁ ଆର୍ଟସ୍ ଅଫ୍ ୱିଭିଙ୍ଗ୍ ଡିଭା ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ୱେବ୍‌ସାଇଟ୍‌ରେ ଛାୟା, ବଧୂ, ଡିଭା ଓ ଆଡ଼ମ୍ବର ଆଦି ୪ଟି ଭାଗରେ ଖଣ୍ଡୁଆ, ସମ୍ବଲପୁରୀ ଇକତ୍, ପଟ୍ଟଚିତ୍ର, ଟସର, କୋଟପାଡ଼, ହବସ୍‌ପୁରୀ ଏବଂ ବରହମ୍‌ପୁରୀ ପାଟ ଓ ସୂତା ଶାଢ଼ି ତଥା ପୋଷାକ ଉପଲବ୍ଧ ହେଉଛି। 'ଆର୍ଟସ୍ ଅଫ୍ ୱିଭିଙ୍ଗ୍'ର ଉପଦେଷ୍ଟା ତରଫରୁ ସୁଜାତା ଦାସ ଧନ୍ୟବାଦ ଦେଇଥିଲେ।

## ସେନ୍‌ସେକ୍ସର ୭ଶୀର୍ଷ କମ୍ପାନିର ମାର୍କେଟ୍ କ୍ୟାପ୍ ବଢ଼ିଛି ୨.୧୦ ଲକ୍ଷ କୋଟି




ନୂଆଦିଲ୍ଲୀ, ୯।୩: ସେନସେକ୍ସର ଶୀର୍ଷ ୧୦ ସବୁଠୁ ମୂଲ୍ୟବାନ କମ୍ପାନି ମଧ୍ୟରୁ ୭ର ମାର୍କେଟ୍ କ୍ୟାପ୍ (ବଜାର ପୁଞ୍ଜି) ଗତ ସପ୍ତାହରେ ମୋଟ ଉପରେ ୨,୧୦,୨୫୪.୯୬ କୋଟି ଟଙ୍କା ବୃଦ୍ଧି ପାଇଛି। ସବୁଠୁ ଅଧିକ ଲାଭ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ଟିସିଏସକୁ ହୋଇଛି। ଗତ ସପ୍ତାହରେ ବିଏସ୍‌ଇର ୩୦ ସେୟାର ବିଶିଷ୍ଟ ସେନ୍‌ସେକ୍ସ ୧୧୩୪.୪୮ ଅଙ୍କ ବା ୧.୫୫ ପ୍ରତିଶତ ବଢ଼ିଛି। ସେହିପରି ନିଫ୍ଟି ୪୨୭.୮ ଅଙ୍କ ବା ୧.୯୩ ପ୍ରତିଶତ ବଢ଼ିଛି। ସପ୍ତାହରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମାର୍କେଟ୍ କ୍ୟାପ୍ ୬୬,୯୮୫.୨୫ କୋଟି ଟଙ୍କା ବଢ଼ି ୧୬,୯୦,୩୨୮.୭୦ କୋଟି ଟଙ୍କା ହୋଇଛି। ଟାଟା କନ୍‌ସଲ୍‌ଟେନ୍ସି ସର୍ଭିସେସର ମାର୍କେଟ୍ କ୍ୟାପ୍ ୪୬,୦୯୪.୪୪ କୋଟି ଟଙ୍କା ବଢ଼ି ୧୩,୦୬,୫୯୯.୯୫ କୋଟି ଟଙ୍କା, ଏସବିଆଇର ୩୯,୭୧୪.୫୬ କୋଟି ଟଙ୍କା ବଢ଼ି ୬,୫୩,୯୫୧.୫୩ କୋଟି ଟଙ୍କା ହୋଇଛି। ଭାରତୀ ଏୟାରଟେଲ୍‌ର ୩୫,୨୭୬.୩ କୋଟି ଟଙ୍କା ବଢ଼ି ୯,୩୦,୨୬୯.୯୭ କୋଟି ଟଙ୍କା, ଆଇଟିସିର ୧୧,୪୨୫.୭୭ କୋଟି ଟଙ୍କା ବଢ଼ି ୫,୦୫,୨୯୩.୩୪ କୋଟି ଟଙ୍କା ହୋଇଛି। ଆଇସିଆଇସିଆଇ ବ୍ୟାଙ୍କର ୭,୯୩୯.୧୩ କୋଟି ଟଙ୍କା ବଢ଼ି ୮,୫୭,୭୪୩.୦୩ କୋଟି ଓ ହିନ୍ଦୁସ୍ତାନ ୟୁନିଲିଭରର ମାର୍କେଟ୍ କ୍ୟାପ୍ ୨୮୧୯.୫୧ କୋଟି ଟଙ୍କା ବଢ଼ି ୫,୧୭,୮୦୨.୯୨ କୋଟି ଟଙ୍କା ହୋଇଛି। ଅନ୍ୟପଟେ ଏଚ୍‌ଡିଏଫସି ବ୍ୟାଙ୍କର ମାର୍କେଟ୍ କ୍ୟାପ୍ ୩୧,୮୩୨.୯୨ କୋଟି ଟଙ୍କା ହ୍ରାସ ପାଇ ୧୨,୯୨,୫୭୮.୩୯ କୋଟି ଟଙ୍କା ହୋଇଛି। ବଜାଜ ଫାଇନାନ୍ସର ମାର୍କେଟ୍ କ୍ୟାପ୍ ୮,୫୩୫.୭୪ କୋଟି ଟଙ୍କା କମ ହୋଇ ୫,୫୦,୯୮୧.୨୫ କୋଟି ଟଙ୍କା ଓ ଇନଫୋସିସର ମାର୍କେଟ୍ କ୍ୟାପ୍ ୯୫୫.୧୨ କୋଟି ହ୍ରାସ ପାଇ ୭,୦୦.୦୪୭.୧୦ କୋଟି ଟଙ୍କା ହୋଇଛି। ସେନ୍‌ସେକ୍ସର ଶୀର୍ଷ ୧୦ କମ୍ପାନି ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପ୍ରଥମ ସ୍ଥାନରେ ରହିଛି। ଏହାପରେ ଯଥାକ୍ରମେ: ଟିସିଏସ୍, ଏଚଡିଏଫସି ବ୍ୟାଙ୍କ, ଭାରତୀ ଏୟାରଟେଲ୍, ଆଇସିଆଇସିଆଇ ବ୍ୟାଙ୍କ, ଇନଫୋସିସ୍, ଏସବିଆଇ, ବଜାଜ ଫାଇନାନ୍ସ, ହିନ୍ଦୁସ୍ତାନ ୟୁନିଲିଭର ଓ ଆଇଟିସି ରହିଛି।

## ଏମଆଇଙ୍କ ବଦଳିର ମାସେ ପରେବି ହେଉନି ଦାୟିତ୍ୱ ହସ୍ତାନ୍ତର

# ଯୋଗାଣ ବିଭାଗକୁ ନାରାୟଣ ଭରସା

**ବିଞ୍ଝାରପୁର,୯।୩(ସଂଚାର ବ୍ୟୁରୋ):** ବ୍ଲକ୍ ର ଯୋଗାଣ ବିଭାଗ ଏବେ ଅନ୍ଧାରରେ। ପୂର୍ବରୁ ୧୪ବର୍ଷ ଗୋଟିଏ ଯାଗା ରେ କୋଳି ଖାଇ କୋଳି ମଞ୍ଜି ପୋତି ଥିବା ଭାବୁଥିବା ସୁଭାଙ୍ଗି ରାଏ ଙ୍କ ବଦଳି ହୋଇଛି ସୁକିନ୍ଦା ବ୍ଲକ୍ କୁ। ଶେଷରେ ଜିଲ୍ଲା ର ସୁକିନ୍ଦା ବ୍ଲକ୍ ଯୋଗାଣ ଅଧିକାରୀଣୀ ଭାବେ ବଦଳି ଲେ ବିବାଦୀୟ ଅଧିକାରିଣୀ ସୁଭାଙ୍ଗି ରାଏ। ହେଲେ ବିଞ୍ଝାରପୁର ବ୍ଲକ୍ ଯୋଗାଣ ବିଭାଗ ର ଅନେକ ତଥ୍ୟର ଫାଇଲ ମିଳୁନି। ୨୦୨୨ମସିହା ଅଗଷ୍ଟ ମାସର ରେ ବ୍ଲକ୍ କୁ ଆସିଥିବା ୫୪୮ କୁଇଣ୍ଟାଲ ଗହମ କିଚି ଡିଲର ଙ୍କୁ ବାଣ୍ଟିବା ନିମନ୍ତେ ବଣ୍ଟନ କରାଯାଇଥିଲା। ଯାହା କି ଏହା କେବଳ କାଗଜ ପତ୍ର ରେ ବଣ୍ଟନ କରାଯାଇଥିବା ଜାଣିବାକୁ ମିଳିବା ସହ ପୁର୍ବତନ ଯୋଗାଣ ଅଧିକାରିଣୀ ସୁଭାଙ୍ଗି ରାୟ ଓ ଡିଲର ଏହାକୁ ଭାଗ ଭାଗ କରି ବାଣ୍ଟି ନେଇଥିବ ବେଶେସ ସୂତ୍ର ରୁ ଜଣା ପଡ଼ିଛି। ଯାହା କୁ ଗୋପନୀୟ ରଖି ଉଭୟ ଡିଲର ଓ ଅଧିକାରିଣୀ ଙ୍କ ମଧ୍ୟରେ ଭାଗ କରାଯାଇଛି। ଏ ସଂପର୍କ ରେ ତଥ୍ୟ ଜିଲ୍ଲା ଯୋଗାଣ ବିଭାଗ କୁ ମଗାଯିବା ସହ ଗହମ ସଂପର୍କ ରେ ସୁଚନା ମଗାଯାଇଥିଲା। ହେଲେ ମିଳି ଥିବା ତଥ୍ୟ ରେ ଆକାଶ ପାତାଳ ତଫାତ ଦେଖିବାକୁ ମିଳିଥିଲା। ଜିଲ୍ଲା କର୍ଯ୍ୟାଳୟ ଓ ବ୍ଲକ୍ କାର୍ଯ୍ୟାଳୟ ତଥ୍ଯ ଭିତରେ ପାଖାପାଖି ହଜାର କୁଇଣ୍ଟାଲ୍ ଫରକ ରହିଥିବା ଦେଖିବାକୁ ମିଳିଛି। ଯାହାକି ନିଜର ଭୁଲ କାଳେ ଧରାପଡ଼ିଯିବ ସେଥିଲାଗି ଅଧିକାରିଣୀ ଦେଇଥିବ ପୂର୍ବ ତଥ୍ୟ ବଦଳାଇ ଜିଲ୍ଲା ତଥ୍ଯ ସହ ସମାନ କରିଦେଇଥିଲେ। ଏଥିରୁ ପୁରା ସ୍ପଷ୍ଟ ଜଣାପଡୁଛି କେତେ ଲୁଟୁଥିଲେ ସୁଭଙ୍ଗୀ ରାୟ। ଏହା ମଧ୍ୟରେ ୨୦୨୨ଅଗଷ୍ଟ ମାସ ର ୫୪୮କୁଇଣ୍ଟାଲ ର ତଥ୍ୟ ଦେବା ନିମନ୍ତେ ଶ୍ରୀମତୀ ରାୟ ଓ ପାଇଥିବା ଡିଲର ଙ୍କ ପାଖରେ କୁଆଡେ ତଥ୍ୟ ନଥିବା ବେଳେ ବ୍ଲକ୍ ର ରେଶନ ସାମଗ୍ରୀ ବଣ୍ଟନ ଓ କାର୍ଡ କୁ ନେଇ ଅନେକ ବିବାଦ ରେ ଥିଲେ ସୁଭାଙ୍ଗି ରାୟ। ଶେଷରେ ବଦଳି ହେଲା। ବଦଳି ହେବାର ଏକ ମାସ ରୁ ଅଧିକ ହୋଇ ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ପୂର୍ବ ର ସମସ୍ତ ହିସାବ ସହ ଦାୟିତ୍ୱ ହସ୍ତାନ୍ତର କରିପାରୁ ନାହାନ୍ତି ସୁଭାଙ୍ଗୀ ରାୟ। ଏପଟେ ୪୫୮ କୁଇଣ୍ଟାଲ୍ ଗହମ ସଂପର୍କ ରେ ବିଡିଓ ନୂଆ କରି ଆସିଥିବା ଯୋଗାଣ ଅଧିକାରିଣୀ ଆନିବେସାନ୍ତ ସାହୁଙ୍କୁ ପତ୍ର ସଂଖ୍ୟା-୧୦୨୨ରେ ତା ୨୧/୨/୨୫ ରେ ସାତ ଦିନ ଭିତରେ ସମସ୍ତ ତଥ୍ୟ ଦେବାକୁ ନିର୍ଦ୍ଦେଶ ଥିବା ବେଳେ ୧୦ଦିନ ବିତି ଯାଇଥିଲେ ସୁଦ୍ଧା ଶ୍ରୀମତୀ ସାହୁ ଙ୍କୁ ପୂର୍ବ ଅଧିକାରିଣୀ ସୁଭାଙ୍ଗୀ ରାୟ ଏକ ମାସ ରୁ ଉର୍ଦ୍ଧ ହେବ ଦାୟିତ୍ୱ ହସ୍ତାନ୍ତର କରିନଥିବା ଓ କାର୍ଯ୍ୟାଳୟ ରେ କୌଣସି ଫାଇଲ ନପାଇବା କାରଣ ରୁ ତଥ୍ୟ ଦେବାରୁ ବଞ୍ଚିତ ହେବା ସହ ସୁଭାଙ୍ଗି ରାୟ କାଲି ଆଜି କରି ଭୁଆଁ ବୁଲାଉ ଥିବା କହିଛନ୍ତି ଶ୍ରୀମତୀ ସାହୁ।
ତେବେ ବଦଳି ର ଏକ ମାସ ରୁ ଉର୍ଦ୍ଧ ହୋଇ ଯାଇଥିଲେ ସୁଦ୍ଧା କେଉଁ କାରଣ ରୁ ଗୋଟିଏ ଅଧିକାରୀ ଙ୍କୁ ଦାୟିତ୍ୱ ମିଳୁନି ତାହା ବ୍ଲକ୍ ର ଦୁର୍ନିତୀ ରୁ ବେଶ ବାରି ହେଉଛି।



## ଅଙ୍ଗନବାଡି ଲେଡିଜ ୱାର୍କର୍ସ ଆସୋସିଏସନର ଜିଲ୍ଲା ସମ୍ମିଳନୀ



**ବ୍ରହ୍ମପୁର,୯।୩(ସଂଚାର ବ୍ୟୁରୋ):** ସ୍ଥାନୀୟ ଗୋଲାପଲି ସାହି ସ୍ଥିତ ବିଶ୍ୱନାଥ କଲ୍ୟାଣମଣ୍ଡପ ପ୍ରାଙ୍ଗଣରେ ଭାରତୀୟ ମଜଦୁର ସଙ୍ଘ ସଂଲଗ୍ନ ଓଡ଼ିଶା ଅଙ୍ଗନବାଡି ଲେଡିଜ ୱାର୍କର୍ସ ଆସୋସିଏସନ ପକ୍ଷରୁ ଗଞ୍ଜାମ ଜିଲ୍ଲାର ଶତାଧିକ ଅଙ୍ଗନବାଡି କର୍ମୀଙ୍କୁ ନେଇ ଏକ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ଭାରତୀୟ ମଜଦୁର ସଙ୍ଘର ସଭାପତି ଭବାନୀ ଶଙ୍କର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଆସୋସିଏସନର ରାଜ୍ୟ ସଭାନେତ୍ରୀ ସୁମିତ୍ରା ମହାପାତ୍ର, ରାଜ୍ୟ ସମ୍ପାଦିକା କୁଞ୍ଜଲତା ଦାସ, ବି.ଏମ୍.ଏସ.(ଗଞ୍ଜାମ)ର ଜିଲ୍ଲା ସମ୍ପାଦକ ଉମାଶଙ୍କର ସାହୁ, ସଙ୍ଗଠନ ସମ୍ପାଦକ ଗୋପାଳ କୃଷ୍ଣ ସ୍ୱାଇଁ, ଗଞ୍ଜାମ ଜିଲ୍ଲା ଅଙ୍ଗନବାଡିର ସଂଯୋଜିକା ତଥା ବି.ଏମ୍.ଏସ. ଗଞ୍ଜାମର କାର୍ଯ୍ୟକାରୀ ସଭାନେତ୍ରୀ ଅମିତା ରାଉତ, ଅଙ୍ଗନବାଡି ଜିଲ୍ଲା ପ୍ରଭାରୀ ଅଞ୍ଜଳି ନାୟକ, ବି.ଏମ୍.ଏସ. ଓଡ଼ିଶା'ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ପାତ୍ର ଏବଂ ରାଜ୍ୟ ବିପି ପ୍ରକୋଷ୍ଠ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ମଞ୍ଚାସୀନ ହୋଇ ଅଙ୍ଗନବାଡି କର୍ମୀଙ୍କୁ ଉଦବୋଧନ ଦେଇଥିଲେ। ଏହି ସମ୍ମିଳନୀରେ ଆସୋସିଏସନ ପକ୍ଷରୁ ନୂତନ ଗଞ୍ଜାମ ଜିଲ୍ଲା କମିଟି ଘୋଷଣା କରାଯାଇଥିଲା। ହେମଲତା ମହାନ୍ତି ସଭାନେତ୍ରୀ, ପ୍ରତିମା ଦେବୀ ଉପ ସଭାନେତ୍ରୀ, ବାସନ୍ତୀ ପ୍ରଧାନ ସମ୍ପାଦିକା, ସାରିଫ ନିଶା ସହ ସମ୍ପାଦିକା, ସୁଲୋଚନା ରଥ କୋଷାଧ୍ୟକ୍ଷା ଏବଂ ଅମିତା ରାଉତ ସଙ୍ଗଠନ ସମ୍ପାଦିକା ଘୋଷିତ ହୋଇଛନ୍ତି। ଏହି ସମ୍ମିଳନୀରେ ଅଙ୍ଗନବାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା ସହିତ ସେମାନଙ୍କ ମାସିକ ଦରମା ୧୮୦୦୦ ଟଙ୍କା କରିବା ପାଇଁ ଦାବି କରାଯାଇଛି।

## ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

**ନର୍ଲା,୯।୩ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅଧିନସ୍ଥ ରେଖପୁର ଗ୍ରାମରେ ଚାଲିଛି ନବ ନିର୍ମିତ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ। ମାର୍ଚ୍ଚ ୯ ରବିବାର ଦିନ କାର୍ଯ୍ୟକ୍ରମର ତୃତୀୟ ଦିବସରେ ପ୍ରାତଃ ପ୍ରତିଷ୍ଠା କର୍ମାନୁଷ୍ଠ, ସୂର୍ଯ୍ୟ ପୂଜା, ମଣ୍ଡଳାଦି ପୂଜା, ମହାସ୍ନାନ ବିଧାନ ଓ ପ୍ରାସାଦ ପୁରୁଷଙ୍କ ଗନ୍ଧାଧିବାସ, ହରିଦ୍ରାଦିବାସ, ଜଳାଧିବାସ ଆଦି ସଂପନ୍ନ ହୋଇଥିବା ବେଳେ ରାତ୍ରେ ଶୟନ



ବିଧାନ ଅନୁଷ୍ଠିତ ହେବ। ଛତ୍ରପୁରର ପଣ୍ଡିତ ମନୋଜ କୁମାର ସତପଥି ଏବଂ ସାଥି ପ୍ରତିଷ୍ଠା କାର୍ଯ୍ୟକ୍ରମର ଦାୟିତ୍ୱ ନିର୍ବାହ କରୁଥିବାବେଳେ ଚର୍ଚ୍ଚନ କୁମାର ଭୋଇ ଓ ତାଙ୍କ ଧର୍ମପତ୍ନୀ ବାସନ୍ତୀ ଭୋଇ ମୁଖ୍ୟ କର୍ତ୍ତା ଭାବେ ଅବସ୍ଥାପିତ ହୋଇଛନ୍ତି। ସହଯୋଗୀ କର୍ତ୍ତା ଭାବେ ଗୁଣମଣି ଭୋଇ ଓ ତାଙ୍କ ଧର୍ମପତ୍ନୀ ରାଜଶ୍ରୀ ଭୋଇ, ଟିକେରାମ ଭୋଇ ଓ ତାଙ୍କ ଧର୍ମପତ୍ନୀ ଶୋଭାବତୀ ଭୋଇ, ଦୟାନିଧି ଭୋଇ ଓ ତାଙ୍କ ଧର୍ମପତ୍ନୀ ପ୍ରମିଳା ଭୋଇ, ଶ୍ୟାମ ଭୋଇ ଓ ତାଙ୍କ ଧର୍ମପତ୍ନୀ ଦମୟନ୍ତୀ ଭୋଇ ଦାୟିତ୍ୱ ନିର୍ବାହ କରୁଛନ୍ତି। ରାତିରେ କଂସ ଦରବାର ଅନୁଷ୍ଠିତ ହେଉଛି। ଏଥିରେ ଗୌରର ମନୋଜ କୁମାର ମହାନ୍ତି କଂସ ଭୂମିକାରେ ଚମତ୍କାର ଅଭିନୟ କରୁଛନ୍ତି। ଆସନ୍ତା ମାର୍ଚ୍ଚ ୧୨ ତାରିଖରୁ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ରେଖପୁର ଗ୍ରାମବାସୀ ବୃନ୍ଦ ଓ ନର୍ଲା ଯାଦବ ମଣ୍ଡଳ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବ ମାର୍ଚ୍ଚ ୭ରୁ ଆରମ୍ଭ ହୋଇଥିବାବେଳେ ମାର୍ଚ୍ଚ ୧୫ରେ ସମାପନ ହେବ। ମନ୍ଦିର ନିର୍ମାଣ କମିଟି ସଭାପତି ଲୋହିତ ପ୍ରସାଦ ଭୋଇ, ସାଧାରଣ ସମ୍ପାଦକ ଲବିନ୍ଦ୍ର ସେଲମା, କୋଷାଧ୍ୟକ୍ଷ ମୋହନ ଭୋଇ, ମନ୍ଦିର ପ୍ରତିଷ୍ଠା କମିଟି ସଭାପତି ନାରାୟଣ ସେଲମା, ଉପସଭାପତି ଯୁଧିଷ୍ଠିର ଭୋଇ, ସମ୍ପାଦକ ଗୁଣମଣି ଭୋଇ, ଯୁଗ୍ମ ସଂପାଦକ ଟିକେରାମ ଭୋଇ ଓ କୋଷାଧ୍ୟକ୍ଷ କ୍ଷୀତିଶ ଚନ୍ଦ୍ର ପୋଢ଼ଙ୍କ ସହ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

## ଜିଲ୍ଲା ଲେଖିକା ସଂସଦ ପାଳନ ମହିଳା ଦିବସ



**ଯାଜପୁର ରୋଡ଼, ୯।୩(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଂଚଳ ସହରର ସ୍ଥାନୀୟ ହୋଟେଲ୍ ରୟାଲ କଳିଙ୍ଗ ଠାରେ ଯାଜପୁର ଜିଲ୍ଲା ଲେଖିକା ସଂସଦ ପକ୍ଷରୁ ଆନ୍ତର୍ଜାତିୟ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଯାଇଅଛି। ସଭାପତି ହିରଣ୍ମୟୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକ ସିମା ମିଶ୍ର'ଙ୍କ ବେଦପାଠରୁ ଆରମ୍ଭ ହୋଇଥିଲା। ପୁରାଣ କାଳରୁ ଆଜି ପର୍ଯ୍ୟନ୍ତ ନାରୀ କିପରି ଦେଶ ତଥା ସମାଜର ଉନ୍ନତିରେ ନିଜର ଭୂମିକା ସୁଚାରୁରୂପେ ସମ୍ପାଦନା କରିଅଛି ତାହା ଉପରେ ଆଲୋକପାତ କରିଥିଲେ। "ସମ୍ପାଦିକା ବ୍ରଜେଶ୍ୱରୀ ସିଂ" ସଦସ୍ୟା ଧରିତ୍ରୀ ଦାସ ଆଲୋଚନାରେ ଅଂଶ ଗ୍ରହଣ କରି ଆଜିର ନାରୀ କିପରି ଜଳ, ସ୍ଥଳ ଓ ଆକାଶ ଉପରେ ନିଜର ପ୍ରଭୁତ୍ୱ ଦେଖାଇ ଆତ୍ମ ନିର୍ଭରଶୀଳ ହୋଇପାରିଛି ତାହା ଉପରେ ଆଲୋକପାତ କରିଥିଲେ। ଆଜିର ଯୁଗରେବି ନାରୀ ସମାଜ ଓ କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଉପସ୍ଥିତ ସମସ୍ତ ସଦସ୍ୟା ନିଜ ନିଜର ବକ୍ତବ୍ୟ ପ୍ରଦାନ ପରେ ଗାୟତ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କ ଘରୁ ଲୁଟ୍ ମାମଲାରେ ଜେଲ ଗଲେ କାଠ କାରିଗର



**ବାଲିଅନ୍ତା,୯।୩(ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ପୁଲିସ ଆଜି ଏକ ଲୁଟ ମାମଲାରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ସିନ୍ଧି ଚୋରା ହେଲା ବାଲିଅନ୍ତା ଥାନା ଅଲାରପୁର ଗ୍ରାମର ଲୋକନାଥ ମହାରଣା ଓରଫ କୁଲୁଆ(୩୩)। ତେବେ କୋର୍ଟରେ ଲୋକନାଥ ଜାମିନ ଖାରଜ ହୋଇଯିବାରୁ ଝାରପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକୁ ଭିତ୍ତିକରି ସିସି କ୍ୟାମେରା ଫୁଟେଜ ଆଧାରରେ ଲୋକନାଥକୁ ପୁଲିସ ଗିରଫ କରିଥିଲା । ଗତ ୬ ତାରିଖ ରଙ୍ଗବଜାର ସ୍ଥିତ ସାଇ ଚନ୍ଦ୍ରତୀର୍ଥ ହାଇଟସ ଆପାର୍ଟମେଣ୍ଟର ପ୍ଲାଟ ନଂ ୪୦୫ ବ୍ଲକ ବିରେ ରହୁଥିବା କଳ୍ପନାରାଣୀ ଦେ ଘରୁ ୪ ଲକ୍ଷ ଟଙ୍କାର ସୁନା ରୂପା ଗହଣା ସମେତ ନଗଦ ଟଙ୍କା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟ ହୋଇଯାଇଥିବା ନେଇ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ। ସିସି କ୍ୟାମେରା ଫୁଟେଜକୁ ଆଧାର କରି ପୁଲିସ ଆଜି ଲୋକନାଥକୁ ଗିରଫ କରିବା ସହ ତା' ନିକଟରୁ ସୁନା ଓ ରୂପା ଅଳଙ୍କାର ଓ ଅନ୍ୟ ସବୁ ସାମଗ୍ରୀ ଜବତ କରିଛି। ଜବତ ଚୋରି ଗହଣା ମଧ୍ୟରେ ରହିଛି ସୁନାହାର, ଦୁଇ ହଳ କାନ ଫୁଲ, ପଟେ ରୂପା ପାଉଁଜି, ଗୋଟିଏ ନୂଆ ଲାପଟପ, ଗୋଟିଏ ମୋବାଇଲ ଫୋନ, ପାୱାର ବ୍ୟାଙ୍କ, ଚାର୍ଜର, ନଗଦ ୯୦୦୦ ଟଙ୍କା , ମଟର ସାଇକେଲ, ହାତୁଡ଼ା, ସ୍କ୍ରୁ ଡ୍ରାଇଭର, ଓ ସାବଳ । ପୁଲିସ ସୂଚନା ଅନୁସାରେ କଳ୍ପନା ରାଣୀ ଦେ ଓ ତାଙ୍କର ପତ୍ନୀ ଟିସି ପବନ କୁମାର ରଙ୍ଗବଜାର ସ୍ଥିତ ସାଇ ଚନ୍ଦ୍ରତୀର୍ଥ ଆପାର୍ଟମେଣ୍ଟ ବ୍ଲକ - ବି ରେ ରୁହନ୍ତି। ଗତ ୬ ତାରିଖ ଦିନ କଳ୍ପନା ରାଣୀ ସ୍ୱାମୀ ଟିସି ପବନ କୁମାର ଘରେ ନଥିଲେ। ଏହି ସୁଯୋଗରେ ତାଲା ଭାଙ୍ଗି ଲୁଟ କରିଥିଲା ଲୋକନାଥ ।

## ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ



**ସୁନ୍ଦରଗଡ଼,୯।୩(ସଂଚାର ବ୍ୟୁରୋ):** ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ମାର୍ଚ୍ଚ ୮ ତାରିଖ ଜିଲ୍ଲା ସ୍ତରୀୟ ସୁଭଦ୍ରା ଯୋଜନା ଅନ୍ତର୍ଗତ ଦ୍ୱିତୀୟ କିସ୍ତି ପ୍ରଦାନ ଉତ୍ସବ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଆୟୋଜିତ ହୋଇ ଯାଇଛି। ଏହି ବିଶାଳ ସମାବେଶ ରେ ମାନ୍ୟବର ଉପ-ବାଚସ୍ପତି, ଓଡ଼ିଶା ବିଧାନସଭା ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ସଦର ବ୍ଲକ ଅଧ୍ୟକ୍ଷ ସୁବ୍ରତ ମାଝୀ,ପୂର୍ବତନ ମାନ୍ୟବର ବିଧାୟିକା କୁସୁମ ଟେଟେ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଆଭାସୀ ମାଧ୍ୟମରେ ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଅଭିନନ୍ଦନ ଜଣାଇବା ସହିତ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇଥିଲେ। ସୁଭଦ୍ରା ଯୋଜନା ହେଉଛି ଏକ ଅଭିନବ ଯୋଜନା। ଏହି ଯୋଜନା ଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ଓ ସଶକ୍ତ ହୋଇପାରୁଛନ୍ତି ଏବଂ ଏହା ଦ୍ୱାରା ପରିବାରର ଆର୍ଥିକ ଉନ୍ନତି ମଧ୍ୟ ହେଉଛି। ମହିଳାମାନେ ବିକଶିତ ହେଲେ ପରିବାର ବିକଶିତ ହେବ ଏବଂ ପରିବାର ବିକଶିତ ହେଲେ ସମଗ୍ର ଦେଶ ମଧ୍ୟ ବିକଶିତ ହେବ। ତେଣୁ ସମସ୍ତ ଯୋଗ୍ୟ ହିତାଧିକାରୀ ମାନେ ଏହି ଯୁଗାନ୍ତକାରୀ ଯୋଜନାରେ ସାମିଲ ହୋଇ ଏହାର ଲାଭ ନେବାକୁ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସୁଭଦ୍ରା ଯୋଜନାର ହିତାଧିକାରୀ ମାନେ ଯୋଜନାରେ ସାମିଲ ହୋଇ ନିଜ ନିଜର ଅଭିଜ୍ଞତା ବାଣ୍ଟି ଥିଲେ। ଏହି ଅବସରରେ ବ୍ରହ୍ମପୁର ଠାରେ ଅନୁଷ୍ଠିତ ସୁଭଦ୍ରା ଯୋଜନା ର ଦ୍ୱିତୀୟ କିସ୍ତି ପ୍ରଦାନ ଉତ୍ସବର ସିଧା ପ୍ରସାରଣ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ହିତାଧୀକାରୀ ଆକାଉଣ୍ଟକୁ ଦ୍ୱିତୀୟ କିସ୍ତି ହସ୍ତାନ୍ତର କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଜିଲ୍ଲା ପରିଷଦର ମୂଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କିଷ୍ଣା କୁମାରୀ ନନ୍ଦ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ,ସମସ୍ତ ସିଡିପିଓ, ଅଙ୍ଗନୱାଡ଼ି କର୍ମୀ ଏବଂ ବହୁ ସଂଖ୍ୟା ରେ ସୁଭଦ୍ରା ହିତାଧିକାରୀ ମାନେ ଯୋଗଦାନ କରିଥିଲେ। ମିଶନ ଶକ୍ତି ର ଜିଲ୍ଲା ପ୍ରକଳ୍ପ ସଂଯୋଜକ ବସନ୍ତ କୁମାର ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ।

## ମହିମା ଆଶ୍ରମର ବାର୍ଷିକ ଉତ୍ସବ



**ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ):** ପ୍ରତିବର୍ଷ ପରି ଚଳିତବର୍ଷ ଫାଲଗୁନ ଶୁକ୍ଳପକ୍ଷ ଦଶମୀରେ ଅନ୍ଧାରୁଆ ଗ୍ରାମ ପ୍ରଭୁଦ୍ଧ ବିହାରସ୍ଥିତ ମହିମା ଆଶ୍ରମର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମଲୀନ ବ୍ରହ୍ମ ଅବଧୂତ ଜୟକୃଷ୍ଣ ବାବା ମହୋଦୟଙ୍କ ପୂର୍ବ ଆଦେଶ ଅନୁଯାଇ ବ୍ରହ୍ମଅବଧୂତ ବ୍ରଜବନ୍ଧୁ ବାବାଙ୍କ ଅଧ୍ୟକ୍ଷତାରେ ବ୍ରହ୍ମଧ୍ୱନି ସ୍ଥାପନ ଓ ଘୃତାବତୀ ପ୍ରଜ୍ୱଳନ କରାଯାଇଥିଲା। ଉକ୍ତ ମହୋତ୍ସବରେ ମହିମା ଧର୍ମ ସମାଜର ପର ସନ୍ୟାସୀ ଓ ଅପର ସନ୍ୟାସୀ ଭକ୍ତବୃନ୍ଦ ଓ ଭକ୍ତ ପ୍ରେମୀ ଯୋଗ ଦେଇଥିଲେ। ପାହାଡ଼ଟି ମହିମା ଅଲେଖ ଧର୍ମରେ କମ୍ପି ଉଠିବା ସହିତ ଧର୍ମୀୟ ବାତା ବରଣ ସୃଷ୍ଟି ହେଇଥିଲା। ସାୟମ ସମୟରେ ପ୍ରସାଦସେବନ ସହିତ ପ୍ରବଚନ, ଭଜନ, କୀର୍ତ୍ତନ କରାଯାଇଥିଲା। ଉକ୍ତ ମହୋତ୍ସବଟିକୁ ଅନ୍ଧାରୁଆ ଗ୍ରାମବାସୀ ଓ ମହିମା ସମାଜ ର ଭକ୍ତମାନେ ସୁଚାରୁରୂପେ ପରିଚାଳନା କରିଥିଲେ ବୋଲି ମହିମା ସେବା ଫାଉଣ୍ଡେସନର ସଭାପତି ନାରାୟଣ ଖୁଣ୍ଟିଆ ଏକ ପ୍ରେସ ବିଜ୍ଞପ୍ତିରେ ଦର୍ଶାଇ ଥିଲେ।

## ରେଆର ପକ୍ଷରୁ ମହିଳା ଦିବସ ପାଳିତ




**ସୁବର୍ଣ୍ଣପୁର,୯।୩(ସଂଚାର ବ୍ୟୁରୋ):** ସେଚ୍ଛାସେବୀ ଅନୁଷ୍ଠାନ ରେଆର ଦ୍ୱାରା ଷ୍ଟିଚଟିଙ୍ଗ୍ କିଣ୍ଡର୍ ପୋଷ୍ଟଜିଗେଲ୍ସ ନେଦରଲେଣ୍ଡ ସହାୟତାରେ ଏବଂ ଦୈନନ୍ଦିନ ପ୍ରଯତ୍ନ ଓ ଥଇଥାନ କେନ୍ଦ୍ର, ଦିଶା କମ୍ ବିକାଶ କେନ୍ଦ୍ର ର ସହଯୋଗିତାରେ ଆନ୍ତର୍ଜାତୀୟ ମହିଳା ଦିବସ-୨୦୨୫ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁର ର ଅଧ୍ୟକ୍ଷକ ଡା. ଦୁର୍ଗାଦତ୍ତ ଦାଶ୍ ଯୋଗଦେଇ ସମାଜ ପାଇଁ ମହିଳା ଓ ପୁରୁଷ ଙ୍କ ଭୂମିକା ଗୁରୁତ୍ୱପୂର୍ଣ କିନ୍ତୁ ଜିଲ୍ଲାରେ ଝିଅ ମାନଙ୍କ ସଂଖ୍ୟା କମି କମି ଚାଲିଛି ଆଜି ଆମେ ସମସ୍ତେ ସପଥ ନେଇ କନ୍ୟା ସନ୍ତାନଙ୍କୁ ସୁରକ୍ଷା ଦେବା । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପୋଲିସ୍ କାର୍ଯ୍ୟାଳୟର ଆରକ୍ଷୀ ନିରିକ୍ଷକା ନିର୍ମଳା ତ୍ରିପାଠୀ ଯୋଗଦେଇ ମହିଳାଙ୍କ ପ୍ରତି ହେଉଥିବା ଘରୋଇ ହିଂସା ର ବିଲୋପ କରିବା ସହ ମହିଳା ପ୍ରତ୍ୟେକ ପାହାଚ କୁ ଆଇନ ଅନୁଜାୟୀ ସୁରକ୍ଷୀତ ରଖୁବା ଦିଗରେ ଉଦବୋଧନ ଦେବା ସହ ସାବଲମ୍ବୀ ହେବାକୁ ପ୍ରୋତ୍ସାହିତ କରିଥିଲେ । ଏହା ସହ ପ୍ରତ୍ୟେକ ମହିଳା ଙ୍କ ନ୍ୟାୟିକ ସୁରକ୍ଷା କିପରି ସୁନିଶ୍ଚିତ ହେବ ସେ ଦିଗରେ ଧ୍ୟାନ ଦେବାକୁ ମତଦେଇଥିଲେ। ଏହି ଅବସରରେ ବଲାଙ୍ଗିର ଜିଲ୍ଲା ସମଗ୍ର ଶିକ୍ଷା ର ଅନ୍ତର୍ନିବେଶୀ ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ କୁମାର ସରାଫ ଓ ସୁବର୍ଣ୍ଣପୁର ଜିଲ୍ଲା ସମଗ୍ର ଶିକ୍ଷା ର ଭାରପ୍ରାପ୍ତ ଅନ୍ତର୍ନିବେଶୀ ପ୍ରକଳ୍ପ ସଂଯୋଜକ ସଚିଦାନନ୍ଦ ସାହୁ ଯୋଗଦେଇ ଭିନ୍ନକ୍ଷମ ବାଳିକାଙ୍କ ସଫଳ କାହାଣୀ ସମ୍ପର୍କରେ ଉପସ୍ଥାପିତ କରି ସମସ୍ତ ମହିଳାମାନେ ଆଗେଇଯିବାକୁ ଉତ୍ସାହିତ କରିଥିଲେ ।

### ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

## ବୀମା କମ୍ପାନୀମାନଙ୍କୁ ୪୭.୩୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ



**ନୟାଗଡ଼, (ସଂଚାର ବ୍ୟୁରୋ):** ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶରେ ନୟାଗଡ଼ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଚଳିତବର୍ଷ ୨୦୨୫ର ପ୍ରଥମ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲ୍ଲାର ଉକ୍ତ ଲୋକ ଅଦାଲତରେ ୭୧ଟିରୁ ୫ଟି ମୋଟର ଦୁର୍ଘଟଣା ଜନିତ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୪୭ଲକ୍ଷ ୩୦ହଜାର ଟଙ୍କା ପ୍ରଦାନ କରିବାପାଇଁ ବୀମା କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ୬୬ଟି ଦେୱାନୀ ମାମଲା ଫଇସଲା କରାଯାଇଥିଲା । ଏନ୍.ଆଇ. ଆକ୍ଟ କେସ୍ ୬୧ଟିରୁ ୮ଟି ଫଇସଲା କରାଯାଇ ୧ଲକ୍ଷ ୮୦ ହଜାର ଟଙ୍କା ଆଦାୟ କରାଯାଇଥିଲା ଏବଂ ବିବାହ ଜନିତ ୪୪ଟିରୁ ୮ଟି ମାମଲା ଫଇସଲା କରାଯାଇଥିଲା । ଅନ୍ୟାନ୍ୟ ଫୌଜଦାରୀ ୩୫୬ଟିରୁ ୧୭୮ଟି ଏହା ବାବଦକୁ ମୋଟ ୩୦ହଜାର ଟଙ୍କା ଫାଇନ୍ ଆଦାୟ କରାଯାଇ ମାମଲାର ଫଇସଲା କରାଯାଇଥିଲା। ବ୍ୟାଙ୍କ ଋଣ ନେଇ ଋଣ ପରିଶୋଧ କରିନଥିବା ୨୫୧୭ଜଣଙ୍କ ମଧ୍ୟରୁ ୮୬ଜଣ ଋଣ ଗ୍ରହୀତାଙ୍କ ଠାରୁ ୩୦ଲକ୍ଷ ୨୦ହଜାର ୫୮୦ଟଙ୍କା ଦେବାପାଇଁ ରାଜିନାମା ସ୍ୱାକ୍ଷରିତ କରାଯାଇଥିଲା। ସେହିପରି ୨୮୮୬ଟି ରାଜସ୍ୱ ମାମଲା ଫଇସଲା କରାଯାଇ ମୋଟ ୧୮ଲକ୍ଷ ୭୬ହଜାର ୫୩୩ ଟଙ୍କା ଆଦାୟ କରାଯାଇଥିଲା । ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତରେ ୪ଟି ମାମଲାର ଆପୋଷ ସମାଧାନ ହୋଇଥିଲା । ଏହି ଲୋକଅଦାଲତରେ ଜିଲ୍ଲା ଓ ଦୌରାଜଜ୍ ଆନନ୍ଦ ଶ୍ରୀଯୁକ୍ତ ନାରାୟଣ ମହାରଣା, ପରିବାର ଅଦାଲତ ବିଚାରପତି ସୁବ୍ରତ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରୀଜା ରାୟ, ସିଜେଏମ୍ ଶୃତିସ୍ମିତ୍ମା ଦାସ, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ସତ୍ୟବ୍ରତ ରଣା, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି (ଏଲ୍ଆର୍ ଆଣ୍ଡ ଏଲ୍ଟିଭି) ରବିନାରାୟଣ ବେହେରା, ସଚିବ ଅଞ୍ଜଳି ମଛଖଣ୍ଡ, ଏସ୍ଡିଜେଏମ୍ ସୋମାପିକା ସମଦର୍ଶିନୀ, ଜେଏମ୍ଏଫ୍ଏସି ଲଳିତା ପାତ୍ର, ଜେଏମ୍ଏଫ୍ଏସି ସମୃଦ୍ଧିସାଗରିକା ବାରିକ ପ୍ରମୁଖ ଉପସ୍ଥିତ ରହି ନିଜନିଜର ଅଦାଲତ ପରିଚାଳନା କରିଥିଲେ । ରେଜିଷ୍ଟ୍ରର ସୋନାଲି ସାଗରୀକା, ମହିଳା କୋର୍ଟ ବିଚାରପତି ସ୍ୱୟଂପ୍ରଭା ଆଚାର୍ଯ୍ୟ, ଜିଲ୍ଲା ସଂଯୋଜକ (ପିସିଆଇ) ଶୁଚିସ୍ମିତା ପ୍ରିୟଦର୍ଶିନୀ ଉପସ୍ଥିତ ରହିଥିଲେ ।
ଏହି ଲୋକଅଦାଲତକୁ ସଫଳ କରିବାପାଇଁ ସମସ୍ତ ନ୍ୟାୟ ଅଧିକାରୀ ମିତ୍ର, ଅଧିବକ୍ତା ଦଣ୍ଡପାଣି ସ୍ୱାଇଁ, ରମେଶ ଚନ୍ଦ୍ର ମହାରଣା ଏବଂ ଜିଲ୍ଲା ଆଇନସେବା ପାଧିକରଣର କର୍ମଚାରୀବୃନ୍ଦ ସହଯୋଗ କରିଥିଲେ ।

## ମଞ୍ଜରୀ ଦେବୀ ଓ କ୍ୟାପିଟାଲ ଏକାଡେମୀ ଅଫ ନର୍ସିଂ ମହାବିଦ୍ୟାଳୟରେ ମହିଳା ଦିବସ

**ବାଲିଅନ୍ତା,୯।୩(ସଂଚାର ବ୍ୟୁରୋ):** ବାଳକାଟି ନିକଟ ପୂରଣପଧାନ ପଞ୍ଚାୟତ ସ୍ଥିତ ମଞ୍ଜରୀଦେବୀ ଓ କ୍ୟାପିଟାଲ ଏକାଡେମୀ ଅଫ ନର୍ସିଂ ମହା ବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ନର୍ସିଂ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମହିଳା ସଶକ୍ତିକରରଣ ଓ ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଦକ୍ଷତା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଜନ ସାଧାରଣଙ୍କ ଉଦ୍ଦେଶ୍ୟରେ ସଚେତନତାମୂଳକ ଲିଫଲେଟ , ପୋଷ୍ଟର ପ୍ରଦର୍ଶନ କରିଥିଲେ। ପରେ ଏନେଇ ଆୟୋଜିତ ସ୍ୱତନ୍ତ୍ର ବୈଠକରେ ମହିଳାଙ୍କ ଶକ୍ତି, ସାମର୍ଥ୍ୟ ଓ ସେବାଗୁଣର ମହାନତା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଉପ ସଭାପତି ଜ୍ୟୋସ୍ନା ଦାସଙ୍କ ସମେତ ଉଭୟ କଲେଜର ଅଧ୍ୟକ୍ଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହଟିବେ ହଷ୍ଟେଲ୍ ସୁପରିଣ୍ଟେଣ୍ଡେଣ୍ଟ

- ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣର ଭିଡିଓ ଭାଇରାଲ୍

**ଗୁଣୁପୁର,୯।୩(ସଂଚାର ବ୍ୟୁରୋ):** ହଷ୍ଟେଲ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣର ଭିଡିଓ ଭାଇରାଲ ଘଟଣାରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଉକ୍ତ ମହିଳା ହଷ୍ଟେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ହଟାଯିବ। ଗୁଣୁପୁର ତହସିଲ୍ କାର୍ଯ୍ୟାଳୟ ନିକଟସ୍ଥ ୧୦୦ ଶଯ୍ୟା ବିଶିଷ୍ଟ ଅନ୍ୱେଷା ହଷ୍ଟେଲ୍‌ରେ ସହପାଠୀ ଛାତ୍ରମାନେ ୩ ଜଣ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଭିଡିଓ ଭାଇରାଲ ହେବା ପରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଛାତ୍ରମାନେ ହେଲେ ନବମ ଶ୍ରେଣୀର ଅଭିଜିତ୍ ଶବର, ଅଷ୍ଟମ ଶ୍ରେଣୀର ଉଥାପା ଶବର ଓ ପବିତ୍ର ଶବର। କେତେକ ସହପାଠୀ ଛାତ୍ର ସେମାନଙ୍କୁ ଆକ୍ରମଣ କରୁଥିବା ସମୟର ଭିଡିଓ ଦ୍ରୁତ ଗତିରେ ଭାଇରାଲ ହୋଇଥିଲା। ଏହାପରେ ଗୁଣୁପୁର ବିଡିଓଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳ ବିଭାଗର ଅଧିକାରୀମାନେ ହଷ୍ଟେଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ସେମାନେ ଆହତ ୩ ଛାତ୍ରଙ୍କୁ ବୁଝାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଖୁବଶୀଘ୍ର ଜିଲ୍ଲାପାଳଙ୍କୁ ଏହି ଘଟଣାର ତଦନ୍ତ ରିପୋର୍ଟ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦାନ କରିବେ। ଅନ୍ୟପକ୍ଷରେ ହଷ୍ଟେଲରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଛାତ୍ରଙ୍କୁ ବାହାର କରିବା ପାଇଁ ମଧ୍ୟ ଅଭିଭାବକମାନେ ଦାବି କରିଛନ୍ତି।




## ଟାଟାଏସି ଓ ବାଇକ ମୁହାଁମୁହିଁ, ଜଣେ ଆହତ

**ହିଞ୍ଜିଳିକାଟୁ, ୦୯/୦୩:-** ହିଞ୍ଜିଳି ନିକଟବର୍ତ୍ତୀ ଖଣ୍ଡରା ଛକରେ ସନ୍ଧ୍ୟା ସମୟରେ ଟାଟା ଏସି ଓ ବାଇକ ମୁହାଁମୁହିଁ ଧକ୍କା ଫଳରେ ବାଇକ ଚାଳକ ଆହତ ହୋଇଛନ୍ତି । ଆହତ ଜଣକ ହେଲେ ଖଣ୍ଡରା ଗ୍ରାମର ସୁରଜ ଓରଫ ବାବୁ ଗୌଡ଼ (୨୬)। ସୁରଜ ଓ କୃଷ୍ଣ ନିଜ ଗ୍ରାମକୁ ବାଇକ ନଂ ଓଡି୦୭ସି ୧୨୨୯ ଯାଉଥିବା ବେଳେ ହିଞ୍ଜିଳି କାଟୁ ଅଭିମୁଖେ ଆସୁଥିବା ଟାଟା ଏସି ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗ କ୍ରମେ ଆହତଙ୍କୁ ପ୍ରଥମେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟ ଓ ପରେ ବ୍ରହ୍ମପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ପରିବାର ଓଡିଶାର ସଚେତନତା କାର୍ଯ୍ୟକ୍ରମ




**ସୁବର୍ଣ୍ଣପୁର,୯।୩(ସଂଚାର ବ୍ୟୁରୋ):** ସେଚ୍ଛାସେବୀ ଅନୁଷ୍ଠାନ ପରିବାର ଓଡିଶା, ଜିଲ୍ଲା ଭିନ୍ନକ୍ଷମ ଓ ଅଭିଭାବକ ସଂଘ, ସୁବର୍ଣ୍ଣପୁର ଏବଂ ଭିନ୍ନକ୍ଷମଙ୍କ କାର୍ଯ୍ୟରତ ସେଚ୍ଛାସେବୀ ଅନୁଷ୍ଠାନ ରେଆର ଆନୁକୂଲ୍ୟରେ ବୌଦ୍ଧିକ ଓ ବିକାଶ ବାତ ଭିନ୍ନକ୍ଷମ ଙ୍କ ପାଇଁ କାମ କରୁଥିବା ଅନୁଷ୍ଠାନ, ସଂଗଠନ ଏବଂ ଅଭିଭାବକ ମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ସହ ପରିବାର ଓଡିଶା ର ତ୍ରୟମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଚେତନା କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମଟି ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମଗ୍ରିକ ବିକାଶ ଦିଗରେ କାମ କରିବା ତଥା ସେମାନଙ୍କ ଅଧିକାର ର ସୁରକ୍ଷା କୁ ସୁନିଶ୍ଚିତ କରିବା କୁ ହେଲେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଆଇନ୍ ଓ ଯୋଜନା କୁ ସଠିକ୍ ଭାବରେ ଜାଣିବାକୁ ହେବ ବୋଲି ଉପସ୍ଥାପିତ କରିଥିଲେ । ଏହା ସହ ବୌଦ୍ଧିକ ଓ ବିକାଶ ବାସ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସୁରକ୍ଷା ପାଇଁ ଆବଶ୍ୟକ ଯତ୍ନ ଓ ସେବା ପାଇଁ ସବୁବେଳେ ଆଗଭର ହେବା ପାଇଁ ମତପ୍ରକାଶ କରିଥିଲେ। ପରିବାର ଓଡିଶାର ସଂପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ଭିନ୍ନକ୍ଷମଙ୍କ ଉପଯୁକ୍ତ ଥଇଥାନ ପାଇଁ ଅଭିବାକଙ୍କ ଭୂମିକା ଓ ସରକାର ଙ୍କ ଦାୟିତ୍ୱ ସମାନଭାବେ ଗୁରୁତ୍ୱପୂର୍ଣ ବୋଲି ପ୍ରକାଶ କରିଥିବା ବେଳେ ଜିଲ୍ଲା ଭିନ୍ନକ୍ଷମ ଓ ଅଭିଭାବକ ସଂଘର ସଭାପତି ସୌଦାଗର ପାତ୍ର ଯୋଗ ଦେଇ ଏହି ସଚେତନତା କାର୍ଯ୍ୟକ୍ରମଟି ଭିନ୍ନକ୍ଷମଙ୍କ ବିକାଶ ଓ ଥଇଥାନ କୁ ସୁନିଶ୍ଚିତ କରିବ ବୋଲି ମତ ଦେଇଥିଲେ । ପରିବାର ଓଡିଶା ର ସଭାପତି ଗୌରୀଶ୍ୟାମ ପଣ୍ଡା ସମସ୍ତ ଅଭିଭାବକ ମାନେ ଆଗେଇ ଆସି ବୌଦ୍ଧିକ ଓ ବିକାଶ ବାତ ଭିନ୍ନକ୍ଷମ ମାନଙ୍କ ଗୋଷ୍ଠୀ ଭିତ୍ତିକ ଥଇଥାନ ପାଇଁ କାର୍ଯ୍ୟ କରିବା ପାଇଁ ମତ ଦେଇଥିଲେ । ବୈଷୟିକ ପର୍ଯ୍ୟାୟରେ ସାଧନା ବାରିପଦା ର ନିର୍ଦ୍ଦେଶକ ରଞ୍ଜିତ ମହାପାତ୍ର ଯୋଗଦେଇ ଭିନ୍ନକ୍ଷମ ଙ୍କ ଅଧିକାର ଅଧିନୀୟମ ୨୦୧୬ ତଥା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଯୋଜନା ଓ ପ୍ରାପ୍ୟ ସମ୍ପର୍କରେ ଉପସ୍ଥାପନ କରିଥିବା ବେଳେ ଏକ୍ତା କୋରାପୁଟ୍ ର ଭୌତିକ ଚିକିତ୍ସକ ନିରାକାର ଦେବଦାସ ରାଷ୍ଟ୍ରୀୟ ନ୍ୟାସ ଆଇନ୍ ଓ ତତ୍ ସମ୍ପର୍କିତ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାନ କରିଥିଲେ ।




# ଉକୁଣିରୁ ମୁକ୍ତି ପାଇଁ...

ଲୋମମୂଳରେ ବଢୁଥିବା ଉକୁଣି ହେଉଛି ଏକ ପ୍ରକାର ଛଅ ଗୋଡ଼ିଆ କୀଟ ଯାହା ବିଶେଷ କରି ମୁଣ୍ଡର ଘଞ୍ଚ କେଶରାଶିରେ ରହେ। କେଶକୁ ଆଶ୍ରା କରି ବଢୁଥିବା ଏହି କୀଟ ଆମ ଚର୍ମକୁ ଦିନକୁ ଅନ୍ତତଃ ଛଅ ଥର କଣା କରି ରକ୍ତ ଶୋଷିଥାଏ। ମୁଣ୍ଡରେ ଉକୁଣି କାମୁଡ଼ିବା ଭାରୀ ବିରକ୍ତିକର ହୋଇଥାଏ। ମାତ୍ର ଥରେ ସେମାନଙ୍କୁ କେଶରୁ ବାହାରକୁ କାଢ଼ିନେଲେ ସେମାନେ ଆଉ ଅଧିକ ସମୟ ବଞ୍ଚି ରହିପାରନ୍ତିନି। 'ନିଖ' ବୋଲି କୁହାଯାଉଥିବା ଉକୁଣିର ଅଣ୍ଡା ହିଁ ସଂକ୍ରମଣର ପ୍ରଥମ ଲକ୍ଷଣ। ଗୋଟିଏ ଉକୁଣି ଏକ ମାସର ଜୀବନକାଳ ମଧ୍ୟରେ ଶହେରୁ ଅଧିକ ଅଣ୍ଡା ଦେଇଥାଏ। ମାତ୍ର ସେମାନଙ୍କ ଦ୍ୱାରା କୌଣସି ରୋଗଜୀବାଣୁ ପରିବାହିତ ହେବାର ପ୍ରମାଣ ନଥିବାରୁ ସେମାନେ କିଛି ସ୍ୱାସ୍ଥ୍ୟ ସଂକଟ ଆଣିନଥା'ନ୍ତି। ଛୋଟ ପିଲାଙ୍କ ମୁଣ୍ଡ ଉକୁଣିମାନଙ୍କ ପ୍ରମୁଖ ବସା ପାଲଟିଥିବାରୁ ଏହାର କାମୁଡ଼ା ଶିଶୁକୁ ବ୍ୟତିବ୍ୟସ୍ତ କରିଦେଇଥାଏ। ଏକ ଅଷ୍ଟ୍ରେଲୀୟ ଅନୁଧ୍ୟାନରୁ ଜଣାଯାଇଛି ଯେ ଶ୍ରେଣୀଗୃହରେ ପିଲାଙ୍କ ମୁଣ୍ଡରେ ଉକୁଣି ସଂକ୍ରମଣ ହାର ୭୨%। ଉକୁଣି ଡେଇଁପାରେନି କି ଉଡ଼ିପାରେନି, କେବଳ ଯାହା ସିଧାସଳଖ ସଂସ୍ପର୍ଶ ଦ୍ୱାରା ମୁଣ୍ଡରୁ ମୁଣ୍ଡକୁ ସ୍ଥାନାନ୍ତର ହୋଇଥାଏ। ଉକୁଣି ମାରିବା ପାଇଁ ବ୍ୟବହୃତ ରାସାୟନିକ ଉତ୍ପାଦଗୁଡ଼ିକ କୀଟନାଶକ ହୋଇଥିବାରୁ ନିଖଗୁଡ଼ିକ ବଞ୍ଚିଯାଆନ୍ତି। ତେଣୁ ଏ ପ୍ରକ୍ରିୟାରେ ମୁଣ୍ଡରୁ ସଂପୂର୍ଣ୍ଣ ଉକୁଣି ନିପାତ କରିବା କଷ୍ଟକର।

ଉକୁଣି ଦାଉରୁ ମୁକ୍ତି ଲାଗି ସର୍ବଶ୍ରେଷ୍ଠ ଉପାୟ ଏହିପରି- ପ୍ରଥମେ ଓଦା କେଶରେ ହେୟାର କଣ୍ଡିସନର ଲଗାଇ ପ୍ରାୟ ୨୦ ମିନିଟ ସେମିତି ଛାଡ଼ିଦିଅନ୍ତୁ। ତା'ପରେ ଏକ ସୂକ୍ଷ୍ମ ଦାନ୍ତଯୁକ୍ତ ପାନିଆଁରେ ମୁଣ୍ଡକୁ କୁଣ୍ଡାଇ କଣ୍ଡିସନରକୁ ଟାୱେଲ କି ଟିସୁରେ ପୋଛିଦିଅନ୍ତୁ। ଏହା ଦ୍ୱାରା ଉକୁଣିଗୁଡ଼ିକ ନିଷ୍କାସିତ ହୋଇଯିବେ। ତେବେ ନିଖଗୁଡ଼ିକର ବିଲୋପନ ପାଇଁ ଉକୁଣିର ଜୀବନଚକ୍ରକୁ ଭାଙ୍ଗିବାକୁ ପଡ଼ିବ। ସେଥିପାଇଁ ଉପରୋକ୍ତ ପ୍ରକ୍ରିୟାକୁ ଏକ ସପ୍ତାହର ବ୍ୟବଧାନରେ ଅନ୍ତତଃ ଆଉ ଦୁଇ ଥର ପୁନରାବୃତ୍ତି କଲେ ସଫଳତା ମିଳିପାରିବ।



# ନବଜାତଙ୍କୁ ଲୋଡ଼ା ଶ୍ରବଣ ପରୀକ୍ଷା



ଶ୍ରବଣ ହେଉଛି ଏକ ମୌଳିକ ଇନ୍ଦ୍ରିୟ ଯାହା ଶିଶୁମାନଙ୍କୁ ସାମାଜିକ ଦକ୍ଷତା ଆହରଣ କରିବାରେ ସାହାଯ୍ୟ କରିଥାଏ। ତେବେ ଶ୍ରବଣଶକ୍ତି ବିନା ଜନ୍ମ ନେଇଥିବା ଶିଶୁ ଯେ ଶୁଣିପାରୁନାହିଁ ତାହା ଜାଣିଲା ବେଳକୁ କିଛି ମାସ ଓ ଏପରିକି କିଛି ବର୍ଷ ବିତିଯାଇଥାଏ। ଭାରତରେ ପ୍ରତିବର୍ଷ ପ୍ରାୟ ଅଢ଼େଇ କୋଟି ଶିଶୁ ଜନ୍ମ ନେଉଥିବା ବେଳେ ଅଧିକାଂଶଙ୍କର ଶ୍ରବଣ ଶକ୍ତି ପରୀକ୍ଷା କରାଯାଇନଥାଏ। ଭାରତୀୟ ଶିଶୁମାନଙ୍କର ଶ୍ରବଣ ଶକ୍ତି ପରୀକ୍ଷା ବାଧ୍ୟତାମୂଳକ ହୋଇନଥିବାରୁ ବଧିର ଶିଶୁଙ୍କ ଚିକିତ୍ସା ସମ୍ଭାବନା ହ୍ରାସ ପାଇବା ସହ ବିଳମ୍ବ ହୋଇଥାଏ । ଏକ ପରିସଂଖ୍ୟାନ ଅନୁଯାୟୀ, ବିଶ୍ୱବ୍ୟାପୀ ହାରାହାରି ହଜାରେ ନବଜାତଙ୍କ ମଧ୍ୟରୁ ଏକରୁ ତିନି ଜଣ ଶିଶୁଙ୍କର ଶ୍ରବଣ ସମସ୍ୟା ଥାଏ। ଅଧିକନ୍ତୁ ଭାରତରେ ଜନ୍ମଗତ ଅସୁବିଧା, ସଂକ୍ରମଣ ଅଥବା ଆନୁବଂଶିକ କାରଣରୁ ବଧିରତା ସହ ଜନ୍ମ ହେଉଥିବା ଶିଶୁଙ୍କ ସଂଖ୍ୟା ଅଧିକ। ତେବେ ଜନ୍ମବେଳେ ବଧିରତା ନିରୂପଣ ଜରୁରି, କାରଣ ଶ୍ରବଣ ଶକ୍ତି ଶୈଶବାବସ୍ଥାର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ବର୍ଷରେ ଭାଷା ବିକାଶକୁ ସ୍ୱାଭାବିକ କରିଥାଏ। ଅପରପକ୍ଷେ, ବଧିରତା ନିର୍ଣ୍ଣୟରେ ବିଳମ୍ବ କଲେ ତାହା ଶିକ୍ଷଣ ଓ ଭାବ ଆଦାନପ୍ରଦାନରେ ବାଧା ଉପୁଜାଇଥାଏ। ବିଶେଷ କରି ଗ୍ରାମାଞ୍ଚଳରେ, ଯେଉଁଠି ସ୍ୱାସ୍ଥ୍ୟସେବା ସୁବିଧା କମ୍ ଥାଏ, ସେଠାରେ ଭିତ୍ତିଭୂମି ଓ ଉପଯୁକ୍ତ କର୍ମଚାରୀଙ୍କ ଅଭାବ ଶ୍ରବଣ ଶକ୍ତି ପରୀକ୍ଷା ଦିଗରେ ପ୍ରତିବନ୍ଧକ ସାଜିଥାଏ।

**ଜନ୍ମବେଳେ ବଧିରତା ନିରୂପଣ ଜରୁରି, କାରଣ ଶ୍ରବଣ ଶକ୍ତି ଶୈଶବାବସ୍ଥାର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ବର୍ଷରେ ଭାଷା ବିକାଶକୁ ସ୍ୱାଭାବିକ କରିଥାଏ। ତେଣୁ ଦେଶବ୍ୟାପୀ ନବଜାତ ଶିଶୁମାନଙ୍କର ଶ୍ରବଣ ପରୀକ୍ଷାକୁ ବାଧ୍ୟତାମୂଳକ କରିବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ତେବେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଓ ଉପଯୁକ୍ତ କର୍ମଚାରୀଙ୍କ ଅଭାବ ଏ ଦିଗରେ ବାଧକ ହୋଇ ରହିଛି।**

ଜନ୍ମରୁ ବଧିରତା ଏକ ବିପଦପୂର୍ଣ୍ଣ ଅବସ୍ଥା ନୁହେଁ। ସୁତରାଂ ଅନ୍ୟାନ୍ୟ ରୋଗର ପରୀକ୍ଷା ପରି ଏହାର ପରୀକ୍ଷାକୁ ଲୋକେ ଅତ୍ୟାବଶ୍ୟକ ମଣିନଥା'ନ୍ତି। ତେବେ ଦେଶବ୍ୟାପୀ ନବଜାତ ଶିଶୁମାନଙ୍କର ସାର୍ବଜନୀନ ଶ୍ରବଣ ପରୀକ୍ଷାକୁ ବାଧ୍ୟତାମୂଳକ କରିବାର ଅନେକ ଉପକାରିତା ରହିଛି। ତାହା ବଧିରତା ଚିହ୍ନଟ କରି ଶ୍ରବଣ ଯନ୍ତ୍ର କି କର୍ଣ୍ଣ ପଟଳ ପ୍ରତିରୋପଣ କି ବାଣୀ ଚିକିତ୍ସାକୁ ସୁନିଶ୍ଚିତ କରାଇପାରିବ। ଏହା ଦ୍ୱାରା ଭବିଷ୍ୟତରେ ଶ୍ରବଣ ଚିକିତ୍ସା ଜନିତ ବିପୁଳ ଖର୍ଚ୍ଚକୁ ରୋକାଯାଇପାରିବ। ଏଥି ସହିତ ଏହା ସାର୍ବଜନୀନ ସ୍ୱାସ୍ଥ୍ୟସେବାରେ ଅତିରିକ୍ତ ରୋଗ ନିରୂପଣକୁ ସୁନିଶ୍ଚିତ କରିବ। ବିଳମ୍ବରେ ରୋଗନିର୍ଣ୍ଣୟ ଜନିତ ଭାବପ୍ରବଣତା ଓ ଆର୍ଥିକ ବୋଝକୁ ଏଡ଼ାଇ ଏହା ପିତାମାତାଙ୍କୁ ସେମାନଙ୍କ ଶିଶୁର ସ୍ୱାସ୍ଥ୍ୟ ବିକାଶ ବାବଦରେ ନିଷ୍ପତ୍ତି ନେବା ଲାଗି ସଶକ୍ତ କରିବ।

ସର୍ବୋପରି ଭାରତରେ ଶ୍ରବଣ ପରୀକ୍ଷା ବାଧ୍ୟତାମୂଳକ କରାଇବା ଦ୍ୱାରା ବଧିର ପିଲାଙ୍କ ଜୀବନରେ ପରିବର୍ତ୍ତନ ଘଟି ସେମାନଙ୍କ ଭାଷା ଦକ୍ଷତାରେ ବିକାଶ ସହ ଶିକ୍ଷାଗତ ଉନ୍ନତି ହୋଇପାରିବ ଏବଂ ସେମାନଙ୍କୁ ସମାଜରେ ପୂର୍ଣ୍ଣ ଭାବରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ।



# ଦିନକୁ କେତେଥର ମୁହଁ ଧୋଇବା ଉଚିତ ?

ଚେହେରାକୁ ସଫା କରିବା ସବୁବେଳେ ସ୍କିନ୍ କେୟାର ରୁଟିନ୍‌ର ପ୍ରଥମ ପଦକ୍ଷେପ। କ୍ଲିନିକାଲ କସ୍ମେଟୋଲୋଜିଷ୍ଟଙ୍କ ମତରେ 'ମୁହଁ ଧୋଇବା ସମୟରେ ଆପଣ ଚର୍ମ ପୃଷ୍ଠରେ ଜମା ହୋଇଥିବା ମଇଳା, ତେଲ, ଝାଳ ଏବଂ ମୃତ ଚର୍ମ କୋଷଗୁଡ଼ିକୁ ବାହାରିଯାଏ। ଏହା ଛିଦ୍ରକୁ ଅନଲଗ୍ କରିବା, ବ୍ରଣକୁ ରୋକିବା, ତ୍ୱଚାର ହାଇଡ୍ରେସନ୍ ବଜାୟ ରଖିବା ଏବଂ ସାମଗ୍ରିକ ଚର୍ମ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ। ମୁହଁ ଧୋଇବାଦ୍ୱାରା ଚର୍ମ ଜନିତ ସମସ୍ୟା ସୃଷ୍ଟି ହେଉଥିବା ଆବର୍ଜନା ଦୂର ହୋଇଥାଏ। ସାଧାରଣତଃ ଦିନକୁ ଦୁଇଥର ମୁହଁ ଧୋଇବାକୁ ଡାକ୍ତରମାନେ ପରାମର୍ଶ ଦେଇଥା'ନ୍ତି- ଥରେ ସକାଳେ ଏବଂ ଥରେ ରାତିରେ।

- ମୁହଁ ଧୋଇବା ପୂର୍ବରୁ ପ୍ରଥମେ ହାତକୁ ଭଲଭାବେ ଧୋଇ ଦିଅନ୍ତୁ। ଅପରିଷ୍କାର ହାତ ଆପଣଙ୍କ ତ୍ୱଚା ପାଇଁ କୌଣସି ଉପକାର କରିବ ନାହିଁ।
- ସର୍ବଦା ଏକ କ୍ଲିଞ୍ଜର ବ୍ୟବହାର କରନ୍ତୁ ଯାହା ଆପଣଙ୍କ ତ୍ୱଚା ଅନୁକୂଳ ଅଟେ। ଆପଣଙ୍କର ତ୍ୱଚା ତୈଳଯୁକ୍ତ, ଶୁଷ୍କ କିମ୍ବା ମିଶ୍ରିତ କି ନାହିଁ ତାହା ଜାଣିବା ଜରୁରୀ।
- ଯଦିଓ ଆପଣ ସକାଳେ ସାମାନ୍ୟ କ୍ଲିଞ୍ଜର କିମ୍ବା କେବଳ ପାଣି ବ୍ୟବହାର କରି ମୁହଁ ଧୋଇପାରିବେ, ସନ୍ଧ୍ୟାରେ ମେକଅପ୍, ସନ୍ ସ୍କ୍ରିନ୍, ମଇଳା ଏବଂ ପ୍ରଦୂଷଣକୁ ଦୂର କରିବା ପାଇଁ ଅଧିକ ପରିଷ୍କାର ରୁଟିନ୍ ଅନୁସରଣ କରନ୍ତୁ।
- ଆପଣ ରାତିରେ ଡବଲ କ୍ଲିନିଂ ପଦ୍ଧତି ମଧ୍ୟ ଅନୁସରଣ କରିପାରିବେ। ଯେଉଁମାନେ ନିୟମିତ ମେକଅପ୍ ଲଗାନ୍ତି ସେମାନଙ୍କ ପାଇଁ ଭଲ।
- ଗରମ ପାଣି ବ୍ୟବହାର କରିବାରୁ ଦୂରେଇ ରୁହନ୍ତୁ, କାରଣ ଏହା ଏହାର ପ୍ରାକୃତିକ ତେଲରୁ ତ୍ୱଚାକୁ ଛଡ଼ାଇ ଦେଇଥାଏ ଏବଂ ଶୁଷ୍କତା ସୃଷ୍ଟି କରିଥାଏ। ଆପଣ ଉଷ୍ମ ପାଣି ବ୍ୟବହାର କରିପାରିବେ।
- ଏହାବ୍ୟତୀତ କଠୋର ସ୍କ୍ରବରୁ ଦୂରେଇ ରୁହନ୍ତୁ ଏବଂ ଚର୍ମକୁ ଧୀରେ ଧୀରେ ଶୁଖିବାଦ୍ୱାରା ଜଳାପୋଡ଼ାରୁ ରକ୍ଷା ପାଇପାରିବେ।

## ସକାଳ ଏବଂ ସନ୍ଧ୍ୟାରେ ସଫା କରିବାର ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ରହିଛି

- ସକାଳ ମୁହଁଧୁଆରୁ ତ୍ୱଚାକୁ ବାହ୍ୟ ସମସ୍ୟାରୁ ରକ୍ଷା କରିଥାଏ, ହାଇଡ୍ରେସନ୍ ପ୍ରଦାନ କରିଥାଏ ଏବଂ ତ୍ୱଚାକୁ ଦିନସାରା ପ୍ରସ୍ତୁତ କରିଥାଏ। ସକାଳୁ ସଫା କରିବାଦ୍ୱାରା ଆପଣଙ୍କ ତକିଆ କିମ୍ବା କେଶରୁ ତ୍ୱଚାରେ ରାତିସାରା ସୃଷ୍ଟି ହୋଇଥିବା ବ୍ୟାକ୍ଟେରିଆକୁ ହଟାଇ ଥାଏ।
- ରାତିର ମୁହଁଧୁଆରୁ ମେକଅପକୁ ଦୂର କରିଥାଏ, ଭଲ ଭାବରେ ସଫା କରିଥାଏ ଏବଂ ଶୋଇବା ସମୟରେ ତ୍ୱଚାର ଆର୍ଦ୍ରତା ଏବଂ ପୋଷକ ତତ୍ତ୍ୱକୁ ପୂରଣ କରିଥାଏ। ରାତିରେ ସଫା କରିବାଦ୍ୱାରା ସନ ସ୍କ୍ରିନ୍, ମଇଳା, ମେକଅପ୍ ଏବଂ ଜମା ହୋଇଥିବା ଅଶୁଦ୍ଧି ଦୂର ହୋଇଥାଏ।

# ପୁରୁଷମାନେ ଠିଆହୋଇ ପରିସ୍ରା କରିବା ଉଚିତ କି ?



- ଚିକିତ୍ସକଙ୍କ ମତରେ ଯଦି ଆପଣ ଠିଆହୋଇ ପରିସ୍ରା କରୁଛନ୍ତି ପେଲଭିସ ଓ ସ୍ପାଇନ ର ମସଲସ ସଂକୁଚିତ ହୋଇ ଯାଇଥାଏ । ୨୦୧୪ ରେ ଗୋଟିଏ ଅଧ୍ୟୟନ ଅନୁସାରେ ଚିକିତ୍ସକ ମାନେ ମତ ଦେଇଥିଲେ ଯେ ଠିଆହୋଇ ପରିଶ୍ରା କରିବା ଦ୍ୱାରା ହିପ ମସଲସ ରିଲାକ୍ସ ହୋଇଥାଏ । ଯାହାଦ୍ୱାରା ପରିସ୍ରା କରିବା ଖୁବ ସହଜ ହୋଇଥାଏ ।
- ଅନ୍ୟ ଗୋଟିଏ ଅଧ୍ୟୟନ ଅନୁସାରେ ବସିକି ପରିସ୍ରା କରିବା ଦ୍ୱାରା ବ୍ଲାଡର ଠିକ ଭାବରେ ସଫା ହୋଇଥାଏ, ଏବଂ ବ୍ଲାଡର ଉପରେ ଅଧିକ ପ୍ରେସର ମଧ୍ୟ ପଡ଼ିନଥାଏ।
- ଅନ୍ୟ ଗୋଟିଏ ଅଧ୍ୟୟନ ଅନୁସାରେ ବିଶେଷଜ୍ଞ ମତ ଦେଇଛନ୍ତି ଯେ ଯଦି ଆପଣଙ୍କ ବ୍ଲାଡର ଠିକ ଭାବରେ ଖାଲି ହେଉନାହିଁ, ଏବଂ ବାରମ୍ବାର ପରିଶ୍ରା ଲାଗୁଚି ତେବେ ଏହା ୟୁରିନାରୀ ପ୍ରୋବ୍ଲେମ ମଧ୍ୟ ହୋଇପାରେ।

# ଶରୀରର ଉତ୍ତାପ ଦୂର କରିବ ନଡ଼ିଆ ପାଣି

ଗ୍ରୀଷ୍ମ ଋତୁରେ ନଡ଼ିଆ ପାଣିର ଅନେକ ଫାଇଦା ରହିଛି। ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଓ କ୍ୟାଲସିୟମ୍ ଭଳି ଇଲେକ୍ଟ୍ରୋଲାଇଟ୍‌ରେ ଭରପୂର ନଡ଼ିଆ ପାଣି ଝାଳରେ ନିର୍ଗତ ତରଳ ପଦାର୍ଥକୁ ପୂରଣ କରିବାରେ ସାହାଯ୍ୟ କରିଥାଏ, ଯାହା ଶରୀରକୁ ହାଇଡ୍ରେଟ୍ ରଖିବା ସହ ଡିହାଇଡ୍ରେସନ୍‌କୁ ରୋକିଥାଏ। ଏଥିରେ ଥିବା ଉଚ୍ଚ ପୋଟାସିୟମ୍ ହୃତ୍‌ପିଣ୍ଡର ସ୍ୱାସ୍ଥ୍ୟକୁ ସମର୍ଥନ କରିବା ସହ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ନଡ଼ିଆ ପାଣିରେ କ୍ୟାଲୋରୀ ଓ ଚିନିର ମାତ୍ରା କମ୍ ଥାଏ, ଯାହା ମିଠା ପାନୀୟର ଏକ ସୁସ୍ଥ ବିକଳ୍ପ ହୋଇଥାଏ। ଏହାର ପ୍ରାକୃତିକ ମଧୁରତା ଏବଂ ସାମାନ୍ୟ ସ୍ୱାଦ ଏହାକୁ ଗରମ ଦିନରେ ଥଣ୍ଡା ଏବଂ ହାଇଡ୍ରେଟେଡ୍ ରହିବାର ସର୍ବୋତ୍ତମ ଉପାୟ କରିଥାଏ।





# ଆଇଟି ବୃତ୍ତିଧାରୀଙ୍କୁ ଫ୍ୟାଟି ଲିଭର ବିପଦ

ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ପେସାଧାରୀମାନଙ୍କ ମଧ୍ୟରୁ ସିଂହଭାଗ କର୍ମଚାରୀ ମେଟାବୋଲିକ୍ ଡିସ୍‌ଫଙ୍କସନ୍ ଆସୋସିଏଟେଡ୍ ଫ୍ୟାଟି ଲିଭର ଡିଜିଜ୍ (ଏମ୍‌ଏଏଫ୍‌ଏଲ୍‌ଡି)ରେ ପୀଡ଼ିତ ବୋଲି ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ଗବେଷକମାନଙ୍କ ସଦ୍ୟ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି।

ଭାରତରେ ପ୍ରାୟ ୫୪ ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ଆଇଟି ଶିଳ୍ପରେ ଶାରୀରିକ ପରିଶ୍ରମବିହୀନ କାର୍ଯ୍ୟ ସଂସ୍କୃତି ରହିଛି। ତେଣୁ କର୍ମସ୍ଥଳରେ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ରହିବା, କାର୍ଯ୍ୟଚାପ, ଖରାପ ଖାଦ୍ୟାଭ୍ୟାସ, ଅସ୍ୱାଭାବିକ ଶୟନ ଓ ଶାରୀରିକ ନିଷ୍କ୍ରିୟତା ଯୋଗୁଁ ପ୍ରାୟ ୮୪ ପ୍ରତିଶତ ଆଇଟି ବୃତ୍ତିଧାରୀ ଫ୍ୟାଟି ଲିଭର୍‌ର ଶିକାର ହୋଇଥା'ନ୍ତି ବୋଲି ଅନୁଧ୍ୟାନରୁ ଜଣାଯାଇଛି। ଏହି ଅଧ୍ୟୟନରେ ୨୦୨୩ ଜୁଲାଇରୁ ୨୦୨୪ ଜୁଲାଇ ମଧ୍ୟରେ ହାଇଦ୍ରାବାଦର ୩୪୫ ଜଣ ଆଇଟି ବୃତ୍ତିଧାରୀଙ୍କୁ ସାମିଲ କରି ଗବେଷକମାନେ ଏପରି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଯକୃତ୍ ବା ଲିଭରରେ ୫ ପ୍ରତିଶତରୁ ଅଧିକ ଚର୍ବି ଗଚ୍ଛିତ ହେବା ଅବସ୍ଥାକୁ ଫ୍ୟାଟି ଲିଭର କୁହାଯାଏ, ଯାହା ସିରୋସିସ୍ ଓ ଲିଭର କ୍ୟାନ୍‌ସର ଭଳି ରୋଗ ସୃଷ୍ଟି କରେ। ଠିକଣା ସମୟରେ ଯଦି ଏହି ସମସ୍ୟାକୁ ଦୂର କରାନଯାଏ, ତେବେ ପ୍ରତ୍ୟଙ୍ଗ ପ୍ରତିରୋପଣ ଅପରିହାର୍ଯ୍ୟ ହୋଇପଡ଼େ। ଅଧ୍ୟୟନରେ ସାମିଲ ଥିବା ଆଇଟି ବୃତ୍ତିଧାରୀଙ୍କ ମଧ୍ୟରୁ ୭୧ ପ୍ରତିଶତ ମେଦବହୁଳ ହୋଇଥିବା ବେଳେ ୩୪ ପ୍ରତିଶତଙ୍କର ମଧୁମେହ, ଉଚ୍ଚ ରକ୍ତଚାପ ଓ ମେଦବହୁଳତା ସହ ଜଡ଼ିତ ମେଟାବୋଲିକ୍ ସିଣ୍ଡ୍ରୋମ୍ ପରି ରୋଗ ସମସ୍ୟା ରହିଥିବା ଜଣାଯାଇଛି। ତେଣୁ ଆଇଟି ଉଦ୍ୟୋଗଗୁଡ଼ିକ ଏଥିପାଇଁ ସୁଦକ୍ଷ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କରିବାକୁ ଗୁରୁତ୍ୱାରୋପ କରାଯାଇଛି। ଯଦିଓ ଅନେକ ଉଦ୍ୟୋଗରେ ଉନ୍ନତ ସ୍ୱାସ୍ଥ୍ୟ ଯୋଜନାମାନ କାର୍ଯ୍ୟକାରୀ ହେଉଛି, ତେବେ କର୍ମଚାରୀମାନେ ସକ୍ରିୟ ଭାବେ ଶାରୀରିକ ପରିଶ୍ରମ କରିବାକୁ ଗବେଷକମାନେ ପରାମର୍ଶ କରିଛନ୍ତି। ନିୟମିତ ଡାକ୍ତରୀ ପରୀକ୍ଷା, ଉନ୍ନତ କାର୍ଯ୍ୟ-ଜୀବନ ସନ୍ତୁଳନ ଓ ଫ୍ୟାଟି ଲିଭର ରୋଗ ନିର୍ଣ୍ଣୟ ଦ୍ୱାରା ଏଭଳି ସ୍ଥିତିକୁ ଦୂର କରାଯାଇପାରିବ ବୋଲି କୁହାଯାଇଛି।

# ଜିଲ୍ଲା ସମବାୟ ବିଭାଗ ଦ୍ୱାରା ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ



**ସୁନ୍ଦରଗଡ଼,୯।୩(ସଂଚାର ବ୍ୟୁରୋ):** ଆନ୍ତର୍ଜାତୀୟ ମହିଳା ଦିବସ ତଥା ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ଶନିବାର ଜିଲ୍ଲା ସମବାୟ ବିଭାଗ ଆନୁକୂଲ୍ୟରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହାର ଶୀର୍ଷକ ରହିଥିଲା 'ସମବାୟ ସୁଦୃଢ଼ୀକରଣରେ ମହିଳାଙ୍କ ଅବଦାନ'। ଏହି ସଚେତନତା ପଦଯାତ୍ରାକୁ ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର,ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଶୁଭାରମ୍ଭ କରିଥିଲେ। ଡିଆରସିଏସ ଉମାଶଙ୍କର ଦାସଙ୍କ ଦ୍ୱାରା ସଂଯୋଜିତ ଏହି କାର୍ଯ୍ୟକ୍ରମ ରେ ସମବାୟ ସହ ସଂଶ୍ଳିଷ୍ଟ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଏଆରସିଏସ, ଜିଲ୍ଲାର ସ୍ତରୀୟ ଅଧିକାରୀ, ଅନ୍ୟ କର୍ମଚାରୀ ତଥା ସମବାୟପ୍ରେମୀ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ପରେ ପରେ ସୁନ୍ଦରଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା । ଏହି ଅବସରରେ ମହିଳା ସଶକ୍ତିକରଣ ଉପରେ ଆଲୋଚନା କରାଯାଇଥିଲା ଏବଂ ସମବାୟ ଆନ୍ଦୋଳନରେ ମହିଳାଙ୍କ ଉଲ୍ଲେଖନୀୟ ଅଂଶ ଗ୍ରହଣକୁ ଭୂୟସି ପ୍ରଶଂସା କରିଥିଲେ । ଏହି ଅବସରରେ ପାଲା ମାଧ୍ୟମରେ ସମବାୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା, ସମବାୟ ବର୍ଷ ସାରା ପାଳନ ହେବାକୁ ଥିବା ବିଭିନ୍ନ ସମବାୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ ନିମନ୍ତେ ବାର୍ତ୍ତା ଦିଆଯାଇଥିଲା ଏବଂ ଶେଷରେ ମହିଳା ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ନିଜ ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କୁ ଘୋର ବିରୋଧ

**ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ):** ଧାନ କିଣାରେ ବ୍ୟାପକ ଦୁର୍ନିତୀ ଓ ମିଲରମାନେ ମନମାନି କରି ୬ରୁ ୧୦ କେଜି ପର୍ଯ୍ୟନ୍ତ କାଟ, ଏହାରି ବିରୁଦ୍ଧରେ ନବନିର୍ମାଣ କୃଷକ ସଂଗଠନର ଶୀର୍ଷ ନେତା ଅକ୍ଷୟ କୁମାର ୨୩ ଦିନ ହେଲା ଅନଶନରେ ବସିଥିଲେ ବି ସରକାର ଆଲୋଚନାକୁ ଓହ୍ଲାଇନାହାଁନ୍ତି। ସରକାରଙ୍କ ତରଫରୁ ଏନେଇ କୌଣସି ଆଲୋଚନା ପାଇଁ ଉଦ୍ୟମ ଆରମ୍ଭ ହୋଇନଥିବା ବେଳେ, କେବଳ ଲୋକ ଦେଖାଣିଆ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର କିଛି ଅଫିସରଙ୍କୁ ଅକ୍ଷୟ କୁମାରଙ୍କ ପାଖକୁ ପଠାଇଥିଲେ। କିନ୍ତୁ ପ୍ରକୃତରେ ଯେଉଁମାନେ ଏହି ଦୁର୍ନିତୀରେ ନିର୍ଣ୍ଣାୟକ ଭୂମିକା ନେଇପାରିବେ, ସେମାନେ ଏ ପର୍ଯ୍ୟନ୍ତ ଆଲୋଚନାକୁ ଆସିନାହାଁନ୍ତି। ଅକ୍ଷୟ କୁମାରଙ୍କ ଅନଶନକୁ ସମର୍ଥନ କରି ବିଭିନ୍ନ ସ୍ଥାନରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଯୋଗାଣମନ୍ତ୍ରୀଙ୍କୁ ବିରୋଧ ଆରମ୍ଭ ହୋଇଛି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ନିର୍ବାଚନ ମଣ୍ଡଳୀ କେନ୍ଦୁଝରରେ ଏକ ସରାକାରୀ ସଭାରେ ଥିବା ବେଳେ ଚାଷୀ ନେତାମାନେ ଚାଷୀଙ୍କ ଧାନ ଲୁଟ୍ ଏବଂ ଅକ୍ଷୟ କୁମାରଙ୍କ ସହ ଆଲୋଚନା ନକରିବା ପ୍ରତିବାଦରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ କେନ୍ଦୁଝର ଜିଲ୍ଲା ପୋଲିସ ସଂଗଠନର ଜିଲ୍ଲା ସଂଯୋଜକ ଖଗେଶ୍ୱର ମାହାନ୍ତ, ଜିଲ୍ଲା ସଂପାଦକ ଦୁର୍ଯ୍ୟଧନ ମାହାନ୍ତ, ଜିଲ୍ଲା ମହିଳା ସଂଯୋଜିକା ବିଳାସିନୀ ମହାନ୍ତ, ନାରୀ ନେତ୍ରୀ ଦ୍ରୌପଦୀ ମାହାନ୍ତଙ୍କୁ ଗିରଫ କରି ପରେ ଛାଡ଼ି ଦେଇଥିଲା। ଅନୁରୂପ ଭାବେ, ଗତ କାଲି ନୟାଗଡ଼ରେ ଯୋଗାଣ ମନ୍ତ୍ରୀଙ୍କୁ ବିରୋଧ କରିବାକୁ ଯାଇ ଜିଲ୍ଲା ସଂଯୋଜକ ପ୍ରସନ୍ନ ପ୍ରଧାନ ଓ ଭାପୁର ସଂଯୋଜକ ଅଭିମନ୍ୟୁ ଗୁମାନସିଂ ଅଟକ ରହିଥିଲେ। ସେହିଭଳି ଆଗାମୀ ୧୧ ତାରିଖରେ ଶୋଭାଯାତ୍ରାକୁ ସଫଳ କରିବା ପାଇଁ କର୍ମୀମାନେ ତୃଣମୂଳ ସ୍ତରରେ ବ୍ୟାପକ ଉଦ୍ୟମ କରୁଛନ୍ତି। ଧାନ କିଣା ଦୁର୍ନିତୀକୁ ନେଇ ଜଗତସିଂହପୁର, ଗଜପତି, ନୟାଗଡ଼, ଭଦ୍ରକ ଓ କଟକରେ ଚାଷୀମାନେ ଗଣତାନ୍ତ୍ରିକ ଉପାୟରେ କ୍ୱିଣ୍ଟାଲ ପିଛା ୫ରୁ ୧୧ କେଜି ପର୍ଯ୍ୟନ୍ତ କାଟକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

# ପତଞ୍ଜଳି ଯୋଗଶିକ୍ଷା କେନ୍ଦ୍ରରେ 'ବିଶ୍ୱ ମହିଳା ଦିବସ' ପାଳିତ

**ବାଲେଶ୍ୱର,୯।୩(ସଂଚାର ବ୍ୟୁରୋ):** 'ପତଞ୍ଜଳି ପରିବାର' ପକ୍ଷରୁ ଚାନ୍ଦମାରି ପଡ଼ିଆସ୍ଥିତ ଯୋଗଶିକ୍ଷାକେନ୍ଦ୍ର ପରିସରରେ ଶନିବାର ଦିନ ସନ୍ଧ୍ୟାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିପାଇଁ ଅନୁଷ୍ଠିତ ବୈଠକରେ ଗୁରୁମା ଯଶୋମତୀ ଶୀଳ ଯୋଗ ଦେଇ ମହିଳାମାନଙ୍କର ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ଆଲୋକପାତ କରିଥିଲେ। ଏକ ସୁସ୍ଥ ପରିବାର ଓ ସୁସ୍ଥ ସମାଜ ଗଠନରେ ମହିଳାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଯୋଗ ଶିକ୍ଷୟିତ୍ରୀ ଶ୍ରୀମତୀ ଶୀଳ ମତପ୍ରଦାନ କରିଥିଲେ। ସମାଜସେବୀ ତଥା ନାରୀନେତ୍ରୀ ସରସ୍ୱତୀ ପଣ୍ଡା ଗତ ୧୯୦୮ ମସିହାରେ ଆମେରିକାର ମହିଳାମାନେ ସର୍ବପ୍ରଥମେ ସଂଗଠିତ ଭାବେ କାର୍ଯ୍ୟକ୍ଷେତ୍ରରେ ଓ ସାମାଜିକ କ୍ଷେତ୍ରରେ ପୁରୁଷମାନଙ୍କ ସହ ସମାନତାର ଅଧିକାର ଦାବି କରିଥିଲେ। ତତ୍ପରେ ଗତ ୧୯୧୧ ମସିହାରେ ସମଗ୍ର ବିଶ୍ୱ ମହିଳାମାନଙ୍କର ଏହି ଦାବି ଓ ଅଧିକାରକୁ ସ୍ୱୀକାର କରି ବିଶ୍ୱବ୍ୟାପୀ ମହିଳା ଦିବସ ପାଳନ କରୁଛି ବୋଲି ସେ କହିଥିଲେ।

## ଜଳବନ୍ଦୀରେ ଜିଉଁଥିବା ନିରୀହ ଆଦିବାସୀ ବଞ୍ଚିବାର ରାହା ଖୋଜୁଛନ୍ତି

# ଭୋକର ଭୂଗୋଳକୁ ଭାତହାଣ୍ଡି କରିଥିବା ଲୋକଙ୍କୁ ଭୁଲିଗଲେ ସରକାର

**କଳାହାଣ୍ଡି,୯।୩(ସଂଚାର ବ୍ୟୁରୋ):** ଦିନେ କଳାହାଣ୍ଡିକୁ ଭୋକର ଭୂଗୋଳ ବୋଲି ରାଜ୍ୟ ତଥା ଦେଶରେ ଚିତ୍ରଣ କରାଯାଉଥିଲା। ଲୋକେ ଖାଇବାକୁ ନ ପାଇ ଭୋକଉପାସରେ ଦିନ କାଟୁଥିଲେ। କଳାହାଣ୍ଡି ଜିଲାରେ ଜଳସେଚନ ସୁବିଧା ହେଲେ ଚାଷୀଙ୍କ ଅର୍ଥନୈତିକ ମାନଦଣ୍ଡ ସହିତ ମୁଣ୍ଡପିଛା ଆୟ ବୃଦ୍ଧି ପାଇବା ଆଶାରେ ଇନ୍ଦ୍ରାବତୀ ଜଳଭଣ୍ଡାରରେ ପରିକଳ୍ପନା କରାଯାଇଥିଲା। ଇନ୍ଦ୍ରାବତୀ ପ୍ରକଳ୍ପ ଯୋଗୁ ଅନେକ ଗାଁ ବୁଡିଗଲା, ଅନେକଙ୍କ ଜମି ଗଲା, ଗରିବ ଲୋକେ ବେସାହାରା ହୋଇଗଲେ। ସେତେବେଳର ସରକାର ଶାଗାମାଛ ଦରରେ ଜୋର ଜବରଦସ୍ତ ଗରିବ ଆଦିବାସୀଙ୍କ ଜମି ଛଡାଇ ନେଇଥିଲେ। ଏହି ପରିକଳ୍ପନା ସାକାର ହେବା ପରେ କଳାହାଣ୍ଡି ଜିଲା ଧାନ୍ୟାନ୍ନରେ ପରିପୂର୍ଣ୍ଣ ହୋଇ ରାଜ୍ୟରେ ଭାତହାଣ୍ଡି ଭାବେ ପରିଚିତ ହେଲା। ହେଲେ ଯେଉଁମାନଙ୍କ ବଳିଦାନ ଯୋଗୁ କଳାହାଣ୍ଡି ଶସ୍ୟଶ୍ୟାମଳା ହେଲା ସେମାନେ ଆଜି ଅବହେଳିତ। ଜିଲାରେ ଜଳସେଚନ ସୁବିଧା ପାଇଁ ଇନ୍ଦ୍ରାବତୀର ପରିକଳ୍ପନା କରାଗଲା। ୧୯୮୯ରୁ ୧୯୯୨ ମସିହା ମଧ୍ୟରେ ୧୫୦୦ ପରିବାରର ୧୧ ହଜାର ଲୋକଙ୍କୁ ବିସ୍ଥାପିତ କରାଯାଇଥିଲା। ପ୍ରକଳ୍ପ ପରିକଳ୍ପନା ସାକାର ହେବା ପରେ ଜିଲାର ଧର୍ମଗଡ଼ ଉପଖଣ୍ଡ ଓ ଭବାନୀପାଟଣାର କିଛିଅଂଶ ଶସ୍ୟଶ୍ୟାମଳା ହୋଇ ମରୁଡିରୁ ତ୍ରାହି ପାଇଛି। ଧାନ ଉତ୍ପାଦନରେ କଳାହାଣ୍ଡି ଜିଲା ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ରାଜ୍ୟର ଭାତହାଣ୍ଡି ଭାବରେ ନିଜର ସ୍ୱତନ୍ତ୍ର ସ୍ଥାନ ପାଇପାରିଛି। ସେହିପରି ଡାଲିଜାତୀୟ ଫସଲ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରିଛି। କିନ୍ତୁ ଜଳଭଣ୍ଡାର ପାଇଁ ଯେଉଁମାନେ ବିସ୍ଥାପିତ ହେଲେ ସେମାନେ ଆଜି ବି ଜଳବନ୍ଦୀ ଜୀବନ ଜିଉଁଛନ୍ତି। ଇନ୍ଦ୍ରାବତୀ ଜଳଭଣ୍ଡାର ପାଇଁ ଅବିଭକ୍ତ କୋରାପୁଟ ଜିଲାର ୪୪ ଗାଁ ଓ କଳାହାଣ୍ଡି ଜିଲାର ୫୩ଗାଁ ବିସ୍ଥାପିତ ହେଲେ। କଳାହାଣ୍ଡି ଜିଲାର ୪୮ ଓ ନବରଙ୍ଗପୁର ଜିଲାର ୧୦ ଗାଁ ଜଳଭଣ୍ଡାରରେ ବୁଡିରହିଲା। ୯ଟି ଗାଁ ଆଂଶିକ ଭାବରେ ଜଳମଗ୍ନ ହେଲା । ଏହି ପ୍ରକଳ୍ପ ପାଇଁ ଜିଲାର ଥୁଆମୂଳ ରାମପୁର ବ୍ଲକର ଅନେକ ଅଞ୍ଚଳ ଜଳଭଣ୍ଡାର ମଧ୍ୟରେ ଲୀନ ହୋଇଗଲା। ବିଶେଷ କରି ଏହି ବ୍ଲକର ପୋଡାପଦର ପଞ୍ଚାୟତର ଘଟଗୁଡ଼ା, ପୋଡାପଦର, ଚେନ୍ତୁଲିପଦର, କାଜୁବାଡ଼ି, ଲିଟିମସା, ଭିତରଗୁଡ଼ା, ସରାପଦର, ଟେମରା, ଝିରି, ଭୁରଭୁରି, ତଳଟେମରା, ଉପରଟେମରା, ତଳଗୁଣମାଲି, ଉପର ଗୁଣମାଲି, କଲାଡି, ଡନପଙ୍ଗା, କନ୍ତୁପାଟ ସମେତ ୧୬ ଗ୍ରାମ ମଧ୍ୟରୁ ୩ଟି ରାଜସ୍ୱ ଗ୍ରାମ ଓ ୧୩ଟି ଉପଗ୍ରାମ ଓ ମାଳିଗାଁ ପଞ୍ଚାୟତର କେ. ପେଟେଗାଟି ପ୍ରମୁଖ ଗ୍ରାମ ଜଳବନ୍ଦୀ ଘେରରେ ରହି ଭୌଗୋଳିକ ପରିସୀମାରେ ନିଜର ପରିଚୟ ଖୋଜୁଛନ୍ତି। ଅନେକ ଲୋକ ନିଜ ଘରଦ୍ୱାର, ବାଗଜମି ହରାଇଲେ। ଶାଗାମାଛ ମୂଲ୍ୟରେ ଏମାନଙ୍କ ସମ୍ପତ୍ତି ମୂଲ୍ୟାୟନ କରି ବଞ୍ଚିବା ପାଇଁ ସହାୟତା ରାଶି ବଣ୍ଟନ ବ୍ୟବସ୍ଥାରେ ପ୍ରତାରଣା କରାଯାଇଥିଲା। ଏବେ ବି ସେମାନେ ବଞ୍ଚିବାର ରାହା ଖୋଜୁଛନ୍ତି। ଛୋଟ ଡିଙ୍ଗାମାନେ ଖାଦ୍ୟ ଭାବେ ମାଣ୍ଡିଆ ସହିତ ଚେନ୍ତୁଲି ଶାଗଖିବା ଦେଖିବାକୁ ମିଳିଛି। ଗତ ୨୪ ବର୍ଷର ବିଜେଡି ସରକାର ଜଳବନ୍ଦୀ ଜୀବନ ଜିଉଁଥିବା ଏହି ନିରୀହ ଆଦିବାସୀଙ୍କୁ ଅଣଦେଖା କଲେ। ବର୍ତ୍ତମାନ ରାଜ୍ୟରେ ଭାଜପା ସରକାର ଆସିଥିବାବେଳେ ଆଦିବାସୀମାନଙ୍କ ଦୁଃଖ କେବେ ବୁଝୁଛନ୍ତି ତାହା ଦେଖିବାକୁ ବାକିରହିଲା।


ଦିନେ ଇନ୍ଦ୍ରାବତୀ ପ୍ରକଳ୍ପ ପାଇଁ ସର୍ବସ୍ୱ ଦାନ କରିଥିଲେ

# ଶ୍ରେଷ୍ଠ ସିଡିପିଓ ଭାବେ ମମତା ସମ୍ବର୍ଦ୍ଧିତ

## ଶ୍ରେଷ୍ଠ ପୁରସ୍କାର ଅଧିକ କାମ କରିବାକୁ ଉତ୍ସାହିତ କରିବ




**କାକଟପୁର /ଅସ୍ତରଙ୍ଗ,୯।୩(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସରେ ଶ୍ରେଷ୍ଠ ମଣ୍ଡଳଶିଶୁବିକାଶ ଅଧିକାରିଣୀ ଭାବେ ମମତା ନାୟକ ସମ୍ବର୍ଦ୍ଧିତ। ନାରୀ ଏକ ଶକ୍ତି, ଏକ ସ୍ନେହମୟୀ ହୃଦୟ, ଏକ ସ୍ୱପ୍ନ ସାକାର କରିବାର ଅତୁଟ ସାମର୍ଥ୍ୟ ସେ ଜୀବନ ନିର୍ମାତା, ସମାଜର ଅଙ୍ଗ ସ୍ୱରୂପ। ନାରୀ ଏକ ମାତ୍ର ସଂଜ୍ଞା ନୁହେଁ, ସେ ହେଉଛି ଆଦର୍ଶ ଭଲ ପାଇବା ଏବଂ ସଙ୍ଘର୍ଷ ଚିହ୍ନ। ଏମିତି ମହନୀୟତା କାର୍ଯ୍ୟ କରି ଆନ୍ତର୍ଜାତୀୟ ମହିଳା ଦିବସରେ କୋଣାର୍କ ଯାତ୍ରୀ ନିବାସ ବାଙ୍କୁଏଟ ହଲରେ ମହିଳା ଓ ଶିଶୁବିକାଶ ବିଭାଗ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ମହିଳା ଦିବସ କାର୍ଯ୍ୟକ୍ରମ ରେ ଗୋପ ବିଡ଼ିଓ ଛବିରାଣୀ ସାହୁ, ନିମାପଡା ବିଡ଼ିଓ ଅଭିଜିତ ଷଡ଼ଙ୍ଗୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ତନୁପ୍ରଭା ବେଉରା ଅତିଥି ଭାବେ ଉପସ୍ଥିତ ରହି ପୁରୀ ଜିଲ୍ଲାରେ ଶ୍ରେଷ୍ଠ ସିଡିପିଓ ଭାବେ ଅସ୍ତରଙ୍ଗ ମଣ୍ଡଳ ଶିଶୁବିକାଶ ଅଧିକାରିଣୀ ମମତା ନାୟକ ଙ୍କୁ ଉପଢ଼ୌକନ ସହ ମାନପାତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ମତୀ ନାୟକ ଅସ୍ତରଙ୍ଗ ରେ ଯୋଗଦେବା ଦିନ ଠାରୁ ମଣ୍ଡଳ ଶିଶୁବିକାଶ ଅଧୀନ ଥିବା ସମସ୍ତ କେନ୍ଦ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ସରକାରୀ ନୀତିନିୟମ ଅନୁଯାଇ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ କିଶୋରୀ ବାଳିକାଙ୍କୁ ଶିଶୁନିର୍ଯାତନା, ପୋକ୍ସ ଆଇନି ଓ ଶିଶୁ ଶ୍ରମିକ ଏକ ଦଣ୍ଡନିୟ ଅପରାଧ ସମ୍ପର୍କରେ ସଚେତନତା ସହିତ ମହିଳା ସଶକ୍ତିକରଣ ଉପରେ ସଚେତନ କରାଇଥାନ୍ତି। ଏହା ସହ ସୁଭଦ୍ରା ଯୋଜନା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ସଫଳ ରୂପାୟନ କରିଥାନ୍ତି।

# ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର କନ୍‌ଭେନସନ

**ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ):** ଓଡ଼ିଶାରେ ପ୍ରାଥମିକ ଶିକ୍ଷା ଅତ୍ୟନ୍ତ ଦୁର୍ଦ୍ଦିନରେ ଚାଲିଛି। ଗୋଟିଏ ପଟେ ସରକାର ଖାଲିଥିବା ପଦରେ ନିୟମିତ ଶିକ୍ଷକ ନିଯୁକ୍ତି ନ କରି ଚୁକ୍ତିରେ ସ୍ନାତକ ଶିକ୍ଷକମାନଙ୍କୁ ନିଯୁକ୍ତି କରି ଉଚ୍ଚ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଶୋଷଣ କରୁଛନ୍ତି। ବହୁଦିନ ଧରି ପ୍ରାଥମିକ ଶିକ୍ଷକମାନେ ସେମାନଙ୍କର ନ୍ୟାୟୋଚିତ ଦାବି କରି ଆସୁଥିଲେ ମଧ୍ୟ ପ୍ରାଥମିକ ଶିକ୍ଷାରୁ ଚୁକ୍ତି ନିଯୁକ୍ତି ଉଠୁନାହିଁ। ସେମାନଙ୍କର ୬ ବର୍ଷର ଚୁକ୍ତି କାର୍ଯ୍ୟକାଳକୁ ନୋସନାଲ ଇନ୍‌କ୍ରିମେଣ୍ଟ ଦେଇ ଗଣନା କରାଯାଉ ନାହିଁ। ଅନ୍ୟ ରାଜ୍ୟ ଭଳି ସେମାନଙ୍କୁ ଅବିକଳ କେନ୍ଦ୍ରୀୟ ହାରରେ ଦରମା ଦିଆଯାଉ ନାହିଁ। ସେମାନଙ୍କୁ ପୂର୍ଣ୍ଣ ଚାକିରି ସର୍ତ୍ତାବଳୀ ଓ ପେନସନ ବ୍ୟବସ୍ଥାକୁ ପୁନଃ ପ୍ରଚଳନ କରାଯାଉ ନାହିଁ କିମ୍ବା ସେମାନଙ୍କୁ ବହୁଦିନ ଧରି ପଦୋନ୍ନତି ଦିଆଯାଉ ନାହିଁ। ଯାହାଦ୍ୱାରା ପ୍ରାଥମିକ ଶିକ୍ଷକମାନଙ୍କ ମନରେ ଅସନ୍ତୋଷର ବାତାବରଣ ଖେଳିଯାଇଛି। ଗୋଟିଏ ପଟେ ଶିକ୍ଷକମାନଙ୍କ ଦାବିଗୁଡ଼ିକୁ ପୂରଣ ନକରି ରାଜ୍ୟ ସରକାର ଜାତୀୟ ଶିକ୍ଷାନୀତି ଲାଗୁ କରିବାକୁ ବସିଛନ୍ତି। ଜାତୀୟ ଶିକ୍ଷାନୀତି ଲାଗୁ କରିବା ପୂର୍ବରୁ କୌଣସି ଶିକ୍ଷକ ବା ଛାତ୍ର ସଂଗଠନ ସହିତ ଆଲୋଚନା କରିନାହାଁନ୍ତି। ବାଲ ବଟିକା ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ କରିବା ପାଇଁ ଶିକ୍ଷକମାନଙ୍କୁ ତାଲିମ ଦିଆଯାଉଛି। ଏବେ ବି ଓଡ଼ିଶାର ବହୁ ବିଦ୍ୟାଳୟ ଅଛି, ଯେଉଁଠି ଗୋଟିଏ କକ୍ଷରେ ୫ଟି ଶ୍ରେଣୀର ପାଠପଢ଼ା ହେଉଛି। ପ୍ରାଥମିକ ବିଦ୍ୟାଳୟରେ କୌଣସି ଭିତ୍ତିଭୂମିର ବିକାଶ କରାଯାଉ ନାହିଁ। ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିଲାବେଳେ ବାଲବାଟିକା ଆରମ୍ଭ କରି ଶିକ୍ଷକମାନଙ୍କୁ ଅଧିକ ଚାପଗ୍ରସ୍ତ କରାଯାଉଛି।

# ମହିଳା ଦିବସରେ 'ଯୁଗଶ୍ରୀ ଟ୍ରଷ୍ଟ' ପକ୍ଷରୁ ମହିଳା ସ୍ୱାସ୍ଥ୍ୟ ସଚେତନତା ଶିବିର




**ବାଲେଶ୍ୱର,୯।୩(ସଂଚାର ବ୍ୟୁରୋ):** ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ 'ଯୁଗଶ୍ରୀ ଟ୍ରଷ୍ଟ' ପକ୍ଷରୁ ମହିଳାମାନଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ବାଲେଶ୍ୱର ସହରସ୍ଥିତ 'ତଳସାହି'ର ଅଙ୍ଗନବାଡ଼ି କେନ୍ଦ୍ର ପଡ଼ିଆ ଠାରେ ପରିଚାଳନା ଟ୍ରଷ୍ଟି ସମାଜସେବୀ ଶ୍ରୀମତୀ ମମତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଡାକ୍ତର ମୀରା ପତି ଏକ ସୁସ୍ଥ ପରିବାର ତଥା ସମାଜ ଗଠନ ପାଇଁ ମହିଳା ହିଁ ମେରୁଦଣ୍ଡ ବୋଲି ଅଭିହିତ କରିବା ସହିତ ମହିଳା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରିବା ସଙ୍ଗେସଙ୍ଗେ ରୋଗ ନିରାକରଣ ପାଇଁ ପରିଷ୍କାର ପରିଚ୍ଛନ୍ନତା ରହିବା ଅତ୍ୟନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ କାଉନ୍‌ସିଲର ଓ ସମାଜସେବୀ ଶ୍ରୀ ପଦିଆ ଲେଙ୍କା ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଏହିଭଳି ସଚେତନତା ଶିବିର ଅତ୍ୟନ୍ତ ଉପଯୋଗୀ ବୋଲି କହିଥିଲେ। ଏହି ଶିବିରରେ 'ଯୁଗଶ୍ରୀ ଟ୍ରଷ୍ଟ'ର ଟ୍ରଷ୍ଟି ସମାଜସେବୀ ସୁଶ୍ରୀ ଗୀତାଞ୍ଜଳି ସିଂହ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ସମାଜସେବୀ ଶ୍ରୀମତୀ ପ୍ରତିମା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଶିବିର ପରିଚାଳନାରେ ସମାଜସେବୀ ବସନ୍ତ ପ୍ରଧାନ, ନିରଞ୍ଜନ ବିନ୍ଧାଣୀ, ଲିଜା ଦଳେଇ, ସୁଷମା ବେହେରା, ମନୋରମା ନାୟକ, ନଗେନ୍ ପଲେଇ, ଶୀଳା ବାନାର୍ଜୀ, ସୁଲତାନା ବିବି, ଆଫସାନା ବିବି, ତିଲୋତ୍ତମା ମଲିକ୍, ରାଜଶ୍ରୀ ବିନ୍ଧାଣୀ ପ୍ରମୁଖ ବହୁ କର୍ମକର୍ତ୍ତାଙ୍କ ସହିତ ଶତାଧିକ ମହିଳା ଯୋଗ ଦେଇଥିଲେ ଓ ସମସ୍ତଙ୍କୁ ସ୍ୟାନିଟାରୀ ନେପ୍‌କିନ୍ ଇତ୍ୟାଦିନ ପ୍ରଦାନ କରାଯାଇଥିଲା। ମୀନା ଟୁଡୁ, ଶିବାନୀ ସିଂ, ରେବତୀ ଟୁଡୁ ଓ ଜୟନ୍ତୀ ଦାସ ସାନ୍ତାଳ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସମାଜସେବୀ ସଙ୍ଗୀତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ମହିଳା ଦିବସ



**ସୁବର୍ଣ୍ଣପୁର,୯।୩(ସଂଚାର ବ୍ୟୁରୋ):** ବିଜୁପଟ୍ଟନାୟକ ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତି ଅଞ୍ଜଳିନା ପ୍ରଧାନ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଛାତ୍ରୀ ତଥା ମହିଳା ଅଧ୍ୟାପିକା କର୍ମଚାରୀ ମାନଙ୍କ ପାଇଁ ମହିଳା ହେବା ଗର୍ବର କଥା ଯାହାର ତ୍ୟାଗ, ବଳିଦାନ ଏବଂ ଅକ୍ଳାନ୍ତ ପରିଶ୍ରମରେ ରାଷ୍ଟ୍ର ତଥା ସମାଜ ଗଠନ ହୋଇଥାଏ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ସୋନପୁର ଉପଜିଲ୍ଲାପାଳ ଡ଼. ସୋମ୍ୟରୂପା ରଥ ଯୋଗଦେଇ ନାରୀ ମାନେ ଶକ୍ତି ରୂପା, ଲକ୍ଷ୍ମୀ ରୂପା, ଜ୍ଞାନର ସ୍ୱରପା ବୋଲି ମତବ୍ୟକ୍ତ କରିଥିଲେ। ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ରୀତା ରାଣୀ ପୂଜାରୀଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ପୂର୍ଣ୍ଣିମା ମିଶ୍ର ମହିଳା ଦିବସରେ ସ୍ୱାଗତ ଭାଷଣ ରଖି ଯୁଗେ ଯୁଗେ ନାରୀ ମାନଙ୍କ ର ଅତୁଳନୀୟ ଅବଦାନ ହିଁ ଆଦର୍ଶ ପରିବାର ଗଠନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସଭାକୁ ଛାତ୍ରୀ କାଜଲ କୁଶଳ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସଞ୍ଜୁରାଣୀ ସିଂହ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉକ୍ତ ଉତ୍ସବ ରେ ଛାତ୍ରୀ ମାନଙ୍କ ଆତ୍ମରକ୍ଷା ପାଇଁ ସେଲ୍ଫ ଡିଫେନ୍ସ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଭାସିନୀ ରଥ, ଚେରବୁଇ ହୋତା, ମିତାଶ୍ରି ବାରିକ, ମିତ୍ରଭାନୁ ଦତ୍ତା, ସୁପ୍ରିୟା ହୋତା, ସୁଦାମ ସାହୁ ପ୍ରମୁଖ କର୍ମଚାରୀ ମାନେ ସହଯୋଗ କରିଥିଲେ। ଛାତ୍ରୀ ସୈଳଭାମା, ପୂଜା, ସ୍ମୃତି, ପାର୍ବତୀ, ବିଦ୍ୟା, ଶ୍ରେଜ ତଥା ସମସ୍ତ ଛାତ୍ରୀ ଅତିଥି ମାନଙ୍କ ସହିତ କେକ କାଟି ମହିଳା ଦିବସ ଉତ୍ସବ ପାଳନ କରିଥିଲେ ଏବଂ ଛାତ୍ରୀ ମାନଙ୍କ ଦ୍ୱାରା ଅନେକ ଅତିଥି ସ୍ୱାଗତ ସଂଗୀତ ସହିତ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ବୈଠକ

**ବୋରିଗୁମ୍ମା/ଜୟପୁର,୯।୩(ସଂଚାର ବ୍ୟୁର):** ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ର ଏକ ଜରୁରୀକାଳୀନ ବୈଠକ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀଭୂଷଣ ଦାଶ୍ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରି ତଥା ବରିଷ୍ଠ କର୍ମକର୍ତ୍ତା ମାନେ ଯୋଗଦାନ କରିଥିଲେ। ଶ୍ରୀ ଦାଶ୍ ସଭାପତି ସଭାପତିତ୍ୱ କରିଥିଲାବେଳେ କର୍ମଚାରୀ ମାନଙ୍କର ବିଭିନ୍ନ ଦାବି ସମ୍ପର୍କରେ ରାଜ୍ୟ ସଂଘ ର ଦୃଷ୍ଟି ଆକର୍ଷଣ କରିବା ସହିତ ଏ ନେଇ ସରକାରଙ୍କୁ ରାଜ୍ୟ ସଂଘ ଏକ ସ୍ମାରକପତ୍ର ପ୍ରଦାନ କରିବା ନିମନ୍ତେ ଅନୁରୋଧ କରିଥିଲେ। ଅଣଗେଜେଟେଡ୍ କର୍ମଚାରୀ ମାନଙ୍କର ବିଭିନ୍ନ ଦାବି ରୁ ସରକାର ଗୋଟିଏ ମଧ୍ୟ ଦାବି ପୁରଣ କରିନଥିବା ଶ୍ରୀ ଦାଶ୍ ପ୍ରକାଶ କରିଥିଲେ। ସରକାର ଙ୍କ କର୍ମଚାରୀ ମାନଙ୍କ ପ୍ରତି ବୈମାତୃକ ମନୋଭାବ ନେଇ ସମସ୍ତ ଉପସ୍ଥିତ କର୍ମଚାରୀ ଓ କର୍ମକର୍ତ୍ତା ଅସନ୍ତୋଷ ପ୍ରକାଶ କରିଥିଲେ। ଦାବି ଗୁଡ଼ିକ ମଧ୍ୟରୁ ଅମଲା ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ପ୍ରବେଶିକା ଦରମା ହାର ରେ ପରିବର୍ତ୍ତନ। କ୍ୟାଡ଼ର ପୁନଃର୍ଗଠନ। କଭିଡ୍ ମହାମାରୀ ସମୟରୁ ସ୍ଥଗିତ ରଖାଯାଇଥିବା ମହଙ୍ଗା ଭତ୍ତା ପ୍ରଦାନ। ଘର ଭଡ଼ା ରେ ସମାନତା ଆଣିବା। ପୁରୁଣା ନିୟମ ଅନୁସାରେ ଅନୁକମ୍ପା ସହାୟତା ନିଯୁକ୍ତି।



# ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥକୁ ସ୍ୱାଗତ



**ବେତନଟୀ,୯।୩(ସଂଚାର ବ୍ୟୁରୋ):** ବାରିପଦାରୁ ବାହାରିଥିବା ବଳାଙ୍ଗୀ ମହୋତ୍ସବ କମିଟିର ନବମ ବାର୍ଷିକ ସାଂସ୍କୃତିକ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥ ଆଜି ମଧ୍ୟାହ୍ନରେ ବେତନଟୀରେ ପହଞ୍ଚିବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବେତନଟୀ ବ୍ଲକ୍ ସାମ୍ବାଦିକ ସଂଘର ସମ୍ପାଦକ ଅନୁପ କୁମାର ଦଣ୍ଡପାଟ ଙ୍କ ସଂଯୋଜନାରେ ପ୍ରଥମେ ରଥକୁ ବଜାର ପରିକ୍ରମା କରାଯାଇ ବେତନଟୀ ଡାକବଙ୍ଗଳାଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବେତନଟୀ ବ୍ଲକ୍ ସାମ୍ବାଦିକ ସଂଘର ପୂର୍ବତନ ସଭାପତି ସ୍ୱର୍ଗତ ରଞ୍ଜନ କୁମାର ମହାନ୍ତିଙ୍କର ସ୍ମୃତିଚାରଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଂଘର ଅଧ୍ୟକ୍ଷ ଅଜୟ କୁମାର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ , ବେତନଟୀ ଆଇଆଇସି ସସ୍ମିତା ମହାନ୍ତ, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ନାୟକ, ଅବସରପ୍ରାପ୍ତ ସହକାରୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ, ପଦ୍ମମାଳୀ ମହିଳା ସଂଗଠନ ର ସଭାପତି ସଂଯୁକ୍ତା ଜୀ , କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟକ୍ଷା ଡକ୍ଟର ମନ୍ଦାକିନୀ ସାହୁ, ମୟୂରଭଞ୍ଜ ଜିଲ୍ଲା ଇକୋକ୍ଲବର ଜିଲ୍ଲା ସଂଯୋଜକ ତଥା ମାଷ୍ଟର ଟ୍ରେନର ଡ଼କ୍ଟର ରମାକାନ୍ତ ମହାନ୍ତ, କଇଁଫୁଲ ପତ୍ରିକାର ସମ୍ପାଦକ ପର୍ଶୁରାମ ସାହୁ, ବଳାଙ୍ଗୀ ମହୋତ୍ସବର ଉପଦେଷ୍ଟା ନରେନ୍ଦ୍ର କୁମାର ସେନାପତି ଓ ଓଜେୟୁର ଉପସଭାପତି ଦୀପକ କୁମାର ନାୟକ ,ବିଜେପି ମଣ୍ଡଳ ସଭାପତି ଜୀବନ ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ, ବେତନଟୀ ଆଇଆଇସି ସସ୍ମିତା ମହାନ୍ତ, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ନାୟକ ଓ ବଳାଙ୍ଗୀ ମହୋତ୍ସବର ଉପଦେଷ୍ଟା ନରେନ୍ଦ୍ର କୁମାର ସେନାପତି ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘ ର ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, ଓକିଲ ସଂଘ ର ସମ୍ପାଦକ ପ୍ରବୀର ବାରିକ, କିଶୋର ଆଚାର୍ଯ୍ୟ, ସୂର୍ଯ୍ୟାନନ୍ଦ ନାୟକ, ପୂର୍ବତନ ବ୍ଲକ ସଭାପତି ସୁନ୍ଦର ମୋହନ ମହାନ୍ତ , ସାମ୍ବାଦିକ ଆଶିଷ ଦାସ, ହରିଶ୍ଚନ୍ଦ୍ର ସାମଲ, ସଞ୍ଜୟ କୁମାର ଭୂୟାଁ, ପଦ୍ମମାଳୀର ସଦସ୍ୟ ପ୍ରଭାତି ମହାନ୍ତି, ଗୀତାଞ୍ଜଳୀ ଭୂୟାଁ, ସୋନା ଖାତୁନ, କୁମୁଦିନୀ ମହାନ୍ତ, ମନିଲତା ବଳ,ଅନିନ୍ଦିତା ସାହୁ, ବିନୋଦିନୀ ମହାନ୍ତ, ରଶ୍ମିତା ଦାସ , ହରପ୍ରିୟା ଦାସ, କୁମୁଦିନୀ ମହାନ୍ତ , ଅନିତା ଜେନା, ସୁଶିଳା ବାରିକ, ଚନ୍ଦ୍ର ଶେଖର ବେରା, ମନୋଜ କୁମାର ପଣ୍ଡା,କେଶବ ଦାସ, ସଂଜୀବ ଜେନା, ନରତ୍ତୋମ ମହାନ୍ତ, ଶାନ୍ତନୁ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର ଉପସଭାପତି ଗତିକୃଷ୍ଣ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନ୍ତର୍ଜାତୀୟ ମହିଳା ଦିବସରେ 'ସୁଭଦ୍ରା' ଦ୍ୱିତୀୟ କିସ୍ତି ବଣ୍ଟନ



**ନୟାଗଡ଼,୯।୩(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ନୟାଗଡ଼ ଷ୍ଟାଡିୟମରେ ସୁଭଦ୍ରା ଦ୍ୱିତୀୟ କିସ୍ତି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ଏହାକୁ ଭିସି ମାଧ୍ୟମରେ ଯୋଡ଼ା ଯାଇଥିଲା । ନୟାଗଡ଼ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଓ ଡିଏସଡବ୍ଲୁଓ ଅର୍ଚ୍ଚନା କଅଁର ପ୍ରମୂଖ ମଞ୍ଚାସୀନ ହୋଇଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ବେଳକୁ ଉଠି ଚାଲି ଯାଇଥିବା ଦେଖାଯାଇଥିଲା । ପ୍ରଶାସନ ପକ୍ଷରୁ ମହିଳାଙ୍କୁ ବସିବାକୁ ଅନୁରୋଧ କରାଯାଇଥିଲେ ମଧ୍ୟ ମହିଳାମାନେ ଖାଦ୍ୟ ଷ୍ଟଲ ନିକଟରେ ଭିଡ଼ ଜମାଇଥିଲେ। ସରକାରଙ୍କ ସମୟ ଜ୍ଞାନ ନଥିବା, ମିଛ ପ୍ରତିଶୃତି ଏବଂ ଅବ୍ୟବସ୍ଥା ପାଇଁ ମହିଳା ମାନେ ସିଟ ଛାଡି ପଳାଇଥିଲେ । ଯାହା ଫଳରେ ଅସନ୍ତୋଷ ଦେଖାଯାଇଥିଲା । ପ୍ରଶାସନ ତରଫରୁ ଗୋଟିଏ ସମୟରେ ବୈଠକ ଆରମ୍ଭ ହେବ କହି ଆଣୁଛନ୍ତି କିନ୍ତୁ ବୈଠକ ଆରମ୍ଭ ନକରି ଦୀର୍ଘ ସମୟ ପର୍ଯ୍ୟନ୍ତ ମହିଳା ମାନେ ବସି ରହୁଛନ୍ତି । ତେବେ ଖାଇବା ସମୟରେ ଆମେ ଆସିଲୁ, ଖାଇଲା ବେଳେ ବୈଠକ ଆରମ୍ଭ କଲେ ଚୌକି ତ ଖାଲି ପଡ଼ିବା ଟା ସୁନିଶ୍ଚିତ ବୋଲି ମହିଳାମାନେ ପ୍ରକାଶ କରିଛନ୍ତି । ଯଦି ଏଭଳି ଆଗକୁ ହୁଏ ମହିଳା ମାନେ ଆଉ ବୈଠକକୁ ଆସିବେ ନାହିଁ ବୋଲି ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ଏହାକୁ ନେଇ ମଧ୍ୟ ରାଜ୍ୟ ବିଜେପି ମୋର୍ଚ୍ଚା ସଭାପତି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଉପରେ ବର୍ଷୀଥିବା ଦେଖିବାକୁ ମିଳିଛି ।

# ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ, ପ୍ରତିବାଦରେ ରାସ୍ତାରୋକ

**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ତାଳଚେର ସହର ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥର କଣ୍ଡାଳ ପେଟ୍ରୋଲ ପମ୍ପ ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟି ପତି-ପତ୍ନୀ ପ୍ରାଣ ହରାଇଛନ୍ତି। ଆଜି ଅପରାହ୍ନରେ ଏହି ଦମ୍ପତି ଏକ ବାଇକ୍‌ରେ ତାଳଚେର ସହର ପାଖରୁ ନିଜ କାର୍ଯ୍ୟ ସାରି ସମଲ ଆଡ଼କୁ ଯାଉଥିଲା ବେଳେ କଣ୍ଡାଳ ନିକଟରେ ଥିବା ପେଟ୍ରୋଲ ପମ୍ପଠାରେ ଗାଡ଼ିରେ ତେଲ ପକାଇବାକୁ ଯାଉଥିବା ବେଳେ ଉଭୟଙ୍କୁ ପଛ ଆଡୁ ଆସୁଥିବା ହାଇୱା ଧକାଦେଇ ଘଟଣାସ୍ଥଳରୁ ପଳାଇଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କର ମୃତ୍ୟୁ ଘଟିଥିଲା। ମୃତକ ସ୍ୱାମୀ-ସ୍ତ୍ରୀ ହେଲେ ସମଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ମଦନ ମୋହନ ସାହୁ ଏବଂ ପତ୍ନୀ ଲକ୍ଷ୍ମୀପ୍ରିୟା। ଘଟଣାସ୍ଥଳରେ ଦୁର୍ଘଟଣାକୁ ନେଇ କ୍ଷତିପୂରଣ ଓ ମୃତ ଶରୀରକୁ ପୁଲିସ ଘଟଣାସ୍ଥଳରୁ ଉଠାଇନେବାକୁ ବିରୋଧ କରି ଉତ୍ତେଜନା ସୃଷ୍ଟି ହୋଇଥିଲା।

# ଜିଲ୍ଲାସ୍ତରୀୟ ବଡାମଙ୍କ ବାର୍ଷିକ ପୂଜା ଉତ୍ସବ ଓ ବାଥୁଡ଼ି ସମ୍ମିଳନୀ




**ନୀଳଗିରି,୯।୩(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲା ନୀଳଗିରିକୁ ପ୍ରକୃତିର ରହିଛି ବହୁତ ବରଦାନ। ଅନ୍ୟ ସ୍ଥାନ ଭଳି ଏହି ନୀଳଗିରି ଅଞ୍ଚଳରେ ବସବାସ କରନ୍ତି ଅନେକ ସମ୍ପ୍ରଦାୟର ଲୋକେ। ତା ଭିତରେ ବାଥୁଡ଼ି ସମ୍ପ୍ରଦାୟ ହେଉଛି ଅନ୍ୟତମ। ସେମାନଙ୍କର ଏକ ସ୍ୱତନ୍ତ୍ର ପର୍ବ ହେଉଛି 'ବଡ଼ାମ୍' ।ବଡ଼ାମ୍ ହେଉଛନ୍ତି ସେମାନଙ୍କ କୁଳ ଦେବତା। ଏହି ଅବସରରେ ନୀଳଗିରି ବ୍ଲକ ଆରବନ୍ଧ ପଞ୍ଚାୟତ ସ୍ଥିତ ମା ବଡ଼ାମ ଠାକୁରାଣୀ ଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହେବା ସହିତ ବାଥୁଡ଼ି ସମ୍ପ୍ରଦାୟ ଜନ ଜାତିର ଅଧିବାସୀ ଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ରବିବାର ସନ୍ଧ୍ୟାରେ ବଡ଼ାମ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଏବଂ ବାଥୁଡ଼ି ସମ୍ପ୍ରଦାୟ ର ଭାଇ ଭଉଣୀ ମାନଙ୍କୁ ହଳଦୀ ପାଣିରେ ଗୋଡ଼ା ଧୁଆ ଯିବା ପରେ ବନ୍ଦାପନା କରାଯାଇ ଆସନରେ ଅଳଙ୍କୃତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଶ୍ରୀଯୁକ୍ତ ଭାସ୍କର ମଢେଇ, ମୁଖ୍ୟ ବକ୍ତା ଭାବେ ନୀଳଗିରି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ, ଅବସର ପ୍ରାପ୍ତ କୃଷି ବିଭାଗ ଅଧିକାରୀ ତଥା ବାଥୁଡ଼ି ସମ୍ପ୍ରଦାୟ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ମଢେଇଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଶିକ୍ଷାବିତ ମହେନ୍ଦ୍ର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ ।